ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.133, Tuesday, 1 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୩, ମଙ୍ଗଳବାର, ୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha FOLLOW US - TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.133, Tuesday, 1 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୩, ମଙ୍ଗଳବାର, ୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

■ Vol.13, Issue.133, Tuesday, 1 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୩, ମଙ্গଳବାର, ୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ବିକ୍ରମ ପଣ୍ଡାଙ୍କୁ ସର୍ତ୍ତମୂଳକ ଜାମିନ



କଟକ/ବ୍ରହ୍ମପୁର(ଅମୃତ ମିଡିଆ): ବ୍ରହ୍ମପୁରର ଆଇନଜୀବୀ ପାତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇଥିବା ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ସୋମବାର ହାଇକୋର୍ଟରୁ ମିଳିଛି ଆଶ୍ୱସ୍ତି। ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨୦୨୫ର ବହୁଚର୍ଚ୍ଚିତ ପାତବାସ ପଣ୍ଡା ହତ୍ୟା ମାମଲାରେ ଛନ୍ଦି ହୋଇଛନ୍ତି ବିକ୍ରମ ପଣ୍ଡା। ନିମ୍ନ ଅଦାଲତରେ ବିକ୍ରମଙ୍କ ଜାମିନ ନାମଞ୍ଜୁର ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଚାର୍ଜସିଟ ଦାଖଲ ହୋଇସାରିଛି। ମାମଲାରେ ବିଧାୟକ ବିକ୍ରମ ପଣ୍ଡାଙ୍କ ସମେତ ୧୬ ଜଣ ଅଭିଯୁକ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ମଧ୍ୟ ରହିଛନ୍ତି।

ସେପ୍ଟେମ୍ବରରେ ବି ପ୍ରବଳ ବର୍ଷା

ଭୁବନେଶ୍ୱର(ବ୍ୟୁରୋ): ସେପ୍ଟେମ୍ବରରେ ବି ରାଜ୍ୟରେ ବର୍ଷାରୁ ନିସ୍ତାର ମିଳିବା ସମ୍ଭାବନା କ୍ଷୀଣ। ଏନେଇ ଆଇଏମ୍‌ଡି ଆକଳନରୁ ସ୍ପଷ୍ଟ ହୋଇଛି। ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠୁ କମ୍ ବର୍ଷା ଆକଳନ। ମାତ୍ର ଉତ୍ତର ପଶ୍ଚିମ, ଉତ୍ତରପୂର୍ବ, ପୂର୍ବ, ପୂର୍ବ କେନ୍ଦ୍ରୀୟ ଅଞ୍ଚଳରେ ଅଧିକ ବର୍ଷିବ। ତେବେ ପୂର୍ବ ଭାରତରେ ସ୍ୱାଭାବିକ କିମ୍ବା ସ୍ୱାଭାବିକଠୁ ଅଧିକ ବର୍ଷା ନେଇ ଆକଳନ କରାଯାଇଛି। ସେପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ର। ସୋମବାର ଭୋର ୫ଟା ୩୦ ସୁଦ୍ଧା ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଥିବା ବେଳେ ଆସନ୍ତା ୨ ଦିନ ଯାଏ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ତ୍ତମାନ ଲଘୁଚାପ ସକ୍ରିୟ ରହିଛି।

ଦୁଇ ଦିନରେ ୨୯ ସ୍କ୍ରବ୍ ଟାଇଫସ୍ ଚିହ୍ନଟ

ଅନୁଗୋଳ(ଅମୃତ ମିଡିଆ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସାନ ବାଗଦାରୀ ଗାଁରେ ଦେଖାଦେଇଛି ସ୍କ୍ରବ୍ ଟାଇଫସ୍ ଆତଙ୍କ। ଏହି ରୋଗରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଚିନ୍ତାରେ ଏବେ ଗ୍ରାମବାସୀ। ଗାଁରେ ପ୍ରଶାସନ ଓ ଡାକ୍ତରୀ ଦଳ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହିତ ରକ୍ତ ନମୁନା ସଂଗ୍ରହ କରିଥିଲେ। ଦୁଇଦିନରେ ୧୮୦ଟି ରକ୍ତ ନମୁନା ପରୀକ୍ଷା କରାଯାଇଥିବା ବେଳେ ୨୯ ପଜିଟିଭ ଚିହ୍ନଟ ହୋଇଛନ୍ତି। ପୂରା ଗାଁକୁ ସାନିଟାଇଜ କରାଯାଇଛି। ସଂକ୍ରମଣ ନ ବ୍ୟାପିବା ପାଇଁ ଔଷଧ ସିଞ୍ଚନ କରାଯିବା ସହ ଲୋକଙ୍କ ନମୁନା ପରୀକ୍ଷା କରାଯାଉଛି।

ଏସ୍‌ସି-ଏସ୍‌ଟି ପିଲାଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

ମେଡିକାଲ-ଇଞ୍ଜିନିୟରିଂ ଆଡ୍‌ମିଶନ, ୬ ମାସର ଫି ଛାଡ଼

ଭୁବନେଶ୍ୱର(ବ୍ୟୁରୋ)

ଡାକ୍ତର ଓ ଇଞ୍ଜିନିୟର ହେବା ପାଇଁ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ମେଧାବୀ ପିଲାମାନଙ୍କର ସ୍ୱପ୍ନ ପୂରଣରେ ବାଧକ ସାଜିବନି ଅର୍ଥ। ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି(ଏସସି ଓ ଏସଟି) ବର୍ଗର ପିଲାମାନଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ସମେତ ବୈଷୟିକ ଶିକ୍ଷାନୁଷ୍ଠାନରେ ପ୍ରଚଳିତ ସଂରକ୍ଷଣ ହାରକୁ ପ୍ରାୟ ଦ୍ୱିଗୁଣ କରିଥିବା ମୋହନ ମାଝୀଙ୍କ ସରକାର ଆଜିପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖା ଓ ତା'ପରବର୍ତ୍ତୀ ୬ମାସ ପର୍ଯ୍ୟନ୍ତ ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀମାନଙ୍କୁ କୌଣସି ଆଡମିଶନ, ଟ୍ୟୁସନ୍ କିମ୍ବା ଅନ୍ୟାନ୍ୟ ଫି' ଜମା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏନେଇ ରାଜ୍ୟ ସରକାର ଖୁବଶୀଘ୍ର ଏକ ଗାଇଡଲାଇନ୍ ଜାରି କରିବେ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କୁ ଏଣିକି ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ନାମଲେଖାବେଳେ ଓ ପରବର୍ତ୍ତୀ ୬ମାସ କୌଣସି ଫି' ଜମା କରିବାକୁ ପଡ଼ିବ ନାହିଁ। ଏହି ସଂରକ୍ଷିତ ବର୍ଗର ମେଧାବୀ ଛାତ୍ରଛାତ୍ରୀମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେବା ସତ୍ତ୍ୱେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। କିନ୍ତୁ, ଆଡମିଶନବେଳେ ଅର୍ଥ(ଫି) ଜମା କରିବା ପାଇଁ ସେମାନଙ୍କ ପାଖରେ ସମ୍ବଳ ନଥାଏ। ଏଭଳି ଅନେକ ସମ୍ବାଦ ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଗରିବ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଡମିଶନ୍ ସମୟରେ ଓ ଆଡମିଶନର ୬ମାସ ପର୍ଯ୍ୟନ୍ତ କୌଣସି ଫି ଜମା କରିବାକୁ ପଡ଼ିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ

■ ପୃଷ୍ଠା-୧୫

ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି

ଗୁରୁବାରଠୁ ଭୁବନେଶ୍ୱରରେ ପାଇଲଟ୍ ସର୍ଭେ

ଭୁବନେଶ୍ୱର(ବ୍ୟୁରୋ)

ଅକ୍ଟୋବର ୨୬ରୁ ଘରକୁ ଘର ବୁଲିବେ ବିଏଲ୍‌ଓ

ଆଗାମୀ ପଂଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ଆଉ ପାଦେ ଆଗକୁ ଯାଇଛନ୍ତି। ଭୋଟର ତାଲିକାରେ ଥିବା ତ୍ରୁଟିବିଚ୍ୟୁତିକୁ ସମ୍ପୂର୍ଣ୍ଣ ଦୂର କରିବା ଉଦ୍ଦେଶ୍ୟରେ ଗୁରୁବାରରୁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରେ ସ୍ୱତନ୍ତ୍ର ପାଇଲଟ୍ ସର୍ଭେ ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୨୬ରୁ ସମଗ୍ର ରାଜ୍ୟରେ ବୁଥସ୍ତରୀୟ ଅଧିକାରୀ(ବିଏଲଓ)ମାନେ ଘରକୁ ଘର ବୁଲି ସର୍ଭେ କରିବେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳ ଅଧୀନରେ ଥିବା ୩ଟି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ଦ୍ଦିଷ୍ଟ ୱାର୍ଡରେ ଆସନ୍ତା ଗୁରୁବାର ଅର୍ଥାତ ସେପ୍ଟେମ୍ବର ୩ରୁ ୧୧ତାରିଖ ପର୍ଯ୍ୟନ୍ତ ପାଇଲଟ୍ ସର୍ଭେ ହେବ । ଭୁବନେଶ୍ୱର-ଉତ୍ତର ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୧୦, ଭୁବନେଶ୍ୱର ମଧ୍ୟ ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୩୫ ଓ ଭୁବନେଶ୍ୱର-ଏକାମ୍ର ବିଧାନସଭା ମଣ୍ଡଳୀର ୱାର୍ଡ ନମ୍ବର-୫୨ରେ ଘରକୁ ଘର ଯାଇ ସର୍ଭେ କରାଯିବାକୁ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ସମୟରେ ଅକ୍ଟୋବର ୨୬ରୁ ନଭେମ୍ବର ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ପଂଚାୟତ ଓ ପୌରାଂଚଳରେ ବ୍ୟାପକ ସର୍ଭେ କରାଯାଇ ଭୋଟର ତାଲିକାକୁ ସଂଶୋଧନ ଓ ବ୍ୟବସ୍ଥିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ଏବେ ସହରାଂଚଳରେ ଗୋଟିଏ ପରିବାରର ସଦସ୍ୟମାନଙ୍କ ନାମ ଭିନ୍ନ ଭିନ୍ନ ବୁଥରେ ରହିବା ଓ ଅସ୍ପଷ୍ଟ ଘର ନମ୍ବର ଭଳି ଜଟିଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଏହି ସର୍ଭେ କରାଯାଉଛି । ବିଶେଷକରି ସହରାଂଚଳରେ ବିଧାନସଭା ବୁଥଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନଥିବାରୁ ଗୋଟିଏ

■ ପୃଷ୍ଠା-୧୫

ନେପାଳରୁ ଫେରିଲେ ବାରିପଦା ଝିଅ କୁଲସୁମ

ଭୁବନେଶ୍ୱର(ବ୍ୟୁରୋ)

'ଆମେ ୯ ଜଣ ଯାଇଥିଲୁ । ଓଡ଼ିଶାରୁ ମୋ ସହ ଆଉ ଜଣେ ଥିଲେ । ସମସ୍ତେ ମିଶି ପୋଖରା ଯାଇଥିଲୁ । ପ୍ଲାନ ଥିଲା ଗୋଟିଏ ପରେ ଗୋଟିଏ ଫ୍ଲେସ ଏକ୍ସପ୍ଲୋର କରିବୁ । ହେଲେ ହଠାତ୍ ଏମିତି ଫ୍ଲୁଡ୍ ଆସିବ ବୋଲି ଆମକୁ କିଛି ଜଣାନଥିଲା । ଇଣ୍ଟରନେଟ୍ ଇସ୍ୟୁ ଥିଲା । ହଠାତ୍ ଶୁଣିବାକୁ ପାଇଲୁ ଭୟଙ୍କର ଭୟଙ୍କର ବନ୍ୟା ହୋଇଛି । ଏହା ଶୁଣିବା ପରେ ଡରିଯାଉଥିଲୁ । କେମିତି ଭାରତ ଫେରିବୁ ସେହି ଚିନ୍ତାରେ ଥିଲୁ । ଯଦିଓ ଖାଇବାକୁ ମିଳୁଥିଲା, କିନ୍ତୁ ଘରକୁ ଫେରିବା ଚିନ୍ତାରେ ପେଟକୁ ଦାନା ଯାଉନଥିଲା ।' ଇଏ ଥିଲା ନେପାଳରେ ଫସିଥିବା ଓଡ଼ିଆ ଝିଅ କୁଲସୁମ ନିଗାରଙ୍କ ଛାତିଥରା ଅନୁଭୂତି । ଖୁସିର କଥା ହେଉଛି, ଆଜି ନିଜ ଜନ୍ମମାଟି ବାରିପଦାକୁ ସୁରକ୍ଷିତ ଭାବେ ଫେରିଛନ୍ତି କୁଲସୁମ । ଆଉ ବଖାଣିଛନ୍ତି ବନ୍ୟା ଦୁର୍ଦ୍ଦଶାର ଅକୁହା କଥା । କୁଲସୁମ କହିଛନ୍ତି, ଫ୍ଲାସ ଫ୍ଲୁଡ ପରେ ନେଟୱାର୍କ ନଥିଲା । ଯେତେବେଳେ ନେଟୱାର୍କ ଆସିଲା, ସେତେବେଳେ ଆଉ ଡେରି ନକରି ତୁରନ୍ତ ପ୍ରଶାସନର ଏମରଜେନ୍ସି ନମ୍ବରକୁ କଣ୍ଟାକ୍ଟ କଲୁ । ଏହାପରେ ପ୍ରଶାସନ ଆମକୁ ସହଯୋଗ କଲା । କେଉଁ ରୁଟରେ ଗଲେ କିପରି ପହଞ୍ଚି ହେବ, ସବୁ ବୁଝାଇବା ସହ ଆମକୁ ସୁରକ୍ଷିତ ଭାବେ ଛାଡିଥିଲେ । ଏବେ ନେପାଳରେ ଆଉ ଏକ ବନ୍ୟା ଆସିବା ନେଇ ସ୍ଥିତି ସଂଗୀନ ରହିଛି । ଏବେ ଫେରିପାରିନଥିଲେ ପୂରା ଫସିଯାଇଥାନ୍ତୁ ବୋଲି ସେ କହିଛନ୍ତି । ବନ୍ୟା ପରରେ ନେପାଳର ସ୍ଥିତି ସମ୍ପର୍କରେ ବଖାଣିଛନ୍ତି କୁଲସୁମ । ସେ କହିଛନ୍ତି, ନେପାଳବାସୀଙ୍କ ଦୁର୍ଦ୍ଦଶା ଦେଖିଲେ ପେଟକୁ ଦାନା ଯିବନି । ଚାରିଆଡେ ହାହାକାର ।

■ ପୃଷ୍ଠା-୧୫

ଶୁଦ୍ଧିକ୍ରିୟା ପରେ ଫେରିଲେ ସ୍ୱାମୀ

ହିନ୍ଦୋଳ(ଅମୃତ ମିଡିଆ)

ସରିଥିଲା ଶୁଦ୍ଧିକ୍ରିୟା। ନିଜ ହାତରେ ଶବ ସତ୍କାର ବି କରିଥିଲେ ପରିବାର ଲୋକେ। ସ୍ୱାମୀ ଚାଲିଯିବା ପରେ ବିଧବା ହୋଇଥିଲେ ସ୍ତ୍ରୀ। ହେଲେ ମାସକ ପରେ ହଠାତ୍ ସ୍ୱାମୀ ଘରକୁ ଫେରି ଆସିଥିଲେ। ଯାହା ଦେଖି ସବୁ ଆଶ୍ଚର୍ଯ୍ୟ ଚକିତ। ଏଭଳି ଘଟଣା ଘଟିଛି ତେଙ୍କାନାଳ ଜିଲ୍ଲା ହିନ୍ଦୋଳ ବାଲିମୀ ଥାନା ବାର୍ଷାଙ୍ଗା ଗାଁରେ। ଗାଁର ସାମାନ୍ୟ ମାନସିକ ବିକାରଗ୍ରସ୍ତ ୨୯ ବର୍ଷୀୟ ସନାତନ ନାଏକ ଗତ ଜୁଲାଇ ୧୭ ତାରିଖରେ ଘରୁ ସାଇକେଲ ନେଇ କୁଆଡେ ପଳାଇଥିଲେ। ପରେ ପରିବାର ଲୋକେ ତାଙ୍କୁ ବହୁତ ଖୋଜାଖୋଜି କରିବା ସତ୍ତ୍ୱେ ମଧ୍ୟ କିଛି ବି ଖୋଜଖବର ପାଇନଥିଲେ। ସନାତନ ନିଖୋଜ ହେବାର ୧୦ ଦିନ ପରେ ରାସୋଲ ଥାନା କୁନୁଆଁ ଗାଁ ନିକଟସ୍ଥ ଏକ ଧାନ ବିଲରୁ ଜଣେ ଯୁବକଙ୍କ ଗଳିତ ମୃତ ଦେହ ଠାବ ହୋଇଥିଲା। ରାସୋଳ ପୋଲିସ ପକ୍ଷରୁ ସନାତନଙ୍କ ପରିବାରକୁ ଏ ବିଷୟରେ ସୂଚନା ଦିଆଯାଇଥିଲା। ପରିବାର ଲୋକେ ସେଠି ପହଞ୍ଚିବା ବେଳକୁ ଶବକୁ ଉଦ୍ଧାର କରାଯାଇ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା। ପୁଅର ପୋଷାକ ଦେଖି ପରେ ସେହି ଡେଡ୍‌ବଡି ଟି ସନାତନଙ୍କର ଭାବି ପୋଲିସ ପରିବାରକୁ ମୃତଦେହ ହସ୍ତାନ୍ତର କରିଥିଲା। ପରିବାର ଲୋକ ଶବ ସତ୍କାର କରି ଶୁଦ୍ଧି ହୋଇଥିଲେ। ଘଟଣାର ଠିକ୍ ମାସକ ପରେ ଗନ୍ଧିଆ ଥାନା ଯୋରନ୍ଦା ପାଣ୍ଡି ପକ୍ଷରୁ ସନାତନଙ୍କ ବାବଦରେ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ସନାତନ ଜୀବିତ ଅଛନ୍ତି ଜାଣି ପରିବାର ଲୋକଙ୍କ ହୋସ୍ ଉଡି ଯାଇଥିଲା। ପରେ ପରିବାର ଲୋକ ଯୋରନ୍ଦା ଯାଇ ନିଜ ପୁଅକୁ ଫେରାଇ ଆଣିଥିଲେ। ପୁଣି ପରିବାରରେ ଖୁସିର ଲହରି ଖେଳିଯାଇଛି।

ହାରିଗଲି ମା' ମଝିଘରିଆଣୀ, ତୁ ଭରସା'

ଋଣମୁକ୍ତି ପାଇଁ ମା'ଙ୍କ ହୁଣ୍ଡିରେ ୬ ପୃଷ୍ଠାର ନିବେଦନ

ରାୟଗଡା(ଅମୃତ ମିଡିଆ)



ପ୍ରତ୍ୟେକ ଥର ଗଣତି ଭଳି ଆଜି ମନ୍ଦିର ୯ଟି ହୁଣ୍ଡି ଗଣତି ସମୟରେ ଟଙ୍କା, ସୁନା ଓ ରୂପା ଅଳଙ୍କାର ସହ କୋରାପୁଟ ଜିଲ୍ଲାର ଜଣେ ଅସହାୟ ଭକ୍ତଙ୍କ ଚିଠି ମିଳିଥିଲା । କୋରାପୁଟ ରାୟଗଡାର ଜଣେ ସୁନୀଲ ଖୋରା ନାମକ ଭକ୍ତ ଲେଖିଥିବା ସେହି ଚିଠିରେ, ନିଜ ପରିବାରର ଘୋର ଆର୍ଥିକ ଅନଟନ ଏବଂ ପ୍ରବଳ ଋଣଭାର କଥା ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସାଙ୍ଗସାଥି ଓ ସମ୍ପର୍କୀୟ ପ୍ରାୟ ୨୩ ଜଣଙ୍କ ପାଖରୁ ଋଣ ନେଇଛନ୍ତି ଓ ସୁଝିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ବିଭିନ୍ନ ବ୍ୟକ୍ତିଙ୍କ ପାଖରୁ ଋଣ ଆଣିଥିବା ବେଳେ ଏଯାଏଁ ଋଣ ପରିଶୋଧ କରିପାରୁନାହାନ୍ତି ଫଳରେ ପରିବାର ଲୋକେ ବହୁ ଚାପରେ ଅଛନ୍ତି । ମାଁ ତାଙ୍କୁ ସହାୟ ହୁଅନ୍ତୁ ବୋଲି ଗୁହାରୀ କରିଛନ୍ତି। ଚାରିଆଡୁ ନିରାଶ ହେବା ପରେ ଶେଷରେ ପ୍ରତ୍ୟକ୍ଷ ଠାକୁରାଣୀ ମା' ମଝିଘରିଆଣୀଙ୍କ ଉପରେ ସମସ୍ତ ଭରସା ରଖି ତାଙ୍କୁ ଉଦ୍ଧାର କରିବା ପାଇଁ ହୁଣ୍ଡିରେ ଗୁହାରି ପତ୍ର ପକାଇଛନ୍ତି। ଦାନ ହୁଣ୍ଡିରୁ ବାହାରିଥିବା ଏହି ୬ପୃଷ୍ଠାର ଚିଠି ଜଣେ ଅସହାୟ ମଣିଷର ଦୁଃଖ, ଯନ୍ତ୍ରଣା ଓ ମାଙ୍କ ପ୍ରତି ଥିବା ଅଟୁଟ ବିଶ୍ୱାସର ପ୍ରତିଛବି ବୋଲି ମନ୍ଦିର ପରିଚାଳନା କମିଟିର ସଭ୍ୟ ରାଧାକୃଷ୍ଣ ଦଳେଇ କହିଛନ୍ତି । ପୂର୍ବରୁ ଗଣତି ହେଲା ବେଳେ ଏଭଳି ଚିଠି କେବେ ଦେଖିବାକୁ ମିଳିନଥିଲା ବୋଲି ସଭ୍ୟ ଶ୍ରୀ ଦଳେଇ କହିଛନ୍ତି । ଗଣତି ବେଳେ ୯ଟି ଦାନହୁଣ୍ଡିରୁ ଲକ୍ଷଲକ୍ଷ ଟଙ୍କା, ସୁନା ଓ ରୂପା ଅଳଙ୍କାର ଓ ବିଦେଶୀ ମୁଦ୍ରା ବାହାରିଥିବା ବେଳେ ଏଭଳି ନିବେଦନ ଚିଠି ମିଳିବା ପରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଲୋଚନାର ବିଷୟବସ୍ତୁ ପାଲଟିଛି । ଚିଠିରେ ଲେଖାଯାଇଥିବା ତଥ୍ୟରୁ ଭକ୍ତ ଜଣଙ୍କ ଯୁବକ ହୋଇଥିବା ବୋଲି ଅନୁମାନ କରାଯାଇଛି କାରଣ ସେ ତାଙ୍କୁ ଗୋଟେ ଭଲ ରୋଜଗାର ଥିବା ଚାକିରୀ ମିଳୁ ବୋଲି ମଧ୍ୟ ଲେଖିଛନ୍ତି। ଯେଉଁ ଲୋକମାନଙ୍କର ଟଙ୍କା ଋଣ ନେଇଛି ସେମାନଙ୍କ ମନରେ ମୋ ପ୍ରତି ଶାନ୍ତି, ଦୟା, ବୁଝାମଣା,ସହଯୋଗ କରିବା ସହ ମୋ କଥା ବିଚାର ପାଇଁ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ବୋଲି ମା'ଙ୍କ ନିକଟରେ ଭକ୍ତ ଜଣଙ୍କ ଗୁହାରୀ କରିଛନ୍ତି।

ଖଣି ବିଲ୍‌କୁ ନେଇ ଘମାସାନ୍

ରାଜରାସ୍ତାକୁ ଓହ୍ଲାଇବେ ବିଜେଡି ଓ କଂଗ୍ରେସ

ଖଣିକୁ ନେଇ କୋର୍ ଧରିଲାଣି ରାଜନୀତି। ଶାସକ ଦଳକୁ ଘେରିବା ଲାଗି ବିରୋଧୀ ଦଳଗୁଡ଼ିକ ପାଗ ଭିଡ଼ିଲେଣି। ବିଜେଡି ଓ କଂଗ୍ରେସ ନେତାମାନେ ଆନ୍ଦୋଳନକୁ ତୀବ୍ର କରିବା ଲାଗି ଭିଷ୍ମ ପ୍ରତିଜ୍ଞା ନେଲେଣି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିକ୍ଷୋଭ କରିବା ଲାଗି ପ୍ରସ୍ତୁତ ହେଲେଣି। ସରକାର କିନ୍ତୁ ନଛୋଡ଼ ବନ୍ଧା। ଏଭଳି ଜିଦ୍‌ରେ ଶାସକ ଓ ବିରୋଧୀ ରହିଥିବା ବେଳେ ରାଜ୍ୟ ସ୍ୱାର୍ଥ କ'ଣ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଭୁବନେଶ୍ୱର(ବ୍ୟୁରୋ)

- ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ହେବ ଆନ୍ଦୋଳନ: ବିରୋଧୀ
- ତଥ୍ୟକୁ ବିକୃତ କରି ବିରୋଧୀ ମାତିଛନ୍ତି: ବିଜେପି
- ଉଗ୍ରରୂପ ଧାରଣ କରୁଛି ରାଜନୈତିକ ବାକ୍‌ଯୁଦ୍ଧ

କେନ୍ଦ୍ର ସରକାରଙ୍କ ଏମ୍‌ଏମ୍‌ଡିଆର୍ (ଖଣି ଏବଂ ଖଣିଜ ଉନ୍ନୟନ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍‌କୁ ନେଇ ଓଡ଼ିଶା ରାଜନୀତିରେ ଉଷ୍ମତା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଲ୍ ପାରିତ ହେବା ପରଠାରୁ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ବିରୋଧୀ ବିଜେଡି ଓ କଂଗ୍ରେସ ନିରନ୍ତର ସାମ୍ବାଦିକ ସମ୍ମିଳନୀ କରି ଚାଲିଛନ୍ତି। କେନ୍ଦ୍ର ସରକାର ଏହି ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ବୋଲି ଉଭୟ ଦଳ ଦାବି କରୁଛନ୍ତି। ତେବେ ବଡ଼ କଥା ହେଉଛି, ବିରୋଧୀଙ୍କ ଆକ୍ରମଣାତ୍ମକ ରଣନୀତି ସହ ବାରମ୍ବାର ଆନ୍ଦୋଳନର ଧମକ ସତ୍ତ୍ୱେ ସରକାରଙ୍କ ଜ୍ଞାନ ଉଦୟ ହୋଇନାହିଁ। ରାଜ୍ୟ ସ୍ୱାର୍ଥକୁ ଦଳିମକଚି ଦେଇ ସରକାର ଦଳୀୟ ପ୍ରୀତିରେ ମାତିଛନ୍ତି ବୋଲି ଅଭିଯୋଗ ହେଉଛି।

ଆଜି ପୁଣି ସାମ୍ବାଦିକ ସମ୍ମିଳନୀ କରି ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ଏହି ବିଲ୍ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜସ୍ୱ ହକ୍ ଉପରେ ଚଡ଼କ ବୋଲି ଅଭିହିତ କରି ଦଳ କହିଛି ଯେ, ଯଦି କେନ୍ଦ୍ର ସରକାର ବିଲ୍ ପ୍ରତ୍ୟାହାର ନକରନ୍ତି, ତେବେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ସମାନ ସ୍ୱରରେ ସ୍ପଷ୍ଟ କରିଛି ଯେ ସେମାନେ ଖୁବ୍‌ଶୀଘ୍

ଇଥାନଲ ଫାଶରେ ଜୀବନ

ଜୀବନ ଜିଇଁବା ଧୀରେ ଧୀରେ କଷ୍ଟକର ହେବାରେ ଲାଗିଛି। ବିଶେଷକରି ଇଥାନଲର ବହୁଳ ବ୍ୟବହାର ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବ୍ରାଜିଲ ମଡେଲରେ ଭାରତରେ ଇଥାନଲର ବହୁତ ବ୍ୟବହାର କେବେହେଲେ ସଫଳ ରୂପ ନେଇପାରିବ ନାହିଁ। ପେଟ୍ରୋଲରେ ଇଥାନଲ ମିଶ୍ରଣ ଯୋଗୁଁ ଗାଡ଼ି ଖରାପ ହେବାର ଆଶଙ୍କା ପ୍ରକାଶ ପାଇଛି। କେବଳ ଆଖୁ ନୁହେଁ, ମକା, ଚାଉଳ ଓ ଅନ୍ୟ ଶସ୍ୟ ସହ ପର୍ଯ୍ୟାପ୍ତ ପାଣି ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଥିବାରୁ ଚିନ୍ତା ବଢ଼ିଛି। କ୍ରମଶଃ ଇଥାନଲ ଉତ୍ପାଦନ ବୃଦ୍ଧି ଖାଦ୍ୟ ସୁରକ୍ଷା ଓ ଜଳସଙ୍କଟ ବଢ଼ାଇବାର ଆଶଙ୍କା ସୃଷ୍ଟିକରିଛି। ସରକାର ଇଥାନଲର ବହୁଳ ବ୍ୟବହାରକୁ ଗୁରୁତ୍ୱ ଦେଉଥିବା ବେଳେ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ।

ସୁଶାନ୍ତ କୁମାର ଦାସ

ଇଥାନଲ ହେଉଛି ଏକ ପ୍ରକାର ଆଲକୋହଲ୍, ଯାହାକୁ ଜୈବ ଉତ୍ସରୁ ତିଆରି କରାଯାଏ। ଭାରତରେ ମୁଖ୍ୟତଃ ଆଖୁ, ମୋଲାସେସ୍, ମକା, ଚାଉଳ ଓ ଅନ୍ୟ ଶସ୍ୟରୁ ଇଥାନଲ ଉତ୍ପାଦନ କରାଯାଉଛି। ଏହାକୁ ପେଟ୍ରୋଲ ସହ ମିଶାଇ ବ୍ୟବହାର କରାଯାଉଛି।। ସରକାରଙ୍କ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପେଟ୍ରୋଲରେ ଅଧିକରୁ ଅଧିକ ଇଥାନଲ ମିଶାଇ ଅଶୋଧିତ ତୈଳ ଆମଦାନିରେ ହେଉଥିବା ବିପୁଳ ବିଦେଶୀ ମୁଦ୍ରା ଖର୍ଚ୍ଚକୁ କମ୍ କରିବା। ୨୦୧୩ରେ ଦେଶର ଇଥାନଲ୍‌ର ସ୍ଥାପିତ ଉତ୍ପାଦନ କ୍ଷମତା ଥିଲା ୨୧୫ କୋଟି ଲିଟର। ୨୦୨୫ ଅକ୍ଟୋବର ୩୧ ସୁଦ୍ଧା ସେହି କ୍ଷମତା ୧୯୫୩ କୋଟି ଲିଟରକୁ ବୃଦ୍ଧିପାଇଛି। ଅର୍ଥାତ ଏହି ସମୟ ଭିତରେ ଇଥାନଲ ଉତ୍ପାଦନ କ୍ଷମତା ୧୯.୨୪ ପ୍ରତିଶତ ବୃଦ୍ଧି ପାଇଛି। ମୋଟ୍ ଇଥାନଲ୍‌ରେ ମୋଲାସେସ୍ ଭିତ୍ତିକ ଇଥାନଲ୍ ପରିମାଣ ୯୪୧ କୋଟି ଲିଟର ଓ ଶସ୍ୟଭିତ୍ତିକ ଇଥାନଲ୍ ପରିମାଣ ୭୪୪ କୋଟି ଲିଟର ରହିଛି। ଇଥାନଲ ଶିଳ୍ପ ଆଉ କେବଳ ଚିନି କଳ କିମ୍ବା ଆଖୁ ଉପରେ ନିର୍ଭରଶୀଳ ନୁହେଁ; ମକା ଓ ଚାଉଳ ଭଳି ଶସ୍ୟ ମଧ୍ୟ ଇଥାନଲ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ ଭାବେ ବ୍ୟବହାର ହେଉଛି। ଭାରତରେ ଇଥାନଲକୁ ମୁଖ୍ୟତଃ ପେଟ୍ରୋଲ୍‌ରେ ମିଶାଇବା ଏବଂ ରାସାୟନିକ ଶିଳ୍ପ, ଔଷଧ, ସଲଭେଣ୍ଟ, ଶିଳ୍ପ ଆଲକୋହଲ ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହାର କରାଯାଉଛି।

ପୁରୁଣା ଗାଡ଼ି ଉପରେ ଚଢ଼କ

ଚଳିତ ବର୍ଷ ଏପ୍ରିଲ୍‌ରୁ ଦେଶରେ ୨୦ ପ୍ରତିଶତ ଇଥାନଲ ମିଶା ଇ-୨୦ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ ହେବା ପରଠାରୁ ପୁରୁଣା ଗାଡ଼ିଗୁଡ଼ିକ ଉପରେ ତାହାର ପ୍ରଭାବକୁ ନେଇ ବିଭିନ୍ନ ବିତର୍କ ହେଉଛି। ଏହି ପେଟ୍ରୋଲ୍ ପକାଇବାରେ ଗାଡ଼ିର ମାଇଲେଜ୍ ୭ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଉଥିବା ଦାବି ହେଉଛି। ବିଶେଷ କରି ପୁରୁଣା ଗାଡ଼ିଗୁଡ଼ିକ ପାଇଁ ଇ-୨୦ ପେଟ୍ରୋଲ୍ ମାରାତ୍ମକ ବୋଲି ଦାବି କରାଯାଉଛି। ତାହା ଗାଡ଼ିର ଇଞ୍ଜିନର କିଛି ଯନ୍ତ୍ରାଂଶ ଓ ରବର ପାର୍ଟସ୍‌ଗୁଡ଼ିକୁ ଖରାପ କରିବାର ଆଶଙ୍କା ରହିଛି। ଇନ୍ଧନ ଟାଙ୍କିର ଧାତବରେ କଳଙ୍କି ଲାଗିବା, ଇଞ୍ଜେକ୍ଟର ଓ ଭାଲ୍‌ଭ ଆଦି ଖରାପ ହୋଇପାରେ ବୋଲି କୁହାଯାଉଛି। ସବୁ ପ୍ରକାର ଅଭିଯୋଗକୁ କିନ୍ତୁ ସରକାର ଦୃଢ଼ ଭାବେ ଖଣ୍ଡନ କରୁଛନ୍ତି। ଇ-୨୦ ପେଟ୍ରୋଲ୍‌କୁ ନଜରରେ ରଖି ଏବେ ନିର୍ମାଣ କରାଯାଉଥିବା ନୂଆ ଗାଡ଼ି ପ୍ରତି ବିଶେଷ ସମସ୍ୟା ନାହିଁ। କିନ୍ତୁ ପୂର୍ବରୁ ରାସ୍ତାରେ ଯେଉଁ



କୋଟି କୋଟି ଗାଡ଼ି ଗଡୁଛି ସେଗୁଡ଼ିକ ଉପରେ ଇ-୨୦ ପେଟ୍ରୋଲ୍‌ର ପ୍ରଭାବ ରହୁଛି। ୨୦୨୩ ପୂର୍ବରୁ ତିଆରି ହୋଇଥିବା ଗାଡ଼ି ଅଧିକ ବିପଦରେ ରହିଛି। ନିକଟରେ ଦେଶର ପ୍ରଧାନମନ୍ତ୍ରୀଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି ଅନନ୍ତ ନାଗେଶ୍ୱରନ ଏହି ପ୍ରସଙ୍ଗରେ ନିଜ ମତ ରଖି ଲୋକଙ୍କ ମନରେ ରହିଥିବା ଭୟ ଦୂରକରିବା ଲାଗି ପୁରୁଣା ଇ-୧୦ ପେଟ୍ରୋଲ ବିକ୍ରି କରିବା ଉପରେ ବିଚାର କରିବାକୁ ପରାମର୍ଶ ଦେଇଥିଲେ। ସରକାରଙ୍କ କିନ୍ତୁ ଦୃଢ଼ ଭାବେ କହିଛନ୍ତି ଯେ, ଇ-୨୦ ନିଷ୍ପତ୍ତିକୁ ବଦଳାଇବାର କୌଣସି ଯୋଜନା ନାହିଁ। ଏଭଳି ସ୍ଥଳେ ପୁରୁଣା ଗାଡ଼ି ମାଲିକମାନେ ସେମାନଙ୍କ ଗାଡ଼ିର ସୁରକ୍ଷାକୁ ନେଇ ବେଶ ଚିନ୍ତିତ ରହିଛନ୍ତି।

ଇ-୨୦କୁ ନେଇ ତେଜୁଛି ରାଜନୀତି

ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ଦ୍ୱାରା ଲୋକଙ୍କ ମନରେ ବିଭିନ୍ନ ପ୍ରକାର ଆଶଙ୍କା ଦେଖାଦେଇଛି। ବିଶେଷକରି ମାଇଲେଜ୍ କମୁଛି ଏବଂ ଗାଡ଼ିର ଯନ୍ତ୍ରାଂଶ ଖରାପ ହେଉଛି ବୋଲି କୁହାଯାଉଛି। କିନ୍ତୁ ସେଭଳି କିଛି ହେଉ ନଥିବା ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଉଛି। ଇଥାନଲ ମିଶ୍ରିତ ପେଟ୍ରୋଲ ଗ୍ରାହକଙ୍କୁ କମ୍ ମୂଲ୍ୟରେ ମିଳିବା ଆବଶ୍ୟକ। ଏଥିରୁ ମିଳୁଥିବା ଲାଭକୁ ସରକାର ନିଜ ପକେଟକୁ ନେଉଛନ୍ତି ବୋଲି ଅଭିଯୋଗ ହେଉଛି। କିନ୍ତୁ ସରକାର କହୁଛନ୍ତି ପୂର୍ବରୁ ଇଥାନଲ ଦର ପେଟ୍ରୋଲ ଦର ତୁଳନାରେ ଶସ୍ତା ଥିଲା। କିନ୍ତୁ ଧୀରେ ଧୀରେ ଏହାର ଦର ବଢ଼ିବାରେ ଲାଗିଛି। ଏପରିକି ପେଟ୍ରୋଲ ଠାରୁ ଅଧିକ ହୋଇଯାଇଛି। ଏହା ସତ୍ତ୍ୱେ ପେଟ୍ରୋଲରେ ଇଥାନଲ ମିଶ୍ରଣର ଲାଭ ଦେଶ ଓ ପରିବେଶ ପାଇଁ ରହିଛି। ଇଥାନଲରେ ଆଖୁ ରସକୁ ମିଶାଇ ଦିଆଯାଉଛି ବୋଲି ଅଭିଯୋଗ ମଧ୍ୟ ହେଉଛି। କିନ୍ତୁ ଏହା ଭ୍ରମାତ୍ମକ ବୋଲି ସରକାର କହୁଛନ୍ତି। କାରଖାନାରେ ବିଶେଷ ପ୍ରକ୍ରିୟାରେ ଏହାର ଉତ୍ପାଦନ କରାଯାଉଛି। ସେହିଭଳି ୧ ଲିଟର ଇଥାନଲ ପାଇଁ ୧୦ ହଜାର ଲିଟର ପାଣି ବ୍ୟବହାର ହେଉଛି ବୋଲି ମଧ୍ୟ ଅଭିଯୋଗ ହେଉଛି। କିନ୍ତୁ ସରକାରଙ୍କ କହିବାନୁଯାୟୀ, ପ୍ରତି ଲିଟର ଇଥାନଲ ପାଇଁ କେବଳ ୩ରୁ ୫ ଲିଟର ପାଣି ଆବଶ୍ୟକ ହୋଇଥାଏ। ଜାତୀୟ ଖାଦ୍ୟ ନିରାପତ୍ତାକୁ ପୂରଣ କରାଯିବା ପରେ ବଳକା ଚାଉଳକୁ ଇଥାନଲ ଉତ୍ପାଦନରେ ବ୍ୟବହାର କରାଯାଇଥାଏ। ସେହିଭଳି ଇ-୨୦ ପେଟ୍ରୋଲରେ ଶର୍କରା ରହିଥାଏ ଏବଂ ସେଥିରେ ପିମ୍ପୁଡ଼ି ଲାଗିଥାନ୍ତି ଅଭିଯୋଗକୁ ମଧ୍ୟ ସରକାର ଖଣ୍ଡନ କରିଛନ୍ତି। ଏଥିସହିତ ଇଥାନଲ ମିଶ୍ରିତ ପେଟ୍ରୋଲରେ ପାଣି ମିଶିଯାଉଛି ଏବଂ ଟାଙ୍କିରେ ରହିଯାଉଛି ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ସରକାର ଗ୍ରହଣ କରିନାହାନ୍ତି।

ନିଷ୍ପତ୍ତିକୁ ବିରୋଧୀଙ୍କ ସମାଲୋଚନା

ଦେଶରେ ଇ-୨୦ ପେଟ୍ରୋଲ୍ ଏକ ବଡ଼ ରାଜନୈତିକ ପ୍ରସଙ୍ଗରେ ପରିଣତ ହୋଇଛି। ସରକାରଙ୍କୁ ଘେରିବାକୁ କଂଗ୍ରେସ, ଆମ୍ ଆଦମୀ ପାର୍ଟି (ଆପ୍), ଡିଏମ୍‌କେ ଆଦି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଆକ୍ରମଣ ଜାରି ରଖିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ, ଇଥାନଲ ପାଇଁ ଲୋକଙ୍କ କାର ଓ ସ୍କୁଟରରେ ସମସ୍ୟା ଦେଖାଦେଉଛି ଓ ଏଥିପାଇଁ ଚିନି ଦର ବି ବଢୁଛି। ଇ-୨୦ ପେଟ୍ରୋଲ୍ ପାଇଁ ଗାଡ଼ିର ମାଇଲେଜ୍ କମୁଛି ଓ ଇଞ୍ଜିନରେ ସମସ୍ୟା ହେଉଛି ବୋଲି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଅଭିଯୋଗ କରିଛନ୍ତି। ଡିଏମ୍‌କେର ରାଜ୍ୟସଭା ସାଂସଦ ପି ୱିଲସନ୍ କହିଛନ୍ତି ଯେ, ଇ-୨୦ ତ ଖରାପ, ତାଠାରୁ ଅଧିକ ଖରାପ ହେଉଛି କେନ୍ଦ୍ର ନୀତି। ଯାହା ଆଞ୍ଚଳିକ ବୈଷମ୍ୟ ବଢ଼ାଇବ। କିଛି ଦିନ ତଳେ ଦିଲ୍ଲୀରେ କିଛି ଗାଡ଼ି ମାଲିକ ଏକଜୁଟ ହୋଇ ଇ-୨୦ ପେଟ୍ରୋଲକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଡିଜିଟାଲ୍ ମିଡିଆରେ ଇ-୨୦ ବିରୋଧରେ ଜନ ସମର୍ଥନ ହାସଲ କରିବା ପାଇଁ 'ଇ-୨୦ ଜନତା ପାର୍ଟି' ଗଠନ କରାଯାଇଛି। ଏହି ପ୍ରତିବାଦରେ ସାମିଲ ହେବାକୁ ପରିବହନକାରୀ ସଂଘମାନଙ୍କୁ ଆହ୍ୱାନ ଦିଆଯାଇଛି।

ଇଥାନଲ ସହ ଚିନିଦର ବୃଦ୍ଧିର କାରଣ ନାହିଁ

ସରକାର ଆଖୁକୁ ଚିନି ପରିବର୍ତ୍ତେ ଇଥାନଲ ଉତ୍ପାଦନରେ ଉପଯୋଗ କରୁଥିବାରୁ ଏହାକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଚାଲିଛି। ଏଭଳି ସ୍ଥିତିରେ ଦୁଇ ଜଣ କୃଷି ଅର୍ଥନୀତିଜ୍ଞ ରମେଶ ଚାନ୍ଦ ଓ ଅଶୋକ ଗୁଲାଟୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଚିନି ଦରବୃଦ୍ଧିର କାରଣ ଇଥାନଲ ବୋଲି ଯାହା କୁହାଯାଉଛି। ସେ ନେଇ ଦୁଇ ଅର୍ଥନୀତିଜ୍ଞ ସମ୍ପୂର୍ଣ୍ଣ ଭାବେ ସମାନ ମତ ପୋଷଣ କରନ୍ତି ନାହିଁ। ନିତି ଆୟୋଗର ପୂର୍ବତନ ସଦସ୍ୟ ଶ୍ରୀ ଚାନ୍ଦଙ୍କ କହିବାନୁଯାୟୀ, ଆଖୁକୁ ଇଥାନଲ ଉତ୍ପାଦନରେ ବ୍ୟବହାର କରାଯାଉଥିବାରୁ ଚିନିଦର ବଢ଼ିଛି ବୋଲି ଦୃଢ଼ଭାବେ କୁହାଯାଇ ପାରିବ ନାହିଁ। ଗୁଲାଟୀଙ୍କ ମତରେ ଚିନି ଦରବୃଦ୍ଧିର ଏକମାତ୍ର କାରଣ ଆଖୁର ଇଥାନଲ ଉତ୍ପାଦନ ନୁହେଁ। ଇଥାନଲ ଉତ୍ପାଦନରେ ଆଖୁର ଉପଯୋଗ ସହିତ ଦେଶରେ ଚିନି ଉତ୍ପାଦନ ଏବଂ ମହଜୁଦ ପରିମାଣ କମିବା କାରଣରୁ ଦର ଉପରେ ଚାପ ସୃଷ୍ଟି ହୋଇଛି। ଦେଶରେ ଆଖୁ ଚାଷୀଙ୍କ ଆୟ ବଢ଼ିବା ସହିତ ଦେଶକୁ କମ୍ ଅଶୋଧିତ ତେଲ ଆମଦାନି କରି ବିଦେଶୀ ମୁଦ୍ରା ସଞ୍ଚୟ କରିବା ଲାଗି ସରକାର ପେଟ୍ରୋଲରେ ଇଥାନଲ ମିଶ୍ରଣ ଯୋଜନା ଆରମ୍ଭ କରିଛନ୍ତି। ୨୦୧୮-୧୯ରେ ସରକାର ଚିନି କଳଗୁଡ଼ିକୁ ବି-ହେଭି ମୋଲାସେସ୍ ସହିତ ଆଖୁ ରସ ବା ସିରପକୁ ଇଥାନଲ ଉତ୍ପାଦନ ପାଇଁ ଅନୁମତି ଦେଇଛନ୍ତି। ଏହାଦ୍ୱାରା କେତେ ଆଖୁ ଚିନି ପାଇଁ ଏବଂ କେତେ ଆଖୁ ଇନ୍ଧନ ପାଇଁ ବ୍ୟବହାର ହେବ ସେ ସଂପର୍କରେ ନିଷ୍ପତ୍ତି ନେବାର ସୁଯୋଗ ତାଙ୍କୁ ମିଳିଥିଲା। ଅଧିକ ଆଖୁ ଉତ୍ପାଦନ ବର୍ଷଗୁଡ଼ିକରେ ଇଥାନଲ ଉତ୍ପାଦନ ପାଇଁ ଅଧିକ ଆଖୁ ଯୋଗାଇ ଦିଆଯାଇ ପାରିବ। ସରକାରୀ ତଥ୍ୟକୁ ଆଧାର କରି ଅର୍ଥନୀତିଜ୍ଞ ଚାନ୍ଦ ଦର୍ଶାଇଛନ୍ତି, ୨୦୨୨-୨୩ରେ ୪୩ ଲକ୍ଷ ଟନ ଚିନି ଇଥାନଲ ଉତ୍ପାଦନରେ ବ୍ୟବହାର ହୋଇଛି। ୨୦୨୩-୨୪ରେ ୨୪ ଲକ୍ଷ ଟନ ଏବଂ ୨୦୨୪-୨୫ରେ ୩୪ ଲକ୍ଷ ଟନ୍ ଚିନି ଇଥାନଲ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଛି। ତାଙ୍କ ମତରେ ୨୦୨୨-୨୩ରେ ପ୍ରାୟ ୧୧.୫ ପ୍ରତିଶତ ଚିନି ଇଥାନଲ ଉତ୍ପାଦନରେ ବ୍ୟବହାର ହୋଇଥିବା ବେଳେ ୨୦୨୪-୨୫ରେ ଏହା ୧୧ ପ୍ରତିଶତ ଏବଂ ୨୦୨୫-୨୬ରେ ପ୍ରାୟ ୯ ପ୍ରତିଶତ ବ୍ୟବହାର ହୋଇଛି। ମକା ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀରୁ ପ୍ରାୟ ତିନି ଚତୁର୍ଥାଂଶ ଇଥାନଲ ଉତ୍ପାଦନ ହେଉଛି ବୋଲି ସେ କହିଛନ୍ତି। ଅଶୋଧିତ ତେଲ ଉତ୍ପାଦନ ହ୍ରାସ କରିବା ସହିତ ଦେଶରେ ଇଥାନଲ ଉତ୍ପାଦନ ବଢ଼ାଇବାର ଆବଶ୍ୟକତା ଥିବା କୁହାଯାଉଥିଲେ ମଧ୍ୟ ବ୍ୟାପକ ଦୃଷ୍ଟିଭଙ୍ଗୀକୁ ନେଇ ସରକାର ଏ କ୍ଷେତ୍ରରେ କାର୍ଯ୍ୟ କରିବାକୁ ହେବ। ପେଟ୍ରୋଲିୟମ ଉତ୍ପାଦରେ ଇଥାନଲ ମିଶ୍ରଣ ଦ୍ୱାରା ଯେଭଳି ଖାଦ୍ୟ ସୁରକ୍ଷା ବିପନ୍ନ ନହେବ ତାହା ଉପରେ ଦୃଷ୍ଟି ଦେବାକୁ ହେବ।

ଇଥାନଲ ଯୋଗୁଁ ହୋଇପାରେ ଖାଦ୍ୟ ସଙ୍କଟ

ଇଥାନଲ ଉତ୍ପାଦନ ପାଇଁ ଚାଉଳ ଓ ମକା ଭଳି ଶସ୍ୟ ବ୍ୟବହାର ବଢୁଥିବାରୁ ଦେଶରେ ଖାଦ୍ୟ ସଙ୍କଟ ଦେଖାଦେବାର ଆଶଙ୍କା ପ୍ରକାଶ ପାଇଛି। ଦେଶରେ ଚିନି ଦର ବଢ଼ିବା ପରେ ଇଥାନଲ ଉତ୍ପାଦନ ପାଇଁ ଚିନି ଓ ମୋଲାସେସ୍ ଯୋଗାଣ କମ୍ କରି ଅଧିକ ମକା ଓ ଚାଉଳ ଯୋଗାଇଦେବାକୁ ସରକାର ଯୋଜନା ରଖିଛନ୍ତି। କମ୍ପାନିଗୁଡ଼ିକର ଟେଣ୍ଡରରେ ମଧ୍ୟ ଶସ୍ୟର ଭାଗ ବଢ଼ିବାରେ ଲାଗିଛି। ଇଥାନଲ ଉତ୍ପାଦନରେ ମକାର ବ୍ୟବହାର ବଢ଼ିବା ଏକ ବଡ଼ ଚିନ୍ତାର କାରଣ। କାରଣ ମକା କେବଳ ଇଥାନଲ ଶିଳ୍ପ ପାଇଁ ନୁହେଁ; କୁକୁଡ଼ା ପାଳନ, ପଶୁ ଖାଦ୍ୟ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ମଧ୍ୟ ଏହା ମୁଖ୍ୟ କଞ୍ଚାମାଲ। ତେଣୁ ଇଥାନଲ କାରଖାନାଗୁଡ଼ିକ ଅଧିକ ମକା କିଣିଲେ ଏହାର ପ୍ରଭାବ ପଶୁ ଓ କୁକୁଡ଼ା ଖାଦ୍ୟ ଉପରେ ପଡ଼ିବ। ଫଳରେ ଅଣ୍ଡା, ମାଂସ, ଦୁଗ୍ଧ ଆଦିର ଦର ବଢ଼ିବ। ଇଥାନଲ ନୀତିର ଆଉ ଏକ ବଡ଼ ଚିନ୍ତା ହେଉଛି ଜଳ ସମ୍ପଦ ଉପରେ ଏହାର ପ୍ରଭାବ। ବିଶେଷଜ୍ଞମାନଙ୍କ ମତରେ ଭାରତରେ ଇଥାନଲ ପାଇଁ ବ୍ୟବହୃତ କଞ୍ଚାମାଲ ଯଥା ଆଖୁ, ମକା ଓ ଧାନ ଚାଷର ଏକ ବଡ଼ ଅଂଶ ଜଳସେଚନ ଓ ଭୂତଳ ଜଳ ଉପରେ ନିର୍ଭରଶୀଳ। ତେଣୁ ଇଥାନଲ ପାଇଁ ଜଳ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି।

ବ୍ରାଜିଲର ଇଥାନଲ ମଡେଲ ଭାରତରେ ଫ୍ଲପ୍

ଅଧିକ ଜଳ ସଙ୍କଟ ଥିବା ଅଞ୍ଚଳରେ ଏହାର କଞ୍ଚାମାଲ ଉତ୍ପାଦନ କରିବା ସେହି ଅଞ୍ଚଳ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ଫିଏଲ୍‌ଓଏସ୍ ୱାନ୍‌ର ଅଧ୍ୟୟନରୁ ଜଣାପଡ଼ିଛି ଯେ, ଇଥାନଲ ପାଇଁ ୨୦୩୦ ସୁଦ୍ଧା ଜଳ ବ୍ୟବହାର ୨୧%ରୁ ୧୧୮% ଏବଂ ୨୦୫୦ ସୁଦ୍ଧା ୪୯%ରୁ ୧୩୮% ବଢ଼ିପାରେ। ଇଥାନଲକୁ ନେଇ ରାଜସ୍ଥାନରେ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ମଧ୍ୟପ୍ରଦେଶ, ପଞ୍ଜାବ ଓ ତେଲଙ୍ଗାନାରେ ମଧ୍ୟ ଇଥାନଲ ଓ ଡିଷ୍ଟିଲେରୀ ପ୍ରକଳ୍ପକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। କୃଷି ନୀତି ବିଶେଷଜ୍ଞ ଦେବିନ୍ଦର ଶର୍ମା ଇଥାନଲ ନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ମତରେ, ଭାରତର ଜନସଂଖ୍ୟା ଚାପ, ଜଳ ସମ୍ପଦ ଓ ଖାଦ୍ୟ ଆବଶ୍ୟକତା ବ୍ରାଜିଲଠାରୁ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ବ୍ରାଜିଲର ଇଥାନଲ ମଡେଲକୁ ଭାରତରେ ସରଳ ଭାବେ ଲାଗୁ କରିବା ଠିକ୍ ନୁହେଁ। ବର୍ତ୍ତମାନ ସମୟରେ ବଡ଼ ପ୍ରଶ୍ନ ହେଉଛି ଲୋକଙ୍କ ଭୋଜନ ନା ଗାଡ଼ିର ଇନ୍ଧନ। ଏଥିପ୍ରତି ସରକାର ସତର୍କ ଦୃଷ୍ଟି ରଖିବାର ଆବଶ୍ୟକତା ରହିଛି।

ପଶ୍ଚିମ ଓଡ଼ିଶା

ମହମହ ବାସିଲା ପାରମ୍ପରିକ ଖାଦ୍ୟ

ସାମୂହିକ ନୂଆଁଖାଇ ଭେଟ୍‌ଘାଟ ପରିବାରର ବିଭିନ୍ନ ପ୍ରତିଯୋଗିତା

ସିନାପାଲି(ଅମୃତ ମିଡିଆ): ନୂଆପଡ଼ା ଜିଲ୍ଲା ସିନାପାଲିର ସାମୁହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ସହ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନୂଆଁଖାଇକୁ ଅଧିକ ଭବ୍ୟ ଓ ଆଡ଼ମ୍ବରପୂର୍ଣ୍ଣ କରିବାକୁ ଗଣପର୍ବ ନୂଆଁଖାଇ ପୂର୍ବରୁ ଭେଟଘାଟ ପରିବାର ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଆୟୋଜିତ ପ୍ରତିଯୋଗିତା ପୂର୍ବ ସଭାରେ ବବିତା ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଆଇଆଇସି ହେମକାନ୍ତି ଛତ୍ରିଆ ଓ ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସୁନିତା ମେହେର, ଡ. ଅରିଗଞ୍ଜନ ଯୋଷୀ, ଭାସ୍କରାଜ ମାଝୀ, ଲଳିତ କୁମାର ସୁନାରୀ, ଶର୍ମିଲା ଶତପଥୀ, ଅର୍ପିତା ପାଢ଼ୀ ଯୋଗଦେଇଥିଲେ । ପ୍ରତିଯୋଗୀଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ଖାଦ୍ୟ ପସରା ମୁଖ୍ୟ ଆକର୍ଷଣ ଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଣୁଧର ମେହେର ଅତିଥି ପରିଚୟ ଦେଇଥିବା ବେଳେ କମିଟିର ସଭାପତି ତ୍ରିନାଥ ମେହେର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଦୂର୍ଦ୍ଧାନ୍ତ ମେହେର ପ୍ରତିଯୋଗିତାର ନିୟମାବଳୀ ଉପସ୍ଥାପନ କରିଥିବା ବେଳେ ବିଶ୍ୱାସ ଯୋଷୀ ଧନ୍ୟବାଦ ଦେଇଥିଲେ । ଏ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତା ହୁଲହୁଲିରେ ନବକିଶୋରୀ ସା, ହାରାବତୀ ମେହେର, ନମିତା ମେହେର ରଙ୍ଗ ଡ଼ିଆଁରେ କ୍ଷୀରେନ୍ଦ୍ରୀ ମେହେର, ନମିତା ମେହେର, ପ୍ରତିଭା ମେହେର ମାଠିଆ ଫଟାରେ ଦୀପାଞ୍ଜଳି ମେହେର, ତୋଳେଶ୍ୱରୀ ମେହେର, ଉର୍ବସୀ ମେହେର ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀରେ ପଦ୍ମାବତୀ ମେହେର, ସଂଯୁକ୍ତା ମେହେର, କ୍ଷୀରାଦ୍ରୀ ମେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ଗୁଡିକର ବିଚାରକ ଭାବରେ ସତ୍ୟରୂପା ଯୋଶୀ,ପ୍ରଭାତ ନଳିନୀ ବେହେରା, ଦିପ୍ତିମୟି ଯୋଶୀ, ସୁନୀଲ ମେହେର, ଦୂର୍ଦ୍ଧାନ୍ତ ମେହେର, ବବିତା ମେହେର, ସୁନନ୍ଦା ମେହେର, ହରେଶ ମେହେର, ଦୀପକ ମେହେର, ଧନଞ୍ଜୟ ମେହେର ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମାଆ ଭଉଣୀ ଓ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ ।

ଧର୍ମଗଡ଼ରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଚଢ଼ଉ

୭୫୦୦ଟଙ୍କା ଜରିମାନା ଆଦାୟ

କଳାହାଣ୍ଡି(ଅମୃତ ମିଡିଆ): ଧର୍ମଗଡ଼ ଏନ୍‌ଏସି ଅଞ୍ଚଳରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ ଯାଞ୍ଚ ଓ ଏନ୍‌ଫୋର୍ସମେଣ୍ଟ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ ମୋଟ ୧୩ଗୋଟି ଖାଦ୍ୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇ ନିୟମ ଉଲ୍ଲଂଘନକାରୀଙ୍କଠାରୁ ସମୁଦାୟ ୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ସମୟରେ ମାନବ ଖାଦ୍ୟ ଉପଯୋଗ ପାଇଁ ଅନୁପଯୁକ୍ତ ପ୍ରାୟ ୧୮ କିଲୋଗ୍ରାମ ଖାଦ୍ୟ ସାମଗ୍ରୀ ଚିହ୍ନଟ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏଥିସହିତ ୦୩ଟି ଖାଦ୍ୟ ନମୁନା ଲାବୋରେଟୋରୀ ବିଶ୍ଳେଷଣ ପାଇଁ ସଂଗ୍ରହ କରାଯାଇଥିଲା। ପନିରରେ ଷ୍ଟାର୍ଚ୍ଚ ଚିହ୍ନଟ ପାଇଁ ୦୪ଟି ପନିର ନମୁନାରେ ଆୟୋଡିନ୍ ଦ୍ରବଣ ଦ୍ୱାରା ଦ୍ରୁତ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ କୌଣସି ନମୁନାରେ ଷ୍ଟାର୍ଚ୍ଚ ଉପସ୍ଥିତିର ସକାରାତ୍ମକ ପ୍ରତିକ୍ରିୟା ମିଳିନଥିଲା। ବୈଧ ଖାଦ୍ୟ ଲାଇସେନ୍ସ ବିନା ବ୍ୟବସାୟ କରୁଥିବା ୦୩ଜଣ ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏଥିସହିତ ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା, ସୁରକ୍ଷିତ ଖାଦ୍ୟ ପରିଚାଳନା ଓ ନିୟମାନୁସାରେ ବ୍ୟବସାୟ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ଯାଞ୍ଚ ଅଭିଯାନରେ ବିଶ୍ୱଜିତ ନାଏକ, ଖାଦ୍ୟ ନିରାପତ୍ତା ଅଧିକାରୀ, କଳାହାଣ୍ଡି; ରାଜୀବ ଲୋଚନ ରଣା, ଖାଦ୍ୟ ନିରାପତ୍ତା ସହାୟକ; ଗଜେନ୍ଦ୍ର କୈବର୍ତ୍ତ ଓ ନିମାଇ ଚରଣ ନାଏକ, ଖାଦ୍ୟ ନିରାପତ୍ତା ଏମ୍‌ଟିଏସ୍, ଏବଂ ପୋଲିସ କର୍ମଚାରୀମାନେ ସାମିଲ ହୋଇଥିଲେ। ଜନସାଧାରଣଙ୍କୁ ସୁରକ୍ଷିତ ଓ ଗୁଣବତ୍ତାସମ୍ପନ୍ନ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ଆଗାମୀ ଦିନରେ ମଧ୍ୟ ଏହିପରି ଯାଞ୍ଚ ଓ ଏନ୍‌ଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ବୋଲି ଜଣାପଡିଛି ।

ଅସହାୟ ମହିଳାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଗାଁ କୁ ପଠାଇଲେ ପୂର୍ବ ଭାଲୁମୁଣ୍ଡା ସରପଞ୍ଚ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ଥାନା ଅନ୍ତର୍ଗତ ଡୁରେକେଲା ଗାଁ ର ଏକ ପୋଖରୀ ହିଡ଼ରେ ଦୀର୍ଘ ସମୟ ଧରି ଅସହାୟ ଅବସ୍ଥାରେ ମହିଳା ଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଉଦ୍ଧାର କରି ନିଜସ୍ୱ ଆମ୍ବୁଲାନ୍ସ ରେ ଗାଁକୁ ପଠାଇଛନ୍ତି ବଙ୍ଗୋମୁଣ୍ଡା ବ୍ଲକର ପୂର୍ବତନ ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର । ଅସହାୟ ମହିଳା ହେଉଛନ୍ତି ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ବାଦୀ ପଞ୍ଚାୟତ ର ପୋଡ଼ପରା ଗାଁର ସବିତା ଭୋଇ ବୟସ ପାଖାପାଖି ୭୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ସେ ଡୁରେକେଲା ଗ୍ରାମ ର ଏକ ପୋଖରୀ ହିଡ଼ରେ ପଡ଼ି ରହିଥିଲା । ତାଙ୍କୁ ଉଦ୍ଧାର କରି ତାଙ୍କ ଗାଁ କୁ ନିଜସ୍ୱ ଆମ୍ବୁଲାନ୍ସ ଯୋଗେ ପଠାଇ ଦିଆଯାଇଥିବା ନେଇ ଜଣାପଡିଛି ।ଅସହାୟ ମହିଳା ଗାଁରେ ପହଞ୍ଚି ଥିବାରୁ ପରିବାର ଲୋକେ ଖୁସିବ୍ୟକ୍ତ କରିଛନ୍ତି । ଶ୍ରୀ ମେହେରଙ୍କ ଏହି ଭଲି ମହତ କାର୍ଯ୍ୟ କରିଥିବାରୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

ପଞ୍ଚଦିବସୀୟ ଝୁଲଣଯାତ୍ରା ଉଦ୍‌ଯାପିତ

ବଲାଙ୍ଗୀର(ଅମୃତ ମିଡିଆ): ସଦାଇପାଲି ପଲ୍ଲିଶ୍ରୀ ବିହାର ସାଇଟ୍ ନର୍ସିଂ କଲେଜ ପରିସର ରେ ଥିବା ରାଧାକୃଷ୍ଣ ମନ୍ଦିରରେ ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ମାହେଶ୍ୱରୀ ରାମଜୀ ପାର୍ଟିର ଭଜନ କୀର୍ତ୍ତନ ସହ ସୁସଜ୍ଜିତ ଦୂଳାରେ ପ୍ରଭୁ ଶ୍ରୀକୃଷ୍ଣ ଏବଂ ଶ୍ରୀରାଧାଙ୍କ ଯୁଗଳ ମୂର୍ତ୍ତିକୁ ଶତାଧିକ ଶ୍ରଦ୍ଧାଳୁ ଦର୍ଶନ କରିଥିଲେ । ଏହି ଅବସରରେ ଓଡିଶାର ପ୍ରସିଦ୍ଧ ସଂକିର୍ତ୍ତନ ଗାୟକ ଶମ୍ଭୁ ପ୍ରସାଦ ନାଏକ ଓ ବାୟକ ରୁଦ୍ରପ୍ରସାଦ ସାଏ ତାଙ୍କର ସଂକୀର୍ତ୍ତନ ମାଧ୍ୟମରେ ଭକ୍ତମାନଙ୍କୁ ବିମୋହିତ କରିଥିଲେ । ସାଇଟ ନର୍ସିଂ କଲେଜର ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ । ଡ. ଶ୍ରୀକର ମିଶ୍ର, ଡା. ପ୍ରମୋଦ କୁମାର ମିଶ୍ର, ପ୍ରଫୁଲ୍ଲ ମିଶ୍ର, ସତ୍ୟବାଦୀ ନାଏକ, ରମେଶ ନାଏକ, ସୁଲୋଚନା ମିଶ୍ର, ସ୍ୱର୍ଣ୍ଣପ୍ରଭା ନାଏକ, ଭାନୁମତୀ ସାଏ, ଉର୍ବଶୀ ନାଏକ, ଦେବକୀ ସାଏ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା ।

ଧବଳେଶ୍ୱରଙ୍କ ପୁଷ୍ପ ଶୃଙ୍ଗାର

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗୀର ସହର ନିକଟସ୍ଥ କଅଁାଁ ର ପ୍ରସିଦ୍ଧ ଶୈବପୀଠ ବାବା ଧବଳେଶ୍ୱରଙ୍କ ପୀଠରେ ଗଲା ମାସେ କାଳ ଧରି ପବିତ୍ର ଶ୍ରାବଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଶ୍ରାବଣର ପୂର୍ଣ୍ଣମୀ ତିଥିରେ ଦେବ ଦେବ ମହାଦେବ ଧବଳେଶ୍ୱରଙ୍କ ସୁସଜ୍ଜିତ ପୁଷ୍ପ ଶୃଙ୍ଗାର ଦର୍ଶନ ଆୟୋଜିତ ହୋଇଥିଲା । ବଲାଙ୍ଗିର ଜିଲ୍ଲାର କୋଣ ଅନୁକୋଣରୁ ତଥା ଜିଲ୍ଲା ବାହାରୁ ଅଗଣିତ କାଓ୍ୱଡିଆ ଓ ଭକ୍ତଙ୍କ ସମାଗମ ହୋଇଥିଲା । ବିଭିନ୍ନ ତୀର୍ଥ କ୍ଷେତ୍ର ତଥା ନଦୀ ଜଳାଶୟରୁ ପବିତ୍ର ଜଳ ଆଣି ବାବାଙ୍କ ପୀଠରେ ଜଳଲାଗି କରାଯାଇଥିଲା। ଆଜି ଶ୍ରୀ ଶ୍ରୀ ଧବଳେଶ୍ୱର ହେରିଡେଟେରି ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶ୍ରାବଣ ପୂର୍ଣ୍ଣମୀରେ ହେମନ୍ତ ଥନାପତି,ବିରୁପାକ୍ଷ ଥନାପତି, ଗୋପାଳ ଥନାପତି, ବିଘ୍ନରାଜ ଥନାପତି,ନରସିଂହ ଥନାପତି, ପର୍ଶୁରାମ ଥନାପତି, ବିଲୀପ ଥନାପତି, ଶାନ୍ତନୁ ଥନାପତି, ଶେଖର ଥନାପତି, ବଳରାମ ଥନାପତି, ଜୟରାମ ଥନାପତି, ରଂଜନ ଥନାପତି, ଲିଟୁ ଥନାପତି, ସୋହମ ଥନାପତି, ଭିକାରୀ ଥନାପତି, ବିଭୁ ଥନାପତି, ବାବଲୁ ଥନାପତି, ଗଣନାଥ ଥନାପତି, ସଚ୍ଚିଦା ଥନାପତି, ସୋନୁ ଥନାପତି, ମୁକେଶ ଥନାପତି, ହୃଷିକେଶ ଥନାପତି, ରିଙ୍କୁ ଥନାପତି,ପପୁନ ଥନାପତି, ଜ୍ୟୋତି ରଂଜନ ଥନାପତି, ଜଗଦିଶ ଥନାପତି, ଦୀପକ ଥନାପତି, ଅଶ୍ୱିନୀ ଥନାପତି, ବିଶ୍ୱାମିତ୍ର ଥନାପତି, ଆନନ୍ଦ ଥନାପତି ଓ ବରିଷ୍ଠ ଆଇନଜୀବୀ ତଥା ସେବାୟତ ରାମାନନ୍ଦ ଥନାପତି ବିଭିନ୍ନ ସେବାପୂଜା କରିଥିଲେ ।

ବିକାଶମୂଳକ କାର୍ଯ୍ୟର ଆରମ୍ଭ ନିମ୍ନମାନର

କଳାହାଣ୍ଡି(ଅମୃତ ମିଡିଆ) : ରାଜ୍ୟ ସରକାରଙ୍କ ଆମ ହସ୍ପିଟାଲ ଯୋଜନାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ଭୂମିର ବିକାଶ ତଥା ରୁପାନ୍ତରୀତ କାର୍ଯ୍ୟ ଜାରି ରହିଛି। ହେଲେ ଏହି ବିକାଶମୂଳକ କାର୍ଯ୍ୟରେ ଆରମ୍ଭ ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ଏହାପରେ ବ୍ଲକ ଉପାଧକ୍ଷ ଓ ଧର୍ମଗଡ଼ ବିଧାୟକ କାର୍ଯ୍ୟ ତଦାରଖ କରି ଠିକା ସଂସ୍ଥା ଓ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଠିକା ସଂସ୍ଥା ପାକ୍ଷରୁ ଉନ୍ନତ ମାନର କାର୍ଯ୍ୟ କରିବା ପାଇ ସେହି ସମୟରେ କହିଥିଲେ। ପରେ କିଛି ଦିନ ପାଇଁ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ବର୍ତ୍ତମାନ କିନ୍ତୁ ଠିକା ସଂସ୍ଥା ପକ୍ଷରୁ ମନମାନି ଭାବରେ କାମ କରିବା ସହ ରାତି ଅଧିଆ କାମ କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ କାର୍ଯ୍ୟର ସ୍ଥାୟୀତ୍ୱ କୁ ନେଇ ବିରାଟ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ପୂର୍ବରୁ ଠିକା ସଂସ୍ଥା ବାଲି ପକାଇବା ସ୍ଥାନରେ ମାଟି ପକାଇ ବିବାଦ ଘେରକୁ ଆସିଥିଲା। ଏପଟେ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ କୌଣସି ଅଧିକାରୀଙ୍କ ମଧ୍ୟ ଦେଖା ଦର୍ଶନ ମିଳୁନାହିଁ। ଅନ୍ୟପଟେ ବିଧାୟକଙ୍କ ତାଗିଦ୍ ମଧ୍ୟ ଠିକା ସଂସ୍ଥା ଉପରେ କୌଣସି ଫରକ୍ ପଡୁ ନଥିବାରୁ ଲୋକେ ଭିନ୍ନଭିନ୍ନ ଆଲୋଚନା କରୁଛନ୍ତି। ସୂଚନା ଅନୁଯାୟୀ, ଆମ ହସ୍ପିଟାଲ ଯୋଜନାର ଏହି ବିକାଶମୂଳକ କାର୍ଯ୍ୟ ନିମନ୍ତେ ୪ କୋଟି ୯ ଲକ୍ଷ ୩୬ ଲକ୍ଷ ବ୍ୟୟବରାଦ ହୋଇଥିବା ଜଣାପଡିଥିବା ବେଳେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ଯାହା ସରକାରୀ ନିତୀ ନିୟମର ଧଜ୍ଜିୟା ଉଡ଼ାଇ ଥିବା ଚର୍ଚ୍ଚା ଉତରେ ମେଡିକାଲ ଭଲି ଗୁରୁତ୍ୱପୂର୍ଣ୍ଣ ବିଭାଗର ନିର୍ମାଣ କାର୍ଯ୍ୟରେ ମନମାନି ଓ ନିମ୍ନମାନର କାର୍ଯ୍ୟ ଜନ ଅସନ୍ତୋଷ ବୃଦ୍ଧି କରିଛି। ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ରାତିରେ କାମ ହେବା କଥା ନୁହେଁ ଏନଟିପିସି ର ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି ଅତି ହାଲୁକା ଭାବରେ କହିଥିଲେ।

ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର(ଅମୃତ ମିଡିଆ): ବଲାଙ୍ଗୀର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଟିକ୍ରାପଡା - ସଇଁନ୍ତଲା ବ୍ଲକ ଟିକ୍ରାପଡା ଶିବ ମନ୍ଦିର ଠାରେ ବଲାଙ୍ଗିର ଜିଲ୍ଲା କୁମ୍ଭାର ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଅକ୍ଷୟ ରଣା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା । ସର୍ବ ପ୍ରଥମେ ଇଷ୍ଟଦେବୀ ରୁଦ୍ରପାଳ ଓ ରତ୍ନେଶ୍ୱରୀ ଙ୍କ ଠାରେ ପ୍ରଦୀପ ପ୍ରଜ୍ଜଳନ କରାଯାଇଥିଲା । ପ୍ରଥମେ ଜିଲ୍ଲା ସମ୍ପାଦକ ଅନିଲ ରଣା ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରତ୍ୟେକ ବ୍ଲକର ସଭାପତି ନିଜସ୍ୱ ମତାମତ ଉପସ୍ଥାପନ କରିଥିଲେ । ଉପଖଣ୍ଡ ସଭାପତି କୃଷ୍ଣଚନ୍ଦ୍ର ରଣା ଓ ବରୁଣ ସଂଗଠନ ସୁଦୃଢ଼ କରିବା ପାଇଁ ମତାମତ ରଖିଥିଲେ । ଆଇନ ପରାମର୍ଶଦାତା ଅରୁଣ ରଣା ଦେବାଶିଷ ରଣା ଚାରିଟେବୁଲ ଟ୍ରଷ୍ଟକୁ ଆର୍ଥିକ ସହଯୋଗ କାମନା କରିଥିଲେ । ସଭାପତି ଆଗାମୀ କାର୍ଯ୍ୟପନ୍ଥା ଯଥା ନିୟମିତ ପ୍ରତ୍ୟେକ ବ୍ଲକରେ ଜିଲ୍ଲା ବୈଠକ ଆୟୋଜନ, ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି, ବାର୍ଷିକ ବିବରଣୀ ଉପସ୍ଥାପନ ପାଇଁ ମତବ୍ୟକ୍ତ କରିଥିଲେ ଓ ଏହାକୁ ସର୍ବ ସମ୍ମତି କ୍ରମେ ପାରିତ କରାଯାଇଥିଲା । ଏହି ବୈଠକରେ ବିଭିନ୍ନ ବ୍ଲକ କାର୍ଯ୍ୟକର୍ତ୍ତା ନିଧି ରଣା, ଧନଞ୍ଜୟ ରଣା, ରମେଶ ରଣା, ପ୍ରମୋଦ ରଣା, ଟଙ୍କଧର ରଣା, ଗୌରୀ ଶଙ୍କର ରଣା, ସୁରେନ୍ଦ୍ର ରଣା, ତେଜୁ ରଣା, ଅନାଦି ରଣା, ଶଶୀଭୂଷଣ, ଖଗେଶ୍ୱର ରଣାଙ୍କ ସମେତ ଜିଲ୍ଲା କାର୍ଯ୍ୟକାରିଣୀ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା କୋଷାଧକ୍ଷ ନୃପରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ ଓ ଟିକ୍ରାପଡା ଗ୍ରାମବାସୀ ସାହାର୍ଯ୍ୟ ସହଯୋଗ କରିଥିଲେ ।

ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ମେସେଜ, ଜଣେ ଗିରଫ

ଖପ୍ରାଖୋଲ (ଅମୃତ ମିଡିଆ)ଅଶୋକ କୁମାର ବାଗ: ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ମେସେଜ ପଠାଇବା ଏବଂ ଧମକ ଦେବା ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁସାରେ, ଗମ୍ଭାରୀ ଗ୍ରାମର ନାଳ ପାଣିଗ୍ରାହୀ (୫୦) ଅଭିଯୋଗ କରିଛନ୍ତି ଯେ, ଉମାକାନ୍ତ ଗଡ଼ତ୍ୟା 'ଗମ୍ଭାରୀ ଜିପି ହାଲଚାଲ ' ନାମରେ ଏକ ସାମାଜିକ ଗ୍ରୁପ୍ ସୃଷ୍ଟି କରିଥିଲେ। ଉକ୍ତ ଗ୍ରୁପ୍‌ରେ ଅଭିଯୋଗକାରୀଙ୍କ ନାମରେ ଅଶ୍ଳୀଳ ଓ ଅପମାନଜନକ ଭାଷାରେ ବାର୍ତ୍ତା ପ୍ରସାରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଗତ ୦୨ ଅଗଷ୍ଟ ରାତି ପ୍ରାୟ ୮ଟା ୩୦ ମିନିଟ୍‌ରେ ନାଳ ପାଣିଗ୍ରାହୀ ଏଭଳି ଅଶ୍ଳୀଳ ମେସେଜ କାହିଁକି ପଠାଯାଉଛି ବୋଲି ଉମାକାନ୍ତଙ୍କୁ ପଚାରିଥିଲେ। ଏହାକୁ କେନ୍ଦ୍ର କରି ଉମାକାନ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ନାଳ ପାଣିଗ୍ରାହୀ ୩୧ ଅଗଷ୍ଟ ସୋମବାର ଦିନ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇଁ ଖପ୍ରାଖୋଲ ଥାନା କେସ ନଂ ୨୯୬/୨୦୨୬ ର ଧାରା ୨୯୬/୩୫୧(୨)/୧୧୫(୨) BNS ଏବଂ ୬୬ IT Act ଅନୁଯାୟୀ ମାମଲା ରୁଜୁ ହୋଇଥିବାବେଳେ ଅଭିଯୁକ୍ତ ଉମାକାନ୍ତ ଗଡତ୍ୟାକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଖପ୍ରାଖୋଲ ଥାନାଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି ।

୧୧ କେଭି ତାର ସଂସ୍ପର୍ଶରେ ଆସି ଜଣେ ମୃତ, ଅନ୍ୟଜଣେ ଗୁରୁତର

ପିଏମ-କୁସୁମ ପ୍ରକଳ୍ପରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନ

ଖପ୍ରାଖୋଲ(ଅଶୋକ କୁମାର ବାଗ) : ପିଏମ୍-କୁସୁମ ସୋଲାର ପ୍ରକଳ୍ପରେ ଶ୍ରମିକଙ୍କ ସୁରକ୍ଷାକୁ ନେଇ ଅବହେଳାର ଅଭିଯୋଗ ଏବେ ଅତ୍ୟନ୍ତ ଗମ୍ଭୀର ମୋଡ଼ ନେଇଛି। ନିର୍ମାଣାଧୀନ ପ୍ରକଳ୍ପରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିବା ଶ୍ରମିକ ଛବିଳ ପାଣ୍ଡେ(୨୭)ଙ୍କର ବଲାଙ୍ଗୀର ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ମୃତ୍ୟୁ କେବଳ ଏକ ଦୁର୍ଘଟଣା ନୁହେଁ, ବରଂ ପ୍ରକଳ୍ପରେ ଶ୍ରମିକ ସୁରକ୍ଷା ବ୍ୟବସ୍ଥା କେତେ ଦାୟିତ୍ୱହୀନ ଭାବେ ପରିଚାଳିତ ହେଉଥିଲା, ତାହା ନେଇ ଅନେକ ଅସୁବିଧାଜନକ ପ୍ରଶ୍ନ ଛିଡ଼ା କରିଛି।ଖପ୍ରାଖୋଲ ବ୍ଲକ ଓଡ଼ିଆପାଲିସ୍ଥିତ ବାବାଜୀ ମଠ ନିକଟରେ ଚାଲିଥିବା ପିଏମ୍-କୁସୁମ ସୋଲାର ପ୍ରକଳ୍ପର ପାଚେରୀ ନିର୍ମାଣ ସମୟରେ ଏହି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବେଲପଡ଼ା ଥାନା ଅଏଁଳାଭଟା ଗ୍ରାମର କିଛି ଶ୍ରମିକ ଲୁହା ପାଇପ୍ ଲଗାଇ ପାଚେରୀ ନିର୍ମାଣ କାମ କରୁଥିଲେ। ଏହି ସମୟରେ ଉପର ଦେଇ ଯାଇଥିବା ୧

ସମ୍ପାଦକୀୟ...

ଓସେନ୍ ଭିତରେ ଓ୍ୱିନର

ଦୀର୍ଘଘଣ୍ଟାର ଅପରେସନ ପରେ ବି ଫେଲ୍ ମାରିଲା ଟିମ୍। କିଛି ବି ଅଜଣାକୁ ପାଇଲା ନାହିଁ। ଶେଷରେ ବିରାଟକାୟ ମାଲବାହୀ ପ୍ରାୟ ଜାହାଜ ଡୁବିଗଲା କେଉଁ ଏକ ଅଜଣା, ଅଶୁଣା ଅଥଳ ଜଳରାଶିରେ। ଯାହାର ରହସ୍ୟ ଭେଦ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍‌ର ଦୀର୍ଘ ୧୭୦ ଘଣ୍ଟାର ଅପରେସନ ଶେଷରେ ଫେଲ୍ ମାରିଯାଇଥିଲା। ପାରାଦୀପରୁ ଅଗଷ୍ଟ ୨୦ ତାରିଖ ରାତି ସାଢ଼େ ୧୦ ସମୟରେ ପାରାଦୀପ ବନ୍ଦରରୁ ବାହାରିଥିବା ଲୁହାପଥର ବୋଝେଇ ଜାହାଜ ଓସେନ୍ ଓ୍ୱିନର ଅଗଷ୍ଟ କୋଡ଼ିଏ ତାରିଖର ସେହି ଅନ୍ଧକାରମୟ ରାତିରେ ବଙ୍ଗୋପସାଗରର ସେହି ନୀଳଜଳରାଶିର ବକ୍ଷ ଭେଦ ମାର୍ଚ୍ଚ ଚାଲିଥିଲା ଆଗକୁ ଆଗକୁ ଧୀରେ ଧୀରେ। ଅନ୍ଧକାର ଯେତେ ବର୍ଦ୍ଧ ବର୍ଦ୍ଧ ଚାଲିଥାଏ ଜାହାଜର ଗତି ମଧ୍ୟ ସେହ ଅନୁସାରେ କ୍ଷୀପ୍ର ହେଉଥାଏ। ତେବେ ସେହି ରାତିରେ ପାରାଦୀପ ବନ୍ଦରରୁ ବାହାରିଥିବା ମାଲବାହୀ ଜାହାଜ ଓସେନ୍ ଓ୍ୱିନର ଯେ ତା'ର ଲକ୍ଷ୍ୟପଥରେ ପହଞ୍ଚିବାର ବହୁପୂର୍ବରୁ ଲକ୍ଷ ଭ୍ରଷ୍ଟ ହେବ ଏବଂ ଶେଷରେ ବୁଡ଼ିଯିବ ସମୁଦ୍ରର କେଉଁ ଏକ ଅଥଳ ଜଳରାଶିରେ, ସମୁଦ୍ରର କେଉଁ ଏକ ଅଥଳ ଗର୍ଭରେ.. ସେ ବିଷୟରେ କେହି ବି ଜାଣିନଥିଲେ। କାହାକୁ କିଛି ବି ସୁରାକ୍ ମିଳିନଥିଲା ସେ ବିଷୟରେ। ସାମୁଦ୍ରିକ ଇତିହାସରେ ବୋଧହୁଏ ଘଟିଗଲା ଏକ ଭୟଙ୍କର ତଥା ଲୋମଟାଙ୍କୁରା ଦୁର୍ଘଟଣା ଯେଉଁଥିରେ ମରି ହଜିଗଲେ ଅବା ଜଳସମାଧି ନେଇଗଲେ ଜାହାଜର ପ୍ରାୟ ୨୨ ଜଣ କର୍ମଚାରୀ ଏବଂ ତା'ସହିତ ସେହି ଓସେନ୍ ଭିତରେ କୁଆଡେ ବିଲୀନ ହୋଇଗଲା ବିରାଟକାୟ ଜାହାଜ, ଓସେନ୍ ଓ୍ୱିନର। ତେବେ ତଥ୍ୟ ଯାହା କହୁଛି, ପାରାଦୀପ ବନ୍ଦରରୁ ଚାଇନା ଅଭିମୁଖେ ବାହାରିଥିବା ବିରାଟକାୟ ଜାହାଜ ବନ୍ଦରରୁ ଯାତ୍ରା ଆରମ୍ଭ କରିବାର ପ୍ରାୟ ୨୪ ଘଣ୍ଟା ପରେ ପାରାଦୀପ ଠାରୁ ପ୍ରାୟ ୨୪୦ ନଟିକାଲ୍ ମାଇଲ୍ ଦୂର ଅର୍ଥାତ୍ ପ୍ରାୟ ୪୪୦ କିଲୋମିଟର ଦୂରରେ ଆଣ୍ଡାମାନ୍ ସାଗରରେ ୨୧ ତାରିଖ ରାତି ପ୍ରାୟ ୧୦ଟା ସମୟରେ ମାତ୍ର ଆଠ ମିନିଟ୍ ସମୟ ବ୍ୟବଧାନରେ ଧୀରେ ଧୀରେ ବୁଡ଼ିଯାଇଥିଲା ବିରାଟକାୟ ଜାହାଜ । ହେଲେ ଜାହାଜ କାହିଁକି ସମ୍ମୁଖୀନ ହେଲା ଏଭଳି ଦୁର୍ଘଟଣର ତାହା ଆଜି ବି ରହିଗଲା ସନ୍ଦେହଘେରରେ। ତେବେ କେଉଁ କାରଣରୁ ଜାହାଜ ବୁଡ଼ିଗଲା ସେଥିନେଇ ଉଭୟ ଭାରତ ଏବଂ ଚାଇନାର ନୌସେନାର ମିଳିତ ସର୍ଚ୍ଚ ଅପରେସନ୍ ମଧ୍ୟ ଫେଲ୍ ମାରିଗଲା। ପ୍ରାୟ ୧୭୦ ଘଣ୍ଟାର ପ୍ରାଣମୂର୍ଚ୍ଛା ଉଦ୍ୟମ କେବେ ବି ସଫଳ ହୋଇପାରିନଥିଲା ଏତେବଡ଼ ଜାହାଜକୁ ଉଦ୍ଧାର କରିବାକୁ । ଜାହାଜ ତ ବୁଡ଼ିଗଲା ଏବଂ ତା' ସହିତ ବୁଡ଼ିଗଲେ ଜାହାଜରେ ଯାତ୍ରା କରୁଥିବା ୨୨ ଜଣ କର୍ମଚାରୀ ଯେଉଁମାନଙ୍କ ବିଷୟରେ କେବେ ବି, କିଛି ବି ପତ୍ତା ପାଉନି କେହି। ଯୋଉଠି ଉଭୟ ଦେଶର ସରକାରୀ ଟିମ୍ ଏବଂ ପେଶାଦାର ଟିମ୍ ଫେଲ୍ ମାରିଗଲା, ପ୍ରାୟ ଶହେ ସତୁରୀ ଘଣ୍ଟାର ଅପରେସନ୍ ବି ଫେଲ୍ ମାରିଗଲା, ସେଠାରେ ଆଉ କିଏ ବା କ'ଣ କରିପାରେ? ସେଣୁ ପୂର୍ବପ୍ରଚଳିତ ସେହି କଥା ଯାହାକୁ ମାରିବେ ଅନନ୍ତ, କି କରିପାରେ ବଳବନ୍ତ ଅବା ମାରେ ହରି ତ ରଖେ କୋଇ ସମ୍ଭବତଃ ସତ୍ୟ ପ୍ରମାଣିତ ହେଲା। ତେବେ ସୌଭାଗ୍ୟବଶତଃ ବର୍ତ୍ତିଯାଇଥିଲେ ଚାଇନାର ଦୁଇ ଜାହାଜ କର୍ମଚାରୀ। ସେମାନଙ୍କୁ ମଧ୍ୟ ଦିଲ୍ଲୀର ସ୍ୱତନ୍ତ୍ର ଟିମ୍ ପ୍ରାୟ ଘଣ୍ଟା ଘଣ୍ଟା ଧରି ଜେରା କଲାପରେ ଏବଂ ଅର୍ଦ୍ଧପ୍ରତିଶତରୁ ବି ବେଶି ପ୍ରଶ୍ନ ପଚାରିଲା ପରେ ବି ସେମାନଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତରରୁ କିଛି ବି ବାଟ ପାଇନଥିଲା ତଦନ୍ତକାରୀ ଟିମ୍ । ତେବେ ଜାହାଜ ବୁଡ଼ିଯିବା ପଛରେ କାରଣ ବିଷୟରେ ଏବେ କେବଳ ବିଭିନ୍ନ ଚର୍ଚ୍ଚା ଯାହା ଭିତରେ ରହିଛି ହୁଏତ କୌଣସି ସ୍ଥାନରେ ଗୁପ୍ତ ଫାଟ କାରଣରୁ କିମ୍ବା ଆବଶ୍ୟକତାରୁ ଅଧିକ ପରିବହନ କାରଣରୁ ଅବା ଏତଦ୍ ଭିନ୍ନ କୌଣସି ଯାନ୍ତ୍ରିକ ତ୍ରୁଟି କାରଣରୁ ଜାହାଜ ବୁଡ଼ିଯାଇଥାଇପାରେ ବୋଲି ଏବେ ଚର୍ଚ୍ଚା ଚାଲିଛି ବିଭିନ୍ନ ମହଲରେ । ତେବେ ଏହା ପୂର୍ବରୁ ସେହି ପାରାଦୀପ ବନ୍ଦରରେ ବ୍ଲାକ୍ ରୋଜ୍ ଜାହାଜ ବୁଡ଼ି ଘଟଣା ବି ମନରୁ **ଲିଭିନି। ତେବେ** ସାମୁଦ୍ରିକ ଇତିହାସରେ ଓସେନ ଓ୍ୱିନର ଭଳି ଏକ ହୃଦୟ ବିଦାରକ ଜାହାଜ ବୁଡ଼ି ଘଟଣାର ରହସ୍ୟ ଅନୁସନ୍ଧାନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସିବିଆଇ ତଦନ୍ତ ର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ଯାହା ଉପରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମଧ୍ୟ ବିଚାର କରିବା ଉଚିତ। ଅତୀତରେ ଅନେକ ବାର ସେହି ସମାନ ବନ୍ଦରରେ ବହୁତ ବଡ଼ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପାରାଦୀପରେ ଅତୀତରେ ତଥ୍ୟ ଯାହା କହୁଛି ଯେ ୯ ସେପ୍ଟେମ୍ବର ୨୦୦୯ରେ ମଧ୍ୟ ଏକ ଭୟଙ୍କର ଜାହାଜବୁଡ଼ି ଦୁର୍ଘଟଣା ଘଟିଥିଲା। ମଙ୍ଗୋଲିଆନ କାର୍ଗୋ ସିପ୍ ବ୍ଲାକ୍ ରୋଜ୍ ବି ବୁଡ଼ିଯାଇଥିଲା ମାତ୍ର କିଛି ସମୟ ଅବଧି ମଧ୍ୟରେ । ଏଣୁ ବନ୍ଦର କର୍ତ୍ତୃପକ୍ଷ ଆଗମୀ ସମୟରେ ସେଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଅତି କିଛି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ଜ୍ଞାନାମୃତ

ଗେହ୍ଲାପୁଅ

ବଡ଼ ଘଗର ପୁଅ ପୁଣି ଗୋଟିଏ ମାନେ ଏକେଇର ବଳା ବିଶିକେସନ । ସେଇଥିପାଇଁ ସମସ୍ତଙ୍କର ଅତି ଆଦରର ଅବା ଗେହ୍ଲା ହେବା ସ୍ୱାଭାବିକ ସେ । ତେବେ ତାଙ୍କର ବି ଅତି ଗୋଟାଏ ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି। ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମାଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଲାଟା ପରିବର୍ତ୍ତନ ହୋଇପାରିବ । ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା। ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ ରୂପେ ପରିବର୍ତ୍ତର୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତର୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତର୍ତନ ପରେ ଆସିପାରିବ। ପରିବର୍ତ୍ତର୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଜନୈକ ଧନୀ ବ୍ୟକ୍ତିଙ୍କ ଗେହ୍ଲାପୁଅର ସ୍ୱଭାବରେ ଶେଷରେ ଆସିଲା ପରିବର୍ତ୍ତର୍ତନ ।

ବିଶ୍ୱ ନାରିକେଳ ଦିବସ

ଆମ ସଂସ୍କୃତିରେ ନାରିକେଳର ବିଶେଷତ୍ୱ ଓ ଶ୍ରୀଫଳ ବିପ୍ଳବ

ଅମୀୟ କୁମାର ପଟ୍ଟନାୟକ

ଭାରତୀୟ ସଂସ୍କୃତିରେ ନାରିକେଳକୁ ଦେବତା ଜ୍ଞାନକରି ପୂଜନ କରିବାର ସାମାଜିକ ପରମ୍ପରା ବହୁ ପ୍ରାଚୀନ କାଳରୁ ପ୍ରଚଳିତ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପରମ୍ପରାକୁ ମାନି ଆସୁଛନ୍ତି। ଶୁଭ କର୍ମ, ଓଷା-ବ୍ରତ, ଭୋଜି-ଭାତ, ଜାନି-ଯାତ୍ରା, ପୂଜା-ପର୍ବାଣୀ, ଦାନ-ଧର୍ମ, ନିମନ୍ତ୍ରଣ, ଯଜ୍ଞପ୍ରକରଣ, ସଂସ୍କାର ପ୍ରଭୃତି କାର୍ଯ୍ୟ ନାରିକେଳ ବିନା ସମ୍ପୂର୍ଣ୍ଣ ହୁଏ ନାହିଁ । 'ଶ୍ରୀ' ସମୃଦ୍ଧିର ପ୍ରତୀକ ଯାହା ସତ୍ୟ, ଶିବ ଓ ସୁନ୍ଦର ତାହା ହେଲା 'ଶ୍ରୀ'। 'ଶ୍ରୀ' ସରସ୍ୱତୀ ଓ ଲକ୍ଷ୍ମୀଙ୍କୁ ବୁଝାଏ। ସାମାଜିକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ 'ଶ୍ରୀ'ର ସ୍ଥାନ ସର୍ବାଗ୍ରେ ଉପନିତ। ସ୍ୱଚ୍ଛତା, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ଅନ୍ୟନାମ 'ଶ୍ରୀ'। ତେଣୁ ଶ୍ରୀଫଳ ନାମରେ ପରିଚିତ ନାରିକେଳ ଭାରତୀୟ ଜୀବନଚର୍ଯ୍ୟାରେ ଏକ ବିଶେଷତ୍ୱ। ଶୁଭ ସଙ୍କେତ ନେଇ ଯାତ୍ରା କରିବା ବେଳେ କଳସ ଉପରେ ଶ୍ରୀଫଳର ଦର୍ଶନ ଆମ ଆତ୍ମ ବିଶ୍ୱାସର ଏକ ନିଚ୍ଛକ ନମୁନା। ଆମ ଗ୍ରାମୀଣ ପରିବେଶରେ ଗୃହକୁ ଆସୁଥିବା ଅତିଥି, ଅଭ୍ୟାଗତଙ୍କ ଚର୍ଚ୍ଚା 'ଚା' ଅପେକ୍ଷା ପଇଡରେ ଅଧିକ ରୁଚି ଥାଏ।

ଯାହାକି ବିଦେଶୀ ଥଣ୍ଡା ପାନୀୟକୁ ଟକ୍କର ଦିଏ। ପଇଡ଼ ପାଣି ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ। ପଇଡ଼ ପାଣିରେ ଆବଶ୍ୟକ ପରିମାଣର କ୍ୟାଲସିୟମ, ଫସ୍‌ଫରସ୍ ଓ ସୋଡିୟମ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଓ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢେ। ପଇଡ଼ ପାଣି ପିଇଲେ ଶରୀରରୁ ଟକ୍‌ସିନ୍ ବାହାରି ଯିବା ସହିତ ଯକୃତ ଓ ମୂତ୍ରାଶୟ ରୋଗ ହେବାର ସମ୍ଭାବନା କମ୍ ହୁଏ। ଓଜନ ହ୍ରାସ କରିବାକୁ ଚାହୁଁଥିଲେ ଦୈନିକ ସକାଳୁ ପଇଡ ପାଣି ପିଇବା ଏକ ଭଲ ପ୍ରକ୍ରିୟା। ଦେବାର୍ଚ୍ଚନ, ଶ୍ରାଦ୍ଧ ତର୍ପଣ ଓ ପିତୃ ପିଣ୍ଡଦାନରେ ନଡ଼ିଆ ଜଳ ଅପରିହାର୍ଯ୍ୟ। ପ୍ରଭୂ ଶ୍ରୀବଳଭଦ୍ର ଦେବଙ୍କ ଜନ୍ମ ଉତ୍ସବ ଅବସରରେ କୃଷକ ବନ୍ଧୁମାନେ ସେମାନଙ୍କର ଚିର ସହଚର ବଳଦଙ୍କୁ ପଇଡ଼ ପାଣିରେ ପଦ ଧୌତ କରି ପୂଜା କରିଥାନ୍ତି। ଆମ ଚିନ୍ତା ଚେତନାରେ ପ୍ରକୃତିର ଶ୍ରେଷ୍ଠ ବରଦାନ ଶ୍ରୀଫଳକୁ 'ଶ୍ରୀ', 'ଶ୍ରୀପତି', 'ସିଦ୍ଧିଦାତା', 'ସିଦ୍ଧି ବିନାୟକ'ଙ୍କ ପ୍ରତିନିଧି ଜ୍ଞାନ କରି ପୂର୍ଣ୍ଣ କୁମ୍ଭ ସ୍ଥାପନ କରାଯାଇ ପୂଜକମାନେ ପୂଜା ଆୟୋଜନକାରୀଙ୍କ ମଙ୍ଗଳ କାମନା କରିଥାନ୍ତି।"ସିଦ୍ଧାନ୍ନଂ ଦଧିପାୟସ-ଘୃତମ-ସୁରୁଚିରଂ କୁମ୍ଭସ୍ଥଃ ପ୍ରପୂର୍ଣ୍ଣ ଜଳୈଃ। ଶଙ୍ଖେ ଚନ୍ଦନ ଗନ୍ଧ ପୁଷ୍ପ ସହିତଂ ଗୋରଚନା ଶ୍ରୀଫଳଂ ।।ବିପ୍ରାଣାଂ ବେଦ ବିଦ୍ୟା ପ୍ରଭାତ ସମୟେ ଗୋ କାଞ୍ଚନାଦି ହୟଃ।ଦୁର୍ବାଗ୍ରଂ ତଳି ତଣ୍ଡୁଳେ ପ୍ରତିଦିନଂ କୁର୍ବନ୍ତୁତେ ମଙ୍ଗଳଂ" ।।ଶ୍ରୀଫଳ ଆମ ଧର୍ମ ଧାରଣା ସଂସ୍କୃତି ଓ ଅର୍ଥନୀତିକୁ ବେଶ୍ ପ୍ରତିଷ୍ଠିତ କରି ପାରିଛି। କେବଳ ଫଳ ନୁହେଁ, ତେଲ, ଜଳ, ଜାଳ, ଚା, ଆସନ, ମାର୍ଜନ ସବୁ କିଛି ଏହି କଳ୍ପ ବୃକ୍ଷରୁ ମିଳେ। ନଡ଼ିଆ ଏପରି ଏକ ଫଳ ଯାହା ତାହାର କ୍ଷୁଦ୍ରରୁ କ୍ଷୁଦ୍ରତମ ଅଂଶ ପର୍ଯ୍ୟନ୍ତ ନିଜର ବ୍ୟବହାର୍ଯ୍ୟତା ପ୍ରତିପାଦନ କରିଛି। ନଡ଼ିଆ ଗଛର ଏପରି କୌଣସି ଅଂଶ ନାହିଁ ଯାହା ମାନବ ଜାତିର ଉପଯୋଗରେ ନ ଆସେ। ଫଳ ଭାବରେ ନଡ଼ିଆ ଖାଦ୍ୟର ଭୂମିକା ତୁଲାଏ, ପୁଣି ନଡ଼ିଆ ତେଲ ଉଭୟ ରନ୍ଧନ ଓ ଶିର ବିନ୍ୟାସରେ ଲାଗିଥାଏ। ନଡ଼ିଆ ଶସ ପାଉଡରରେ ବିସ୍କୁଟ ତିଆରି ହୋଇଥାଏ, ନଡ଼ିଆ ସଢେଇ ଖଡିକା ଓ କତା ଶିଳ୍ପ ଘର କରଣା, ପାପୋଚ, ଖେଳନା ସମେତ ମୃତ୍ତିକା ସଂରକ୍ଷଣ ପାଇଁ ଆଚ୍ଛାଦନ ତିଆରିରେ ବ୍ୟବହୃତ ହୋଇଥାଏ। ନଡିଆ ପ୍ରକ୍ରିୟାକରଣ ପରେ ସେଥିରୁ ବହୁ ପରିମାଣରେ ବାହାରୁଥିବା ବର୍ଯ୍ୟବସ୍ତୁକୁ ପୁନଃ ବିନିଯୋଗ କରି ସେଥିରୁ ଶକ୍ତି ଓ ରନ୍ଧନ ଉତ୍ପାଦନ କରାଯାଇ ପାରୁଛି। ନଡ଼ିଆ ଗଛର ଗଣ୍ଡି ଘର ତିଆରିଠାରୁ ଆରମ୍ଭ କରି ଜାଳେଣି ପାଇଁ ଉପଯୋଗରେ ଆସିଥାଏ। ଏପରିକି ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁଙ୍କ ରଥ କାର୍ଯ୍ୟରେ କତା ଦଉଡିର ବ୍ୟବହାର ବହୁଳ ଥାଏ। ଗୋ ବଳଦଙ୍କ ସେବାରେ ମଧ୍ୟ ପଘା ରୂପେ ବ୍ୟବହାର ହୁଏ। ନଡ଼ିଆର ଏହି ସବୁ ବହୁମୁଖି ବ୍ୟବହାରିତା ଯୋଗୁଁ ଏହାକୁ କଳ୍ପବୃକ୍ଷର ମାନ୍ୟତା ଦିଆଯାଇଛି। ଏହାହିଁ ନଡ଼ିଆର ବିଶେଷତ୍ୱ।ସାରା ବିଶ୍ୱରେ ଅଧିକ ନଡ଼ିଆ ଉତ୍ପାଦନ ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ। ଆମ ଦେଶରେ ପ୍ରାୟ ବାର୍ଷିକ ୧.୯୪ମିଲିୟନ୍ ହେକ୍ଟର ଜମିରେ ନଡ଼ିଆ ଚାଷ କରାଯାଇ ସେଥିରୁ ପାଖାପାଖି ୧୫୮୪୦ ମିଲିୟନ୍ ନଡ଼ିଆ ପ୍ରତିବର୍ଷ ଉତ୍ପାଦନ ହେଉଛି। ସେହିପରି ଆମ ରାଜ୍ୟ ଓଡ଼ିଶାରେ ମୋଟ ୫୫ହଜାର ୪୦୦ ହେକ୍ଟରରେ ବର୍ଷକୁ ପ୍ରାୟ ୪୦କୋଟି ୫୦ ଲକ୍ଷରୁ ଅଧିକ ନଡ଼ିଆ ଉତ୍ପାଦନ ହୋଇଥାଏ। ଓଡିଶାର ଉପକୂଳବର୍ତ୍ତୀ ଅଞ୍ଚଳ ନଡ଼ିଆ ଚାଷ ପାଇଁ ପ୍ରକୃତିର ଆଶିର୍ବାଦ। ରାଜ୍ୟର ପ୍ରାୟ ୫୬୦ କିଲୋମିଟର ଦୂରତ୍ୱ। ମଧ୍ୟରେ ସମୁଦ୍ରଠାରୁ ୮୦ କିଲୋମିଟର ସୀମିତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ନଡ଼ିଆ ଚାଷ ପାଇଁ ବେଶ୍ ଅନୁକୂଳ। ଆମ ରାଜ୍ୟ ପାଇଁ ବାର୍ଷିକ ପ୍ରାୟ ୮୦ କୋଟିରୁ ଊର୍ଦ୍ଧ୍ୱ ନଡ଼ିଆର ଚାହିଦା ରହିଅଛି। ସରକାରଙ୍କ ଇଚ୍ଛାଶକ୍ତି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆନ୍ତରିକତାର ସହ ସୁପଦକ୍ଷେପ ଗ୍ରହଣ କରାଗଲେ ଆମକୁ ନଡ଼ିଆ ପାଇଁ ଆଉ ପ୍ରତିଦିନ ଆନ୍ଧ୍ର, ତାମିଲନାଡୁ ଓ କେରଳ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।ସୁନା ଥିଲେ କାନା ନାହିଁ, କାନ ଥିଲେ ସୁନା ନାହିଁ ବୋଲି ଚାଷୀ ନଡ଼ିଆ ଚାଷ ପାଇଁ ବହୁ ସଂଖ୍ୟାରେ ଆଗ୍ରହୀ ଥିବା ବେଳେ ଉଦ୍ୟାନ ବିଭାଗ ପକ୍ଷରୁ ଚାହିଦା ମୁତାବକ ନଡ଼ିଆ ଚାରା ଯୋଗାଣ ଓ ସେପରି ବୈଷୟିକ ଶିକ୍ଷା ଦିଆଯାଉ ନାହିଁ। ତେଣୁ ଆଜିର ଦିନରେ ଆମ ସମସ୍ତଙ୍କ ପାଇଁ ଏକ ଅନୁଚିନ୍ତା। ରାଜ୍ୟରେ ଶତକଡା ୧୩ ଭାଗ ଲୋକ ନଡ଼ିଆ ଚାଷ ଓ ବ୍ୟବସାୟକୁ ପାଥେୟ କରି ଜୀବିକା ନିର୍ବାହ କରନ୍ତି। କିନ୍ତୁ ପରିତାପର ବିଷୟ ନଡ଼ିଆ ଚାଷ କ୍ରମାଗତ ଭାବେ କମି କମି ଯାଉଛି। ଉପକୂଳବର୍ତ୍ତୀ ଅଞ୍ଚଳର ସାଧାରଣ ପରିବାରର ଲୋକମାନେ ନିଜ ବାଡ଼ି ବଗିଚାରୁ ନଡ଼ିଆ ବିକ୍ରିକରି ଅନେକ ସମୟରେ ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାନ୍ତି। ତେଣୁ ନଡିଆ ଚାଷ ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବା ଅତ୍ୟନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ନଡ଼ିଆ ଚାଷୀମାନଙ୍କୁ ନଡିଆ ଚାଷ ପାଇଁ ଉପଯୁକ୍ତ ତାଲିମ ଓ ବୈଷୟିକ ପରାମର୍ଶ ଦେବା ନିମନ୍ତେ ୧୯୫୫ ମସିହାରେ ପୁରୀ ଜିଲ୍ଲାର ସାକ୍ଷୀଗୋପାଳଠାରେ ୧୪୨ ଏକର ପରିମିତ ଜମିରେ ଆଞ୍ଚଳିକ ନାରିକେଳ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଚାଷୀମାନଙ୍କୁ ବହୁଳ ଭାବରେ ତାଲିମ ପ୍ରଦାନ କରାଯାଉଥିଲା। ସେହିପରି କୋଣାର୍କ ନିକଟସ୍ଥ ଐଶାନେଶ୍ୱର ନଡ଼ିଆ ଫାର୍ମଠାରେ ଥିବା ନାରିକେଳ ଗବେଷଣା କେନ୍ଦ୍ର ଏହି ଅଞ୍ଚଳ ଚାଷୀଙ୍କୁ ପ୍ରେରଣା ଯୋଗାଉଥିବା ବେଳେ ଆଜି ଏହି ଦୁଇଟି ନାରିକେଳ କେନ୍ଦ୍ର ଓ ନଡ଼ିଆ ଫାର୍ମ ଏବେ ନିଶ୍ଚିହ୍ନ ହେଲାଣି। ଗତ ୧୯୯୯ ମସିହା ମହାବାତ୍ୟାରେ ଓଡ଼ିଶାର ୧୪ଗୋଟି ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରାୟ ୨୫ ଲକ୍ଷ ଓ ପରବର୍ତ୍ତୀ ସମୟରେ ଫାଇଲିନ୍, ଫନି ଓ ହୁଡୁହୁଡୁ ଦ୍ୱାରା ଦ୍ୱାରା ପ୍ରାୟ ଗଞ୍ଜାମ, ପୁରୀ, ଖୋର୍ଦ୍ଧା ପ୍ରଭୃତି ଜିଲ୍ଲାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ନଡ଼ିଆ ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ସେହି ସମୟରେ ନଡ଼ିଆ ଚାଷୀଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିଲା। ପରବର୍ତ୍ତୀ ସମୟରେ ମହାବାତ୍ୟାରେ ଫିଲିଫାଇନ୍‌ରୁ ଆସିଥିବା ଏରିଓଫିଡ୍ ମାଇଟ୍ (ଅଷ୍ଟପଦୀ) ନାମକ ଏକ ପୋକ ଦ୍ୱାରା ନଡ଼ିଆ ଗଛର ପ୍ରଭୂତ କ୍ଷତି ଘଟିଲା। ଯଦ୍ୱାରା ନଡ଼ିଆଗୁଡିକ ରୋଗାକ୍ରାନ୍ତ ହେବା ସହ କ୍ଷୁଦ୍ରରୁ କ୍ଷୁଦ୍ରତର ଭଳି ଦେଖାଗଲା। ଫଳରେ ବଜାର ଚାହିଦା କମିଲା। ବହୁ ଉପଚାର ସତ୍ତ୍ୱେ ଅଦ୍ୟାବଧି ଅଷ୍ଟପଦୀ ଦ୍ୱାରା ଆ

ଓଡିଶାର ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମହାମହିମ ରାଷ୍ଟ୍ରପତିଙ୍କ ସହ ରକ୍ଷାବନ୍ଧନ

ଖୋର୍ଦ୍ଧା (ଅମୃତ ମିଡିଆ) : ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ୨୮ ଅଗଷ୍ଟ ଶୁକ୍ରବାରରେ ରାଷ୍ଟ୍ରପତି ଭବନରେ ଦେଶବ୍ୟାପୀ ସ୍କୁଲ ଛାତ୍ରଛାତ୍ରୀଙ୍କ ସହ ରକ୍ଷା ବନ୍ଧନ ପାଳନ କରିଛନ୍ତି ଏବଂ ସେମାନଙ୍କୁ ପରିବେଶ ପ୍ରତି ପ୍ରେମ, ଯତ୍ନ ଏବଂ ସୁରକ୍ଷାର ଏହି ପର୍ବର ମୂଲ୍ୟବୋଧକୁ ବିସ୍ତାର କରିବାକୁ ଅନୁରୋଧ କରିଛନ୍ତି । ଛାତ୍ରମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି ଯେ ରକ୍ଷା ବନ୍ଧନ ପ୍ରେମର ଏକ ବନ୍ଧନର ପ୍ରତୀକ ଯାହା କେବଳ ପରିବାର ସଦସ୍ୟ ଏବଂ ବନ୍ଧୁମାନଙ୍କ ମଧ୍ୟରେ ନୁହେଁ ବରଂ ପ୍ରକୃତି ସହିତ, ଗଛ ଏବଂ ଗଛ ସହିତ ମଧ୍ୟ ବାଣ୍ଧିହେବ। ପରିବେଶ ସନ୍ତୁଳନ ହ୍ରାସ ପାଉଥିବାରୁ ଚିନ୍ତା ପ୍ରକାଶ କରି, ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ଗଛ ଏବଂ ଗଛକୁ ସୁରକ୍ଷା ଏବଂ ପୋଷଣ ପାଇଁ ପ୍ରତିଜ୍ଞା ଭାବରେ ରାଖି ବାନ୍ଧିବାକୁ ଉତ୍ସାହିତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଯୁବ ପିଢ଼ି ଦେଶର ଭବିଷ୍ୟତ ଗଠନ କରିବେ ଏବଂ ଗଛ ଲଗାଇବା ଏବଂ ଯତ୍ନ ନେବା ପାଇଁ ସେମାନଙ୍କର ସଂକଳ୍ପକୁ ଜୀବନବ୍ୟାପୀ ପ୍ରତିବଦ୍ଧତାରେ ପରିଣତ କରିବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ୧୭ ଟି ରାଜ୍ୟର ୮୯ ଜଣ ଛାତ୍ର ଏବଂ ୩୨ ଜଣ ଶିକ୍ଷକଙ୍କ ସମେତ ମୋଟ ୧୨୨ ଜଣ ଅଂଶଗ୍ରହଣକାରୀ ଏହି ସ୍ୱତନ୍ତ୍ର ଉତ୍ସବରେ

ଅଂଶଗ୍ରହଣ କରିଥିଲେ। ଓଡିଶାରୁ ଶିକ୍ଷା ସଚିବ ଡ଼ଃ ଏନ୍ ଥ୍ରୁମାଲା ନାୟକ ଓ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଅନନ୍ୟା ଦାସଙ୍କ ନିର୍ଦ୍ଦେଶରେ ଓସେପାର ଯୁଗ୍ମ ସମ୍ପାଦକ ଶ୍ରୀମତୀ ପ୍ରାଚୀ ତନୟା ଗିରି ଓ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟଙ୍କ ମାର୍ଗଦର୍ଶନରେ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ ୬ର ପ୍ରଧାନଶିକ୍ଷକ ସୁଶ୍ରୀ ରୁପାଲି ସେନାପତି, ୨ ଛାତ୍ରୀ ଶୁଭ ସାଇ ଚଂଚିତା ପଟ୍ଟନାୟକ, ସନ୍ତୋଷୀ ମଣ୍ଡଳ, ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇ ଆର୍ ସି ଭିଲେଜର ଶିକ୍ଷକ ଶ୍ରୀ ତୋଫାନ କୁମାର ରାଉତରାୟ ଓ ଛାତ୍ର ବିଭୁ ପ୍ରସାଦ ସାହୁ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଜଭବନର ଛାତ୍ର ରୋନକ ତ୍ରିପାଠୀ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀ ଛାତ୍ର ଏବଂ ଶିକ୍ଷକମାନେ ୧୭ଟି ରାଜ୍ୟ, ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (KVS) ଏବଂ ପରିବେଶିକ ସନ୍ତୁଳନକୁ ନଷ୍ଟ କରୁଥିବା ବିଷୟରେ ଚିନ୍ତା ପ୍ରକାଶ କରି, ମୁର୍ମୁ ଛାତ୍ରଛାତ୍ରୀମାନଙ୍କୁ ଗଛ ଏବଂ ଗଛଗୁଡ଼ିକୁ ସୁରକ୍ଷା ଏବଂ ପାଳନପୋଷଣ କରିବାର ପ୍ରତିଶ୍ରୁତି ସ୍ୱରୂପ ଗଛ ଏବଂ ଗଛ ସହିତ ରାଖୀ ବାନ୍ଧିବାକୁ ଉତ୍ସାହିତ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଯୁବ ପିଢ଼ି ଦେଶର ଭବିଷ୍ୟତ ଗଢ଼ିବ ଏବଂ ଗଛ ଲଗାଇବା ଏବଂ ଗଛର ଯତ୍ନ ନେବା ପାଇଁ ସେମାନଙ୍କର ସଂକଳ୍ପକୁ ଜୀବନବ୍ୟାପୀ ପ୍ରତିବଦ୍ଧତାରେ ପରିଣତ କରିବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ନବୋଦୟ ବିଦ୍ୟାଳୟ ସମିତି (NVS)। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରାୟ ୧୩ ଜଣ ବିଶେଷ ଆବଶ୍ୟକତା ଥିବା ପିଲା (CwSN) ମଧ୍ୟ ଥିଲେ। ଏହି ସ୍ୱତନ୍ତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଜାତୀୟ ରାଜଧାନୀରେ ଏକ ଶିକ୍ଷାଗତ ପରିଦର୍ଶନର ଏକ ଅଂଶ ଥିଲା ଯାହାର ଉଦ୍ଦେଶ୍ୟ ଥିଲା ଛାତ୍ରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ପ୍ରତିଷ୍ଠାନ ଏବଂ ସାଂସ୍କୃତିକ ଏବଂ ବୈଜ୍ଞାନିକ ଐତିହ୍ୟ ସହିତ ପରିଚିତ କରାଇବା। ଏହି ପରିଦର୍ଶନର ଅଂଶ ସ୍ୱରୂପ, ଛାତ୍ରଛାତ୍ରୀମାନେ ଅଗଷ୍ଟ ୨୭ ତାରିଖରେ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ, ୨୮ ତାରିଖରେ ଗୌତମ ବୁଦ୍ଧ ପ୍ରଦର୍ଶନୀ, ୨୯ ତାରିଖରେ ଇଣ୍ଡିଆ ଗେଟ, ଯୁଦ୍ଧ ସ୍ମାରକୀ, ଜାତୀୟ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ। ରାଷ୍ଟ୍ରପତି ଭବନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ପରେ, ସେମାନେ ରାଷ୍ଟ୍ରପତି ଭବନ ଏବଂ ଅମୃତ ଉଦ୍ୟାନର ମାର୍ଗଦର୍ଶିତ ପରିଦର୍ଶନରେ ଅଂଶଗ୍ରହଣ କରିଥିଲେ। ଓଡିଶାର ଶିକ୍ଷା ବିଭାଗ ତରଫରୁ ଅଂଶଗ୍ରହଣକାରୀ ଙ୍କୁ ଶୁଭେଚ୍ଛା ଜଣାଯାଇଛି ।

ଏଚଏମଟି ବିଦ୍ୟାପୀଠ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ରଘୁନାଥପୁର (ଅମୃତ ମିଡିଆ) : ରଘୁନାଥପୁର ବ୍ଲକ ଚିକିଣିଆ ସ୍ଥିତ ଏଚଏମଟି ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାମଲ କାର୍ଯ୍ୟରୁ ଅବସର ନେଇଛନ୍ତି ।ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାରେ ପୌରହିତ୍ୟ କରିଥିଲେ।ଏଥିରେ ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ କାର୍ଯ୍ୟଦକ୍ଷତାକୁ ତାରିଫ କରିବା ସହ ଶିକ୍ଷା ଓ ଶୈଖିକ ବାତାବରଣ ସମ୍ପର୍କରେ ଆଲୋକପାତ କରିଥିଲେ।ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ ଛାତ୍ର ବତ୍ସଳତା ଓ ଶୃଙ୍ଖଳା ଜ୍ଞାନ ସମ୍ପର୍କରେ ଟିପ୍ପଣୀ ରଖିଥିଲେ। ତେବେ ଅବସର ପରେ ବାକି ଜୀବନ ସାମାଜିକ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।ସେହିପରି ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ବିଇଓ ବିଜୟ କୁମାର ସ୍ୱାଇଁ,ପ୍ରାକ୍ତନ ବିଆରସିସି ସଦାଶିବ ବିଶ୍ୱାଳ, ପ୍ରାକ୍ତନ ପ୍ରଧାନଶିକ୍ଷକ ମିହିର କୁମାର ନାୟକ,ଭାରତ ଚନ୍ଦ୍ର ସାହୁ,ବାବାଜୀ ଚରଣ ସାହୁ,ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ତୁଳସିରାମ ଭୂୟେ, ଓଷ୍ଠା

ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ, ତ୍ରିଲୋଚନ ସାହୁ,ରାଜକିଶୋର ସାହୁ, ନିକୁଞ୍ଜ କିଶୋର ବେହେରା ଓ ସୁବାଷ ଚନ୍ଦ୍ର ନାୟକ ଯୋଗଦେଇ ପ୍ରଧାନଶିକ୍ଷକ ସାମଲଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କର ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ସାମଲ ତାଙ୍କ ବିଦାୟୀ ଭାଷଣରେ ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ଗୁରୁଶିଷ୍ୟ ପରମ୍ପରାକୁ ଅତୁଟ ରଖିବା ପାଇଁ ନିବେଦନ କରିଥିଲେ। ପରେ ଛାତ୍ରୀଛାତ୍ର,ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି,ପଞ୍ଚସଖା ଶିକ୍ଷା ସେତୁ ସଦସ୍ୟଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ସାମଲଙ୍କୁ ପୁଷ୍ପଗୁଚ୍ଛ,ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌତମ ପାଲିତ, ପରିକ୍ଷିତ ପଟ୍ଟନାୟକ,ନଦିୟା ମୋହନ ପଟ୍ଟନାୟକ, ପ୍ରତାପ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଏକ ଶୋଭାଯାତ୍ରାରେ ସାମଲଙ୍କୁ ଛାତ୍ରୀଛାତ୍ରମାନେ ବିଦାୟ ଦେଇଥିଲେ।

ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଠମଲ୍ଲିକ (ଅମୃତ ମିଡିଆ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମାଧପୁର ସ୍ଥିତ ସତ୍ୟବାଦୀ ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଦୀର୍ଘ ୩୭ ବର୍ଷ ଧରି ରାଜନୀତି ବିଜ୍ଞାନ ଅଧ୍ୟାପକ ଭାବରେ ଦାୟିତ୍ୱ ତୁଲାଇ ଥିବା ଅଧ୍ୟାପକ ସୁଶାନ୍ତ ଶେଖର ମଙ୍ଗରାଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପିତାମ୍ବର ବିଶ୍ୱାଳ, ମୁଖ୍ୟବକ୍ତା ଭାବରେ ଡ଼ଃ ଚିଦାନନ୍ଦ ଦେହୁରୀ ମଞ୍ଚାସିନ ଥିଲେ। ଅଧ୍ୟାପକ ମାନସ ସାହୁ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । କଲେଜ ଅଧ୍ୟକ୍ଷ ବୈଦ୍ୟନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭା ପ୍ରଥମ ରେ ମାତାରିଣୀ, ପ୍ରଭୁ ଶ୍ରୀ ଜଗନ୍ନାଥ, ମା ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ

ପୂର୍ବକ ଆରମ୍ଭ ହୋଇଥିଲା । ତାପରେ କଲେଜ ଅଧ୍ୟକ୍ଷ,ମୁଖ୍ୟ ଅତିଥି,ମୁଖ୍ୟବକ୍ତା, ଅଧ୍ୟାପକ ଅଧ୍ୟାପିକା, ପରିଚାଳନା କମିଟି ସଭ୍ୟ ଓ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ମାନପତ୍ର, ଉପଢୌକନ ସହିତ ଉପହାର ପ୍ରଦାନ କରିଥିଲେ । ଛାତ୍ର ଅର୍ଜୁନ କୁମ୍ଭାର, ଛାତ୍ରୀ କୌଶଲ୍ୟା ଦଳବେହେରା, ମିନତୀ ଦେହୁରୀ, ସରିତା ଉର୍ମା ପ୍ରମୁଖ ଏକ ଭାବ ବିହ୍ୱଳ ପରିବେଷରେ ଅବସରକାଳୀନ ଅଧ୍ୟାପକ ଶ୍ରୀ ମଙ୍ଗରାଜଙ୍କ ଶିକ୍ଷା ଦାନ ଉପରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ତପନ କୁମାର ସାହୁ, ଭଜମନ ପାତ୍ର, କିରାଣୀ ରାଜ କିଶୋର ପ୍ରଧାନ, ସୁକାନ୍ତ ପ୍ରଧାନ, ଶ୍ରୀତମ ବାରିକଙ୍କ ସମେତ କଲେଜର ପରିଚାଳନା କମିଟି ର ସଭ୍ୟ, ସଭ୍ୟା, ଛାତ୍ର ଛାତ୍ରୀ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ତୃପ୍ତିରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ସ୍ୱାୟତ୍ତ ଶାସନ ଦିବସରେ ଚୌଦ୍ୱାର ପୌରପାଳିକାରେ ଛକାପଞ୍ଝା

ସାଂସଦ ସଂତୃପ୍ତ ମିଶ୍ରଙ୍କୁ ବିଜେଡି ଗୀତରେ ସ୍ୱାଗତକୁ ନେଇ ବିବାଦ

ଟାଙ୍ଗୀ -ଚୌଦ୍ୱାର (ଅମୃତ ମେଡ଼ିଆ) : ସ୍ୱାୟତ୍ତ ଶାସନ ଦିବସ ପାଳନକୁ ନେଇ କଟକ ଜିଲ୍ଲା ଚୌଦ୍ୱାର ପୌରପାଳିକାରେ ଏଥର ଉତ୍ସବ ସାଙ୍ଗକୁ ରାଜନୈତିକ ଛକାପଞ୍ଝା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ପୌରପାଳିକା ପକ୍ଷରୁ ଆୟୋଜିତ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂକୁ ନେଇ ବିବାଦ ଦେଖାଦେଇଥିବା ଅଭିଯୋଗ ହୋଇଛି।ଅଭିଯୋଗ ଅନୁଯାୟୀ, ସ୍ୱାୟତ୍ତ ଶାସନ ଦିବସ ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂକୁ ପୌର ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନଥିଲା ଏବଂ କନଫରେନ୍ସିଂ ରେ ପ୍ରକଳ୍ପ ଗୁଡିକ ର ବିବରଣୀ ପ୍ରଦାନ ବେଳେ ଷ୍ଟେଜ ଉପରେ ଚେୟାର ପଡ଼ିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି ଏହାକୁ ନେଇ କାର୍ଯ୍ୟକ୍ରମ ପୂର୍ବରୁ ଓ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି ।ସେହିପରି, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ କାର୍ଯ୍ୟକ୍ରମର ଷ୍ଟେଜରେ ଅଳ୍ପ ସମୟ ରହି ପରେ ଫେରିଯାଇଥିବା ଘଟଣା ମଧ୍ୟ ଉପସ୍ଥିତ ଲୋକଙ୍କ ମଧ୍ୟରେ ଆଲୋଚନାର ବିଷୟ ହୋଇଥିଲା ।ଅନ୍ୟପକ୍ଷରେ ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ରଙ୍କୁ ବିଜେଡି ଦଳ ପକ୍ଷରୁ ବିରୂପା ନଦୀକୂଳ ରୁ ଏକ ଭବ୍ୟ ରାଲିରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ସ୍ୱାଗତ ସମୟରେ ବିଜେଡି ଦଳର ଗୀତ ବଜାଯାଇଥିବା ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ବିରୋଧୀ ମହଲରୁ ପ୍ରଶ୍ନ ଉଠାଯାଇଛି । ଏକ ସରକାରୀ ପୌର କାର୍ଯ୍ୟକ୍ରମରେ ଦଳୀୟ ଗୀତ ବଜାଇବା ଏବଂ ଦଳୀୟ ଢଙ୍ଗରେ ସ୍ୱାଗତ କରାଯିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ମର୍ଯ୍ୟାଦା ପ୍ରତି ନିନ୍ଦନୀୟ ବୋଲି ଅଭିଯୋଗକାରୀମାନେ ମତ ପ୍ରକାଶ କରିଛନ୍ତି । ଚୌଦ୍ୱାର ପୌରପାଳିକା ଇତିହାସରେ ପ୍ରଥମ ବୋଲି ଅଭିଯୋଗ ଏଭଳି ଘଟଣା ଚୌଦ୍ୱାର ପୌରପାଳିକାର ଇତିହାସରେ ପ୍ରଥମ ଥର ଘଟିଥିବା ବୋଲି ଅଭିଯୋଗ ହୋଇଛି । ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ ରାଜନୀତିଠାରୁ ଦୂରେ ରଖିବା ଉଚିତ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ସ୍ୱାୟତ୍ତ ଶାସନ ଦିବସର ମୂଳ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ସ୍ୱଶାସନ ବ୍ୟବସ୍ଥାର ଗୁରୁତ୍ୱ, ନଗରର ବିକାଶ ଓ ଜନସାଧାରଣଙ୍କ ସେବାକୁ ପ୍ରାଧାନ୍ୟ ଦେବା। ତେଣୁ ଏଭଳି ସରକାରୀ ମଞ୍ଚରେ ଦଳୀୟ କାର୍ଯ୍ୟକଳାପକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ମତ ପ୍ରକାଶ ପାଇଛି। ତେବେ ବିବାଦ ଓ ରାଜନୈତିକ ଚର୍ଚ୍ଚା ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଚମତ୍କାର ପରିବେଷଣରେ କାର୍ଯ୍ୟକ୍ରମସ୍ଥଳରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ସମଗ୍ର ଘଟଣାକୁ ନେଇ ଚୌଦ୍ୱାର ସହରର ରାଜନୈତିକ ଓ ସାମାଜିକ ମହଲରେ ଏବେ ଚର୍ଚ୍ଚା ଜୋର ଧରିଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ ନେଇ ପୌର ପ୍ରଶାସନର ନିଷ୍ପତ୍ତି ଏବଂ ଦଳୀୟ ଗୀତ ବଜାଯିବା ଘଟଣା ସମ୍ପର୍କରେ ପୌର ପ୍ରଶାସନର ଅଧିକାରିକ ପ୍ରତିକ୍ରିୟା ଆସିଲେ ଘଟଣାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିବ।

ଗରୀବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାଗଣା ରହିବା ସୁଯୋଗ ଦେଇଛି :ହୋଟେଲ ସୂର୍ଯ୍ୟପଦ୍ମ

ନୀଳଗିରି (ଅମୃତ ମିଡିଆ) : ବାଧକ ସାଜିବନି ଗରିବୀ। ଅର୍ଥ ପାଇଁ ନିଜର ବୁଦ୍ଧିମତ୍ତା ଯେପରି ବଳି ନପଡେ ସେଥିପାଇଁ ଅଣ୍ଟାଭିଡିଛନ୍ତି ନୀଳଗିରି ପୁଅ ଯୁବ ସମାଜସେବୀ ସଞ୍ଜୟ ଭୋଳ। ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲା ବିଶେଷକରି ନୀଳଗିରି ଅଞ୍ଚଳର ଗରିବ ମେଧାବୀ ପିଲାମାନେ ଯେଉଁମାନେ ଭୁବନେଶ୍ୱରରେ ରହି ସିଭିଲସର୍ଭିସ ପରୀକ୍ଷାଦେବାକୁ ନିଜକୁ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ନିଃଶୁଳ୍କ ରହିବାର ସୁବର୍ଣ୍ଣସୁଯୋଗ ଆଣିଦେଇଛି ହୋଟେଲ ସୂର୍ଯ୍ୟପଦ୍ମ। ୟୁପିଏସସି ଏବଂ ଓପିଏସସି ଭଳି ସିଭିଲ ସର୍ଭିସ ପରୀକ୍ଷାଦେଇ ଆଇଏଏସ ଓ ଓଏଏସ ହେବାକୁ ସ୍ୱପ୍ନ ଦେଖୁଥିବା ୧୦ଜଣ ଗରୀବ ମେଧାବୀ ପିଲାମାନଙ୍କୁ ଚଳିତବର୍ଷ ଭୁବନେଶ୍ୱର ସ୍ଥିତ ହୋଟେଲ ସୂର୍ଯ୍ୟପଦ୍ମାରେ ନିଃଶୁଳ୍କ ରହିବାର ସୁଯୋଗ ଆଣିଦେଇଛନ୍ତି ହୋଟେଲର ସତ୍ୱାଧିକାରୀ ତଥା ଯୁବସମାଜସେବୀ ସଞ୍ଜୟ କୁମାର ଭୋଳ। ତେଣୁ ଆବଶ୍ୟକୀୟ ପ୍ରମାଣପତ୍ର ଦେଇ ଏହାର ସୁଯୋଗ ନେବାକୁ ସଞ୍ଜୟ ଭୋଳ ଜିଲ୍ଲାର ଗରିବ ମେଧାବୀ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ନିବେଦନ କରିଛନ୍ତି। ଏଥିପାଇଁ ୯୦୯୦୫୫୧୯୫ ଏବଂ ହ୍ୱାଟସ ଅପ୍ ନଂ ୯୮୫୩୭୮୨୫୪୫ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି। ତେବେ ଏହି ସୁଯୋଗ କେବଳ ପ୍ରାଥମିକତା ଭିତ୍ତିରେ ୧୦ଜଣ ପିଲାଙ୍କୁ ସୁଯୋଗ ପ୍ରଦାନ କରାଯିବ।

ପୋଖରୀ ଉନ୍ନତିକରଣ କଲେ, ବନ୍ଧ ବାନ୍ଧିବାକୁ ଭୁଲିଗଲେ

ନୀଳଗିରି (ଅମୃତ ମିଡିଆ) : ପୋଖରୀର ସୌନ୍ଦର୍ଯ୍ୟ ବଢିବା ପାଇଁ ଉନ୍ନତିକରଣ କରାଗଲା ହେଲେ ବନ୍ଧ ବାନ୍ଧିବାକୁ ଭୁଲିଗଲେ ଠିକାଦାର।ଫଳରେ ଏବେ ପୋଖରୀ ପାଣି କୂଳ ଲଂଘିବା ସହ ଦୁଇଟି ପରିବାରର ଚିନ୍ତା ବଢାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ କାଦୁଆଣୀ ଗ୍ରାମର ପଣ୍ଡା ପୋଖରୀକୁ ୨୦୨୧ ମସିହାରେ ଉନ୍ନତିକରଣ କରାଯାଇଥିଲା। ପୋଖରୀରୁ ପଙ୍କ ଉଦ୍ଧାର କରାଯିବା ସହ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପୋଖରୀର ଉନ୍ନତିକରଣ କରାଯାଇଥିଲା। ହେଲେ ଠିକାଦାର ପୋଖରୀର ତିନି ପାର୍ଶ୍ୱ ବନ୍ଧ ବାନ୍ଧିବା ସହ ଗୋଟିଏ ପାର୍ଶ୍ୱ ବନ୍ଧ ନ ବାନ୍ଧି ପଳାଇଯାଇଥିଲେ। ଲଗାଣ ବର୍ଷା ଫଳରେ ଜଳସ୍ତର ବଢିବା ଫଳରେ ପୋଖରୀର ବନ୍ଧ ନଥିବା ପାର୍ଶ୍ୱରେ ପାଣି ଲଂଘି ନିକଟରେ ଥିବା ପ୍ରଫୁଲ ପଣ୍ଡା ଓ ସିଦ୍ଧେଶ୍ୱର ପଣ୍ଡାଙ୍କ ଘର ବାଡିରୁ ଅତଡା ଖାଇବାରେ ଲାଗିଛି ।ଏପରିଭାବେ ଅତଡ଼ା ପୋଖରୀ ଭିତରକୁ ଖସିଖସି ପ୍ରଫୁଲ୍ଲ ପଣ୍ଡାଙ୍କ ବାଡ଼ି ପଛପଟ ଦୁଆର ମୁହଁ ପହଂଚିବାକୁ ବସିଲାଣି ଭୟରେ ନିଜକୁ ତଥା ଘରକୁ ସୁରକ୍ଷା ଦେବା ପାଇଁ ହାତରୁ ଟଙ୍କା ଖର୍ଚ୍ଚ କରି ଅତଡ଼ା ନଖସିବା ପାଇଁ ବାଉଁଶ କିଲା ପ

ପଶ୍ଚିମ ଓଡ଼ିଶା

ଅମୃତ ଦୁନିଆ
୧ ସେପ୍ଟେମ୍ବର ୨୦୨୬

ବଡ଼ ବଡ଼ ଗର୍ତ୍ତରେ ଭରପୂର ଭବାନୀପାଟଣା–ବିଶାଖାପାଟଣା ୬ ନମ୍ବର ରାଜ୍ୟ ରାଜପଥ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲାର ଜୀବନରେଖା ଭାବେ ପରିଚିତ ଭବାନୀପାଟଣା ବିଶାଖାପାଟଣା ୬ ନମ୍ବର ରାଜ୍ୟ ରାଜପଥ ଏବେ ଯାତାୟାତ ପାଇଁ ବିପଦସଙ୍କୁଳ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଥିବାବେଳେ ବର୍ଷାଜଳ ଜମି ରହିବା ଯୋଗୁଁ ଗାତଗୁଡ଼ିକର ଗଭୀରତା ଜଣାପଡୁନାହିଁ । ଫଳରେ ପ୍ରତିଦିନ ଏହି ରାସ୍ତାରେ ଯାତାୟାତ କରୁଥିବା ଶହ ଶହ ଯାନବାହନ ଚାଳକ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ବର୍ଷା ଆରମ୍ଭ ହେବା ପରଠାରୁ ରାଜପଥର ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼ିଛି । ବିଶେଷକରି କଳାହାଣ୍ଡି ସୀମାଠାରୁ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ପର୍ଯ୍ୟନ୍ତ ଅନେକ ସ୍ଥାନରେ ଡାମର ଉଠିଯାଇ ବିରାଟ ଗାତ ସୃଷ୍ଟି ହୋଇଛି । ବର୍ଷାଜଳ ଗାତ ମଧ୍ୟରେ ଜମି ରହିବାରୁ ଛୋଟ ଯାନ ଓ ବାଇକ୍ ଚାଳକଙ୍କ ପାଇଁ ଏହା ବିପଦର କାରଣ ପାଲଟିଛି । ଗାତରେ ପଡୁଛନ୍ତି ଯାନବାହନ, ବଢୁଛି ଦୁର୍ଘଟଣା ଆଶଙ୍କା- ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଜପଥରେ ଛୋଟବଡ଼ ଦୁର୍ଘଟଣା ନିୟମିତ ଘଟୁଛି । ବାଇକ୍ ଚାଳକମାନେ ଗାତରେ ପଡ଼ି ଆହତ ହେଉଥିବାବେଳେ ବସ୍ ଓ ମାଲବାହୀ ଯାନ ଚାଳକମାନେ ମଧ୍ୟ ଅତ୍ୟନ୍ତ ସତର୍କତାର ସହ ଯାତାୟାତ କରିବାକୁ ବାଧ ହେଉଛନ୍ତି । ଏପରିକି ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ବିଳମ୍ବର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏହି ରାଜପଥ ଦେଇ କଳାହାଣ୍ଡି ସମେତ ପଡ଼ୋଶୀ ଅଞ୍ଚଳର ହଜାର ହଜାର ଲୋକ ଚିକିତ୍ସା, ବ୍ୟବସାୟ, ଶିକ୍ଷା ଓ ଅନ୍ୟାନ୍ୟ ଜରୁରୀ କାମ ପାଇଁ ବିଶାଖାପାଟଣା ଯାତାୟାତ କରନ୍ତି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଦୟନୀୟ ଅବସ୍ଥା ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଦେଇଛି । ଅପରପକ୍ଷରେ କିଡିଙ୍ଗଠାରୁ ଛତିକୁଡ଼ା ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ନିର୍ମାଣ କାମ ଦୀର୍ଘ ମାସ ହେଲା ବନ୍ଦ ପଡ଼ିଥିବା ଅଭିଯୋଗ ହୋଇଛି । ଅଧପନ୍ତରିଆ ଭାବେ ରାସ୍ତା କାମ ପଡ଼ିରହିଥିବାରୁ ଯାତ୍ରୀମାନଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଠିକାଦାର କାମ ଛାଡ଼ି ଚାଲିଯାଇଛନ୍ତି । ରାସ୍ତାର ବିଭିନ୍ନ ଡିଭାଇଡର ଓ ସୁରକ୍ଷା ବ୍ୟବସ୍ଥା ମଧ୍ୟ ନଷ୍ଟ ହୋଇପଡ଼ିଛି । ସୁରକ୍ଷା ବାଡ଼ଠାରୁ ଆରମ୍ଭ କରି ବିଭିନ୍ନ ପୋଲ୍ ଓ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି । ଲୋକେ ଠିକାଦାରଙ୍କୁ ଏନେଇ ପଚାରିବାରୁ ବିଲ୍ ପାସ୍ ହୋଇନଥିବା ଏବଂ ସରକାରଙ୍କ ପକ୍ଷରୁ ଟଙ୍କା ମିଳିନଥିବା କାରଣରୁ କାମ ବନ୍ଦ ରହିଥିବା କୁହାଯାଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ରାସ୍ତାର ଏଭଳି ଦୟନୀୟ ଅବସ୍ଥା ତୁରନ୍ତ ସୁଧାର କରାନଗଲେ ଆଗାମୀ ଦିନରେ ରାସ୍ତାର ଗାତରେ ଗଛ ଓ ଧାନ ତଳି ରୋପଣ କରି ପ୍ରତିବାଦ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି । ଏନେଇ ପୂର୍ବ ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇନଥିବା ଜଣାପଡ଼ିଛି । ଗୁରୁତ୍ୱପୂର୍ଣ୍ଣ ଏହି ରାଜପଥରେ ଆଉ କେତେ ଦୁର୍ଘଟଣା ଘଟିଲେ ପ୍ରଶାସନର ନିଦ୍ରା ଭାଙ୍ଗିବ ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଲୋକେ । ଲୋକଙ୍କ ଜୀବନ ସହ ଜଡ଼ିତ ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ସହ ଅଧପନ୍ତରିଆ ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ କରିବାକୁ ସାଧାରଣରେ ଦାବି ହୋଇଛି ।

କଣ୍ଟାମାଳ ଗ୍ରାମରେ ନୂତନ ସାପ୍ତାହିକ ବଜାର ଉଦ୍‌ଘାଟିତ

ମୁଖ୍ୟଅତିଥି ଭାବେ ଯୋଗଦେଲେ ବ୍ଲକ ଅଧ୍ୟକ୍ଷ
୪ବ୍ଲକର ଚାଷୀ ଓ ବ୍ୟବସାୟୀ ହେବେ ଲାଭବାନ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ କଣ୍ଟାମାଳ ଗ୍ରାମରେ ଆଜି ଏକ ନୂତନ ସାପ୍ତାହିକ ବଜାର ସମାରୋହପୂର୍ବକ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଏହି ଅଞ୍ଚଳର ଚାଷୀ ଓ ବ୍ୟବସାୟୀଙ୍କ ଆର୍ଥିକ ଉନ୍ନତି ତଥା ଜନସାଧାରଣଙ୍କ ସୁବିଧା ପାଇଁ ଏହି ସାପ୍ତାହିକ ବଜାରର ଶୁଭାରମ୍ଭ କରାଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ବିନ୍ଦୁମିନା ସେବା ଫାଉଣ୍ଡେସନ ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବଜାରର ଶୁଭ ଉଦଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ କଣ୍ଟାମାଳ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଅତ୍ୟନ୍ତ ଭବ୍ୟ ଓ ଜୋରଦାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଗ୍ରାମବାସୀଙ୍କ ଏଭଳି ସୁନ୍ଦର ଓ ଆନ୍ତରିକ ସ୍ୱାଗତ ପାଇଁ ବ୍ଲକ ଅଧ୍ୟକ୍ଷ କଣ୍ଟାମାଳ ଗ୍ରାମବାସୀଙ୍କୁ କୋଟି କୋଟି ନମନ ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି ।ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନନ୍ଦ କହିଛନ୍ତି ଯେ, ଏହି ନୂତନ ସାପ୍ତାହିକ ବଜାର କେବଳ କଣ୍ଟାମାଳ ଗ୍ରାମ ପାଇଁ ନୁହେଁ, ବରଂ ଗୋଲାମୁଣ୍ଡା, ଭବାନୀପାଟଣା, ବଙ୍ଗୋମୁଣ୍ଡା ଏବଂ ଟିଟିଲାଗଡ଼ ବ୍ଲକର ହଜାର ହଜାର ଚାଷୀ ଓ ବ୍ୟବସାୟୀଙ୍କ ପାଇଁ ବେଶ ଲାଭବାନ ସାବ୍ୟସ୍ତ ହେବ । ଏହି ଚାରୋଟି ବ୍ଲକର ଚାଷୀମାନେ ନିଜର ଉତ୍ପାଦିତ ସାମଗ୍ରୀର ସଠିକ୍ ମୂଲ୍ୟ ପାଇପାରିବେ ଏବଂ ବ୍ୟବସାୟୀମାନେ ମଧ୍ୟ ବ୍ୟବସାୟର ଏକ ଭଲ ସୁଯୋଗ ପାଇବେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ପିଙ୍କି ତାଣ୍ଡି, ବଜାର କମିଟିର ସଭାପତି ରଙ୍ଗାଧର ବେହେରା, ଗଉନ୍ତିଆ ନାରାୟଣ ସାହୁ ଏବଂ ଝାଙ୍କର ଜଗଦଳ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହାସହ ଗ୍ରାମର ବିଶିଷ୍ଟ ଭଦ୍ରବ୍ୟକ୍ତି ଦେବାର୍ଚନ ସାହୁ, ଯୁଗଳ କୁମାର ସାହୁ, ଗଗନ ବିହାରୀ ଜୋଡିଶ, ଦୀନବନ୍ଧୁ ବେହେରା, ପରିମଳ ବେହେରା, ଘାଟୁ ବେହେରା, ଆନନ୍ଦ ତାଣ୍ଡି, ଗୌତୁମ ସାହୁ, ତପନ ବେହେରା, ଦୁର୍ଜନ ସାହୁ, ବସନ୍ତ ବାଗ ଏବଂ ମୋତିରାମ ମାଝୀଙ୍କ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଜନସାଧାରଣ, ଚାଷୀ ଓ ବ୍ୟବସାୟୀ ଉପସ୍ଥିତ ରହି ଏହି ଉଦଘାଟନୀ ଉତ୍ସବକୁ ସଫଳ କରିଥିଲେ । ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଏହି ବଜାର ଆଗାମୀ ଦିନରେ ଏକ ମାଇଲଖୁଣ୍ଟ ହେବ ବୋଲି ଉପସ୍ଥିତ ଅତିଥିମାନେ ଆଶା ବ୍ୟକ୍ତ କରିଛନ୍ତି ।

ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ସାଇକେଲ ରାଲି

ବଲାଙ୍ଗୀର (ଅମୃତ ମିଡିଆ) : ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ତୃତୀୟ ଦିବସରେ ଏକ ବିଶାଳ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ବାହାରିଥିବା ଏହି ରାଲି ସହରର ପ୍ରମୁଖ ରାସ୍ତା ଦେଇ ଲିଟଲ୍ ଫ୍ଲାଓ୍ୱାର୍ ସ୍କୁଲ୍ ପର୍ଯ୍ୟନ୍ତ ଯାଇ ପୁନର୍ବାର କଳାମଣ୍ଡଳ ପଡ଼ିଆରେ ଆସି ପହଞ୍ଚିଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଏହି ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ଏବଂ ଜିଲ୍ଲା କ୍ରୀଡ଼ା ସଂସଦର ଫୁଟବଲ୍ ସମ୍ପାଦକ ଶରତ କୁମାର ନନ୍ଦ ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ । ସ୍ୱାସ୍ଥ୍ୟ ଓ ଶାରୀରିକ ଫିଟନେସ୍ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ରାଲିରେ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଭିନ୍ନ ଅନୁଷ୍ଠାନ, ବହୁ କ୍ରୀଡ଼ାବିତ୍ ଏବଂ ଜିଲ୍ଲା ମାରାଥନ୍ ସଂଘର କର୍ମକର୍ତ୍ତାମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ପରାଶର ବାଗ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

ବିଦ୍ୟାଳୟସ୍ତରୀୟ ଜାତୀୟ ହେରିଟେଜ କ୍ୱିଜ ଆୟୋଜିତ

ବଲାଙ୍ଗୀର (ଅମୃତ ମିଡିଆ) : ଇଣ୍ଟାକ ବଲାଙ୍ଗୀର ଶାଖା ତରଫରୁ ତାରିଖ ୩୦ ଅଗଷ୍ଟ ଦିନ ସ୍ଥାନୀୟ ପି ଏମ ଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ୍‌ଠାରେ ଜିଲ୍ଲା ବିଦ୍ୟାଳୟ ସ୍ତରୀୟ 'ଜାତୀୟ ହେରିଟେଜ କ୍ୱିଜ୍' ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ୯ଟି ସ୍କୁଲରୁ ୭୨ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଦୁଇଟି ରାଉଣ୍ଡରେ ଏହି ପ୍ରତିଯୋଗିତା ହୋଇଥିଲା । ପ୍ରଥମ ରାଉଣ୍ଡ ଲେଖାଁ ଓ ଦ୍ୱିତୀୟ ରାଉଣ୍ଡ ମୌଖିକ ହୋଇଥିଲା । ଏଥିରେ ଇଣ୍ଟାକ ବଲାଙ୍ଗୀର ଶାଖାର ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ କ୍ୱିଜ୍ ପରିଚାଳନା କରିଥିଲେ । ଶେଷରେ ପୁରସ୍କାର ବିତରଣ ଉତ୍ସବରେ ପିଏମଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ୍ ର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋସିନି ସେଠୀ ମୁଖ୍ୟ ଅତିଥି, ଇଣ୍ଟାକ ବଲାଙ୍ଗୀର ଶାଖା ସଂଯୋଜକ ଡ. ଶିବ ପ୍ରସାଦ ନନ୍ଦ ସହିତ ସହ ସଂଯୋଜକ ଶଶୀଭୂଷଣ ପୁରୋହିତ ଓ ବରିଷ୍ଠ ସଭ୍ୟ ସନ୍ତୋଷ କୁମାର ରଥ ଅତିଥି ରୂପେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଶ୍ରେୟନ୍ ଅଗସ୍ତି ଓ ଶମ୍ଭୁ ପ୍ରସାଦ ସାଏ ପ୍ରଥମ ସ୍ଥାନ ଓ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦମୟନ୍ତୀ ଖୁଣ୍ଟିଆ ଓ ମାନସୀରାଣୀ ଦାସ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହି ଦୁଇ ବିଜେତା ଦଳଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଟ୍ରଫି ଓ ପ୍ରମାଣ ପତ୍ରଦେଇ ପୁରସ୍କୃତ କରିଥିଲେ । ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ସାର୍ଟିଫିକେଟ ପ୍ରଦାନ କରାହେଲା । ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ଏକାଡେମିକ ହାଇଟ୍ ପବ୍ଲିକ୍ ସ୍କୁଲ, ମଣ୍ଡେଶୋରି ପବ୍ଲିକ୍ ସ୍କୁଲ, ଆଇଡିଏମ ପବ୍ଲିକ୍ ସ୍କୁଲ, ପିପି ଏକାଡେମୀ, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମଶ୍ରୀ ପୃଥ୍ୱୀରାଜ ହାଇସ୍କୁଲ୍, ବଲାଙ୍ଗୀର ପବ୍ଲିକ୍ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଯୋଗଦେଇଥିଲେ । ଶେଷରେ ଇଣ୍ଟାକ ବଲାଙ୍ଗୀର ଶାଖାର ସହ ସଂଯୋଜକ ଶଶିଭୂଷଣ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଇଣ୍ଟାକର ବରିଷ୍ଠ ସଭ୍ୟ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଭା ସଂଯୋଜନା କରିଥିଲେ ଓ ଇଣ୍ଟାକର ଆଜୀବନ ସଭ୍ୟ ମହେଶ ପଟ୍ଟନାୟକ, ବିଜୟ ପାଣିଗ୍ରାହୀ, ସଂଜୀବ ନାଏକ, ସୁରେଶ ଯାଦବ ଓ ରିଙ୍କୁ ପାତ୍ର ଆୟୋଜନରେ ସହଯୋଗ କରିଥିଲେ । ଏଥିରେ ପ୍ରଥମ ହୋଇଥିବା ଗ୍ରୁପ ଆସନ୍ତା ମାସରେ ଭୁବନେଶ୍ୱରଠାରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଇଣ୍ଟାକର ସଂଯୋଜକ ଶ୍ରୀ ନନ୍ଦ ସୂଚନା ଦେଇଥିଲେ ।

ଜିଲ୍ଲା ବଲ୍ ବ୍ୟାଡମିଣ୍ଟନ ଆଏସୋସିଏସନ ତରଫରୁ ଜାତୀୟ କ୍ରୀଡ଼ା ଦିବସ

ବଲାଙ୍ଗୀର (ଅମୃତ ମିଡିଆ) : ଜିଲ୍ଲା ବଲ ବ୍ୟାଡମିଣ୍ଟନ ଏସୋସିଏସନ ତରଫରୁ ପଲ୍ଲିଶ୍ରୀ ବିହାର ଠାରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏଥିରେ ଏସୋସିଏସନ ର ସଭାପତି ଡ. ଶ୍ରୀକର ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଇଂ. ନମିତା ପଟେଲ ଯୋଗଦାନ କରିଥିଲେ । ସଭା ପ୍ରାରମ୍ଭରୁ ଧ୍ୟାନଚାନ୍ଦଙ୍କ ଅମର ଅମ୍ଲାନ ସତଗତିପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀମତୀ ପଟେଲ ଶରୀର ସୁସ୍ଥ ରଖିବା ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ କ୍ରୀଡାବିତ ସୁନୀଲ ବିଶ୍ୱାଳ ତଥା ଅନ୍ୟାନ୍ୟ ଖେଳ ପ୍ରେମୀ ଯୋଗଦାନ କରିଥିଲେ । ଏସୋସିଏସନର ସଂପାଦକ ଲୋକନାଥ ସିଂହ ଜିଲ୍ଲା ବଲ ବ୍ୟାଡମିଣ୍ଟନ ଏସୋସିଏସନର ୫ବର୍ଷିଆ ନବୀକରଣ କ୍ରୀଡା ଦିବସ ପୂର୍ବରୁ ପାଇଥିବାରୁ ଜିଲ୍ଲା ପ୍ରଶାସନ ବିଶେଷ କରି ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରି ଆଗାମୀ ଦିନରେ ବଲ ବ୍ୟାଡମିଣ୍ଟନ ଖେଳକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ବ୍ଲକର ତ୍ରିଲୋଚନ ବାଗ, ମୁରିବାହାଲ ବ୍ଲକର ଚନ୍ଦ୍ରାଶୟ ବାଗ, ପୁଇଁନ୍ତଲା ବ୍ଲକର ଗୌରାଙ୍ଗ ମିଶ୍ର, ଆଗଲପୁର ବ୍ଲକ ଭରତ ସାହୁ ତଥା ଅନ୍ୟାନ୍ୟ ଖେଳ ପ୍ରେମୀ ଯୋଗଦାନ କରିଥିଲେ ।

କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ସିନାପାଲି (ଅମୃତ ମିଡିଆ) : ସିନାପାଲି ବ୍ଲକ ଅନ୍ତର୍ଗତ ହାତୀବନ୍ଧା କ୍ଲଷ୍ଟରର ହାତୀବନ୍ଧା ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଠାରେ ସିଆରସିସି ଉପେନ୍ଦ୍ର ସୁନାନୀଙ୍କ ସଭାପତିତ୍ୱରେ କ୍ଲଷ୍ଟର ସ୍ତରୀୟ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ବରପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହଶିକ୍ଷକ ମୋହନ ଚରଣ ମେହେରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବରେ ଏବିଇଓ ଅରୁଣ କୁମାର ଯୋଷୀ ଓ ମୁଖ୍ୟବକ୍ତା ଭାବରେ କନ୍ଦର୍ପ ମେହେର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି କୈଳାଶ ଚନ୍ଦ୍ର ମେହେର ଏବଂ ମାଧୁରୀ ମାଝୀ ଉପସ୍ଥିତ ଥିଲେ । ସଭାରେ ବିଦାୟୀ ଶିକ୍ଷକଙ୍କ ଶିକ୍ଷକତା ଜୀବନର ସ୍ମୃତିଚାରଣ କରାଯାଇ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିନ୍ଦୁ ବେହେରା ମାନପତ୍ର ପଠନ କରିଥିଲେ । ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ଅତୁଳ କୁମାର ପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବେଣୁଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିନୋଦ ବିହାରୀ ଚିନାଗୁନ, ନିରାକାର କଟା, ନୃସିଂହ ଚନ୍ଦ୍ର କଟା, ଅଖିଳ ମାଝୀ, ସୁଶାନ୍ତ କାଣ୍ଡ, ବିଷ୍ଣୁମୁରାଲି କାଣ୍ଡ, ପ୍ରଶାନ୍ତ କୁମାର ଲେଙ୍କା, ଆନନ୍ଦ ନାଏକ, ରୋମାଞ୍ଚଳ ମେହେର, ବିଭୀଷଣ ମେହେର, ବଦ୍ରିନାରାୟଣ ଖମାରୀ, ହେମନ୍ତ ମଣି କଟା, ଯୁବରାଜ ଟାକ୍ରି, ତିଲାରମ୍ ତାଣ୍ଡି, ରାଜେନ୍ଦ୍ର ଶିପକା, କିଶୋର ଚନ୍ଦ୍ର ମେହେର, ସୁଲୋଚନା ମାଝୀ, ଅଞ୍ଜୁ ସାହୁ, ରଶ୍ମିତା ମାଝୀ, ନମିତା ପରିଡ଼ା, ରଞ୍ଜିତା ମେହେର, ବିନିଶା ମେହେର, ଉର୍ମିଳା ମାଝୀ, ପଦ୍ମଲତା ନାଏକ, ରୀନା ମାଝୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଚାଷୀସେବାରେ ରାତି ଅନିଦ୍ରା

ଧାନ ପଞ୍ଜୀକରଣ ପାଇଁ କେଦାର ଓ ରବୀନ୍ଦ୍ରଙ୍କ ଉଦାହରଣୀୟ ପ୍ରୟାସ

ପଦ୍ମପୁର (ଅମୃତ ମିଡ଼ିଆ) : ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଚଣ୍ଡିଭଟା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ଧାନ ପଞ୍ଜୀକରଣ ପ୍ରକ୍ରିୟା ଜୋରସୋରରେ ଚାଲିଛି । ଜିଲ୍ଲା ମୁଖ୍ୟାଳୟଠାରୁ ଦୂରବର୍ତ୍ତୀ ଏହି ପଞ୍ଚାୟତରେ ନେଟୱାର୍କ ସମସ୍ୟା ରହିଥିଲେ ମଧ୍ୟ ଚାଷୀଙ୍କ ଧାନ ପଞ୍ଜୀକରଣ କାର୍ଯ୍ୟରେ ଏହା ବାଧକ ସାଜିପାରିନାହିଁ । ଚାଷୀଙ୍କ ସୁବିଧା ପାଇଁ ଚଣ୍ଡିଭଟା ପ୍ୟାକ୍ସର କର୍ମଚାରୀ କେଦାର ସାହୁ ଓ ରବୀନ୍ଦ୍ର ବାରିହା ଦିନରାତି ଏକ କରି କାର୍ଯ୍ୟ କରୁଛନ୍ତି । ଚାଷୀଙ୍କ ଧାନ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ଲକ୍ଷ୍ୟରେ ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ମଧ୍ୟ ସେମାନଙ୍କ ପରିଶ୍ରମ ଜାରି ରହୁଛି । ଫଳରେ ପ୍ରତିଦିନ ଚାଷୀଙ୍କ ଭିଡ଼ ଲାଗି ରହୁଥିଲେ ମଧ୍ୟ ପଞ୍ଜୀକରଣ କାର୍ଯ୍ୟ ଆ

ଧରାପଡ଼ିଲା ଚୋରି ଗ୍ୟାଙ୍ଗ୍; ୫ ଗିରଫ

୩୨ ମୋବାଇଲ ଫୋନ୍ ସହିତ ଅନ୍ୟ ସାମଗ୍ରୀ ଜବତ

ବାରିପଦା /କରଞ୍ଜିଆ(ଅମୃତମିଡିଆ): କରଞ୍ଜିଆ ଥାନା ପୁଲିସ,ମୋବାଇଲ ଚୋରି ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଇନ ଅନୁଯାୟୀ ଅଦାଲତକୁ ଚାଲାଣ କରିଛି । କେସ୍ ? ନଂ-୩୨୩/୨୬ ମାମଲାରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା ୩୦୩(୨), ୩୧୩, ୩୧୭(୨), ୩୧୭(୪) ଓ ୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି ।ପୁଲିସ ପକ୍ଷରୁ ଜବତ ସାମଗ୍ରୀ ମଧ୍ୟରେ ୩୨ଟି ମୋବାଇଲ ଫୋନ, ୧୩ଟି ମୋବାଇଲ ଫୋନ କଭର, ୨ଟି ବ୍ୟାଟେରୀ ଏବଂ ଓଡି-୦୯-ଜେ-୬୩୮୩ ନମ୍ବରର ଗୋଟିଏ ବଜାଜ୍ ପଲସର ଏନ୍ଏସ୍-୨୦୦ ମୋଟରସାଇକେଲ ରହିଛି । ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ଖଡ଼ିବେଡ଼ା ଗ୍ରାମର ରାଜୁ ଓରଫ ରାଜକିଶୋର ମହାନ୍ତ (୨୫), କରଞ୍ଜିଆ ଥାନା ଅଙ୍କୁରା ୱାର୍ଡ ନଂ-୧୫ର ସୋନୀ କରୁଆ (୩୦), ପାଟଣା ଥାନା ଗୋରାସ ଗ୍ରାମର ରାଜୁଲ ଓରଫ ଦାଜୁନ ସେଠୀ (୨୬), ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲା ଭଗବାନପୁର ଥାନା ଇଶ୍ୱରପୁର ଗ୍ରାମର ଏସ୍.କେ. ରଫିକୁଲ (୨୭) ଏବଂ କରଞ୍ଜିଆ ଥାନା ଗଡ଼ସାହି ୱାର୍ଡ ନଂ-୧୪ର ପାପୁନୁ ଓରଫ ଅମିତ ବେହେରା (୨୪)। ପୁଲିସ ତଦନ୍ତରେ ଏହି ଅଭିଯୁକ୍ତମାନଙ୍କର ଚୋରି ମୋବାଇଲ କାରବାର ସହ ସମ୍ପୃକ୍ତି ଥିବା ଜଣାପଡ଼ିଥିବା ରିପୋର୍ଟରୁ ସୂଚନା ମିଳିଛି । ମୋବାଇଲ ଚୋରି ଘଟଣାର ତଦନ୍ତ ସମୟରେ ଚୋରି ମୋବାଇଲ କିଣିଥିବା ଅଭିଯୋଗରେ ଦୁଇଜଣ ମୋବାଇଲ ବ୍ୟବସାୟୀଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ସେମାନେ ହେଲେ ଅଭିନନ୍ଦନ ମୋବାଇଲ ସପ୍ ?ର ମହମ୍ମଦ ଦାନିଶ ଏବଂ ଆଲମ ମୋବାଇଲ କେୟାରର ମେହବୁବ ଆଲମ । ତଦନ୍ତରେ ସେମାନେ କିଛି ମୋବାଇଲ ଫୋନ କିଣିଥିବା ଜଣାପଡ଼ିଥିବା କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି । ଜବତ ହୋଇଥିବା ୩୨ଟି ମୋବାଇଲ ଫୋନ ମଧ୍ୟରୁ ଏପର୍ଯ୍ୟନ୍ତ ୬ଟି ମୋବାଇଲର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରାଯାଇଛି । ଆବଶ୍ୟକ ଆଇନଗତ ପ୍ରକ୍ରିୟା ସମ୍ପନ୍ନ ପରେ ଖୁବଶୀଘ୍ର ଚିହ୍ନଟ ହୋଇଥିବା ମୋବାଇଲଗୁଡ଼ିକ ସେମାନଙ୍କ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଘଟଣାରେ ଚୋରି ମୋବାଇଲର କ୍ରୟବିକ୍ରୟ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ଓ ଅନ୍ୟ ମୋବାଇଲର ମାଲିକାନା ଚିହ୍ନଟ ସହିତ ଘଟଣାରେ ଅନ୍ୟ ସହଯୋଗୀଙ୍କ ସମ୍ପୃକ୍ତି ନେଇ ପୁଲିସ ତଦନ୍ତ ଜାରି ରଖିଛି ।

ମୟୂରଭଞ୍ଜୀ ପାଟରା ସମାଜ ତରଫରୁ ପାଟବସ୍ତ୍ର ପ୍ରଦାନ ଓ ରାଖୀସେବା

ବାରିପଦା(ଅମୃତମିଡିଆ): ପାଟରା ସମାଜ ମୟୂରଭଞ୍ଜ ତରଫରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାଟବସ୍ତ୍ର ପ୍ରଦାନ ଓ ରାଖୀସେବା କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି ଓ ପାଟରା ଜାତିର ପରମ୍ପରା ଅନୁଯାଇ ଶ୍ରୀ ବଳଦେବ ଜିଉଙ୍କ ଜନ୍ମ ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାଟବସ୍ତ୍ର ପରିଧାନ କରାଯାଇଥିଲା । ସମସ୍ତ ସଦସ୍ୟ ଓ ସଦସ୍ୟା ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ନତମସ୍ତକ ହୋଇ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶୋଳପାଠ କରିଥିଲେ ଓ ପରେ ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା ସୁଭଦ୍ରାଙ୍କର ଜୟଧ୍ୱନି ଓ ହରିବୋଲ ସଂକୀର୍ତ୍ତନରେ ରାକ୍ଷୀସ୍ନୋ କାର୍ଯ୍ୟକ୍ରମ ସମ୍ପନ୍ନ କରି ଫଳପୁଷ୍ପ ଓ ମନ୍ଦିରର ପୂଜକମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ଶତାଧିକ ସଦସ୍ୟ ଓ ସଦସ୍ୟା ଅଂଶ ଗ୍ରହଣ କରିଥିଲେ । ଏହି ଏକତା ଓ ଭାଇଚାରାର ପ୍ରତୀକ ଭବିଷ୍ୟତରେ ବଜାୟ ରହିବ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଅନୁଷ୍ଠାନର ସଭାପତି ପ୍ରବୀପ କୁମାର ପାତ୍ର ଓ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ବଶା ଅନୁଷ୍ଠାନକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଓ ନିହିତ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଆହ୍ୱାନ କରିଥିଲେ। ସର୍ବଶେଷରେ ସମସ୍ତ ସଦସ୍ୟ, ସଦସ୍ୟା, ମନ୍ଦିର ଭିତରେ ଓ ବାହାର ପ୍ରାଙ୍ଗଣରେ ଉପସ୍ଥିତ ଥିବା ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସମରେନ୍ଦ୍ର ବଶା, ସଞ୍ଜୟ ନାୟକ, ଜୟନ୍ତ ସେନାପତି, ସନ୍ତୋଷ ପାତ୍ର, ଶକ୍ତି ପ୍ରସାଦ ପାତ୍ର, ଚିତ୍ତରଞ୍ଜନ ସାହୁ, କିଶୋର ବଶା, ସୁବ୍ରତ ବଶା, ମଜୟ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ମନୋରଞ୍ଜନ ବଶା, କୁଞ୍ଜବନ ପୃଷ୍ଟି, ସରୋଜ କୁମାର ପାତ୍ର, ପରେଶ ଚନ୍ଦ୍ର ସାହୁ, ପର୍ଶୁରାମ ବେହେରା, ସଂଯୁକ୍ତା ବଶା, ମଞ୍ଜୁଲତା ପୃଷ୍ଟି, ସଂଗୀତା ବଶା, ଗୀତାଞ୍ଜଳି ବେହେରା, ଦୀପ୍ତିମୟୀ ପୁଥାଳ, ସୁଶାନ୍ତ କୁମାର ବଶା, ଆଶିଷ ବଶା, ଶୁଭ୍ରାଞ୍ଜଳି ବଶା, ଲାୟନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଗଛକୁ ରାକ୍ଷୀ ବାନ୍ଧିଲେ କିସ୍ ଛାତ୍ରୀ

ବାରିପଦା(ଅମୃତମିଡିଆ): ରାକ୍ଷୀ ପୂର୍ଣ୍ଣିମା ଅବସରରେ କିସ ଆବାସିକ ବାରିପଦାର ଛାତ୍ରୀ ମାନେ ଗତ ମାସରେ ଲଗାଇଥିବା ଗଛ ମାନଙ୍କୁ ରାଖୀ ବାନ୍ଧି ପରିବେଶ ସୁରକ୍ଷାର ଏକ ସୁନ୍ଦର ବାର୍ତ୍ତା ଦେଇଛନ୍ତି । ଛାତ୍ରୀ ମାନେ ଗଛକୁ ନିଜର ଭାଇ ବୋଲି ସମ୍ବୋଧନ କରିବା ସହ ସୁନ୍ଦର ପୃଥିବୀକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବାପାଇଁ ବ୍ୟାପକ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି । ପ୍ରତିଷ୍ଠାତାଙ୍କ ଉପଦେଶ କ୍ରମେ ପ୍ରତ୍ୟେକ ବର୍ଷ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ହୋଇଥାଏ ଯାହା ବର୍ତ୍ତମାନ ଏକ କୃତ୍ରିମ ଛୋଟ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି ବୋଲି ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସୂଚନା ଦେଇଥିଲେ । ଏହି ସ୍ୱତନ୍ତ୍ର ପରିବେଶ ଧର୍ମୀ ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ଇକୋ କ୍ଲବ, ରେଡକ୍ରସ, ଗାଇଡ, ବୁଲବୁଲ, ଦାୟିତ୍ୱରେ ଥିବା ଶିକ୍ଷକ ଚକ୍ରଧର ମହାନ୍ତ, ସୁନାରାମ ହେମ୍ବ୍ରମ, ତରଣୀସେନ ସମାଡ଼, ସୌରଭ ପରିଡ଼ା, ଶିକ୍ଷୟିତ୍ରୀ ମାଳତୀ ମୁର୍ମୁ, ଚମ୍ପାମଣୀ ସୋରେନ, ଜୟନ୍ତୀ ଧାଉଁରିଆ, ଅଭିରାମ ସୋରେନ, ବିକାଶ ମହାନ୍ତ, ପ୍ରମୁଖ ସହଯୋଗ କରିଥିଲେ ।

କରଞ୍ଜିଆରେ ପ୍ରଣବ ପଟ୍ଟନାୟକ ସନ୍ଧ୍ୟା

ବାରିପଦା /କରଞ୍ଜିଆ(ଅମୃତମିଡିଆ): ଇଟରନିଟୀ ଅନ୍ତଃରାଷ୍ଟ୍ରୀୟ ସଂଗଠନ ଆନୁକୂଲ୍ୟରେ ଓଡ଼ିଶାର ବିଶିଷ୍ଟ ପ୍ରଚ୍ଛଦପଟ ଗାୟକ ତଥା କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ସନ୍ଧ୍ୟା ଆୟୋଜିତ ହୋଇଯାଇଛି । ଏଥିରେ କାଦତିହା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ମୁଖ୍ୟ ଅତିଥି ଓ ଦୈନିକ ସମ୍ବାଦର ବରିଷ୍ଠ ପ୍ରତିନିଧି କର୍ଣ୍ଣାର୍ଜୁନ ସାହା ମୁଖ୍ୟବକ୍ତା ତଥା ଇଂ. ତ୍ରିଲୋଚନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଣବ ପଟ୍ଟନାୟକ ଓଡ଼ିଶା ସଂଗୀତର ଆତ୍ମା ଥିଲେ ବୋଲି କହିଥିଲେ । ମୁଖ୍ୟ ସଂଯୋଜକ ଇଟରନିଟୀ ଇଂରାଜୀ ପତ୍ରିକାର ସଂପାଦକ ହରେକୃଷ୍ଣ ମହାନ୍ତ ପ୍ରଣବ ପଟ୍ଟନାୟକ ପ୍ରାର୍ଥନା, ସମୁଦ୍ର ଓ ମାଝୀ ଗୀତ ପାଇଁ ସର୍ବଜନାଦୃତ ଥିଲେ ବୋଲି କହିଥିଲେ ଓ ତାଙ୍କର କିଛି ଲୋକପ୍ରିୟ ଗୀତ ବୋଲିଥିଲେ । ଓଡିଶୀ ନୃତ୍ୟଶିଳ୍ପୀ ଶୁଭଦୀପ୍ତି ଓ ଆକାଂକ୍ଷା ପ୍ରଣବ ପଟ୍ଟନାୟକଙ୍କୁ ନୃତ୍ୟ ମାଧ୍ୟମରେ ଶ୍ରଦ୍ଧାଂଜଳି ଦେଇଥିଲେ । ସହରର ଅନେକ ସଂଗୀତ ପ୍ରେମୀ ଉପସ୍ଥିତ ଥିଲେ।

ସରଗଡ଼ାଠାରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଜନ ଶୁଣାଣି

ବାରିପଦା(ଅମୃତମିଡିଆ): ଗ୍ରାମ ଅଭିମୁଖେ ପ୍ରଶାସନ- ଏହି ଉଦ୍ଦେଶ୍ୟକୁ ଫଳପ୍ରସୂ କରିବା ଲକ୍ଷ୍ୟନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ବିଜାତଳା ବ୍ଲକ ଅଧୀନସ୍ଥ ସରଗଡା ଗ୍ରାମ ପଞ୍ଚାୟତ ପରିସରରେ ଯୁଗ୍ମ ଜନ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ ଉଗ୍ରେସନ ଓରାମ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଯୋଗରଞ୍ଜନ ନାୟକ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର ନାଥ ମାର୍ଣ୍ଡି, ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସରଗଡା ଗ୍ରାମ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ହୋଇ ନିଜ ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ଶିବିରରେ ୯୦ଗୋଟି ବ୍ୟକ୍ତିଗତ ଓ ୨୩ଗୋଟି ସାମୂହିକ ସମସ୍ୟା ସମ୍ପର୍କିତ ବିଭିନ୍ନ ଅଭିଯୋଗ ସହ ସମୁଦାୟ ୧୧୩ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜମିଜମା, ଆବାସ, ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ଯୋଜନା, ଭତ୍ତା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ବିଷୟ ସମ୍ପର୍କିତ ଅଭିଯୋଗ ଲୋକମାନେ ଉପସ୍ଥାପନ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଉପସ୍ଥିତ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଯାୟୀ ତ୍ୱରିତ ଓ ନିୟମାନୁସାରେ ସମାଧାନ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗ ସମ୍ପର୍କିତ ଅଭିଯୋଗ ଶୁଣି ସମାଧାନର ପଦକ୍ଷେପ ନେଇଥିଲେ। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉକ୍ତ ଶିବିରରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଉପଖଣ୍ଡ ଅଧିନସ୍ଥ ତହସିଲଦାର, ବିଡିଓ ଓ ବିଭିନ୍ନ ବିଭାଗର ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଏବଂ ସରଗଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଜାତଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବଂଶୀଧର ଖୋଶଲାଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା। ଜନସାଧାରଣଙ୍କ ନିକଟରେ ପ୍ରଶାସନକୁ ପହଞ୍ଚାଇବା, ସେମାନଙ୍କ ଅଭିଯୋଗ ଶୁଣିବା ଏବଂ ସମସ୍ୟାର ତ୍ୱରିତ ସମାଧାନ କରିବା ଦିଗରେ ଏଭଳି ଜନ ଅଭିଯୋଗ ଶୁଣାଣି ଶିବିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ କରାଯାଇଛି ।

ଲାୟନ୍ସ କ୍ଲବ ଅଫ୍ ବାରିପଦା ପକ୍ଷରୁ ଖାଦ୍ୟ ବଣ୍ଟନ

ବାରିପଦା(ଅମୃତମିଡିଆ): ବାରିପଦା ଲାୟନ୍ସ କ୍ଲବ ତରଫରୁ ଖ୍ରୀମଙ୍ଗୀ ଫାଉଣ୍ଡେସନ ସହଯୋଗରେ ସ୍ୱର୍ଗତ ଦୟା ଭାଇ ଖ୍ରୀମଙ୍ଗୀଙ୍କ ଜନ୍ମ ଓ ମୃତ୍ୟୁ ବାର୍ଷିକୀ ଅବସରରେ ତାଙ୍କ ସ୍ମୃତିରେ ଆନନ୍ଦ ସବକେ ଲିଏ ନାମରେ ଏକ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଆଶ୍ରମ ଅନ୍ତେବାସୀ

ଏବଂ ଆବଶ୍ୟକତା ଥିବା ଲୋକମାନଙ୍କୁ ପୁଷ୍କିର ଓ ସଦ୍ୟ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହା ମାଧ୍ୟମରେ ସମାଜରେ ଦୟା, ସହାନୁଭୂତି, ମାନବିକତା ଓ ସେବା ଭାବନାର ବାର୍ତ୍ତା ପ୍ରସାର କରାଯାଇଥିଲା । ଲାୟନ୍ସ କ୍ଲବ ଅଫ ବାରିପଦାର ସଦସ୍ୟମାନେ ଖାଦ୍ୟ ପ୍ରସ୍ତୁତି, ପରିବେଷଣ ଓ ବଣ୍ଟନରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ ।

ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମା' ସିନିଙ୍ଗ

ବାରିପଦା /ଉଦଳା(ଅମୃତମିଡିଆ):

କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଡୁଭିଆ ଗ୍ରାମର ବସବାସ କରୁଥିବା ବିଧବା ମା' 'ସିନିଙ୍ଗ ବାସ୍କେ' ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ସିନିଙ୍ଗ ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । ଖବର ନେବାରୁ ଅତିତରେ ସିନିଙ୍ଗ ଲାବଣ୍ୟଦେଇପୁର ପଂଚାୟତ ଅନ୍ତର୍ଗତ କଟୁରିଆ ଗ୍ରାମରେ ରହୁଥିଲେ ଓ କାମ କରି ଚଳୁଥିଲେ । ପରେ ସେଠାରେ କିଛି କାମଧନ୍ଦା ନମିଳିବାରୁ ସେ ଆଜକୁ ୩ ବର୍ଷ ତଳୁ ପଦ୍ମପୋଖରୀ ପଂଚାୟତର ଡୁଭିଆ ଗ୍ରାମକୁ ପଳାଇ ଆସିଥିବାର ଜଣାଇଛନ୍ତି । ଡୁଭିଆ ଗ୍ରାମରେ ଚଳିବା ପାଇଁ କାମଧନ୍ଦା ମିଳିଯାଇଥିବାରୁ ସେ ଏଠାରେ ବର୍ତମାନ ରହୁଛନ୍ତି । ତାଙ୍କର ସ୍ୱାମୀ ବାଲାଏ ବାସ୍କେଙ୍କର ବହୁଦିନ ତଳେ ଦେହାନ୍ତ ହୋଇଯାଇଥିବାର ସିନିଙ୍ଗ କହିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହିତ ତୁରନ୍ତ ବିଧବା ମା' ସିନିଙ୍ଗଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଭତା ପ୍ରଦାନ କରିବାକୁ ବହୁ ସ୍ୱେଚ୍ଛାସେବୀ ଅନୁରୋଧ ଜଣାଇଛନ୍ତି ।

ଉଦଳା ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର କର୍ମକର୍ତା ନିର୍ବାଚନ

ବାରିପଦା / ଉଦଳା (ଅମୃତମିଡିଆ): ଉଦଳା ମହାବିଦ୍ୟାଳୟ ପୁରାତନ ଛାତ୍ର

ସଂସଦର କର୍ମକର୍ତା ନିର୍ବାଚନ ପର୍ବ ରବିବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ତଥା ପୁରାତନ ଛାତ୍ର ବସନ୍ତ କୁମାର ପାତ୍ର ଏଥିରେ ଅଧକ୍ଷତା କରି କହିଲେ, ଆମ ମହାବିଦ୍ୟାଳୟ ବର୍ତମାନ ୬୧ ବର୍ଷ ବୟସରେ ପଦାର୍ପଣ କଲାଣି । ଇତି ମଧ୍ୟରେ ଏହାର ରଜତ ଜୟନ୍ତୀ ଓ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବେଶ୍ ଧୁମଧାମ୍‌ରେ ପାଳିତ ହୋଇ ଯାଇଛି । ଆଗାମୀ ଦିନରେ ପ୍ଲାଟିନମ ଜୁବୁଲି ପାଳିତ ହେବାକୁ ଯାଉଛି । ସେଥିପାଇଁ ପୁରାତନ ଛାତ୍ର ସଂସଦର ସକ୍ରୀୟ ଭୂମିକା ରହିବା ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟରେ କହିଥିଲେ । ଏହାପରେ ନୂତନ କର୍ମକର୍ତା ଚୟନ ପର୍ବ ଆରମ୍ଭ ହୋଇଥିଲା। ଏଥିରେ ବସନ୍ତ କୁମାର ପରିଡ଼ା ସଭାପତି, ପୁର୍ଣ୍ଣଚନ୍ଦ୍ର ବିଶ୍ୱାଳ ଉପସଭାପତି, ଭୋଳାନାଥ ସାହୁ ସଂପାଦକ, ଆରତ କୁମାର ପରିଡ଼ା ସହ ସଂପାଦକ, ସତ୍ୟନାରାୟଣ ବେହେରା କୋଷାଧକ୍ଷ ଭାବରେ ସର୍ବସମ୍ମତି କ୍ରମେ ମନୋନିତ ହେଲେ । କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସର୍ବେଶ୍ୱର ରାଉତ, ରଜତ କୁମାର ମହାପାତ୍ର, ନାରାୟଣ ପଟନାୟକ, ରତିକାନ୍ତ ବେହେରା, ରମେଶ ଚନ୍ଦ୍ର ବେହେରା, କମଳାକାନ୍ତ ଲେଙ୍କା, ପ୍ରାଚ୍ୟସୁମନ ମହାନ୍ତି, ପ୍ରତାପ ଚନ୍ଦ୍ର ସାହୁ, ବିଦ୍ୟାଧର ବାରିକ, ବିବେକାନନ୍ଦ ରାଜ ପ୍ରମୁଖଙ୍କ ନାମ ସଭାପତି ଘୋଷଣା କରିଥିଲେ । ସଂସଦର ପ୍ରାକ୍ତନ ସଭାପତି ଡ଼ା. ସଚ୍ଚିଦାନନ୍ଦ ପରିଡ଼ା ବିଗତ ଦିନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ସମୟର ଅନୁଭବ ବଖାଣିଥିଲେ ।

ବହଳଦା ବିଜେପି ପକ୍ଷରୁ ସନ୍ଥ ଶିରୋମଣି ରବିଦାସଙ୍କ ଜୟନ୍ତୀ ଓ ସମରସତା ସଙ୍କଳ୍ପ ଅଭିଯାନ

ବାରିପଦା(ଅମୃତମିଡିଆ): ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବି ଦାସଙ୍କ ୬୫୦ ତମ ଜୟନ୍ତୀ ଅବସରରେ ବହଳଦା ମା' କିଚକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ 'ସମରସତା ସଙ୍କଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ମୁଖ୍ୟ ବକ୍ତାଭାବେ କବି ବିଷ୍ଣୁ ଶତପଥୀ ,ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବୀନ ରାମ, ବିଜେପି ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ,ଏସି ସେଲ ଜିଲ୍ଲା ସଭାପତି ସୁବାସ ବେହେରା, ବରିଷ୍ଠ ବିଜେପି ନେତା ଜୟନ୍ତ ମହାପାତ୍ର, ମାଧବ ମହାପାତ୍ର,ବହଳଦା ମଣ୍ଡଳ ସଭାପତି ସୁନିଲ ମହାନ୍ତ, ଝରାଡିହି ମଣ୍ଡଳ ସଭାପତି ସନ୍ତୋଷ

ମହାପାତ୍ର, ମିଥିଳା ଟୁଡୁ, ରାଣୀ ମଣ୍ଡଳ, ଯାଜ୍ଞସେନୀ ବେହେରା, ରଞ୍ଜିତା ମହାନ୍ତ, ମଂଜୁଲତା ଗିରି, ନିରୁପମା ଟୁଡୁ, ଯୁବମୋର୍ଚା ସଭାପତି ଲିଟୁ ମହାନ୍ତ, ରା

ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବହୁ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ପୌରପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୌରପରିଷଦର ଉପାଧକ୍ଷ ତଥା ଭାରପ୍ରାପ୍ତ ଅଧକ୍ଷ ଜି. ପାପା ରାଓଙ୍କ ତତ୍ତ୍ୱାବଧାନରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ସହ ବହୁ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଥିଲା ।

ପୂର୍ବାହ୍ନରେ ରାମଧୁନରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହାପରେ ଜାତୀୟ ପତାକା ଉତ୍ତୋଳନ, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଏବଂ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଏହି ଅବସରରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଓ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୌରପରିଷଦ ଠାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ । ପରେ ଭାରପ୍ରାପ୍ତ ଅଧକ୍ଷ ଜି. ପାପାରାଓ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଉଭୟ ସାଂସଦ ଓ ବିଧାୟକ ଯୋଗଦେଇ ସ୍ୱାୟତ୍ତ ଶାସନ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିବା ସହ ଛତ୍ରପୁର ପୌରପରିଷଦକୁ ଏକ ଆଦର୍ଶ ତଥା ଶ୍ରେଷ୍ଠ ପୌରପରିଷଦ ଭାବେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଏସ୍ ?ପି ଅଷ୍ଟମ ବାଟାଲିୟନର କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାଶ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ଓ ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ । ଛତ୍ରପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ପୌରପରିଷଦର କାଉନସିଲର ବୃନ୍ଦ , କର୍ମଚାରୀଙ୍କ ସମେତ ବହୁ ଜନସାଧାରଣ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଛତ୍ରପୁର ସହରର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ସ୍ୱେଚ୍ଛାସେବୀ, ଶିକ୍ଷାବିତ ଓ ସାମ୍ବାଦିକମାନଙ୍କୁ ପୌରପରିଷଦ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦିବସର ସମାପନ ହୋଇଥିଲା ।

ନିଶାମୁକ୍ତ ଓଡ଼ିଶା ସହ ସାଇବର ସୁରକ୍ଷା ସଚେତନତା

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ହାଇସ୍କୁଲ ପରିସରରେ ସୋମବାର ଚମାଖଣ୍ଡି ଥାନା ପକ୍ଷରୁ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ସହ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ହାଇସ୍କୁଲର ପ୍ରଧାନଶିକ୍ଷକ ଦେବରାଜ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଚମାଖଣ୍ଡି ଥାନା ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ସାଇବର ଥାନା ଆଇଆଇସି ଜ୍ୟୋତିରଞ୍ଜନ ବେହେରା, ଏସ୍‌ଆଇ ଅଗସ୍ତ୍ୟ ବିଶ୍ୱାଳ, ଚମାଖଣ୍ଡି ଥାନା ଏସ୍‌ଆଇ ଅଭିଜିତ ସାମଲ, ନରେନ୍ଦ୍ରପୁର ସମିତି ସଭ୍ୟା ବି. ସୋନାଲି ସେନାପତି ଓ ଅଳିଅଳ ସେନାପତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶାସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରାଯିବା ସହ ଅନଲାଇନ୍ ଠକେଇ, 'ଡିଜିଟାଲ ଆରେଷ୍ଟ', ଅଜଣା ଲିଙ୍କ୍‌ରେ କ୍ଲିକ୍ ନକରିବା ଏବଂ ଓଟିପି କାହା ସହିତ ସେୟାର ନକରିବା ନେଇ ସତର୍କ କରାଯାଇଥିଲା ।

ସୂର୍ଯ୍ୟନାରାୟଣ ପାଣିଗ୍ରାହୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ(ପିଷ୍ଟା) ଫକ୍ଷରୁ ଗତ ଜୁଲାଇ ମାସ ୩୧ ତାରିଖ ଦିନ ଏହି ବ୍ଲକ୍‌ର ମଧୁପଲ୍ଲୀ ଗ୍ରାମ ପଞ୍ଚାୟତ ସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜିଲୁଣ୍ଡାରୁ ଅବସର ନେଇଥିବା ଆଦର୍ଶ ଶିକ୍ଷକ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀଙ୍କୁ ବିଦାୟକାଳୀନ ଭାବବିହ୍ୱଳ ସମ୍ବର୍ଦ୍ଧନା ଦିଆଯାଇଛି । ପୋଲସରା ସ୍ଥିତ ଶିକ୍ଷକ ସଂଘ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘ ସଭାପତି ତଥା ଶିକ୍ଷକ ସନ୍ୟାସୀ ସାହୁ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଦିଲ୍ଲୀପ କୁମାର ସେଠୀ ସମ୍ପାଦନା ଦାୟିତ୍ୱ ତୁଲାଇଥିଲେ । ସଦସ୍ୟ ତଥା ବଡ଼ପଙ୍କଜବାଡ଼ି ସିଆରସିସି ଜିତେନ୍ଦ୍ର କୁମାର ପାଢ଼ୀଙ୍କ ସଂଯୋଜନାରେ ସଂଘର କୋଷାଧକ୍ଷ ତଥା ଶିକ୍ଷକ ସୁଶାନ୍ତ କୁମାର ଡାକୁଆଙ୍କ ସମେତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସି ଯୋଗଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଅବସର ନେଇସାରିଥିବା ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଜଣେ ମୃଦୁଭାଷୀ, ଦକ୍ଷତା ସମ୍ପନ୍ନ, ସ୍ଥିତପ୍ରଜ୍ଞ, ଉତ୍ତମ ବ୍ୟବହାର ଓ ଛାତ୍ରବତ୍ସଳ, ଗୁଣ ସମ୍ପନ୍ନ ବ୍ୟକ୍ତି ବୋଲି କହିଥିଲେ । ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁଖ, ନିରାମୟ ହେବା ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସଂଘ ପକ୍ଷରୁ ସୂର୍ଯ୍ୟ ନାରାୟଣଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହିତ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସମ୍ବର୍ଦ୍ଧିତ ଶିକ୍ଷକ ଭାବବିହ୍ୱଳ କଣ୍ଠରେ ଜୀବନ ଗତ ୨୦୦୬ ସାଲରୁ ଆରମ୍ଭ ଶିକ୍ଷାଦାନ କର୍ମମୟ ଜୀବନ ଠାରୁ ଆରମ୍ଭ କରି ଗତ ତା-୩୦/୭/୨୦୨୬ ରିଖ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ କାଳ ସମୟର ଅନୁଭୂତି ବର୍ଣ୍ଣନା କରିବା ସହିତ ତାଙ୍କୁ ସହଯୋଗ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବନ୍ଧୁଙ୍କ ସମେତ କାର୍ଯ୍ୟାଳୟରୁ ମିଳିଥିବା ସହଯୋଗ ପାଇଁ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଥିଲେ । ଶେଷରେ କର୍ମକର୍ତ୍ତା ତଥା ଗଣ ଯୋଗାଯୋଗ ବିଭାଗ ଶିକ୍ଷକ ବସନ୍ତ ମହାରଣା ଭାବପୂର୍ଣ୍ଣ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ କରିବାରେ ସହଯୋଗ କରିଥିବା ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ଦିବ୍ୟାଙ୍ଗ ନାବାଳିକା ଅପହରଣ ଘଟଣା...

ଯୁବକ ଗିରଫ, ପୂର୍ବରୁ ଦୁଷ୍କର୍ମ ମାମଲାରେ ଜେଲ୍

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ସରକାରୀ ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ୫ ବର୍ଷର ଜଣେ ଦିବ୍ୟାଙ୍ଗ ନାବାଳିକାକୁ ଅପହରଣ ଘଟଣାରେ ଛତ୍ରପୁର ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରାଜପୁର ଗ୍ରାମର ଧ୍ରୁବ ଗୌଡ଼ ବୋଲି ଜଣାପଡ଼ିଛି । ପୂର୍ବରୁ ୨୦୧୧ ମସିହାର ଏକ ଦୁଷ୍କର୍ମ ମାମଲାରେ ଧ୍ରୁବ ପ୍ରାୟ ୪ ବର୍ଷ ଜେଲ୍ ?ରେ ରହିଥିବା ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି ।

ସୂଚନାନୁସାରେ, ଗତକାଲି ନାବାଳିକା ତା'ର ଜେଜେମା'ଙ୍କ ସହ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଥିଲା । ଏହି ସମୟରେ ଅଭିଯୁକ୍ତ ଧ୍ରୁବ ନାବାଳିକାକୁ ବିସ୍କୁଟ ଓ ପ୍ରୁଟି ଦେଇ ପରେ ତାକୁ ନେଇ ସେଠାରୁ ଚାଲିଯାଇଥିଲା । କିଛି ସମୟ ପରେ ଜେଜେମା' ନାବାଳିକାକୁ ଖୋଜାଖୋଜି କରିଥିଲେ ମଧ୍ୟ ତା'ର ପତ୍ତା ମିଳିନଥିଲା । ଘଟଣା ସମ୍ପର୍କରେ ପୋଲିସ ଖବର ପାଇବା ପରେ ମେଡିକାଲ ପରିସରର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା । ଏଥିରେ ଜଣେ ବ୍ୟକ୍ତି ନାବାଳିକାକୁ ନେଇ ଯାଉଥିବା ଦୃଶ୍ୟ ପୁଲିସ ହାତରେ ଲାଗିଥିଲା । ନାବାଳିକାକୁ ଶୀଘ୍ର ଉଦ୍ଧାର କରିବା ପାଇଁ ପୋଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା । ଏଥିସହ ନାବାଳିକାର ଫଟୋ ବିଭିନ୍ନ ସ୍ଥାନକୁ ପଠାଯାଇବା ସହ ସୋସିଆଲ ମିଡିଆରେ ପ୍ରଚାର କରାଯାଇଥିଲା । ପରେ ମେଡିକାଲଠାରୁ ପ୍ରାୟ ୧୦ କିଲୋମିଟର ଦୂର ଦନେଇ ବ୍ରହ୍ମପୁର ଗ୍ରାମରେ ନାବାଳିକା ଥିବା ସମ୍ପର୍କରେ ଗ୍ରାମବାସୀ ଜାଣିବାକୁ ପାଇଥିଲେ । ସୋସିଆଲ ମିଡିଆରେ ପ୍ରଚାରିତ ନାବାଳିକାର ଫଟୋ ଦେଖି ଗ୍ରାମବାସୀ ଅଭିଯୁକ୍ତକୁ କାବୁ କରିବା ସହ ପୋଲିସକୁ ଖବର ଦେଇଥିଲେ । ଛତ୍ରପୁର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିବା ସହ ଧ୍ରୁବକୁ ଗିରଫ କରିଥିଲା । ଏନେଇ ଛତ୍ରପୁର ଥାନାରେ ୪୧୨ ନଂ ର ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ପକ୍ଷରୁ ପ୍ରେସ ମିଟ ଯୋଗେ ସୂଚନା ଦେଇଛନ୍ତି ।

ଚାନ୍ଦବାଲିରେ ସ୍ୱାୟତ୍ତ ଶାସନ ଦିବସ

ଭିଡିଓ କନଫରେନ୍ସରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଲୋକାର୍ପଣ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ଏନଏସି ପକ୍ଷରୁ ପାଳିତ ହୋଇଛି ସ୍ୱାୟତ୍ତ ଶାସନ ଦିବସ । ଏହି ଅବସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଲୋକାର୍ପଣ କରିଛନ୍ତି । ପରେ ଏନଏସି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା ।

ଚାନ୍ଦବାଲିରେ ଉତ୍ସାହର ସହ ପାଳିତ ହୋଇଛି ସ୍ୱାୟତ୍ତ ଶାସନ ଦିବସ। ଏହି ଅବସରରେ ଚାନ୍ଦବାଲି ଏନଏସି ପକ୍ଷରୁ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏନଏସି ଅଧିକାରୀ ଆବାସ ରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷା ଶାନ୍ତିଲତା ସେଠୀ, ବିଡ଼ିଓ ସଂଜୀବ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସେହିପରି ବିଶେଷ ଅତିଥି ଭାବେ ଚାନ୍ଦବାଲି ଥାନା ଅଧିକାରୀ ପରେଶ ମହାନ୍ତିଙ୍କ ସମେତ ଏନଏସିର ବିଭିନ୍ନ କାଉନସିଲର ଯୋଗଦେଇଥିଲେ ।

ଇତିହାସ ବିଭାଗ ଯୁକ୍ତ-୩ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ପୋଲସରା (ଅମୃତ ମିଡିଆ): ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଇତିହାସ ବିଭାଗ ଫକ୍ଷରୁ ଯୁକ୍ତ-୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଭାଗ ଅଧ୍ୟାପିକା ଏନସିସି ଲେଫ୍ଟନାଣ୍ଟ ବିନତା କୁମାରୀ ଦାସଙ୍କ ପରିଚାଳନା ଏବଂ ଯୁକ୍ତ-୨ ଓ ଯୁକ୍ତ-୩ ବର୍ଷର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷ ଡ. ଭଗବାନ ତ୍ରିପାଠୀ, ପ୍ରଶାସନିକ ଅଧିକାରୀ ପ୍ରଫେସର ରୁଦ୍ର ପ୍ରସାଦ ଗୌଡ଼, ପରୀକ୍ଷା ପରିଚାଳନା ଅଧିକାରୀ ଅଧାପକ ମନୋଜ କୁମାର ସ୍ୱାଇଁ, ଖେଳ ବିଭାଗ ଦାୟକ କୁମାର ସ୍ୱାଇଁ, ଡ. ସୁଦାମ ସେଠୀ, ଅସୀତ କୁମାର ସାହୁ, ବସନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବା ସହିତ ସ୍ୱାଗତ ଓ ଶୁଭେଚ୍ଛା ଜଣାଇଥିଲେ ।

ଗତ ୨୦୨୫ ସାଲରେ ଏହି ଇତିହାସ ବିଭାଗର ପ୍ରାକ୍ତନ ଛାତ୍ରୀ ଝରଣା ଭୂୟାଁ ବିଶ୍ୱବିଦ୍ୟାଳୟ ସ୍ତରରେ ସପ୍ତମ ସ୍ଥାନ ଅଧିକାର କରିଥିବାଯୋଗୁଁ ଇତିହାସ ବିଭାଗ ଫକ୍ଷରୁ ତାଙ୍କୁ ସ୍ୱତନ୍ତ୍ର ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହିତ ଶୁଭେଚ୍ଛା ଦିଆଯାଇଥିଲା । ଏଥିସହ ଏହି ବିଭାଗର ଅନ୍ୟ ସମସ୍ତ ଅଧାପକ, ଅଧାପିକାମାନେ ମଧ୍ୟ ନବାଗତ ଛାତ୍ରଛାତ୍ରୀମାନଙ୍କୁ ବିଭାଗର ଶିକ୍ଷାଦାନ ପ୍ରଣାଳୀ, ଶୈକ୍ଷିକ ପରିବେଶ ଓ ବିଭିନ୍ନ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅବଗତ କରିଥିଲେ । ପରେ ନବାଗତ ଛାତ୍ରଛାତ୍ରୀମାନେ ମଧ୍ୟ ବିଭାଗର ବରିଷ୍ଠ ଛାତ୍ରଛାତ୍ରୀଙ୍କ ଠାରୁ ସହଯୋଗ ଏବଂ ସମସ୍ତ ଅଧାପକ ଅଧାପିକାମାନଙ୍କ ଆଶୀର୍ବାଦରେ ଅନୁପ୍ରାଣିତ ହୋଇ ଉତ୍ତମ ଶିକ୍ଷା ଆହରଣ କରିବାକୁ ଆଶା ବ୍ୟକ୍ତ କରିଥିଲେ ।ଶେଷରେ ଲେଫ୍ଟନାଣ୍ଟ ବିନତା କୁମାରୀ ଦାସ ବିଭାଗର ମୁଖ୍ୟ ହିସାବରେ ଉପସ୍ଥିତ ସମସ୍ତ ମାନ୍ୟାସିନ ଅତିଥିବୃନ୍ଦ, ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଏବଂ କର୍ମଚାରୀଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ମ୍ୟାଲେରିଆ ସଚେତନତା

ବ୍ରହ୍ମପୁର (ଅମୃତ ମିଡିଆ): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଚିର ନିରୋଗ ପାଇଁ ବିଷମ ଜ୍ୱର ସଚେତନା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ମ୍ୟାଲେରିଆ କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରାଇଥିଲେ । ଭାରତୀୟ ଚିକିତ୍ସା ବିଜ୍ଞାନରେ ପାଞ୍ଚ ହଜାର ବର୍ଷ ପୂର୍ବରୁ ବିଷମଜ୍ୱର ସମ୍ବନ୍ଧରେ ଲେଖାଯାଇଛି । ମଶା କାମୁଡ଼ିଲେ ଏହି ରୋଗ ହୁଏ । ଜ୍ୱର ଲାଗିରହିଲେ ସନ୍ତତ, ଚବିଶ ଘଣ୍ଟାରେ ଦୁଇ ଥରେ ଆସିଲେ ସତତ, ପ୍ରତିଦିନ ଥରେ ହେଲେ ଅନ୍ୟେଦ୍ୟୁଷ୍କ, ତିନି ଦିନରେ ଥରେ ହେଲେ ତୃତୀୟକ, ଚାରିଦିନରେ ଥରେ ହେଲେ ଚତୁର୍ଥକ କୁହଯାଏ ଏ ଜ୍ୱର ଆସିଲେ ମୁଣ୍ଡବ୍ୟଥା, ପ୍ରବଳ କମ୍ପ ପରେ ଝାଳ ବାହାରି ଜ୍ୱର ଛାଡି ଯାଏ ପୁଣି ହୁଏ ।

ବସ୍ ମାଲିକ ସଂଘ ଉପସଭାପତିଙ୍କ ପରଲୋକ

ଭଞ୍ଜନଗର (ଅମୃତ ମିଡିଆ): ଘୁମୁସର ଘରୋଇ ବସ ମାଲିକ ସଂଘ ଭଞ୍ଜନଗର ର ପୂର୍ବତନ ସମ୍ପାଦକ ତଥା ବର୍ତମାନ ର ଉପ-ସଭାପତି ସୁବାସ ଚନ୍ଦ୍ର ଦିହୁଡିଙ୍କ ପରଲୋକ । ରବିବାର ଅପରାହ୍ନ ରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ଘଟିଛି । ସେ ଦୀର୍ଘ ଦିନ ହେଲା, ହୃଦଘାତ, ଯକୃତ, କର୍କଟ ଜନିତ ରୋଗରେ ପୀଡିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ପରିଚିତ, ଚେହେରା ଥିଲେ । ଏହା ସହ ଜଣେ ବସ୍ ମାଲିକ ଭାବେ ଦୀର୍ଘ ଦିନରୁ ସେ ଜଣାଶୁଣା ବ୍ୟକ୍ତି ଥିଲେ । ତାଙ୍କର ବିୟୋଗରେ, ଗଞ୍ଜାମ ଜିଲ୍ଲା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ବସ୍ ମାଲିକଙ୍କ ପକ୍ଷରୁ ଶୋକ ପ୍ରକାଶ ପାଇଛି । ଏହାସହ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସେ ଜଣେ ମେଳାପୀ, ବନ୍ଧୁ ବତ୍ସଳ ଏବଂ ପରୋପକାରୀ ମଣିଷ ଥିଲେ ।

ଏସ୍‌ଆଇଆର୍ କାର୍ଯ୍ୟରେ ଗଞ୍ଜାମର ଅଗ୍ରଗତି ସନ୍ତୋଷଜନକ: ପର୍ଯ୍ୟବେକ୍ଷକ ଶ୍ରୀ ରେଡ୍ଡୀ

ଛତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ଜିଲ୍ଲା ଭୋଟର ତାଲିକା ପର୍ଯ୍ୟବେକ୍ଷକ ତଥା ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ । ଏସ୍‌ଆଇଆର୍ ପ୍ରକ୍ରିୟାକୁ ନିର୍ଭୁଲ, ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସମ୍ପାଦନ କରିବା ସହ ଜଣେ ହେଲେ ମଧ୍ୟ ଯୋଗ୍ୟ ଭୋଟର ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ସମସ୍ତେ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ଏସ୍‌ଆଇଆର୍-୨୦୨୬ର ଅଗ୍ରଗତି ସମୀକ୍ଷା ପାଇଁ ଆଜି ଜିଲ୍ଲାପାଳଙ୍କ ସନ୍ନିଳନୀ କକ୍ଷରେ ଶ୍ରୀ ରେଡ୍ଡୀଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଜିଲ୍ଲାର ସମସ୍ତ ନିର୍ବାଚକ ପଞ୍ଜୀକରଣ ଅଧିକାରୀ , ଡେପୁଟି କଲେକ୍ଟର ଡ. ଅରୁଣ କୁମାର ଖଣ୍ଡା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏସ୍‌ଆଇଆର୍ କାର୍ଯ୍ୟକ୍ରମର ଅଗ୍ରଗତି ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଏସ୍‌ଆଇଆର୍ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ରାଜନୈତିକ ଦଳଗୁଡ଼ିକର ସହଯୋଗ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ ।

ପରବର୍ତ୍ତୀ ବୈଠକରେ ଜିଲ୍ଲାର ସମସ୍ତ ଇଆ ?ଓଙ୍କ ସହ ଏସ୍ ?ଆଇଆ ?ର କାର୍ଯ୍ୟର ବର୍ତ୍ତମାନ ସୁଦ୍ଧା ଅଗ୍ରଗତି, ଭୋଟର ତାଲିକାର ଶୁଦ୍ଧତା ଏବଂ ଏକ ଆଦର୍ଶ ଭୋଟର ତାଲିକା ପ୍ରସ

ନିରବ ସତ୍ୟାଗ୍ରହ ପଦଯାତ୍ରାର ୧୫୩ ଦିନ

ସତ୍ୟ ଓ ଅହିଂସା ପଥରେ ଅଟଳ ପୁରୀବାସୀ

ପୁରୀ (ବ୍ୟୁରୋ): ଦିନ ପରେ ଦିନ ବିତୁଛି, ହେଲେ ପୁରୀବାସୀଙ୍କ ଦାବି ଓ ସଂକଳ୍ପରେ କୌଣସି ପରିବର୍ତ୍ତନ ଆସିନାହିଁ। ନ୍ୟାୟସଙ୍ଗତ ଅଧିକାର ପାଇଁ ସତ୍ୟ ଓ ଅହିଂସାର ମାର୍ଗରେ ଆରମ୍ଭ ହୋଇଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୫୩ ଦିନରେ ପହଞ୍ଚିଛି। ଦାବି ପୂରଣ ହୋଇନଥିଲେ ମଧ୍ୟ ଆନ୍ଦୋଳନର ଗତି ଥମିନାହିଁ, ବରଂ ଦୀର୍ଘ ଦିନର ଏହି ଯାତ୍ରା ପୁରୀବାସୀଙ୍କ ଦୃଢ଼ ଏକତା ଓ ଅଧିକାର ସଚେତନତାର ପ୍ରମାଣ ହୋଇଛି।ପୁରୀବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦାବିରେ ଗତ ଏପ୍ରିଲ ୧ ତାରିଖରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ଓ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିଦିନ ଶାନ୍ତିପୂର୍ଣ୍ଣ ଭାବେ ଏହି ପଦଯାତ୍ରା ଜାରି ରହିଛି। ଆଜି ମଧ୍ୟ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପୀଠରେ ଏକାଠି ହୋଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ଓ ପୂର୍ବପରି ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।। ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୩ ଦିନ ଧରି ପୁରୀବାସୀ ନିଜ ଅଧିକାରର ପ୍ରଶ୍ନକୁ ଶାନ୍ତି ଓ ଅହିଂସାର ମାଧ୍ୟମରେ ସମାଜ ଓ ସରକାରଙ୍କ ସମ୍ମୁଖରେ ରଖିଆସୁଛନ୍ତି। ଏହା କେବଳ ଏକ ପଦଯାତ୍ରା ନୁହେଁ, ପୁରୀବାସୀଙ୍କ ଦୀର୍ଘଦିନର ଆସ୍ଥା, ପରମ୍ପରା ଓ ଅଧିକାର ସହ ଜଡ଼ିତ ଏକ ଭାବନାର ସ୍ୱର। ସେ କହିଛନ୍ତି, ଏହି ଆନ୍ଦୋଳନ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧୀ ଆନ୍ଦୋଳନ ନୁହେଁ। ଏହା ପୁରୀବାସୀଙ୍କ ନ୍ୟାୟସଙ୍ଗତ ଅଧିକାର ଓ ଧାର୍ମିକ ଭାବନାର ସୁରକ୍ଷା ପାଇଁ ଏକ ଅହିଂସାମୂଳକ ସତ୍ୟାଗ୍ରହ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ପଦଯାତ୍ରା। କୌଣସି ପରିସ୍ଥିତିରେ ବନ୍ଦ ହେବ ନାହିଁ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଆଜିର ଏହି ସଚେତନତା ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ସ୍ୱାଇଁ, ପ୍ରୀତ ରାଉତ, ନେହା ଦାସ, ଅଞ୍ଜୁବାଳା ମହାନ୍ତି, ମନୋରଞ୍ଜନ ରଣସିଂହ, ଲିଙ୍ଗରାଜ ସାହୁ, କାହ୍ନୁ ଚରଣ ପ୍ରଧାନ, ଯାଦବାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ରମେଶ ଚନ୍ଦ୍ର ମହାନ୍ତି, ରଶ୍ମିରଞ୍ଜନ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ବାପିନା ସାମନ୍ତରା, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହୋଇଥିଲେ।

୫ ଅଭିଯୁକ୍ତ ଗିରଫ

ପୁରୀ (ବ୍ୟୁରୋ): ମସିହା ଜୁଲାଇ ୧୪ ତାରିଖରେ ସାନ୍ଧ୍ୟ ୫ ଘଟିକା ସମୟରେ ପଟ୍ଟନାୟିକିଆ ଛକ ନିକଟରେ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା ଏବଂ ପଞ୍ଚୁଆ ବେହେରାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ତିନିଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସତ୍ୟବାଦୀ ଥାନାରେ କେସ୍ ନମ୍ବର ୧୧୪/୨୦୧୯ ରୁଜୁ କରାଯାଇ

ପଟ୍ଟନାୟିକିଆ ଛକ ହତ୍ୟାକାଣ୍ଡ ମାମଲା

ତଦନ୍ତ କରାଯାଇଥିଲା। ମାମଲାର ତଦନ୍ତ, ଚାର୍ଜସିଟ୍ ଦାଖଲ ଏବଂ ଅଦାଲତରେ ଆବଶ୍ୟକ କାଗଜପତ୍ର ଉପସ୍ଥାପନ ପ୍ରକ୍ରିୟାକୁ ପୁରୀ ଏସ୍ ?ପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱରେ ନିୟମିତ ଭାବେ ମନିଟରିଂ କରାଯାଇଥିଲା। ମାମଲାର ବିଚାର ପରେ ଆଜି ଅତିରିକ୍ତ ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ ୫ ଜଣ ଅଭିଯୁକ୍ତ ସୁବଳ ବେହେରା, ଶଙ୍କର ବେହେରା, ମିଟୁ ବେହେରା, ପୁନିଆ ବେହେରା ଓ ଚରଣ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥସହ ପ୍ରତ୍ୟେକଙ୍କୁ ୨୦,୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ତପସ୍ୱିନୀ ମହାନ୍ତି ମାମଲା ପରିଚାଳନା କରିଥିଲେ। ଏହି ରାୟ ଗୁରୁତର ଅପରାଧ ବିରୋଧରେ ଆଇନର ଦୃଢ଼ ପ୍ରୟୋଗ ଏବଂ ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଇବା ଦିଗରେ ପୁରୀ ପୁଲିସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ସ୍ୱାୟତ୍ତ ଶାସନ ଦିବସ

ଜନତାର ଆବଶ୍ୟକତା ପୂରଣ ହିଁ ଗଣତନ୍ତ୍ରର ମୂଳଲକ୍ଷ୍ୟ: ଉପମୁଖ୍ୟମନ୍ତ୍ରୀ

ପୁରୀ (ବ୍ୟୁରୋ): ପୁରୀ ଏକ ଆଧ୍ୟାତ୍ମିକ, ଐତିହ୍ୟ,ପର୍ଯ୍ୟଟନ ଓ ସଂସ୍କୃତି ସମୃଦ୍ଧ ପ୍ରାଚୀନ ସହର।୧୮୮୧ ରେ ପୁରୀ ପୌରପାଳିକା ଗଠିତ ହୋଇଥିଲା। ୨୦୩୧ କୁ ଏହା ୧୫୦ ବର୍ଷ ପୂର୍ତ୍ତି ହେବ।ଆମ ସମସ୍ତଙ୍କ ସହଭାଗିତା, ଜନସହଯୋଗ ଓ ପରସ୍ପର ମଧ୍ୟରେ ସମନ୍ୱୟ ଏହାର ବିକାଶ, ଉନ୍ନତିକୁ ତ୍ୱରାନ୍ୱିତ କରିପାରିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଆଜି ପୂର୍ବାହ୍ନରେ ଟାଉନ ହଲଠାରେ ପୁରୀ ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହାପ୍ରଭୁଙ୍କ ପାଦ ପଦ୍ମରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମହାପ୍ରଭୁଙ୍କ ଧାମ ପୁରୀ ଆମ ଓଡିଆ ଅସ୍ମିତାର ପରିଚୟ। ସରକାର ଏଥିପାଇଁ ପୁରୀକୁ ସ୍ୱତନ୍ତ୍ର ଦୃଷ୍ଟିରେ ଦେଖିବା ସହ ମହାନଗର ନିଗମ କରିଛନ୍ତି ବୋଲି କହିଥିଲେ।ଆଧ୍ୟାତ୍ମିକ ସହ ଆଧୁନିକତା, ପର୍ଯ୍ୟଟନ ସହ ଆର୍ଥିକ ସମୃଦ୍ଧି, ସଂସ୍କୃତି ସହ ଐତିହ୍ୟ ଓ ଭାଗିଦାରୀ ର ସଙ୍କଳିତ ଉଦ୍ୟମ ପୁରୀ କୁ ଏକ ଶ୍ରେଷ୍ଠ ଓ ଅନନ୍ୟ ସହରରେ ପରିଣତ କରିବ।ସେଥିପାଇଁ ଏୟାର ପୋର୍ଟର ବ୍ୟବସ୍ଥା, କ୍ରୁଜ ଟର୍ମିନାଲ, ଅନ୍ୟାନ୍ୟ ପର୍ଯ୍ୟଟନର ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପୁରୀ ର ପ୍ରାଚୀନ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ର ଉନ୍ନତି କରଣ କରାଯିବ।ଆମେ ସମସ୍ତେ ଜାଣନ୍ତି ପୁରୀ ରେ କୌଣସି ଶିଳ୍ପ କାରଖାନା ନାହିଁ। ମହାପ୍ରଭୁଙ୍କ ଶ୍ରୀମନ୍ଦିର ଓ ପର୍ଯ୍ୟଟନ କ୍ଷେତ୍ର ଆମ ପାଇଁ ବଡ ଉପଲବ୍ଧି।ତେଣୁ ଏଠାକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଙ୍କୁ ଅତିଥି ଦେବୋଭ୍ୱ ନ୍ୟାୟ ରେ ଉପଯୁକ୍ତ ସମ୍ମାନ, ସୁରକ୍ଷା ଓ ଆତିଥେୟତା ଦେବା ସହ ସହରକୁ ପରିଷ୍କାର, ପରିଚ୍ଛନ୍ନ ରଖିବା,ଜଳାଶୟ ଗୁଡିକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପ ବଦ୍ଧ ହେବା।ଯାହା ଆମ ଅର୍ଥନୀତି କୁ ସମୃଦ୍ଧ ସହ ପୁରୀକୁ ବିଶ୍ୱ ରେ ଏକ ଶ୍ରେଷ୍ଠ ସହରରେ ପରିଣତ ହୋଇ ପାରିବ ବୋଲି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପିପିଲି ବିଧାୟକ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ପୁରୀ ସହରର ଉନ୍ନତି, ସ୍ୱଚ୍ଛତା, ସୌନ୍ଦର୍ଯ୍ୟ ଓ ସୁରକ୍ଷା ଆମ ସମସ୍ତ ଙ୍କ ଦାୟିତ୍ୱ।କେବଳ ସରକାର ବା ପ୍ରଶାସନ ଙ୍କ ର ଏହା ଦାୟିତ୍ୱ ବୋଲି ନଭାବି ପ୍ରତ୍ୟେକ ଜଣେ ଜଣେ ଉତ୍ତମ ନାଗରିକ ର ଦାୟିତ୍ୱ ନିର୍ବାହ ପାଇଁ ଅନୁରୋଧ କରିଥିଲେ।ପୁରୀ ମହାନଗର ନିଗମର ଆୟୁକ୍ତ ଅଭିମନ୍ୟୁ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ ଓ ମହାନଗର ନିଗମର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ମାନେ ସଫେଇ କର୍ମଚାରୀଙ୍କୁ ଶାଢି, ମିଷ୍ଠାନ୍ନ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ୪ ଗୋଟି ଆଦର୍ଶ ଶୌଚାଳୟ ର ଉଦଘାଟନ ଓ ବଳିଆପଣ୍ଡା ଠାରେ ଏମ ଆର ଏଫ ର ଶିଳାନ୍ୟାସ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ କୁ ସଂଚାଳନ କରିଥିଲେ। ଶେଷରେ ଉପ ଆୟୁକ୍ତ ଅରଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ମହାନଗର ନିଗମ ଅଞ୍ଚଳ ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ ସହ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ସିଂହଦ୍ୱାର ଠାରୁ ଗାନ୍ଧୀ ଘାଟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାନଗର ନିଗମର ସମସ୍ତ ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

ଦୁର୍ଘଟଣାରେ ଯୁବକ ଗୁରୁତର

ପୁରୀ (ବ୍ୟୁରୋ): ପୁରୀ ବଳିଆପଣ୍ଡା ଅଞ୍ଚଳରେ ଗତକାଲି ରାତିରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ବଳିଆପଣ୍ଡା ପାର୍କ ସମ୍ମୁଖରେ ଜଣେ ଯୁବକଙ୍କୁ ଏକ ଝାଡ଼ଖଣ୍ଡ ନମ୍ବର ଗାଡ଼ି ଧକ୍କା ଦେବା ସହ ତାଙ୍କ ଉପରେ ମାଡ଼ିଯାଇଥିବା ଅଭିଯୋଗ ହୋଇଛି । ଘଟଣା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି ପୁରୀ ଗୌଡ଼ବାଡ଼ ସାହିର ୪୩ ବର୍ଷୀୟ କାମଦେବ ଆପଟ । ତାଙ୍କ ମୁଣ୍ଡ ଓ କାନରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଘଟଣାଟି ହିଟ୍ ଆଣ୍ଡ ରନ୍ ଭଳି ଘଟିଥିଲା। ଦୁର୍ଘଟଣା ପରେ ଗାଡ଼ିଟିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଖବର ପାଇ ବଳିଆପଣ୍ଡା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।ପୁଲିସ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଥିବା ଅନ୍ୟମାନଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି । ଦୁର୍ଘଟଣାର ପ୍ରକୃତ କାରଣ ଓ ଗାଡ଼ି ଚାଳକଙ୍କ ଭୂମିକା ନେଇ ପୁଲିସ ତଦନ୍ତ ଜାରି ରଖିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଝାଡ଼ଖଣ୍ଡର ହୋଇଥିବା ବେଳେ ଏଥିରେ ଥିଲା ଏକ ଅସ୍ଥାୟୀ ପଞ୍ଜୀକରଣ ନମ୍ବର । ନୂଆ ଗାଡ଼ି କିଣିବା ପରେ ସ୍ଥାୟୀ ପଞ୍ଜୀକରଣ ନମ୍ବର ମିଳିବା ପୂର୍ବରୁ ଯେଉଁ ଅସ୍ଥାୟୀ ନମ୍ବରରେ ଗାଡ଼ି ଚଳାଚଳ କରେ, ସେହି ନମ୍ବର ଗାଡ଼ିରେ ରହିଥିବା ଜଣାପଡ଼ିଛି । ନୂଆ ଗାଡ଼ି ଧରି ଝାଡ଼ଖଣ୍ଡରୁ ଓଡ଼ିଶା ଆସିଥିବା ବେଳେ ଏଭଳି ଦୁର୍ଘଟଣା ଘଟିଛି । ଏବେ ପୁଲିସ ଗାଡ଼ିର କାଗଜପତ୍ର, ଅସ୍ଥାୟୀ ପଞ୍ଜୀକରଣ ଓ ଦୁର୍ଘଟଣାର ସମସ୍ତ ଦିଗ ଯାଞ୍ଚ କରୁଛି । ଅନ୍ୟପଟେ ଗୁରୁତର କାମଦେବ ଆପଟଙ୍କ ଚିକିତ୍ସା ଜାରି ରହିଛି। ଘଟଣାକୁ ନେଇ ବଳିଆପଣ୍ଡା ଅଞ୍ଚଳରେ ଚିନ୍ତା ଓ ଉତ୍ତେଜନା ଦେଖାଦେଇଥିବା ବେଳେ, ପୁଲିସର ତଦନ୍ତ ପରେ ଦୁର୍ଘଟଣାର ସମ୍ପୂର୍ଣ୍ଣ ଚିତ୍ର ସାମ୍ନାକୁ ଆସିବ ।

ଆଇନ ସଚେତନତା ଶିବିର

ପୁରୀ (ବ୍ୟୁରୋ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ସୋମବାର ପୋକ୍ସୋ ଆକ୍ଟ ଓ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧାନ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦, ଏବଂ ସମୁଖ କାର୍ଯ୍ୟାଳୟ ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ଏବଂ ହିତାଧିକାରୀ ସେ ବିଷୟରେ ଆଲୋଚନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ବିଭିନ୍ନ ସରକାରୀ ଆଇନ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ଆଇନ ସହାୟକ ଓକିଲ ସୁଧୀର କୁମାର ଘୋଷ କର୍ମଶିବିରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନର ପ୍ରତିରୋଧ ଓ ପ୍ରତିକାର ଅଧିନିୟମ ସମ୍ପର୍କିତ ଆଲୋଚନା କରିଥିଲେ।

ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ

ସତ୍ୟବାଦୀ/ସୁଆଣ୍ଡୋ (ଅମୃତ ମିଡିଆ): ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପବିତ୍ର ଜୟନ୍ତୀ ଅବକାଶରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାର ପୂର୍ବାହ୍ନରେ ଏକ ବୌଦ୍ଧିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ୱାତକୋତ୍ତର ଓଡ଼ିଆ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର ମୁଖ୍ୟଅତିଥି ଓ ମଧ୍ୟକାଳୀନ ଓଡ଼ିଆ କାବ୍ୟ ସାହିତ୍ୟର ବିଶିଷ୍ଟ ପ୍ରବକ୍ତା ଡ. ପାର୍ଥସାରଥି ଅଜୟ ବାରିକ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଆଦର୍ଶମୟ ବ୍ୟକ୍ତିତ୍ୱ ଓ ସାରସ୍ୱତ କୃତି ସମୂହ ସଂପର୍କରେ ସବିଶେଷ ଆଲୋଚନା କରିଥିଲେ। ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ବଟୁବାହନ ମହାପାତ୍ର ଏହି ଆଲୋଚନାଚକ୍ରର ସଂଯୋଜନା କରିଥିଲେ। ଡ. ନିବେଦିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଥାନା ପାଲଟିଛି କବାଡ଼ିଖାନା

ପୁରୀ (ବ୍ୟୁରୋ): ଜିଲ୍ଲାରେ ୩୦ରୁ ଊର୍ଦ୍ଧ୍ୱ ଥାନା ରହିଛି। ବିଭିନ୍ନ ସ୍ଥାନରେ ଆଇନ ଉଲ୍ଲଙ୍ଘନକାରୀଙ୍କ ଠାରୁ ପୁଲିସ ବହୁ ସଂଖ୍ୟକ ଗାଡ଼ି ଜବତ କରୁଛନ୍ତି । । ସେଗୁଡ଼ିକ ଦୀର୍ଘ ବର୍ଷ ପଡ଼ି ରହି ଖତ ହେବା ସହ ଗାଡ଼ି ଉପରେ ଅନାବନା ଲତା ମାଡ଼ି ଯାଇଛି । ଗାଡ଼ି ମାଲିକ ସେଗୁଡ଼ିକୁ ନେବା ତ ଦୂରର କଥା କବାଡ଼ିଆ ମଧ୍ୟ ନ ନେବା ଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେବା ସହ ସମ୍ପୃକ୍ତ ଗାଡ଼ି ମାଲିକମାନେ ମଧ୍ୟ କ୍ଷତି ସହୁଛନ୍ତି। ସୂଚନା ମୁତାବକ, ଜିଲାରେ ପୁଲିସ ପକ୍ଷରୁ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଗାଡ଼ି, ଚୋରା ଗାଡ଼ି ଜବତ କରି ଥାନା ପରିସରରେ ରଖାଯାଉଛି । ପରବର୍ତ୍ତୀ ଅବସ୍ଥାରେ କେତେକ ଗାଡ଼ି ମାଲିକ ଅଦାଲତରୁ ଆଦେଶ ଆଣି ଗାଡ଼ି ମୁକୁଳାଇବାରେ ସକ୍ଷମ ହେଉଛନ୍ତି।

କିନ୍ତୁ ସେଗୁଡ଼ିକର ସଂଖ୍ୟା ଖୁବ ନଗଣ୍ୟ। ଅନେକ ଗାଡ଼ି ବିଭିନ୍ନ କାରଣ ପାଇଁ ମୁକୁଳି ନପାରି ବିଭିନ୍ନ ଥାନା ପରିସରରେ ଖତ ହେଉଥିବା ଦେଖିବାକୁ ମିଳିଛି । କିଛି ବର୍ଷ ପୂର୍ବେ ଗୃହ ବିଭାଗ ପକ୍ଷରୁ ଦୀର୍ଘ ବର୍ଷ ହେଲା ଜବତ ହୋଇ ପଡ଼ି ରହିଥିବା ଗାଡ଼ିର ପ୍ରକୃତ ମାଲିକଙ୍କ ଅନୁସନ୍ଧାନ କରି ସେମାନଙ୍କୁ ଫେରାଇବାକୁ ଆଇନ ପ୍ରଣୟନ ହୋଇଥିଲା। କିନ୍ତୁ ଏହା କିଛି ମାସ ଚାଲିବା ପରେ ଯଥା ପୂର୍ବ ତଥା ପରଂ ସ୍ଥିତିରେ ରହିଛି। ଫଳରେ ଗାଡ଼ିଗୁଡ଼ିକ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର ହୋଇ ନ ପାରି ଖତ ହେଉ

ପ୍ରଜନନ କ୍ଷମତାକୁ ବିପଦ ଉଚ୍ଚ ଏକ୍ୟୁଆଇ

ପ୍ରଜନନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା । ଏହି ସମୟରେ ଜଣେ ମହିଳାଙ୍କୁ ଅତି ସାବଧାନତାର ସହ ଚଳିବାକୁ ପଡ଼ିଥାଏ। ତେବେ ଏହି ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଆସିଥାଏ। ଆଜି ଆମେ ଏହି ସମସ୍ୟା ମଧ୍ୟରୁ ଗୋଟେ ସମସ୍ୟା ବିଷୟରେ ଆମେ ଆଜି ଜାଣିବା ।

ପ୍ରଜନନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା । ଏହି ସମୟରେ ଜଣେ ମହିଳାଙ୍କୁ ଅତି ସାବଧାନତାର ସହ ଚଳିବାକୁ ପଡ଼ିଥାଏ। ତେବେ ଏହି ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଆସିଥାଏ। ଆଜି ଆମେ ଏହି ସମସ୍ୟା ମଧ୍ୟରୁ ଗୋଟେ ସମସ୍ୟା ବିଷୟରେ ଆମେ ଆଜି ଜାଣିବା। ବିଭିନ୍ନ ଅଞ୍ଚଳରେ ବାୟୁର ମାନ ବା 'ଏକ୍ୟୁଆଇ' ଏ ପର୍ଯ୍ୟନ୍ତ ନିକୃଷ୍ଟ ଅଥବା ବିପଜ୍ଜନକ ସ୍ତରରେ ଅଛି। ଦୀର୍ଘ ଦିନ ଧରି ବାୟୁ ପ୍ରଦୂଷଣର ମାତ୍ରା ଉଚ୍ଚ ରହିବା କାରଣରୁ ସବୁ ଗୋଷ୍ଠୀର ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ବେଳେ ସମାଜର ବିପନ୍ନ ଗୋଷ୍ଠୀକୁ ଏହା ସର୍ବାଧିକ କ୍ଷତି ପହଞ୍ଚାଉଛି ।

ମିଳିତ ଜାତିସଂଘର ପୂର୍ବତନ କମିସନର ମେରି ରବିନ୍‌ସନ୍ କହିଥାନ୍ତି ଯେ ସାମାନ୍ତରିତ ବା ଦରିଦ୍ର, ମହିଳା ଓ ମୂଳନିବାସୀ ଗୋଷ୍ଠୀ ଅସମାନୁପାତିକ ଭାବେ ଜଳବାୟୁଜନିତ ସଂଘାତ ଦ୍ୱାରା ପ୍ରଭାବିତ ହେଉଛନ୍ତି। ମହିଳାମାନେ ଏହି ଅସମାନତା ଭୋଗିବାର କେତେକ ମୁଖ୍ୟ କାରଣ ହେଲା କ୍ଷମତା ତଥା ସଂସାଧନଗତ ବୈଷମ୍ୟ, ଲିଙ୍ଗଗତ ରୀତିନୀତି ପ୍ରମୁଖ।

ଏକ ଅଧ୍ୟୟନରୁ ପ୍ରକାଶ ଯେ ବାୟୁ ପ୍ରଦୂଷକ ସଂସ୍ପର୍ଶରେ ଆସିବା ଦ୍ୱାରା ଡିମ୍ବକୋଷ ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ। ପାର୍ଟିକୁଲେଟ୍ ମ୍ୟାଟର (ପିଏମ୍), ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ (ଏନ୍ଓ୨) ଓ କାର୍ବନ୍ ମନୋକ୍ସାଇଡ୍ (ସିଓ) ମହିଳାଙ୍କ ଡିମ୍ବକୋଷ ସ୍ୱାସ୍ଥ୍ୟ ତଥା ସମଗ୍ର ପ୍ରଜନନ ପ୍ରଣାଳୀକୁ କ୍ଷତି ପହଞ୍ଚାଉଛି ।

ବିଶେଷଜ୍ଞଙ୍କ କହିବା ଅନୁସାରେ ଦକ୍ଷିଣ ଏସୀୟ ଦେଶମାନଙ୍କରେ ବାୟୁର ମାନରେ ଉନ୍ନତି ଆଣିବା ଦ୍ୱାରା ୭ ପ୍ରତିଶତ ଗର୍ଭ ନଷ୍ଟ ରୋକାଯାଇପାରନ୍ତା ।



ପ୍ରଜନନ ପ୍ରକ୍ରିୟା ଏକ ଜଟିଳ ପ୍ରକ୍ରିୟା । ଏହି ସମୟରେ ଜଣେ ମହିଳାଙ୍କୁ ଅତି ସାବଧାନତାର ସହ ଚଳିବାକୁ ପଡ଼ିଥାଏ। ତେବେ ଏହି ସମୟରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଆସିଥାଏ। ଆଜି ଆମେ ଏହି ସମସ୍ୟା ମଧ୍ୟରୁ ଗୋଟେ ସମସ୍ୟା ବିଷୟରେ ଆମେ ଆଜି ଜାଣିବା। ବିଭିନ୍ନ ଅଞ୍ଚଳରେ ବାୟୁର ମାନ ବା 'ଏକ୍ୟୁଆଇ' ଏ ପର୍ଯ୍ୟନ୍ତ ନିକୃଷ୍ଟ ଅଥବା ବିପଜ୍ଜନକ ସ୍ତରରେ ଅଛି। ଦୀର୍ଘ ଦିନ ଧରି ବାୟୁ ପ୍ରଦୂଷଣର ମାତ୍ରା ଉଚ୍ଚ ରହିବା କାରଣରୁ ସବୁ ଗୋଷ୍ଠୀର ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡୁଥିବା ବେଳେ ସମାଜର ବିପନ୍ନ ଗୋଷ୍ଠୀକୁ ଏହା ସର୍ବାଧିକ କ୍ଷତି ପହଞ୍ଚାଉଛି । ମିଳିତ ଜାତିସଂଘର ପୂର୍ବତନ କମିସନର ମେରି ରବିନ୍‌ସନ୍ କହିଥାନ୍ତି ଯେ ସାମାନ୍ତରିତ ବା ଦରିଦ୍ର, ମହିଳା ଓ ମୂଳନିବାସୀ ଗୋଷ୍ଠୀ ଅସମାନୁପାତିକ ଭାବେ ଜଳବାୟୁଜନିତ ସଂଘାତ ଦ୍ୱାରା ପ୍ରଭାବିତ ହେଉଛନ୍ତି। ମହିଳାମାନେ ଏହି ଅସମାନତା ଭୋଗିବାର କେତେକ ମୁଖ୍ୟ କାରଣ ହେଲା କ୍ଷମତା ତଥା ସଂସାଧନଗତ ବୈଷମ୍ୟ, ଲିଙ୍ଗଗତ ରୀତିନୀତି ପ୍ରମୁଖ।

ଏକ ଅଧ୍ୟୟନରୁ ପ୍ରକାଶ ଯେ ବାୟୁ ପ୍ରଦୂଷକ ସଂସ୍ପର୍ଶରେ ଆସିବା ଦ୍ୱାରା ଡିମ୍ବକୋଷ ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ। ପାର୍ଟିକୁଲେଟ୍ ମ୍ୟାଟର (ପିଏମ୍), ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ (ଏନ୍ଓ୨) ଓ କାର୍ବନ୍ ମନୋକ୍ସାଇଡ୍ (ସିଓ) ମହିଳାଙ୍କ ଡିମ୍ବକୋଷ ସ୍ୱାସ୍ଥ୍ୟ ତଥା ସମଗ୍ର ପ୍ରଜନନ ପ୍ରଣାଳୀକୁ କ୍ଷତି ପହଞ୍ଚାଇପାରେ। ଅନ୍ୟ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଉଭୟ ମଣିଷ ଓ ପଶୁଙ୍କ ପ୍ରଜନନ କ୍ଷମତା ଉପରେ ଏନ୍ଓ୨, ପିଏମ୍୨.୫, ପିଏମ୍୧୦ ଓ ଏସ୍ଠୀ ପରି ପ୍ରଦୂଷକର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଅଧିକ ପ୍ରଦୂଷଣ ସଂସ୍ପର୍ଶରେ ଆସିବା ଓ ଚାପଜନିତ ରଜୋନିବୃତ୍ତି ଓ ବନ୍ଧ୍ୟାତ୍ୱ ବୃଦ୍ଧି ମଧ୍ୟରେ ମଧ୍ୟ ସମ୍ପର୍କ ଥିବା ପରିଲକ୍ଷିତ ହୋଇଛି।

ଗର୍ଭାବସ୍ଥା ସମୟରେ ପ୍ରଦୂଷିତ ବାୟୁରେ ଶ୍ୱାସକ୍ରିୟା କଲେ ଆକସ୍ମିକ ଗର୍ଭପାତ, ପ୍ରିକ୍ଲାମ୍ପସିଆ ଓ ଉଚ୍ଚ ରକ୍ତଚାପ ପରି ବିପଜ୍ଜନକ ଜଟିଳତାର ସମ୍ମୁଖୀନ ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଏହା ମାଆର ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ଦେଇ ଅବସାଦଗ୍ରସ୍ତ କରିଦେଇପାରେ।

ବିଶେଷଜ୍ଞଙ୍କ କହିବା ଅନୁସାରେ ଦକ୍ଷିଣ ଏସୀୟ ଦେଶମାନଙ୍କରେ ବାୟୁର ମାନରେ ଉନ୍ନତି ଆଣିବା ଦ୍ୱାରା ୭ ପ୍ରତିଶତ ଗର୍ଭ ନଷ୍ଟ ରୋକାଯାଇପାରନ୍ତା। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ)ର ରିପୋର୍ଟ ଅନୁସାରେ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ମହିଳାମାନେ ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣ ଦ୍ୱାରା ସର୍ବାଧିକ ପ୍ରଭାବିତ।

ବାୟୁ ପ୍ରଦୂଷଣରୁ ମହିଳାଙ୍କୁ ସୁରକ୍ଷା ଦେବାର କେତେକ ଉପାୟ ହେଲା- ବାୟୁର ମାନ ନିକୃଷ୍ଟ ଥିବାବେଳେ ବାହାରେ ଅଳ୍ପ ସମୟ କାଟିବା, ମାସ୍କ ଓ ଏଆର୍ ପ୍ୟୁରିଫାୟର ବ୍ୟବହାର କରିବା, ଅଧିକ କାଶ ହେଲେ ତୁରନ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରିବା। ଗ୍ରାମାଞ୍ଚଳରେ ମହିଳାମାନେ ଚୁଲି ଓ ଚିମନି ପରିବର୍ତ୍ତେ ଜୈବିକ ଇନ୍ଧନ ବା ଏଲ୍‌ପିଜି ଗ୍ୟାସ୍ ସାହାଯ୍ୟରେ ରୋଷେଇ କରିବା ଏ ଦିଗରେ ଲାଭଦାୟକ ହୋଇପାରିବ।

ଆସିଛୁ ଏକା, ଯିବୁ ଏକା

ଜୟଶ୍ରୀ ମୁଦ୍ରା

ମଣିଷ ଜନ୍ମ ହେବା ମାତ୍ରେ କନ୍ଦେ। ସେ କାନ୍ଦ ଏକାର। ମଣିଷ ମଲା ବେଳେ ଆଖି ବନ୍ଦ କେର, ସେ ଯାତ୍ରା ବି ଏକାର। ଏ ଦୁଇ ଏକା ମଝିରେ ଯେଉଁ ଜୀବନ, ତାକୁ ଆମେ ଭିଡ ବୋଲି ଭାବୁ, କିନ୍ତୁ ସତେର କଣ ଭିଡ ଅଛି ?ଆମ ସମାଜ ଆଜି ଦୁଇ ଭାଗେର ବିଭକ୍ତ - ଧନୀ ଓ ଗରିବ। ଜେଣ ବଙ୍ଗଳଗେର ରହୁଛି, ଜେଣ ବସ୍ତରେ। ଜେଣ ପାଖେର ପତିଆରା ଅଛି, ସେ ସାଧାରଣ ଲୋକଙ୍କୁ ମଣିଷ ବୋଲି ଗଣୁନି। କିନ୍ତୁ ମୃତ୍ୟୁ ଆସଲେ ଏ ବଭେଦ ରେହନା। କେରାନା ସମୟେର ଆମେ ଦେଖିଲୁ, କୋଟିପତି ବି ଅମ୍ଲଜାନ ପାଇଁ ଗରିବ ଭଳି ଛଟପଟ ହେଲା। ଶ୍ମଶାନେର ଲାଇନେର ସମେସ୍ତ ସମାନ। ମାଟି କାହାର ଜାତି, ଧର୍ମ, ଟଙ୍କା ପଚଗାରନା। ଆମ ଶାସ୍ତ୍ରେର କୁହାଯାଇଛି, ଖାଲି ହଗେ ଆସିନ୍ଥୁ, ଖାଲି ହଗେ ଯିବୁ। ଯୌବନ ଏକ ନଦୀ ପରି, ବହିଯିବ। ସୌନ୍ଦର୍ଯ୍ୟ ଏକ ଫୁଲ ପରି, ମଉଳି ଯିବ। ରାଜା ହେଉ ବା ମନ୍ତ୍ରୀ, ସମ୍ରାଟ ହେଉ ବା ଭିକାରୀ, ସମସ୍ତଙ୍କ ଶେଷ ପରିଣତି ଗୋଟିଏ - ପଞ୍ଚଭୂତେର ବିଲୀନ। ତେବ ଏତ ଅହଙ୍କାର କାହିଁକି ?ମଣିଷ ଏକା ରହିବାକୁ ଡେର। ସେଥିପାଇଁ ସେ ଭିଡ ଖୋଜେ। କିନ୍ତୁ ଭିଡ ଭିତେର ରହି ବି ମଣିଷ ଏକା। ଯେତେବେଳ ଆମେ ଏକାକୀତ୍ୱକୁ ସ୍ୱୀକାର କରିନେବୁ, ସେତେବେଳ ଆମେ ନିଜକୁ ଖୋଜି ପାଇବା। ଏକା ରହିବା ମାନେ ଦୁଃଖୀ ହେବା ନୁହେଁ, ନିଜ ସହ ବନ୍ଧୁତା କରିବା।ତେଣୁ ଆସନ୍ତୁ, ଏ ସତ୍ୟକୁ ମାନି ନେବା। ସବୁ ବୃଥା। ଧନ, ଯୌବନ, ରୂପ, ପଡିଆରା ସବୁ ବୃଥା। ଯଦି କିଛି ରହିବ, ତାହା ହେଉଛି ଆମର ଭଲ ବ୍ୟବହାର, ଆମର ମାନବିକତା। ବଞ୍ଚିଥିବା ଯାଏ ଭଲ ମଣିଷ ହୋଇ ବଞ୍ଚିବା, କାହାର ହୃଦୟେର କଷ୍ଟ ନ ଦେବା। କାରଣ ଶେଷେର ଆମେ ସମେସ୍ତ ସେଇ ମାଟିର। ଆସିଛୁ ଏକା, ଯିବୁ ଏକା - ଏହା ହିଁ ଶାଶ୍ୱତ ସତ୍ୟ।

ଉପସ୍ଥାପିକା, ଆକାଶବାଣୀ, ପୁରୀ
ମୋ-୨୦୨୬୦୮୩୦

ରକ୍ତରେ ହିମୋଗ୍ଲୋବିନ୍ ବୃଦ୍ଧି ହେଲେ କ'ଣ ହୁଏ

ହିମୋଗ୍ଲୋବିନ୍ ହେଉଛି ଆମ ରକ୍ତରେ ଥିବା ଲୋହିତ ରକ୍ତ କଣିକା (ଆର୍‌ବିସି)ର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋଟିନ୍ ଉପାଦାନ, ଯାହା ରକ୍ତରେ ଅମ୍ଳଜାନ ବହନ କରି ଶରୀରର ପ୍ରତ୍ୟେକ ଜୀବକୋଷ ପାଖରେ ପହଞ୍ଚାଇଥାଏ। ତେବେ ରକ୍ତରେ ହିମୋଗ୍ଲୋବିନ୍‌ର ମାତ୍ରା ନିର୍ଦ୍ଦିଷ୍ଟ ସ୍ତରରେ ରହିବା ଜରୁରି। ହିମୋଗ୍ଲୋବିନ୍ ସ୍ତର କମିଗଲେ କି କି ସମସ୍ୟା ଉପୁଜେ ତାହା ପ୍ରାୟ ସମସ୍ତେ ଜଣା ଅଧିକେ ଜାଣିଛନ୍ତି। ତେବେ ରକ୍ତରେ ହିମୋଗ୍ଲୋବିନ୍ ସ୍ତର ବଢ଼ିଗଲେ କି ଅସୁବିଧା ହୁଏ, ସେ ବିଷୟରେ ଆମେ ଅବଗତ ହେବା ଜରୁରି।

ଏକ ଡେସିଲିଟର ରକ୍ତରେ ହିମୋଗ୍ଲୋବିନ୍‌ର ସ୍ୱାଭାବିକ ସ୍ତର ହେଉଛି ପୁରୁଷମାନଙ୍କ ପାଇଁ ୧୩.୨ ଗ୍ରାମ ଓ ମହିଳାମାନଙ୍କ ପାଇଁ ୧୧.୬ ଗ୍ରାମ। ତେବେ ସ୍ଥଳବିଶେଷରେ ଏଥିରେ ସାମାନ୍ୟ ଏପଟସେପଟ ହୋଇଥାଏ। ମାତ୍ର ରକ୍ତରେ ଏହାର ସ୍ତର ମାତ୍ରାଧିକ (ପୁରୁଷଙ୍କ ପାଇଁ ୧୬.୬ ଗ୍ରାମ୍/ଡେସିଲିଟର ଓ ମହିଳାଙ୍କ ପାଇଁ ୧୫ ଗ୍ରାମ୍/ଡେସିଲିଟର) ହୋଇଗଲେ ରକ୍ତ ସାନ୍ଦ୍ର ବା ବହଳିଆ ହୋଇଯାଏ ଏବଂ ତାହାର ସଂଚାଳନ ସ୍ରୋତ କମିଆସେ। ସୁତରାଂ ତାହା ନାନା ସ୍ୱାସ୍ଥ୍ୟ ସଂକଟକୁ ଆହ୍ୱାନ କରିଥାଏ। ଅଧିକ ଉଚ୍ଚ ସ୍ଥାନରେ ବସବାସ କରିବା, ଧୂମପାନ କରିବା, ଶରୀରରୁ ଜଳୀୟ ଅଂଶ ଶୁଖିଯିବା (ଡିହାଇଡ୍ରେସନ୍) କିମ୍ବା ଦୀର୍ଘକାଳ ଧରି ଫୁସ୍‌ଫୁସ୍ ରୋଗରେ ଆକ୍ରାନ୍ତ ହେବା ଆଦି କାରଣ ଯୋଗୁଁ ହିମୋଗ୍ଲୋବିନ୍ ସ୍ତର କଳ୍ପନାତୀତ ଭାବେ ବଢ଼ିଯାଇଥାଏ। ବେଳେ ବେଳେ ରକ୍ତ ସୃଷ୍ଟିକାରୀ ଅସ୍ଥିମଜ୍ଜାରେ ଅସ୍ୱାଭାବିକତା (ପଲିସିଥେମିଆ ଭେରା) ଯୋଗୁଁ ମଧ୍ୟ ଶରୀରରେ ଅଧିକ ଲୋହିତ ରକ୍ତ କଣିକା ସୃଷ୍ଟି ହୁଏ, ଯାହା ହିମୋଗ୍ଲୋବିନ୍ ସ୍ତରକୁ ବଢ଼ାଇ ଦେଇଥାଏ। ରକ୍ତ ବହଳିଆ ହେବା କାରଣରୁ ଧମନୀରେ ରକ୍ତ ଜମାଟ ବାନ୍ଧିବାର ଆଶଙ୍କା ରହିଛି, ଯାହା ଫଳରେ ହୃଦ୍‌ଘାତ, ମସ୍ତିଷ୍କଘାତ, ଗଭୀର ଧମନୀ ଥ୍ରମ୍ବୋସିସ୍ ହୋଇପାରେ। ହିମୋଗ୍ଲୋବିନ୍ ସ୍ତର ବଢ଼ିବା ଯୋଗୁଁ ଉଚ୍ଚ ରକ୍ତଚାପ ମଧ୍ୟ ସୃଷ୍ଟି ହୋଇଥାଏ। ହିମୋଗ୍ଲୋବିନ୍ ବୃଦ୍ଧି ହେତୁ ରକ୍ତର ଅମ୍ଳଜାନ ଧାରଣ କ୍ଷମତା ବଢ଼ିଯାଏ ସତ, ମାତ୍ର ବହଳିଆ ରକ୍ତ ହେତୁ ତାହାର ସଂଚାଳନ ସ୍ରୋତ କମିଯାଇଥାଏ ଏବଂ ଜୀବକୋଷମାନଙ୍କ ପାଖରେ କମ୍ ଅମ୍ଳଜାନ ପହଞ୍ଚେ। ଫଳରେ ମାଂସପେଶୀରେ ବିନ୍ଧାଛିଣ୍ଟିକା ଲାଗି ରହିଥାଏ। ଶରୀରରେ ଦୀର୍ଘକାଳ ପାଇଁ ହିମୋଗ୍ଲୋବିନ୍ ସ୍ତର ଉଚ୍ଚା ରହିଲେ ଚିକିତ୍ସା ସ୍ୱରୂପ ଶରୀରରୁ କିଛି ରକ୍ତ କାଢ଼ିଦେଇ ଓ ଔଷଧ ଦ୍ୱାରା ଶରୀରରେ ଅଧିକ ରକ୍ତକୋଷ ଉତ୍ପାଦନକୁ କମାଇ ହେବ। ତେବେ ଏଭଳି ସ୍ଥିତିରୁ ମୁକୁଳିବା ପାଇଁ ପ୍ରତିଷେଧକ ସ୍ୱରୂପ ଦୈନିକ ସୁସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଅତି କମ୍‌ରେ ଏକରୁ ଦୁଇ ଲିଟର ପାଣି ପିଇ ଶରୀରକୁ ଆର୍ଦ୍ର ରଖିବା ଉଚିତ। ସେହିପରି ଦୈନିକ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଶାରୀରିକ ବ୍ୟାୟାମ କରିବା ସହ ଧୂମପାନ ଓ ମଦ୍ୟପାନରୁ ବିରତ ରହିବା ଦ୍ୱାରା ହିମୋଗ୍ଲୋବିନ୍ ବୃଦ୍ଧିର ଆଶଙ୍କା ହ୍ରାସ କରିହେବ।



ଭଡ଼ାଘରେ ଓ କ୍ଲବ୍ ଘରେ ଚାଲିଛି ୱାର୍ଡ କାର୍ଯ୍ୟାଳୟ

ଭୁବନେଶ୍ୱର (ବ୍ୟୁରୋ): ତୃଣମୂଳସ୍ତରରୁ ରାଜଧାନୀବାସୀଙ୍କ ସେବାକୁ ସରଳୀକରଣ ଓ ସମସ୍ୟା ଦୂର ଲକ୍ଷ୍ୟରେ ୭ ବର୍ଷ ତଳେ ସବୁ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଇଥିଲା ଭୁବନେଶ୍ୱର ମହାନଗର ନିଗମ। ୭ ବର୍ଷ ପରେ ବି ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରିନି। ଜମି ବିବାଦ କାରଣରୁ ଏବେ ବି ୬୭ଟି ୱାର୍ଡ ମଧ୍ୟରୁ ୨୪ଟି ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ହୋଇପାରିନି। ଏଣୁ କେଉଁଠି ଭଡ଼ା ଘରେ ତ କେଉଁଠି କ୍ଲବ ଘରେ ୱାର୍ଡ କାର୍ଯ୍ୟାଳୟ ଚାଲିଛି। ସେପଟେ ଏକାଧିକ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ବି ଅଧାପନ୍ତରିଆ। ଏଣୁ ଲୋକଙ୍କୁ ବିଏମ୍‌ସିର ସହଜ ଓ ସରଳ ସେବା ଲକ୍ଷ୍ୟ ସାତସପନ ପାଲଟିଛି। ସାଧାରଣ ପ୍ରଶାସନ ବିଭାଗ ଜମିରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ହେବାର ଥିବାରୁ, ବିଏମ୍‌ସି କର୍ତ୍ତୃପକ୍ଷ ଏକାଧିକ ଥର ଜମି ଯୋଗାଇଦେବାକୁ ଚିଠି ଲେଖିଲେଣି। ଏ ସଂପର୍କିତ ବିସ୍ତୃତ ପ୍ରସ୍ତାବ ପଠାଇଲେଣି। କିନ୍ତୁ ସାଧାରଣ ପ୍ରଶାସନ ବିଭାଗ ପ୍ରସ୍ତାବକୁ ମଞ୍ଜୁରି କରୁନି କି ଜମି ଦେଉନି। ଫଳସ୍ୱରୂପ ଯେଉଁ ଜାଗା ୱାର୍ଡ କାର୍ଯ୍ୟାଳୟ ପାଇଁ ଚିହ୍ନଟ ହୋଇଥିଲା ଓ ଜବରଦଖଲମୁକ୍ତ ହୋଇଥିଲା, ତାହା ପୁଣିଥରେ ଜବରଦଖଲକୁ ଚାଲିଗଲାଣି। ୨୦୧୯ ମସିହାରେ ବିଏମ୍‌ସି

୬୭ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ନିଷ୍ପତ୍ତି ନେଇଥିଲା। ୨୦୨୨ ମସିହାରେ ଏହାର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପିଛା ୪୬ରୁ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ଥିଲା। ରୂପରେଖ ଅନୁଯାୟୀ, ୱାର୍ଡର ଲୋକେ ପ୍ରଥମେ ୱାର୍ଡ କାର୍ଯ୍ୟାଳୟକୁ ଅଭିଯୋଗ ନେଇଯିବେ। ସେଠାରେ ୱାର୍ଡ ଅଧିକାରୀ ସମସ୍ୟାର ସମାଧାନ କରିବେ। ସମାଧାନ ସମ୍ଭବ ନହେଲେ ଜୋନାଲ୍ କମିସନର, ପରେ ବିଏମ୍‌ସି ମୁଖ୍ୟାଳୟକୁ ଅଭିଯୋଗ ପଠାଯିବ। ପ୍ରତି ୱାର୍ଡ କାର୍ଯ୍ୟାଳୟରେ ମୁଖ୍ୟ ଭାବେ ଜଣେ ୱାର୍ଡ ଅଫିସରଙ୍କ ସହ ଜଣେ କନିଷ୍ଠ ଯନ୍ତ୍ରୀ, ଜଣେ ଗୋଷ୍ଠୀ ସଂଗଠକ, ଜଣେ ପରିମଳ ନିରୀକ୍ଷକ, ଜଣେ ୱାର୍ଡ ସର୍କାର ବା ମାର୍କେଟ୍ ଫି କଲେକ୍ଟର, ଜଣେ ଡାଟା ଏଣ୍ଟ୍ରି ଅପରେଟର, ଜଣେ ଲାଇଟ୍ କମାଦାର ରଖିବାକୁ ନିଷ୍ପତ୍ତି ହୋଇଥିଲା। ଜୁନିୟର ଆସିଷ୍ଟାଣ୍ଟ ତଥା ଟ୍ୟାକ୍ସ କଲେକ୍ଟରଙ୍କୁ ୱାର୍ଡ ଅଫିସର ନିଯୁକ୍ତ କରାଯିବାକୁ ନିଷ୍ପତ୍ତି ହେଲା। ୱାର୍ଡ କାର୍ଯ୍ୟାଳୟରେ ୱାର୍ଡ ଅଧିକାରୀ ଓ ଅନ୍ୟମାନଙ୍କ ପାଇଁ ଚାମ୍ବର ସହ ୱାର୍ଡବାସୀଙ୍କ ପାଇଁ ଶୌଚାଳୟ, ବସିବା ପାଇଁ ଚେୟାର ଆଦି ବ୍ୟବସ୍ଥା ଯୋଜନା ଥିଲା। କେବଳ ସେତିକି ନୁହେଁ, ପରବର୍ତ୍ତୀ ସମୟରେ ୱାର୍ଡ କାର୍ଯ୍ୟାଳୟର ଉପର ମହଲାରେ କମ୍ୟୁନିଟି ହଲ୍ କରିବାକୁ ଯୋଜନା ଥିଲା। କମ୍ୟୁନିଟି ହଲ୍ ତ ଦୂରର କଥା ଅଦ୍ୟାବଧି ୱାର୍ଡ କାର୍ଯ୍ୟାଳୟ ସଂପୂର୍ଣ୍ଣ ହୋଇପାରିନି। ଯେଉଁଠି ୱାର୍ଡ କାର୍ଯ୍ୟାଳୟ ଖୋଲିଛି, ସେଠି ବି କାମ କରିବାକୁ ପର୍ଯ୍ୟାପ୍ତ ମାନବସମ୍ବଳ ନାହାନ୍ତି। ପ୍ରତିଥର କର୍ପୋରେସନ୍ ବୈଠକରେ ଏ ନେଇ ହୋହଲ୍ଲା ହେଉଛି। କିନ୍ତୁ ସ୍ଥିତି ଯଥା ପୂର୍ବଂ ତଥା ପରଂ। ୪୪ ନମ୍ବର ୱାର୍ଡ କର୍ପୋରେଟର ଅଜିତ ବେହେରା କହିଛନ୍ତି, ତୃଣମୂଳସ୍ତରରେ ଲୋକଙ୍କ କାମକୁ ସହଜ ଓ ସେବାକୁ ବହୁଗୁଣିତ କରିବା ଲକ୍ଷ୍ୟରେ ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଆଜି ସୁଦ୍ଧା ସବୁ ୱାର୍ଡରେ ୱାର୍ଡ କାର୍ଯ୍ୟାଳୟ ହୋଇ ନପାରିବା ଦୁର୍ଭାଗ୍ୟଜନକ। ଯେତେଶୀଘ୍ର ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ହେବ, ୱାର୍ଡ କଥା ବୁଝିବା ତଥା ସମସ୍ୟା ସମାଧାନ ସହଜ ହେବ। ହେଲେ ସେମିତି କିଛି ହୋଇପାରୁନାହିଁ। ୱାର୍ଡ କାର୍ଯ୍ୟାଳୟ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ସାଧାରଣ ପ୍ରଶାସନ ବିଭାଗକୁ ପ୍ରସ୍ତାବ ସହ ଚିଠି ପଠାଯାଇଥିଲା। ହେଲେ, ଏ ପର୍ଯ୍ୟନ୍ତ ଏହାର କୌଣସି ଉତ୍ତର ଆସିନାହିଁ। ତେଣୁ ପ୍ରତି ୱାର୍ଡରେ ନିଜସ୍ୱ ୱାର୍ଡ କାର୍ଯ୍ୟାଳୟ ଖୋଲିବା ସମ୍ଭବ ହୋଇପାରିନାହିଁ ବୋଲି ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।

ଆବାସିକ ଘରେ ବ୍ୟବସାୟିକ ପ୍ରତିଷ୍ଠାନ ଚାଲିଥିବା ପ୍ରସଙ୍ଗରେ କାରଣଦର୍ଶାଅ ନୋଟିସ୍ ଜାରି

ନୋଟିସ୍ ବିରୋଧରେ ଏକାଠି ହେଲେ ବିଭିନ୍ନ ସଂଗଠନ

ଭୁବନେଶ୍ୱର(ବ୍ୟୁରୋ): ଆବାସିକ ଘରେ ଚାଲିଥିବା ବ୍ୟବସାୟିକ ପ୍ରତିଷ୍ଠାନକୁ ଭାଙ୍ଗିବାକୁ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ଭୁବନେଶ୍ୱର ମହାନଗର ନିଗମ ଏଭଳି ପ୍ରାୟ ୫ ହଜାର ଘର ଚିହ୍ନଟ କରିଛି। ସମସ୍ତଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଅନେକ ଘର ବି ଭାଙ୍ଗିବାକୁ ଚିଠି କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ଏହି ନୋଟିସ୍ ବିରୋଧରେ ଆଜି ଭୁବନେଶ୍ୱରର ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପଢ଼ୀଙ୍କୁ ଭେଟିଛନ୍ତି। ନୋଟିସ୍ ନାଁରେ ନାଗରିକଙ୍କୁ ଆତଙ୍କିତ ନ କରି ୨୦୨୫ ଗେଜେଟ୍ ବିଜ୍ଞପ୍ତି ଅଧୀନରେ ସବୁକୁ ନିୟମିତ କରିବାକୁ ଦାବି କରିଛନ୍ତି। ଆଜି ଆମେ ଭୁବନେଶ୍ୱରିଆ, ଭୁବନେଶ୍ୱର ଉନ୍ନୟନ ପରିଷଦ, ଆବାସିକ କଲ୍ୟାଣ ସମିତି, ହାଉସିଂ ସୋସାଇଟି ଓ ଛୋଟ ବ୍ୟବସାୟୀଙ୍କ ଏକ ପ୍ରତିନିଧିମଣ୍ଡଳୀ ଶ୍ରୀମତୀ ପାଢ଼ୀଙ୍କୁ ଭେଟିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଆମେ ଭୁବନେଶ୍ୱରିଆର ସଭାପତି ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଆବାହକ ବାସୁଦେବ ଭଟ୍ଟ, ସମ୍ପାଦକ ପ୍ରଣବ ସ୍ୱାଇଁ, ମୁଖ୍ୟ ସଂଯୋଜକ ସଞ୍ଜୟ ଦାସ,

ସଦସ୍ୟ କୈଳାସ ମହାପାତ୍ର, ପ୍ରଦ୍ୟୁମ୍ନ ଦାସ, ନାରାୟଣ ମହାପାତ୍ର, ନିଶିଥ ନନ୍ଦ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ଆଲୋଚନାରେ ଉପସ୍ଥିତ ଥିଲେ। ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଛନ୍ତି, ଭୁବନେଶ୍ୱର ମହାନଗର ନିଗମର ପତ୍ର ସଂଖ୍ୟା ୪୫୩୦୮, ୪୫୧୦୮, ୪୫୨୨୫/୩୧.୦୭.୨୦୨୬ ଓ ୪୫୦୭୭/୩୦.୦୭.୨୦୨୬ ଜରିଆରେ ବାଣିଜ୍ୟିକ ନକ୍ସା ଓ ହୋଲ୍ଡିଂ ପ୍ରମାଣପତ୍ର ନଦେଲେ ଘର ସିଲ୍ କିମ୍ବା ଭାଙ୍ଗିବାକୁ କହିଛି। କେତେକ ଦୋକାନକୁ ଶୁଣାଣି ବିନା ସିଲ୍ କରାଯାଇଛି। ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ଆମେ ସମ୍ମାନ ଦେଉଛୁ, କିନ୍ତୁ ଭୁବନେଶ୍ୱର ମହାନଗର ନିଗମର ଏହି ନୋଟିସ୍ ରାଜ୍ୟ ସରକାରଙ୍କ ୧୫ ନଭେମ୍ବର ୨୦୨୫ ଗେଜେଟ୍‌ର ବିରୋଧୀ। ସିଲ୍, ଭାଙ୍ଗିବା, ବିଦ୍ୟୁତ୍, ଜଳ ବିଚ୍ଛିନ୍ନ ପରି ଅତ୍ୟଧିକ ଚାପ ତୁରନ୍ତ ସ୍ଥଗିତ ରଖିବା, ଗେଜେଟ୍ ବିଜ୍ଞପ୍ତି-୨୦୨୫ ଅନୁସାରେ ଅନୁମୋଦିତ ୨୩ଟି ବ୍ୟବହାରର ଯାଞ୍ଚ କରିବା, କାଗଜପତ୍ର ଦାଖଲ ପାଇଁ ୬ ମାସ ସମୟ ଦେବା, ସର୍ବକ୍ଷମା ଯୋଜନାରେ ନିୟମିତକରଣ ପାଇଁ ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି। ଶ୍ରୀମତୀ ପାଢ଼ୀ ଏ ଉପରେ ଏକ ପରାମର୍ଶ ବୈଠକ ଡାକିବାକୁ ସହମତି ଜଣାଇଥିବା ପ୍ରତିନିଧିମଣ୍ଡଳୀ କହିଛନ୍ତି।

ଟ୍ରେନିଂ ଆଳରେ ଅଢ଼େଇ କୋଟି ଚଳୁ, ଜଣେ ଗିରଫ

ଭୁବନେଶ୍ୱର(ବ୍ୟୁରୋ): ଟ୍ରେନିଂ ଆଳରେ ଅଢ଼େଇ କୋଟି ଚଳୁ । ଦେଢ଼ ବର୍ଷ ପରେ ଜଣେ ଗିରଫ । ମୁଖ୍ୟ ଅଭିଯୁକ୍ତ ସମେତ ୪ ଫେରାର । ଟ୍ରେଡିଂରେ ଟଙ୍କା ନିବେଶ କରାଇବା ନାଁରେ ଅଢ଼େଇ କୋଟି ଟଙ୍କାର ଚଳୁ ଅଭିଯୋଗ । ଟ୍ରେନିଂ ଦେବା ଆଳରେ ୩୦ରୁ ଅଧିକ ଲୋକଙ୍କଠାରୁ ଟଙ୍କା ନେଇ ଠକେଇ କରିଥିବା ଅଭିଯୋଗ । ମାମଲାରେ ଦେଢ଼ ବର୍ଷ ପରେ ଜଣେ ଦଲାଲକୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ । ଗିରଫ ଅଭିଯୁକ୍ତ ହେଲା କେନ୍ଦ୍ରାପଡ଼ା ପାଟକୁରାର ସ୍ମୃତିରଞ୍ଜନ ବେହେରା । ଭୁବନେଶ୍ୱର ବିଜେବିନଗରରେ ରହୁଥିବା ସ୍ମୃତିରଞ୍ଜନ 'ଇଷ୍ ଏଜ୍' ନାମକ ସଂସ୍ଥା ଜରିଆରେ ଠକେଇ କରିଥିବା ଅଭିଯୋଗ ହୋଇଛି । ଟ୍ରେଡିଂରେ ଟଙ୍କା ଲଗାଇଲେ ଅଧିକ ରିଟର୍ଣ୍ଣ ମିଳିବାର ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ନିଆଯାଇଥିଲା । ତେବେ ଟଙ୍କା ନେବା ପରେ ପ୍ରତିଶ୍ରୁତି ମୁତାବକ ଟଙ୍କା ନଫେରାଇବାରୁ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗକାରୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ମାମଲାରେ ସ୍ମୃତିରଞ୍ଜନଙ୍କ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସୌମ୍ୟରଞ୍ଜନ, କମ୍ପାନି ମ୍ୟାନେଜର ସୁଚିତ୍ରା ସାମଲଙ୍କ ସମେତ ଆଉ ୨ ଜଣ ଏବେ ବି ଫେରାର । ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସର ଚଢ଼ଉ ଜାରି ରହିଛି ।

ପାର୍ବଣ ପୂର୍ବରୁ ମାତିଲେ ଲୁଟେରା

ଭୁବନେଶ୍ୱର(ବ୍ୟୁରୋ) : ପାର୍ବଣ ପୂର୍ବରୁ ମାତିଲେ ଲୁଟେରା । କେଉଁଠି ଘରେ ପଶିଲେଣି ତ କେଉଁଠି ଦିନ ଦିପହରେ ଲୁଟ୍ କରୁଛନ୍ତି । ରାଜଧାନୀରେ ଏବେ ଆତଙ୍କ ମଚାଇଲେଣି ଛୋଟ ଛୋଟ ଗ୍ୟାଙ୍ଗ ଓ ଚୋର । ବିଭିନ୍ନ ଥାନା ଅଞ୍ଚଳରୁ ସାମ୍ନାକୁ ଆସିଛି ଲୁଟ୍ ର କାରନାମା । ସିସିଟିଭି ରେ କଏଦ ଲୁଟେରାଙ୍କ ଗତିବିଧି । ଲୁଟେରାଙ୍କୁ ଧରିବା ପାଇଁ ପୋଲିସର ମାଷ୍ଟର ପ୍ଲାନ୍। ଥାନା ସ୍ତରରେ ଅପରାଧୀଙ୍କ ତାଲିକା ଖୋଜା ଚାଲିଛି । ପେସାଦାର ଅପରାଧୀଙ୍କୁ ଖୋଜୁଛି ପୋଲିସ୍ । ୱାରେଣ୍ଟ ଥିବା ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରୁ



ଗିରଫ କରାଯାଉଛି । ଖଟି ଓ ସର୍ବସାଧାରଣ ସ୍ଥାନରେ ଆତଙ୍କ ମଚାଇଲେ ତୁରନ୍ତ ବାନ୍ଧିବାକୁ କଡ଼ା ନିର୍ଦ୍ଦେଶ । ପିସିଆର ପାଟ୍ରୋଲିଂ ବଢ଼ାଇବାକୁ ସିନିୟର୍ ଅଫିସରଙ୍କ ନିର୍ଦ୍ଦେଶ । ନାଇଟ ବୁଲିଂ ଓ ଚେକିଂ ଜରିଆରେ ଅପରାଧୀଙ୍କ ଗତିବିଧି ନଜର ରଖିବାକୁ ପୋଲିସ ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଛି । ବିଶେଷ କରି ପାର୍ବଣ ପୂର୍ବରୁ ଏଭଳି ଅପରାଧୀ ଅଧିକ ସକ୍ରିୟ ହୋଇଥାନ୍ତି । ଲୋକଙ୍କ ବ୍ୟସ୍ତତା ଓ ଛୁଟିର ମଉକା ନେଇ ଲୁଟପାଟ କରନ୍ତି । ଏହାକୁ ପ୍ରତିହତ କରିବା ପାଇଁ ଲୋକେ ନିଜେ ସଚେତନ ସହ ପୋଲିସ ଅଧିକ କ୍ରିୟାଶୀଳ ହୋଇଥାଏ ।

ବିପଦ ସଙ୍କେତ ଡେଇଁଲା ଜଳକା ଓ ବୈତରଣୀ

ଭୁବନେଶ୍ୱର(ବ୍ୟୁରୋ) : ସତର୍କ ସଙ୍କେତ ଉପରେ ଜଳକା, ବୈତରଣୀ । ଫୁଲୁଛି ମହାନଦୀ ଏବଂ ବ୍ରାହ୍ମଣୀ । ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି । ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଉଥିଲେ ବି ଅଧିକାଂଶ ସ୍ଥାନରେ ନଦୀଗୁଡ଼ିକ ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଛନ୍ତି । ବାଲେଶ୍ୱର ଜିଲ୍ଲାର ଜଳକା ନଦୀ ମଥାନୀ ରୋଡ୍ ବ୍ରିଜ୍ ଠାରେ ସକାଳ ୯ଟା ସୁଦ୍ଧା ୬.୪୬ ମିଟରରେ ପ୍ରବାହିତ ହେଉଛି । ଏହାର ୬.୦ ମିଟର ଚେତାବନୀ ସ୍ତରକୁ ଅତିକ୍ରମ କରି ୬.୫ ମିଟର ନିକଟତର ଜଳସ୍ତର ବୃଦ୍ଧି ହୋଇଛି । ସେହିପରି ବୈତରଣୀ ନଦୀ ଆଖୁଆପଦାଠାରେ ୧୮ ମିଟରରେ ବୃଦ୍ଧି ପାଉଥିବା ବେଳେ ଏହାର ଚେତାବନୀ ସ୍ତର ୧୭.୮୩ ମିଟର ରହିଛି । ବିପଦ ସଙ୍କେତ ୧୮.୩୩ ମିଟର ରହିଛି । ସେହିପରି ବ୍ରାହ୍ମଣୀ ନଦୀ ଜେନାପୁରଠାରେ ବିପଦ ସଙ୍କେତ ୨୩.୦ ମିଟର ରହିଥିବା ବେଳେ ୨୦.୧୫ ମିଟରରେ ପ୍ରବାହିତ ହେଉଛି ବନ୍ୟା ଜଳ । ମହାନଦୀ ନରାଜଠାରେ ୨୪.୦୦ ମିଟର, ବିପଦ ସଙ୍କେତ ୨୬.୪୧ ମିଟର ଏବଂ ଖୋରମାଲଠାରେ ୧୦୩.୧୧ ମିଟର, ବିପଦ ସଙ୍କେତ ୧୦୯.୦ ମିଟର ରହିଛି । ଅନ୍ୟପଟେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୯୫ ଫୁଟ୍ ରହିଥିବା ବେଳେ ବର୍ତ୍ତମାନ ୮ଟି ଗେଟ୍ ଖୋଲା ରହିଛି । ପ୍ରତି ସେକେଣ୍ଡରେ ୧,୬୩,୫୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ମୁଣ୍ଡଳୀଠାରେ ମହାନଦୀର ଜଳ ନିଷ୍କାସନ ପରିମାଣ ୨,୦୯,୫୩୬ କ୍ୟୁସେକ୍ ରେକର୍ଡ କରାଯାଇଛି ।

ଏଣିକି ପୂଜା ପାଇଁ ଚାନ୍ଦା ମାଗିଲେ ହେବ ତୁରନ୍ତ ଆକ୍ସନ୍

ଭୁବନେଶ୍ୱର(ବ୍ୟୁରୋ): ପାର୍ବଣ ଋତୁ ଆସିଲାଣି । ଏହି ଆଳରେ କିଛି ଲୋକାଲ ଦାଦା ପୂଜା ନାଁରେ ଲୋକଙ୍କଠାରୁ ଚାନ୍ଦା ଆଦାୟରେ ମାତିବେ । ଏଥିପାଇଁ ପୁଲିସ ଏବେଠୁ ସର୍ତକ ହୋଇଛି । ବଳପୂର୍ବକ ଚାନ୍ଦା ଆଦାୟ ଉପରେ ରୋକ୍ ଲଗାଇଛି । ଆଉ ଚେତାଇଛି ଯେ କେହି ବି ଚାନ୍ଦା ମାଗିବ, ସେ ବନ୍ଧା ହେବେ । ବଳପୂର୍ବକ ଚାନ୍ଦା ଆଦାୟ ଉପରେ କମିଶନରେଟ ପୁଲିସ କଡ଼ା ନଜର ରଖିଛି । ସ୍ଥାନୀୟ ଥାନା କିମ୍ବା ୧୧୨କୁ ଜଣାଇବା ପାଇଁ କମିଶନରେଟ ପୁଲିସ ଅପିଲ୍ କରିଛି । ଯଦି କେହି ଜୋରଜବରଦସ୍ତି ଚାନ୍ଦା ମାଗୁଛନ୍ତି, ତେବେ ତୁରନ୍ତ ପୁଲିସକୁ ଜଣାଇବାକୁ କୁହାଯାଇଛି । ବଳପୂର୍ବକ ଚାନ୍ଦା ଆଦାୟକୁ କୌଣସି ପ୍ରକାରରେ ବରଦାସ୍ତ କରାଯିବ ନାହିଁ । ବଳପୂର୍ବକ ଚାନ୍ଦା ଆଦାୟ ନେଇ କୌଣସି ଅଭିଯୋଗ ଆସିଲେ ତୁରନ୍ତ ପୁଲିସକୁ ଜଣାନ୍ତୁ । ଏଥିପାଇଁ ୧୧୨କୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା ଦେଇପାରିବେ । ଆବଶ୍ୟକ ପଡ଼ିଲେ ନିକଟସ୍ଥ ଥାନାରେ ମଧ୍ୟ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, ଡକ୍ଟାଳୀନ ପୁଲିସ୍ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ବେଳେ 'ଦାଦା ବଟିକୁ ନା' ଅଭିଯାନର ମୂଳଦୂଆ ପଡ଼ିଥିଲା । ଲୋକାଲ ଦାଦାଙ୍କୁ କାବୁ କରିବାକୁ ଗଢ଼ାହୋଇଥିଲା 'ଆଣ୍ଟି ଏକ୍ଟୋର୍ସନ ଟାସ୍କ ଫୋର୍ସ' । ଉଦ୍ଦେଶ୍ୟ ଥିଲା, ନିରୀହ ଲୋକଙ୍କୁ ହଇରାଣ କରୁଥିବା ଅସାମାଜିକଙ୍କ ଉପରେ ଦୃଢ଼ ଆକ୍ସନ ନେବ ଏହି ଟାସ୍କ ଫୋର୍ସ । ସେମାନଙ୍କୁ ତୁରନ୍ତ ଗିରଫ କରାଯିବ । ଦରକାର ପଡ଼ିଲେ, ଆଣ୍ଟି ସୋସିଆଲଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ୍(ଏନ୍‌ଏସ୍‌ଏ) ଛାପ ଲାଗିବ । ଏହି ଅଭିଯାନ ବେଶ୍ କିଛି ମାସ ଜୋର୍‌ସୋରରେ ଚାଲିଲା । ପରେ ଧୀମା ପଡ଼ିଗଲା ।

୫ ଓ ୬ରେ ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର(ବ୍ୟୁରୋ): ସେପ୍ଟେମ୍ବର ୫ ଓ ୬ ତାରିଖରେ ରାଜ୍ୟ ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଚଳିତଥର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଡେଙ୍କାନାଳରେ ହେବା ନେଇ ସୂଚନା ମିଳିଛି। ତେବେ ବୈଠକର ସ୍ଥାନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଦଳ ପକ୍ଷରୁ ଘୋଷଣା କରାଯିବା ବାକି ରହିଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ନେଇ ଏହି କାର୍ଯ୍ୟକାରିଣୀ ବୈଠକରେ ବିସ୍ତୃତ ଆଲୋଚନା ହେବ। ନିର୍ବାଚନ ପାଇଁ ଦଳ ପକ୍ଷରୁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବା ସହ ସାଙ୍ଗଠନିକ ସ୍ଥିତି ଓ ଆଗାମୀ ରଣନୀତି ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ବିଶେଷକରି ପଞ୍ଚାୟତ ସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା, ତୃଣମୂଳ ସ୍ତରରେ କର୍ମୀଙ୍କୁ ସକ୍ରିୟ କରିବା ଏବଂ ଆଗାମୀ ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯିବା ଆଶା କରାଯାଉଛି। ରାଜ୍ୟ ଭାଜପାର ପଦାଧିକାରୀ, କାର୍ଯ୍ୟକାରିଣୀ ସଦସ୍ୟ ଓ ବରିଷ୍ଠ ନେତାମାନେ ବୈଠକରେ ଯୋଗଦେଇ ଦଳର ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବେ। ଏହି ବୈଠକ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାଜ୍ୟ ଭାଜପାର ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଦଳୀୟ ମହଲରେ ଚର୍ଚ୍ଚା ହେଉଛି।

ଭୁବନେଶ୍ୱର ଷ୍ଟେସନରୁ ୩୦ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର(ବ୍ୟୁରୋ) : ଭୁବନେଶ୍ୱର ରେଳ ଷ୍ଟେସନ ଦେଇ ବାରମ୍ବାର ଚୋରା ଚାଲାଣ ହେଉଛି ଗଞ୍ଜେଇ। ରାଜ୍ୟ ବାହାରକୁ ଚାଲାଣ ବେଳେ ଧରାପଡୁଛି ଆନ୍ତଃରାଜ୍ୟ ଲିଙ୍କ୍। ଦୁଇ ଦିନ ତଳେ ଭୁବନେଶ୍ୱରରୁ ମୁମ୍ବାଇ ଗଞ୍ଜେଇ ଚାଲଣ ବେଳେ ଧରିଥିଲା ଏଜଟ ପୋଲିସ । ଆଜି ପୁଣି ଭୁବନେଶ୍ୱର ଷ୍ଟେସନରୁ ବାହାର ରାଜ୍ୟକୁ ଗଞ୍ଜେଇ ଯାଉଥିଲା। ସୂଚନା ପାଇ ଅବକାରୀ ବିଭାଗ ଓ ଜଟରର ମିଳିତ ଚଢ଼ାଉ କରିଥିଲେ। ଜବତ କରିଥିଲେ ୩୦ କିଲୋ ଗଞ୍ଜେଇ। ଦୁଇ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣକାରୀ ଧରା ପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ କନୌଜ ଜିଲ୍ଲା ସାହିଆପୁରର ୨୯ ବର୍ଷୀୟ ଅଜବ ସିଂହ ଓ ୨୩ ବର୍ଷୀୟ ଉପେନ୍ଦ୍ର ସିଂହ। ଏମାନେ ଏବେ ଦିଲ୍ଲୀରେ ରହୁଥିଲେ। ଗଞ୍ଜେଇ କେଉଁଠୁ ଆସୁଛି, କାହା ପାଖକୁ ଯାଉଛି ଏବଂ ନେଟୱର୍କ ପଛରେ ଆଉ କିଏ ଅଛନ୍ତି ସେନେଇ ଆରମ୍ଭ ହୋଇଛି ତଦନ୍ତ।

୭ ତାରିଖ ଯାଏଁ କିଣାଯିବ ଖରିଫ ଧାନ

ଭୁବନେଶ୍ୱର(ବ୍ୟୁରୋ) : ଆଉ ୭ ଦିନ ବଢ଼

ବାଣକାରଖାନାରେ ବିସ୍ଫୋରଣ

୧୧ ମୃତ, ୨୦ ଆହତ

ନୂଆଦିଲ୍ଲୀ,୩୧।୮: ଉତ୍ତରପ୍ରଦେଶର କୌଶାମ୍ବୀ ଏବଂ ପ୍ରୟାଗରାଜ ଜିଲ୍ଲାର ସୀମାରେ ଥିବା ମାନୌରୀ ଗାଁରେ ସୋମବାର ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ ଜଣ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଏହି ବେଆଇନ ବାଣ କାରଖାନାଟି ଗାଁର ଏକ ଚାଷ ଜମି ଉପରେ ନିର୍ମିତ ଘରେ ଚାଲିଥିଲା । ପୋଲିସ କହିଛି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ନିକଟସ୍ଥ ଚାରିରୁ ପାଞ୍ଚଟି ଘର ନଷ୍ଟ ହୋଇଯାଇଛି । କୌଶାମ୍ବୀ ସର୍କଲ ଅଫିସର ଶିବାଙ୍କ ସିଂ କହିଛନ୍ତି, 'ଏପର୍ଯ୍ୟନ୍ତ ଆଠଟି ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଅଛନ୍ତି।' ବିସ୍ଫୋରଣ ସମ୍ପର୍କରେ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ଏବଂ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳକୁ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲେ । ନିଆଁକୁ ନିୟନ୍ତ୍ରଣ କରିବା ଏବଂ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ପାଇଁ ଅନେକ ଅଗ୍ନିଶମ ଗାଡ଼ି ମୁତୟନ କରାଯାଇଥିଲା । ଭଗ୍ନାବଶେଷ ହଟାଇବା ଏବଂ ତଳେ ଫସି ରହିଥିବା ଲୋକଙ୍କୁ ଖୋଜିବା ପାଇଁ ଅର୍ଥମୁଭର ମେସିନ୍ ମଧ୍ୟ ଅଣାଯାଇଥିଲା। ବିସ୍ଫୋରଣ ଦୀର୍ଘ ସମୟ ଧରି ଚାଲିଥିଲା, ଯାହା ଆଖପାଖ ଗାଁରେ ଆତଙ୍କ ସୃଷ୍ଟି କରିଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ପ୍ରୟାଗରାଜର ଡାକ୍ତରଖାନାକୁ ନିଆଯାଇଥିଲା। ପୋଲିସ କହିଛି ଯେ ଅଗ୍ନିଶମ ଏବଂ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବା ପରେ ମୃତାହତଙ୍କ ସଠିକ୍ ସଂଖ୍ୟା ଏବଂ କ୍ଷୟକ୍ଷତିର ପରିମାଣ ଜଣାପଡ଼ିବ।

ବିଶ୍କେକ୍‌ରେ ଇରାନ ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦୀ

ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜଭୁତ କରିବୁ

ପଶ୍ଚିମ ଏସିଆ ସମେତ ଆଞ୍ଚଳିକ ଓ ବିଶ୍ୱ ବିକାଶ ଉପରେ ଆଲୋଚନା

ନୂଆଦିଲ୍ଲୀ,୩୧।୮: କିର୍ଗିଜସ୍ତାନ ରାଜଧାନୀ ବିଶ୍କେକ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍‌ଙ୍କୁ ଭେଟିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଦୁଇ ବର୍ଷ ମଧ୍ୟରେ ଏହା ପ୍ରଥମ ବୈଠକ। ବୈଠକ ଅବସରରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଦୀର୍ଘସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ସମସ୍ତ ପ୍ରୟାସକୁ ଭାରତ ସମର୍ଥନ ଜଣାଇବା କଥା କହିଛି।

ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଭିନ୍ନ କ୍ଷେତ୍ରରେ ଇରାନ ସହିତ ଭାରତର ଦୀର୍ଘକାଳୀନ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସେ ଦୋହରାଇ ଥିଲେ। ଆଗାମୀ ସମୟରେ ବାଣିଜ୍ୟ କ୍ଷେତ୍ରକୁ ଅଧିକ ବିସ୍ତାର ଓ ବ୍ୟାପକ କରିବାକୁ ଚାହୁଁଛୁ ବୋଲି ମୋଦୀ ଲେଖିଛନ୍ତି। ଦୁଇ ନେତା ପଶ୍ଚିମ ଏସିଆ ସ୍ଥିତି ଉପରେ ଆଲୋଚନା କରିଥିଲେ।

ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହାକୁ ଏକ ସଫଳ ବୈଠକ ବୋଲି ବର୍ଣ୍ଣନା କରିଛନ୍ତି। ବୈଠକରେ ଇରାନର ବିଦେଶ ମନ୍ତ୍ରୀ ଆବାସ ଆରାଘଚି, ତେହେରାନର ଅନ୍ୟ ବରିଷ୍ଠ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ସଂଘର୍ଷର ଅନ୍ତ ପାଇଁ ହୋଇଥିବା ବୁଝାମଣାକୁ ସ୍ୱାଗତ କରିଥିଲେ ଓ ସ୍ଥାୟୀ ଶାନ୍ତି ଓ ସ୍ଥିରତା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତାକୁ ଦୋହରାଇଥିଲେ। ଉଭୟ ନେତା ପୂର୍ବରୁ ମାର୍ଚ୍ଚ ୨୧ରେ କଥା ହୋଇଥିଲେ, ଯେଉଁ ସମୟରେ ସେମାନେ ପଶ୍ଚିମ ଏସିଆ ଅଞ୍ଚଳର ସୁରକ୍ଷା ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ୨୬ତମ ଏସ୍‌ ?ସିଓ ସମ୍ମିଳନୀ ଓ ଷଷ୍ଠ ବିଶ୍ୱ ନୋମାଡ୍ ଗେମ୍ସର ଉଦଘାଟନୀ ଉତ୍ସବରେ ଯୋଗଦେବା ପାଇଁ କିର୍ଗିଜସ୍ତାନକୁ ସରକାରୀ ଗସ୍ତରେ ଅଛନ୍ତି। ସୋମବାର ସକାଳେ ପ୍ରଧାନମନ୍ତ୍ରୀ ମୋଦୀ ବିଶ୍କେକରେ ତାଙ୍କର ଆର୍ମେନିଆନ ପ୍ରତିପକ୍ଷ ନିକୋଲ ପାଶିନୟାନଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ ଓ ଦୁଇ ନେତା ପଶ୍ଚିମ ଏସିଆ ପରିସ୍ଥିତି ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ। ବୈଠକ ପରେ ବୈଦେଶିକ ମନ୍ତ୍ରଣାଳୟ 'ଏକ୍ସ' କହିଛି, ଦୁଇ ନେତା ପ୍ରତିରକ୍ଷା, ଅର୍ଥନୈତିକ, ଫାର୍ମା, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ସଂସ୍କୃତି ଓ ଶିକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଆଲୋଚନା କରିଛନ୍ତି। ସେମାନେ ପଶ୍ଚିମ ଏସିଆର ପରିସ୍ଥିତି ସମେତ ଆଞ୍ଚଳିକ ଓ ବିଶ୍ୱ ବିକାଶ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଛନ୍ତି।

କିର୍ଗିଜସ୍ତାନ ରାଜଧାନୀରେ ତାଙ୍କର କାର୍ଯ୍ୟକ୍ରମ ଶେଷ କରି ପ୍ରଧାନମନ୍ତ୍ରୀ ମୋଦୀ ବିଶ୍କେକରେ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ପରିଦର୍ଶନ କରିଥିଲେ ଓ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀଙ୍କ କିର୍ଗିଜସ୍ତାନ ଗସ୍ତ ସମୟରେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ବିଶ୍କେକର ବିଭିନ୍ନ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଯେଉଁଥିରେ ଯୋଗ ଅଭ୍ୟାସକାରୀ, ଶିକ୍ଷାବିତ୍, ଆଇଟିଇସି ପୂର୍ବତନ ଛାତ୍ର ଓ ଗବେଷକ ସାମିଲ ଥିଲେ।

ସମୁଦ୍ରର ଗଭୀରତାରେ ମଜଭୁତ ହେଉଛି ଭାରତର ଶକ୍ତି

ନୌସେନାରେ ସାମିଲ ହେଲା ସ୍ୱଦେଶୀ ଆଇଏନଏସ୍ ନିପୁଣ

■ ୩୦୦ ମିଟର ଗଭୀରତା ପର୍ଯ୍ୟନ୍ତ ଡାଇଭିଂ ଅପରେସନ୍ କରିବ

ନୂଆଦିଲ୍ଲୀ,୩୧।୮: ସମୁଦ୍ରର ଗଭୀରତାରେ ମଜବୁତ ହେଉଛି ଭାରତୀୟ ନୌସେନାର ଶକ୍ତି। ଭାରତୀୟ ନୌସେନାରେ ସାମିଲ ହୋଇଛି ସ୍ୱଦେଶୀ ଡାଇଭିଂ ସପୋର୍ଟ ଭେସେଲ୍ ଆଇଏନଏସ୍ ନିପୁଣ। ମୁମ୍ବାଇସ୍ଥିତ ନୌସେନା ଡକ୍ୟାର୍ଡରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ଜାହାଜକୁ ନୌସେନାରେ ନିୟୋଜିତ କରାଯାଇଛି। ହିନ୍ଦୁସ୍ତାନ ଶିପୟାର୍ଡ ଲିମିଟେଡ୍ ଦ୍ୱାରା ସ୍ୱଦେଶୀ ପ୍ରଯୁକ୍ତିରେ ନିର୍ମିତ ଏହି ଜାହାଜ ଗଭୀର ସମୁଦ୍ରରେ କଠୋର ଉଦ୍ଧାର ଓ ଡାଇଭିଂ ଅପରେସନେର ଭାରତୀୟ ନୌସେନାର ବଡ଼ ସହାୟକ ହେବ। ନୌସେନା ପ୍ରମୁଖ ଆଡମିରାଲ କୃଷ୍ଣ ସ୍ୱାମୀନାଥନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ INS ନିପୁଣକୁ ନୌସେନାରେ ସାମିଲ କରାଯାଇଛି। ଏହା ସହିତ ପଶ୍ଚିମ ନୌସେନା କମାଣ୍ଡକୁ ଆଇଏନଏସ ନିସ୍ତାର ଭଳି ଏକ ସ୍ୱତନ୍ତ୍ର ଡାଇଭିଂ ସପୋର୍ଟ ଭେସେଲ୍ ମିଳିଛି। ଆଇଏନଏସ୍ ନିସ୍ତାରକୁ ଗତବର୍ଷ ଜୁଲାଇରେ ନୌସେନାରେ ସାମିଲ କରାଯାଇଥିଲା। ଏହା ପୂର୍ବ ନୌସେନା କମାଣ୍ଡ ଅଧୀନରେ କାର୍ଯ୍ୟ କରୁଛି। ଆଇଏନଏସ ନିପୁଣର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହା ସମୁଦ୍ରର ପ୍ରାୟ ୩୦୦ ମିଟର ଗଭୀରତାରେ ସାଚୁରେସନ୍ ଡାଇଭିଂ ଅପରେସନ୍ କରିପାରିବ। ଏହା ଛଡ଼ା ୭୫ ମିଟର ପର୍ଯ୍ୟନ୍ତ ସାଇଡ୍-ସ୍କେଜ୍ ଡାଇଭିଂ ମିଶନ୍ ମଧ୍ୟ କରିବାର କ୍ଷମତା ରହିଛି। ସମୁଦ୍ରରେ କୌଣସି ଯୁଦ୍ଧପୋତ ବିପଦରେ ପଡ଼ିଲେ କିମ୍ବା ଗଭୀର ସମୁଦ୍ରରେ ନୌସେନା କର୍ମଚାରୀ ଫସିଗଲେ, ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ଏହି ଜାହାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଖରାପ ପାଗ ଓ ଉଚ୍ଚ ଲହଡ଼ି ସମୟରେ ମଧ୍ୟ ଏହା ନିଜକୁ ସ୍ଥିର ରଖିପାରିବ। ଫଳରେ ଗଭୀର ସମୁଦ୍ରରେ ଉଦ୍ଧାର କାର୍ଯ୍ୟ ଅଧିକ ସୁରକ୍ଷିତ ଓ ସହଜ ହେବ। ଆଇଏନଏସ ନିପୁଣ କେବଳ ଉଦ୍ଧାର କାର୍ଯ୍ୟ ପାଇଁ ନୁହେଁ, ସମୁଦ୍ରର ଗଭୀରତାରେ ନଷ୍ଟ ହୋଇଥିବା ଜାହାଜ କିମ୍ବା ମେସିନ୍ର ମରାମତି କାର୍ଯ୍ୟରେ ମଧ୍ୟ ସହାୟକ ହୋଇପାରିବ। ଏଥିରେ ୧୫ ଟନ୍ କ୍ଷମତାର ସବ୍-ସି କ୍ରେନ୍, ଡାଇନାମିକ୍ ପୋଜିସନିଂ ସିଷ୍ଟମ୍ ଏବଂ ୧,୦୦୦ ମିଟର ଗଭୀରତା ପର୍ଯ୍ୟନ୍ତ କାମ କରିପାରୁଥିବା ରିମୋଟଲି ଅପରେଟେଡ୍ ଭେହିକଲ୍ ରହିଛି। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଯୋଗୁଁ ଗଭୀର ସମୁଦ୍ରରେ ଜଟିଳ ଅପରେସନ୍ କରିବା ଭାରତୀୟ ନୌସେନା ପାଇଁ ଆହୁରି ସହଜ ହେବ।

ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତାଲିକାର ତୃତୀୟ ସ୍ଥାନରେ ବିଜୟ

ଡିଏମ୍‌କେ ପକ୍ଷରୁ ତୀବ୍ର ସମାଲୋଚନା

ନୂଆଦିଲ୍ଲୀ,୩୧।୮: ଇଣ୍ଡିଆ ଟୁଡେ-ସିଭୋଟରର ସଦ୍ୟତମ ମୁଡ୍ ଅଫ୍ ନେସନ ସର୍ଭେରେ ଲୋକଙ୍କ ମନପସନ୍ଦର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତାଲିକାର ତୃତୀୟ ସ୍ଥାନରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଯୋସେଫ ବିଜୟ ରହିବା ପରେ ତାଡୁ ହୋଇଛି ରାଜନୀତିକ ବୟାନବାଜି। ଡିଏମ୍‌କେ ପକ୍ଷରୁ ଏହାକୁ ତୀବ୍ର ସମାଲୋଚନା କରାଯିବା ସହିତ କଟାକ୍ଷ କରାଯାଇଛି। ସେହିପରି ତାମିଲନାଡୁର ମେଣ୍ଟ ସରକାରରେ ସାମିଲ କଂଗ୍ରେସ ଅସନ୍ତୋଷ ପ୍ରକାଶ କରିବା ସହିତ ମନ୍ତ୍ରିମଣ୍ଡଳରୁ ତାଙ୍କ ନେତାମାନେ ଓହରି ଯିବେ ବୋଲି ଚେତାବନୀ ଦେଇଛି। ଡିଏମ୍‌କେ ନେତା ଆର. ଏସ ଭାରତୀ କହିଛନ୍ତି, ଯଦି ଦଳର (ଟିଭିକେ) କାର୍ଯ୍ୟକର୍ତ୍ତାମାନେ କହିବେ, ତେବେ ସେମାନେ ଏପରିକି କହିବେ ଯେ ସେ (ମୁଖ୍ୟମନ୍ତ୍ରୀ ବିଜୟ) ଜାତିସଂଘର ମୁଖ୍ୟ ହେବାକୁ ଯାଉଛନ୍ତି। ସ୍ୱପ୍ନ, ସ୍ୱପ୍ନ- ସେମାନଙ୍କ ସ୍ୱପ୍ନର କୌଣସି ସୀମା ନାହିଁ। ସେମାନେ ଯାହା ଭାବିବାକୁ ଚାହୁଁଛନ୍ତି ଭାବନ୍ତୁ।

ରାହୁଲ ଗାନ୍ଧୀ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ରହିଥିବା ବେଳେ ବିଜୟଙ୍କୁ ପ୍ରଧାନମନ୍ତ୍ରୀ ଭାବେ କଳ୍ପନା କରିବାର ପରିଣାମ କ'ଣ ହେବ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। 'ଯଦି କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ମନରେ ଟିକିଏ ବି ଆତ୍ମସମ୍ମାନ ଅଛି, ତେବେ ସେମାନେ ବାହାରକୁ ଆସି କହନ୍ତୁ ଯେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବେ ନାହିଁ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି। ନା, ନା, ସେ ହିଁ ପ୍ରଧାନମନ୍ତ୍ରୀ ହେବେ, ଏବଂ ଏହି ଲୋକମାନେ ତାଙ୍କୁ ପୂଜା କରିଚାଲନ୍ତୁ,' ଭାରତୀ କହିଛନ୍ତି। ଏହି ଆଲୋଚନାକୁ ଖାରଜ କରି ବିଜୟଙ୍କ ମନ୍ତ୍ରିମଣ୍ଡଳରେ ଥିବା କଂଗ୍ରେସ ମନ୍ତ୍ରୀ ରାଜେଶ କୁମାର କହିଛନ୍ତି ଯେ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଦଳର ଏକ ସ୍ପଷ୍ଟ ଦୃଷ୍ଟିକୋଣ ରହିଛି। ଏଥିସହ ସେ ସାବଧାନ କରିଛନ୍ତି ଯେ ଯଦି ଟିଭିକେ ରାହୁଲ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ସମର୍ଥନ ନକରେ, ତେବେ କଂଗ୍ରେସ ମନ୍ତ୍ରୀମାନେ ତାମିଲନାଡୁ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେବେ।

ଚୁଟ୍‌କୀରେ...

ଟ୍ରକକୁ ଧକ୍କାଦେଲା ମିନି ବସ୍, ୬ ମୃତ

ଆସାମ,୩୧।୮: ଆସାମର ସୋନାପୁରରେ ଭୟଙ୍କର ବସ୍ ଦୁର୍ଘଟଣା। ଜାତୀୟ ରାଜପଥ ୨୭ରେ ଟ୍ରକକୁ ଧକ୍କା ଦେଲା ମିନି ବସ୍ । ଫଳରେ ଘଟଣା ସ୍ଥଳରେ ୬ ଯାତ୍ରୀ ଜୀବନ ହାରିଛନ୍ତି । ଦୁର୍ଘଟଣାରେ ଅନେକ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ସୋନାପୁରର କାମରୂପ ମେଟ୍ରୋପଲିଟନ ଜିଲ୍ଲାର ତେତେଲିୟା-ନଲଗେଦେରା ଅଞ୍ଚଳରେ ହୋଇଛି । ଖବର ମୁତାବକ, ସୋନାପୁର ଆଡକୁ ଯାଉଥିବା ଏକ ମିନିବସ ରାସ୍ତାରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକକୁ ଧକ୍କା ଦେଇଥିଲା । ଧକ୍କା ଏତେ ଭୟଙ୍କର ଥିଲା ଯେ, ଆଖପାଖର ଲୋକେ ଉଦ୍ଧାର କରିବାକୁ ଘଟଣାସ୍ଥଳରେ ପହଁଚିଥିଲେ । ଦୁର୍ଘଟଣାର ଖବର ପରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ମୃତାହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ଚିକିତ୍ସା ଜାରି ରହିଛି । ପୋଲିସ ଉଭୟ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି ।

ଗାୟକ ଅଙ୍କିତ ବଲିୟାଁ ହତ୍ୟା ମାମଲା

୨ ସାପ୍ ଶୁଟରଙ୍କୁ ଏନ୍‌କାଉଣ୍ଟର

ନୂଆଦିଲ୍ଲୀ,୩୧।୮: ହରିୟାଣା ସିଙ୍ଗର ଅଙ୍କିତ ବଲିୟାଁ ହତ୍ୟା ମାମଲାରେ ପୁଲିସ୍‌କୁ ବଡ଼ ସଫଳତା ମିଳିଛି । ୫ଦିନରେ ପୁଲିସ ଏନକାଉଣ୍ଟରରେ ୨ ସୁଟର ନିହତ ହୋଇଛନ୍ତି । ଗାୟକ ଅଙ୍କିତ ବଲିୟାଁଙ୍କ ହତ୍ୟାରେ ଜଡିତ ଦୁଇ ସନ୍ଦିଗ୍ଧଙ୍କୁ ଏନ୍ କାଉଣ୍ଟର କରିଛି ପୁଲିସ । ଦୁଇ ସୁଟର ହେଉଛନ୍ତି ସୁମିତ ଏବଂ ମୋହିତ । ଉଭୟଙ୍କୁ ପୁଲିସ ଖୋଜୁଥିଲା । ଏନକାଉଣ୍ଟରରେ ଦୁଇ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଏହି ଅପରେସନ ଉତ୍ତର ପ୍ରଦେଶର ଶାମଲି ଜିଲ୍ଲାର ସଦର କୋତୱାଲି ପୁଲିସ ଷ୍ଟେସନ ଅଧୀନରେ ଥିବା ଶିଙ୍ଗ ଅଞ୍ଚଳରେ ଘଟିଛି । ଉତ୍ତରପ୍ରଦେଶର ଶାମଲିର ଏକ ଜିମ୍ ବାହାରେ ଅଙ୍କିତ ବଲିୟାଁଙ୍କୁ ହତ୍ୟା କରିଥିଲେ ୪ ଶୁଟର । ପୂର୍ବରୁ, ଶାମଲି ଜିଲ୍ଲା ମାଜିଷ୍ଟ୍ରେଟ ଆଲୋକ ଯାଦବ ଏବଂ ଏସପି ଏନପି ସିଂହ ଅଙ୍କିତ ବଲିୟାଁଙ୍କ ବାପା ସତବୀର ସିଂହ ଏବଂ ପରିବାରର ଅନ୍ୟ ସଦସ୍ୟଙ୍କୁ ଭେଟିବା ପାଇଁ ବାଣ୍ଟିଖେଡା ଗ୍ରାମ ଗସ୍ତ କରିଥିଲେ । ଶୀଘ୍ର କାର୍ଯ୍ୟାନୁଷ୍ଠାନ ଏବଂ ନ୍ୟାୟ ପ୍ରଦାନ କରିବାର ଆଶ୍ୱାସନା ଦେଇଥିଲେ। ଏହା ପୂର୍ବରୁ, ପରିବାର ପୁଲିସର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ।

ଦିଲ୍ଲୀ ଏସଆଇଆର ଡ୍ରାଫ୍ଟ ଲିଷ୍ଟ ଜାରି: ବାଦ୍‌ପଡ଼ିଲେ ଏକ ତୃତୀୟାଂଶ ଭୋଟର

ନୂଆଦିଲ୍ଲୀ,୩୧ ।୮: ଦିଲ୍ଲୀରେ ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସଆଇଆର ପ୍ରକ୍ରିୟା ପରେ ଡ୍ରାଫ୍ଟ ଭୋଟର ଲିଷ୍ଟ ପ୍ରକାଶ ପାଇଛି। ଏହି ଡ୍ରାଫ୍ଟ ତାଲିକାରୁ ପ୍ରାୟ ୪୭.୭ ଲକ୍ଷ ଭୋଟରଙ୍କ ନାଁ ବାଦ ପଡ଼ିଛି। ଏହା ପରେ ଭୋଟର ତାଲିକାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଲୋକମାନେ ଚିରଦିନ ପାଇଁ ଭୋଟ ଦେବାର ଅଧିକାର ହରାଇଛନ୍ତି କି? ତେବେ ନା। ନିର୍ବାଚନ ଆୟୋଗର ପ୍ରକ୍ରିୟା ଅନୁସାରେ, ଡ୍ରାଫ୍ଟ ତାଲିକାରେ ନାଁ ନଥିବା ଯୋଗ୍ୟ ଭୋଟରମାନେ ଦାବି ଓ ଆପତ୍ତି ପ୍ରକ୍ରିୟା ମାଧ୍ୟମରେ ନିଜ ନାଁ ପୁଣି ତାଲିକାରେ ସାମିଲ କରାଇପାରିବେ। ଦିଲ୍ଲୀରେ ମୋଟ ପ୍ରାୟ ୧.୪୫,୧୦,୨୯୯ ଭୋଟର ଥିଲେ। ଏସଆଇଆର ଅଭିଯାନ ସମୟରେ ମିଳିଥିବା ଏବଂ ଡିଜିଟାଲ୍ ମାଧ୍ୟମରେ ଗ୍ରହଣ କରାଯାଇଥିବା ଗଣନା ଫର୍ମ ଆଧାରରେ ପ୍ରାୟ ୯୭.୫ ଲକ୍ଷ ଭୋଟରଙ୍କ ନାଁ ଡ୍ରାଫ୍ଟ ଲିଷ୍ଟରେ ସାମିଲ କରାଯାଇଛି। ଏହି ପ୍ରକ୍ରିୟା ୩୦ ଜୁନ୍‌ରୁ ଆରମ୍ଭ ହୋଇ ୧୨ ଅଗଷ୍ଟ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଦିଲ୍ଲୀର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୭.୧୮%ଙ୍କ ଫର୍ମ ଡିଜିଟାଲ୍ ମାଧ୍ୟମରେ ଦାଖଲ ହୋଇଥିବା ତଥ୍ୟ ରହିଛି। ଡ୍ରାଫ୍ଟ ଲିଷ୍ଟରେ ସାମିଲ ହୋଇନଥିବା ପ୍ରାୟ ୪୭.୭ ଲକ୍ଷ ଭୋଟରଙ୍କୁ ବିଭିନ୍ନ ଶ୍ରେଣୀରେ ରଖାଯାଇଛି। ଡ୍ରାଫ୍ଟ ତାଲିକାରେ ଥିବା ବାକି ୪୭.୭ ଲକ୍ଷ ଭୋଟରଙ୍କୁ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ୍ୟୁ, ତାଲିକାରେ ଏକାଧିକ ଥର ନାମ ଦେଖାଯିବା ଏବଂ ଅନ୍ୟାନ୍ୟ ବର୍ଗରେ 'ଅନୁପଲବ୍ଧ' ଭାବରେ ବର୍ଗୀକୃତ କରାଯାଇଛି।

ଭାରତର ଜିଡିପି ଅଭିବୃଦ୍ଧି ହାର ୭.୮%

ନୂଆଦିଲ୍ଲୀ,୩୧ ।୮: ଆମେରିକା-ଇରାନ ବିବାଦରୁ ସୃଷ୍ଟି ହୋଇଥିବା ବିଶ୍ୱ ଉତ୍ତେଜନା ମଧ୍ୟରେ ଭାରତୀୟ ଅର୍ଥନୀତି ପ୍ରଭାବଶାଳୀ ପ୍ରଦର୍ଶନ କରିଛି। ୨୦୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର GDP ଅଭିବୃଦ୍ଧି ହାର ୭.୮%ରେ ପହଞ୍ଚିଛି। ଏହା ଗତ ବର୍ଷର ସମାନ ତ୍ରୈମାସିକରେ ୬.୯% ଥିଲା। ଉଲ୍ଲେଖନୀୟ ଯେ, ଏହି ସଂଖ୍ୟାଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କର ଆକଳନ (୭%) ଠାରୁ ଯଥେଷ୍ଟ ଅଧିକ। ମୁଦ୍ରାସ୍ଫୀତି ସମ୍ବତ୍ସରୀୟ ଚ୍ୟାଲେଞ୍ଜ ସତ୍ତ୍ୱେ, ବଜାରରେ ଗ୍ରାହକ ଚାହିଦା ଦୃଢ଼ ରହିଛି। ଗ୍ରସ୍ ଭାଲ୍ୟୁ ଆଡେଡ୍ (GVA) ସମ୍ପର୍କରେ ମଧ୍ୟ ସକାରାତ୍ମକ ଖବର ଅଛି। ପ୍ରଥମ ତ୍ରୈମାସିକରେ ପ୍ରକୃତ ଏଠଇ ଅଭିବୃଦ୍ଧି ୮.୨% ଅଛି, ଯାହା ଗତ ବର୍ଷ ୭.୧% ଥିଲା। ସେହିପରି ନାମମାତ୍ର ଏଉତ ମଧ୍ୟ ୮.୧% ରୁ ୧୦.୩% କୁ ବୃଦ୍ଧି ପାଇଛି।

ନେପାଳ ପ୍ରଳୟ : ମୃତ୍ୟୁ ସଂଖ୍ୟା ୯୦୩କୁ ବୃଦ୍ଧି

ନୂଆଦିଲ୍ଲୀ,୩୧।୮: ଗତ ସପ୍ତା

ପ୍ରଭାତଫେରୀରେ ଆରମ୍ଭ ହେଲା ସ୍ୱାୟତ୍ତ ଶାସନ ଦିବସ

- ରାମଧୂନ୍ ସହ ବରପୁତ୍ର ଓ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ
- କୃତୀ ପ୍ରତିଯୋଗୀ ପୁରସ୍କୃତ

ନିମାପଡ଼ା (ଅମୃତ ମିଡିଆ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫୩ତମ ସ୍ୱାୟତ୍ତ ଶାସନ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଦିନତମାମ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ସକାଳୁ ରାମଧୁନ ଓ ପ୍ରଭାତଫେରୀ ମାଧ୍ୟମରେ ଦିବସର ଶୁଭାରମ୍ଭ ହୋଇଥିଲା। ପରିଷଦର ଜନପ୍ରତିନିଧି, କର୍ମଚାରୀ ଓ ସ୍ଥାନୀୟ ଲୋକେ ପ୍ରଭାତଫେରୀରେ ସାମିଲ ହୋଇଥିଲେ। ପରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷ, ବରପୁତ୍ର ଓ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା।ଏହାପରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ନାଗରିକଙ୍କୁ ଉନ୍ନତ ମୌଳିକ ସୁବିଧା ଓ ଉତ୍ତମ ସେବା ଯୋଗାଇବା ଉପରେ ଏହି ଅବସରରେ ଗୁରୁତ୍ୱ ଦିଆଯାଇଥିଲା।ପରେ ନିମାପଡ଼ା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଭିଡିଓ ମାଧ୍ୟମରେ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ଉପସ୍ଥିତ ଅତିଥି ଓ ଜନପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ ଶୁଣିଥିଲେ।ସଭାରେ ନିମାପଡା ର ବିକାଶ, ପରିମଳ ବ୍ୟବସ୍ଥା, ନାଗରିକ ସେବା ଓ ଜନସାଧାରଣଙ୍କ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ନିମାପଡା ର ସାମଗ୍ରିକ ବିକାଶ ପାଇଁ ପରିଷଦ ଜନପ୍ରତିନିଧି ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବିଭିନ୍ନ ସେବା ଓ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ଓ ପ୍ରତିଷ୍ଠାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଦାଶ,ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ସାଂସଦଙ୍କ ପ୍ରତିନିଧି ମିନଲତା ମହାନ୍ତି, ଜଟିନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ, ସ୍ଥାନୀୟ ନେତୃତ୍ୱ ଓ ବହୁ ସଂଖ୍ୟାରେ ସାଧାରଣ ଲୋକ ଉପସ୍ଥିତ ଥିଲେ।

ଚାନ୍ଦୁଆ କର୍ମଶାଳା

ପୁରୀ (ବ୍ୟୁରୋ): ସୋମବାର ଦିବା ୪ ଘଟିକା ସମୟରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଚାନ୍ଦୁଆ କର୍ମଶାଳା ଉଦ୍ଘାପିତ ହୋଇଯାଇଛି । ଏହି କର୍ମଶାଳାଟି ୧୦ ଦିନ ଧରି ଚାଲୁ ରହିଥିଲା । ଆମ ପରମ୍ପରାକୁ ନେଇ ବିଭିନ୍ନ ରକମ ପାରମ୍ପାରିକ ଓ ଆଧୁନିକ ଚାନ୍ଦୁଆ ତିଆରି କରାଯାଇ ଖୁବ୍ ଆକର୍ଷଣୀୟ ଓ ମନଲୋଭା ହୋଇଅଛି । ଉଦ୍ଘାପନୀ ଉତ୍ସବ ରେ ଅତିଥି ରୂପେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ତୋଷ କୁମାର ସେଠୀ ଓ ଜିଲ୍ଲା ସାଂସ୍କୃତିକ ଅଧିକାରି ହେମନ୍ତ ବେହେରା ଯୋଗ ଦେଇ ଚାନ୍ଦୁଆ ପ୍ରଦର୍ଶନୀ କୁ ବୁଲି ଦେଖିଥିଲେ ଓ ଶିଳ୍ପୀ ମାନଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। ମାଷ୍ଟର ଟ୍ରେନର ନମିତା ପାତ୍ର , ଅଧ୍ୟାପକ ଉଦ୍ଧବ ନାୟକ,ଅନନ୍ତ ପ୍ରଧାନ,କେଶବ ନାୟକ ତୃପ୍ତି ରେଖା ମିଶ୍ର ଶିଳ୍ପୀ ମାନ ଙ୍କୁ ସହଯୋଗ କରିଥିଲେ। ବନ ବିଭାଗ ଅଧିକାରୀ ପ୍ରଭାତ ଦାସ କୋଡ଼ିନେଟରେ, ସି.ଇ.ଏସ୍ , ସ୍ୱାଗତିକା ମିଶ୍ର ,ଫି.ଓ, ସି.ଇ.ଏସ୍? ଓ ପ୍ରଶାନ୍ତ ନାୟକ ସୂଚନା ଅଧିକାରୀ ,ସି.ଇ.ଏସ୍(ଭୁବନେଶ୍ୱର) ଷ୍ଟେଟ ଇ.ଆଇ.ଏ.ସି.ପି ହବ୍, ସେଣ୍ଟର୍ ଫର୍ ଏନ୍ଭିରନ୍?ମେଣ୍ଟାଲ୍ ଷ୍ଟଡିଜ୍? (ସି.ଇ.ଏସ୍) ଙ୍କ ସହାୟତା ରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇ ଯାଇଅଛି । ଏଥିରେ ଭବନୀ ଶଙ୍କର ପ୍ରିପାଠୀ ଉପସ୍ଥିତ ଥିଲାବେଳେ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ

ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ପକ୍ଷରୁ ସଂସ୍କୃତ ସପ୍ତାହ ପାଳନ ଅବସରରେ ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଗତ ୨୮ ତାରିଖରେ ଆନୁଷ୍ଠାନିକ ଭାବେ ଏହି ସମାରୋହର ଶୁଭାରମ୍ଭ କରାଯାଇଛି । ସଂସ୍କୃତ ମୃତଭାଷା ନୁହେଁ। ଏହା ଆମଦେଶର ନିଜସ୍ୱ ଭାଷା ଓ ଅମୂଲ୍ୟ ସଂପଦ । ଏହାର ବିପୁଳ ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ସଂସ୍କୃତ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଂସ୍କୃତ ଭାଷାର ମହତ୍ୱ ଓ ମାନ୍ୟତାକୁ ବଜାୟ ରଖିବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ସ୍ଲୋଗାନ୍ ସହ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ଏକ ବର୍ଣ୍ଣାଳ ଶୋଭାଯାତ୍ରା ମଧ୍ୟ ଆୟୋଜନ। କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସଂସ୍କୃତ ପ୍ରାଧ୍ୟାପକ

ଭାସ୍କର ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷା ଜନମାନସର ରଞ୍ଜକ ହେବା ସହ ସମସ୍ତ ଭାଷାର ଜନନୀ ଏବଂ ରାଷ୍ଟ୍ରର ଉନ୍ନତିରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେହିପରି ମହାକବି କାଳିଦାସ, ଭବଭୂତି ପ୍ରମୁଖ ସଂସ୍କୃତ ବିଦ୍ୱାନ ମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ କାବ୍ୟ ଗୁଡିକର ସାରଗର୍ଭକ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ କୁମାର ପାଣି ସଭାପତିତ୍ୱ କରି ସଂସ୍କୃତ ଭାଷା ଓ ସଂସ୍କୃତିର ଗୁରୁତ୍ୱ ସମ୍ପର୍କରେ ନିଜର ମତ ପ୍ରକାଶ କରିଥିଲେ। ବିଭାଗୀୟ ମୁଖ୍ୟ ଡ. କଳ୍ପନା କୁମାରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଂସ୍କୃତ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଏହାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଏବଂ ସେ ସଭାର ସଂଯୋଜନା ମଧ୍ୟ କରିଥିଲେ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପିକା ସସ୍ମିତା ପ୍ରଧାନ ଏବଂ ଇଂରାଜୀ ବିଭାଗର ପ୍ରଧ୍ୟାପକ ମନୋଜ କୁମାର ପରିଡ଼ା ମଧ୍ୟ ସଂସ୍କୃତି କୁ ସୁରକ୍ଷା କରିବାକୁ ହେଲେ ସଂସ୍କୃତ ଉପରେ ଅଧ୍ୟୟନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ସଂସ୍କୃତ ବିଭାଗର ଛାତ୍ର ଚନ୍ଦ୍ରଶେଖର ଦୀକ୍ଷିତ ଏବଂ ଆଦିତ୍ୟ ପଣ୍ଡା ବେଦମନ୍ତ୍ର ପାଠ କରିଥିଲେ। ଶେଷରେ ରୁଦ୍ରନାରାୟଣ ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଶିକ୍ଷକ-ଶିକ୍ଷିକା, କର୍ମଚାରୀ ଏବଂ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

କାକଟପୁରରେ ପୁଣି ଚୋରି | ପୋଲିସକୁ ଚୋରଙ୍କ ଚ୍ୟାଲେଞ୍ଜ !

କାକଟପୁର/ଅୱରଙ୍ଗ (ଅମୃତ ମିଡିଆ): କାକଟପୁର ଥାନା ଅନ୍ତର୍ଗତ ତହସିଲ ନିକଟରେ ଏକ ଘରୁ ବଡ଼ଧରଣର ଚୋରି ହୋଇଛି। ପରିବାର ଲୋକେ ଘରେ ତାଲା ପକାଇ ଏକ ଫଂକ୍ସନରେ ଯୋଗଦେବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇଥିବାର ଅଭିଯୋଗ ହୋଇଛି। ଘରୁ ଟିଭି, ଇନଭର୍ଟର, ଫ୍ୟାନ, ଘଣ୍ଟା, ଆଲମିରାରେ ଥିବା ସୁନା-ରୂପା ଅଳଙ୍କାର, ଠାକୁର ଘରର ପିତ୍ତଳ ବାସନ, ରୋଷେଇ ସାମଗ୍ରୀ, ଲକରରେ ଥିବା ଟଙ୍କା ଓ ବିଭିନ୍ନ ମୂଲ୍ୟବାନ କାଗଜପତ୍ର ସମେତ

ଅନେକ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି। ଅଭିଯୋଗ ପରେ କାକଟପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ କାକଟପୁର ଅଞ୍ଚଳରେ ବାରମ୍ବାର ଚୋରି ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ଘର ହେଉ କି ଦୋକାନ ଚୋରି ରୋକିବା ଏବେ ବଡ଼ ଚ୍ୟାଲେଞ୍ଜ। ଏଠି ପ୍ରଶ୍ନ ଉଠୁଛି, ପୋଲିସର ପାଟ୍ରୋଲିଂ ଓ ନଜରଦାରୀ ଯଥେଷ୍ଟ କି ? ଆଇନର ଦଣ୍ଡ ବ୍ୟବସ୍ଥା ଭୟ ଅପରାଧୀଙ୍କ ମନରେ ରହୁଛି କି ? ଦଣ୍ଡ ବ୍ୟବସ୍ଥାର ଭୟ ଅପରାଧକୁ ରୋକିପାରୁଛି କି ? ଅନ୍ୟପଟେ, ଲୋକଙ୍କ ସଚେତନତା ମଧ୍ୟ ଜରୁରୀ। ଘର ଦୀର୍ଘ ସମୟ ବନ୍ଦ ରହିବା, ସୁରକ୍ଷା ବ୍ୟବସ୍ଥା ଓ ସନ୍ଦେହଜନକ ବ୍ୟକ୍ତିଙ୍କ ଗତିବିଧି ପ୍ରତି ସତର୍କ ରହିବା ଆବଶ୍ୟକ। କିଛିଦିନ ପୂର୍ବରୁ ମନ୍ଦିର ଚୋରି, ବ୍ୟାଟେରୀ ଚୋରି, ଗାଡ଼ି ଚୋରି ଘଟଣାରେ କାକଟପୁର ପୋଲିସ ତ୍ୱରିତ ପଦକ୍ଷେପ ନେଇ ଚୋରଙ୍କୁ ଧରିଥିଲା। ଏବେ ଏହି ଘଟଣାରେ ମଧ୍ୟ ଚୋରଙ୍କୁ ଶୀଘ୍ର ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି।

ଭକ୍ତି ଓ ଆନନ୍ଦୋଲ୍ଲାସରେ ଖୁଦୁରୁକୁଣୀ ପ୍ରଥମପାଳି ପୂଜା ଶେଷ

ତଅପୋଇ ଆଖ୍ୟାନ ଶୁଣି ଭାବବିହ୍ୱଳ ଶ୍ରୋତା

ଅୱରଙ୍ଗ(ଅମୃତ ମିଡିଆ): ରବିବାର ଖୁଦୁରୁକୁଣୀ ପୂଜାର ପ୍ରଥମ ପାଳି। ଆଉ ପ୍ରଥମ ପାଳିରୁ ହିଁ ଅୱରଙ୍ଗ ବ୍ଲକର ପ୍ରତି ଗାଁରେ ତଅପୋଇ କାହାଣୀ ଗୁଞ୍ଜରିତ ହେଉଛି। ପ୍ରତି ଘର ପିଣ୍ଡାରେ କୁମାରୀ ଝିଅମାନେ ଏକାଠି ହୋଇ ତଅପୋଇକୁ ମନେ ପକାଇ ଖୁଦୁରୁକୁଣୀ ମା'ଙ୍କୁ ପୂଜା କରୁଛନ୍ତି। କିଏ ଏ ତଅପୋଇ ସାତ ଭାଇର ଗୋଟିଏ ଭଉଣୀ ତଅପୋଇ। ଭାଇମାନେ ବୋଇତରେ ବାଣିଜ୍ୟ କରିବାକୁ ଯାଇଥିବା ବେଳେ ଭାଉଜ ମାନଙ୍କ ଅତ୍ୟାଚାରରେ ତଅପୋଇ ବଣକୁ ଚାଲିଯାଇଥିଲା। ସେଠି ସେ ଖୁଦୁରୁକୁଣୀ ମା'ଙ୍କୁ ପୂଜା କରି ଭାଇମାନଙ୍କ ମଙ୍ଗଳ କାମନା କରିଥିଲା। ଶେଷରେ ମା'ଙ୍କ କୃପାରୁ ଭାଇମାନେ ଫେରି ଆସିଥିଲେ। ଏହି କାହାଣୀକୁ ଆଧାର କରି ଆଜି ବି କୁମାରୀମାନେ

ଭାଇର ମଙ୍ଗଳ ପାଇଁ ପୂଜା କରନ୍ତି। ରବିବାର ସନ୍ଧ୍ୟାରେ ପୁରୀ ଜିଲ୍ଲା ଅୱରଙ୍ଗ ଅଞ୍ଚଳରେ ସେହି ଭକ୍ତି ଭାବ ଦେଖିବାକୁ ମିଳିଛି। ପ୍ରତି ଘରେ ୧୦ରୁ ୧୫ଜଣ ଝିଅ ଏକାଠି ହୋଇ ଗୋଲ ହୋଇ ବସିଛନ୍ତି। ମଝିରେ ଖୁଦୁରୁକୁଣୀଙ୍କ ମୂର୍ତ୍ତି, ଚାରିପଟେ ଫୁଲ, ଖୁଦ, ନଡ଼ିଆ। ଜଣେ ବଡ଼ ଝିଅ ତଅପୋଇ ବହି ପଢୁଛି, ଅନ୍ୟମାନେ ହୁଳହୁଳି ଦେଇ ଶୁଣୁଛନ୍ତି। କେହି କେହି ଭାବରେ ଆଖିରୁ ଲୁହ ବି ଗଡ଼ାଉଛନ୍ତି। ସନ୍ଧ୍ୟା ହେଲେ ଦାଣ୍ଡରେ ଶଙ୍ଖ, ହୁଳହୁଳି, ଖୁଦୁରୁକୁଣୀ ଭଜନ - 'ତଅପୋଇ ଯାଏ ବଣ ବାସରେ' ଗୀତରେ ପୁରା ଗାଁ କମ୍ପୁଛି। କେବଳ ଅୱରଙ୍ଗରେ ନୁହେଁ, ପ୍ରତି ଗାଁରେ ସମାନ।

ଆଧ୍ୟାତ୍ମିକ ବୌଦ୍ଧିକ ଆଲୋଚନାଚକ୍ର

ପୁରୀ (ବ୍ୟୁରୋ): ବୋଧିଚକ୍ର, ପୁରୀ ଆନୁକୂଲ୍ୟରେ ବୁଦ୍ଧ ମନ୍ଦିର, ପୁରୀ ଠାରେ ଇଂଜିନିୟର ଗିରିଜା ଶଙ୍କର ପାଢ଼ୀଙ୍କର ସଭାପତିତ୍ୱରେ ମାସିକ ଶ୍ରାବଣ ଆସର ଅନୁଷ୍ଠିତ ହୋଇ ଯାଇଅଛି । ସଂସାରରର ସକଳ କାମନା ରୁ ଦୁରେଇ ରହି ତ୍ୟାଗପୁତ ଜୀବନ ଶୈଳୀହିଁ ବୁଦ୍ଧ ଦର୍ଶନ ବୋଲି ସଭାପତି ମତବ୍ୟକ୍ତ କରିଥିଲେ । ଉପସ ଭାପତି ଡ଼.ବଳରାମ ଦାଶକହିଲେ, କାମନା ବିହୀନ ଉତ୍ସର୍ଗୀକୃତ ମାନବ ସେବା ହିଁ ମହାନିର୍ବାଣର ମାର୍ଗ କ୍ଷ ସଂଯମତା ଦ୍ୱାରା ସଫଳତା ପ୍ରାପ୍ତି ହୋଇ ଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା କରିଥିଲେ। ଆଲୋଚନା ଚକ୍ରରେ, ଅଧ୍ୟାପକ ବିଭୁତିଭୂଷଣ କର,ଶିବ ସୁନ୍ଦର ମିଶ୍ର,ପୂର୍ଣ୍ଣ ଚନ୍ଦ୍ର ସାହୁ ଅଶୋକ କୁମାର ଅକ୍ଷୟ ପ୍ରଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ବୌଦ୍ଧ ଦର୍ଶନର ତାତ୍ତ୍ୱିକ ମୂଲ୍ୟବୋଧ ସମ୍ପର୍କ ରେ ଆଲୋକ ପାତ କରିଥିଲେ। ସୁକାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଚର୍ଚ୍ଚାରେ ଲେଡୀ ସିଙ୍ଘମ୍ ମମତାଙ୍କ କାର୍ଯ୍ୟାବଳୀ

- ବୁଲ୍‌ଡୋଜର ଚଢ଼ାଇ ଭାଙ୍ଗିଲେ ମଦମାଫିଆଙ୍କ ଦୋକାନ
- ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ଜବତ

କାକଟପୁର /ଅୱରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା ରାମଚଣ୍ଡୀ ଥାନା ଅଞ୍ଚଳରେ ସୋମବାର ଜଣେ ମହିଳା ପୋଲିସ ଅଧିକାରିଣୀ ଯାହା କରି ଦେଖାଇଛନ୍ତି, ତାହା ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ଦିନ ଧରି ପୋଲିସକୁ ଚ୍ୟାଲେଞ୍ଜ ଦେଉଥିବା ମଦ ମାଫିଆଙ୍କ ଉପରେ ଶେଷରେ ରାମଚଣ୍ଡୀର ଲେଡି ସିଙ୍ଘମ୍ ଭାବେ ପରିଚିତ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ବୁଲଡୋଜର ବୁଲିଛି। ସୂଚନା ଅନୁସାରେ, ଶ୍ୟାମସୁନ୍ଦର ସାହୁ ନିଜ ଦୋକାନ ଆଡୁଆଳରେ ଦେଶୀ-ବିଦେଶୀ ମଦ ବିକ୍ରି କରୁଥିଲେ। ମମତା ସାହୁ ଓ ଲିଲି ମଲ୍ଲିକ ଘରେ ମଦ ଗଛିତ ରଖି ବେପାର କରୁଥିଲେ। ସ୍ଥାନୀୟ ମହିଳା ଓ ଯୁବକମାନେ ଯୁବ ପିଢି ନଷ୍ଟ ହେଉଛି ବୋଲି ବାରମ୍ବାର ଅଭିଯୋଗ କରୁଥିଲେ।ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ସୋମବାର ମଧ୍ୟାହ୍ନ ରେ ଗୋପ ତହସିଲଦାର ଜୟ ସୂର୍ଯ୍ୟକାନ୍ତ ଦାଶଙ୍କ

ନେତୃତ୍ୱରେ, ରାମଚଣ୍ଡୀ ଥାନା ଅଧିକାରିଣୀ ମମତା ବିଶ୍ୱାଳଙ୍କ ସମେତ ସମସ୍ତ କାଉନସିଲର, କର୍ମଚାରୀ, ସ୍ଥାନୀୟ ନେତୃତ୍ୱ ଓ ବହୁ ସଂଖ୍ୟାରେ ସାଧାରଣ ଲୋକ ଉପସ୍ଥିତ ଥିଲେ। ଅନେକ ମାମଲା ମଧ୍ୟ ରହିଥିଲା। ସାଧାରଣତଃ ପୁରୁଷ ଅଧିକାରୀ ଜଣେ ମହିଳା ଅଧିକାରିଣୀ ଯେଉଁ ନିର୍ଭୀକତା ଓ ଦୃଢତା ଦେଖାଇଛନ୍ତି, ତାହା ସମସ୍ତଙ୍କୁ ଚକିତ କରିଛି। ଘଟଣା ସ୍ଥଳରେ ନିଜେ ଠିଆ ହୋଇ ସେ ପୁରା ଅପରେସନକୁ ନେତୃତ୍ୱ ନେଇଛନ୍ତି। ତାଙ୍କର ଏହି ସାହସିକ ପଦକ୍ଷେପ ପାଇଁ ସ୍ଥାନୀୟ ମହିଳା ମାନେ ତାଙ୍କୁ ଭୂରି ଭୂରି ପ୍ରଶଂସା କରୁଛନ୍ତି। 'ମହିଳା ଅଧିକାରିଣୀ ଆସିବା ପରେ ଗାଁରେ ଶାନ୍ତି ଫେରିଛି' ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ପ୍ରଶାସନ କହିଛି, ଏଭଳି ଅଭିଯାନ ଆଗକୁ ଜାରି ରହିବ।

ଜନଶୁଣାଣିରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ

୧୨୧ ଅଭିଯୋଗରୁ ୧୧ ସମାଧାନ

କାକଟପୁର /ଅୱରଙ୍ଗ(ଅମୃତ ମିଡିଆ): ସରକାରଙ୍କ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ପୁରୀ ଜିଲ୍ଲା ଅୱରଙ୍ଗରେ ପାଲଟିଛି ପ୍ରହସନ। ସୋମବାର ଅୱରଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧ୍ୟକ୍ଷାଙ୍କ ଅଧ୍ୟକ୍ଷତାରେ ବସିଥିବା ଶିବିରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ହିଁ ଅନୁପସ୍ଥିତ। ଡ଼ିଏଫଓ ଙ୍କ ସମେତ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଆସି ନଥିଲେ। ଫଳରେ ୧୨୧ଟି ଅଭିଯୋଗ ମଧ୍ୟରୁ ମାତ୍ର ୧୧ଟିର ସମାଧାନ ସ୍ପଷ୍ଟ ହୋଇଛି । ଶିବିର ପାଇଁ

ମଞ୍ଚ, ଜଳପାନ, ଗାଡି ଭଡା ବାବଦ ହଜାର ହଜାର ଟଙ୍କା ପାଣିରେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶରତ ଚନ୍ଦ୍ର ବେହେରା, ଉପ-ଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ସବୁଠୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବେଶବିତ୍ ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ସହନ ଗ୍ରାମର ଫିଲୁ ବେହେରା। ସୌମ୍ୟଙ୍କ ଅଭିଯୋଗ - ସବୁଜ ମହାନଦୀ ମିଶନରେ ସହନ ଜଙ୍ଗଲର ୩୨ ହେକ୍ଟରରେ ୮୦ ହଜାର ଝାଉଁ ଚାରା ରୋପଣ ନେଇ ଆର୍ଥିକ ପ୍ରଶାସନିକ ଅନିୟମିତତା ସନ୍ଦେହ। ଡ଼ିଏଫଓ ଓ ରେଞ୍ଜରଙ୍କ ଭୂମିକା ସନ୍ଦେହ ଘେରରେ।ସ୍ୱାଧୀନ ଭାବେ ଭିଜିଲାନ୍ସ ତଦନ୍ତ ହେଉ।ଖବର ପରେ ବତ ଚାରା ଆଣି ଘୋଟାଲା ଘୋଡାଇବା ଚେଷ୍ଟା ଚାଲିଛି। ଫିଲୁ ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠ ଅଭିଯୋଗ ପରେ ଡ଼ିଏଫଓ ମେମୋ ୫୩୯୯, ୫୪୦୦ରେ ଏସିଏଫ ଙ୍କୁ ୧୦ ଦିନରେ ସର୍ଭେ ରିପୋର୍ଟ ମାଗିଲେ, ଆଜି ଯାଏ ରିପୋର୍ଟ ସାର୍ବଜନୀନ ହେଲା ନାହିଁ। କୋଟି କୋଟି ଟଙ୍କା ହଡପ, ସିବିଆଇ - ଭିଜିଲାନ୍ସ ତଦନ୍ତ ଦାବୀ କରୁଛୁ। ସେହିପରି ଛୁରିଆନା ସରପଞ

ପୌରପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ

‘ସହର ହେବ ୱାଇଫାଇ, ନଜର ରଖିବ ସିସିଟିଭି’

ଭଞ୍ଜନଗର (ଅମୃତ ମିଡିଆ): ପୌରାଞ୍ଚଳ ଘୋଷିତ ହେବା ପରେ ପ୍ରଥମ ଥର ପାଇଁ ଭଞ୍ଜନଗର ପୌର ପରିଷଦ ପାଳିଛି ସ୍ୱାୟତ୍ତ ଶାସନ ଦିବସ। ସେହିପରି ଚଳିତ କାଉନସିଲ ବୋର୍ଡର ଏହା ହେଉଛି ଶେଷ ଉତ୍ସବ ପାଳନ। ଏଣୁ ଚଳିତ ବର୍ଷ ଏହି ଉତ୍ସବ ପାଳନ ପାଇଁ ପୌର ପରିଷଦ ପକ୍ଷରୁ ଭରପୁର ପ୍ରୟାସ କରାଯାଇ ପୁରା ଉତ୍ସବ କୁ ସରସ ସୁନ୍ଦର କରାଯାଇଛି।

ସ୍ଥାନୀୟ ଟାଉନ୍ ହଲ୍ ପରିସରରେ ଏଥିପାଇଁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଡକ୍ଟର ଶାନ୍ତନୁ କୁମାର ରଥ, ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ଉନ୍ନୟନ ପରିଷଦ ଅଧକ୍ଷ ନୀଳମାଧବ ପାତ୍ର, ବିଡିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ସବ୍ ରେଜିଷ୍ଟାର ଫାଲଗୁନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନଗରପାଳ ଗୋପବନ୍ଧୁ ମହାପାତ୍ର ଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଉଭୟ ସାଂସଦ ଓ ବିଧାୟକ ଭଞ୍ଜନଗର ସହରକୁ ସର୍ବାଙ୍ଗ ସୁନ୍ଦର କରିବାକୁ ସହରବାସୀଙ୍କ ସହଭାଗିତା ଜରୁରୀ ବୋଲି ଉଲ୍ଲେଖ କରିବା ସହ ନୂତନ

ମ୍ୟୁନିସିପାଲଟି କୁ ଖୁବଶୀଘ୍ର ମାଗଣା ୱାଇଫାଇ ସଂଯୋଗ ଓ ପୁରା ସହରକୁ ସିସିଟିଭି କ୍ୟାମେରା ରେ ଆଚ୍ଛାଦିତ କରାଯିବ ବୋଲି ଉଲ୍ଲେଖ କରିଥିଲେ। ସାଂସଦ ପାଣିଗ୍ରାହୀ ନିଜ ବକ୍ତବ୍ୟରେ ଭଞ୍ଜନଗରବାସୀ ଖୁବଶୀଘ୍ର ରେଳପଥ ନିର୍ମାଣ ନେଇ ଶୁଭ ଖବର ପାଇବେ ବୋଲି କହିଥିବା ବେଳେ ବିଧାୟକ ନାୟକ ଆଉ ପାଦେ ଆଗକୁ ଯାଇ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୁମୁସର ଜିଲ୍ଲା ସଂପର୍କରେ ଘୋଷଣା କରିବେ ବୋଲି କହିଥିଲେ। ଫଳରେ ସଭାସ୍ଥଳ କରତାଳି ରେ ଫାଟି ଉଠିଥିଲା। ମୁଖ୍ୟ ବକ୍ତା ଡକ୍ଟର ରଥ ଭଞ୍ଜନଗର ରେ ଅନେକ ପ୍ରତିଭାଧର ବ୍ୟକ୍ତି ବିଶେଷଙ୍କ ନିମରେ ସହରର ପ୍ରମୁଖ ସାହି ଗଳି ନାମିତ କରାଯିବାକୁ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନା କରି ଭଞ୍ଜନଗର ମ୍ୟୁନିସିପାଲଟି ଗଠନ ପରେ ସରକାର ଙ୍କ ପକ୍ଷରୁ ଟିକସ ଆଦାୟ ଲକ୍ଷ୍ୟ କୁ ୧୧୪ ପ୍ରତିଶତ ଯାଏଁ ସଂଗୃହିତ ହୋଇଥିବା ଉଲ୍ଲେଖ କରିଥିଲେ। ସେହିପରି ସମସ୍ତ ସରକାରୀ କାର୍ଯ୍ୟକ୍ରମ ଓ ଅନୁଦାନ ର ସୁବିନିଯୋଗ କରାଯାଇ ଭଞ୍ଜନଗର ସହରକୁ ଏକ ବିକଶିତ ପୌର ପରିଷଦ ରେ ପରିଣତ କରିବାର ଲକ୍ଷ୍ୟ ପୂରଣ ଦିଗରେ ପରିଷଦ କାର୍ଯ୍ୟ ଆରମ୍ଭ କରିଛି ବୋଲି ସେ ବିବରଣୀ ପାଠ ରେ ଦର୍ଶାଇଥିଲେ। ଦଳଗତ ସ୍ୱାର୍ଥ ରୁ ଉର୍ଦ୍ଧ କୁ ଉଠି ଉଭୟ ବିଧାୟକ ଓ ନଗରପାଳ ସହରର ବିକାଶ ପାଇଁ ଏକାଠି କାର୍ଯ୍ୟ କରୁଥିବା ନେଇ ସଙ୍କେତ ଦେଇଥିଲେ ନଗରପାଳ ଗୋପବନ୍ଧୁ ମହାପାତ୍ର। ଆୟୋଜିତ ସଭା ମଞ୍ଚରେ ପୌରାଧକ୍ଷା ଶୁଭଶ୍ରୀ ଦାସ ଙ୍କ ସମେତ ସମସ୍ତ କାଉନସିଲ ମଞ୍ଚାସୀନ ରହିଥିଲେ। ଶେଷରେ ଦୁଇ ନମ୍ବର କାଉନସିଲର ପ୍ରଭାସିନୀ ପାଣିଗ୍ରାହୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଛି ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ସଂପ୍ରଦାୟର ଧର୍ମଗୁରୁ ମାନଙ୍କୁ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଭାବେ ସାଂସଦ ଓ ବିଧାୟକ ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆଳି-ଭୂଇଁପୁର ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା

ନାବାଳକ ମୃତ, ୨ ଗୁରୁତର

ଆଳି (ଅମୃତ ମିଡିଆ): ଆଳି-ଭୂଇଁପୁର ରାସ୍ତାର ବିଏନଏନଆର ସ୍କୁଲ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି। ମୃତ ନାବାଳକ ହେଉଛନ୍ତି ଆଳି ଥାନା ଅନ୍ତର୍ଗତ ଏଣ୍ଡୋଳ ଗାଁ ର ରାକେଶ ମଲିକ(୧୭)। ସୂଚନା

ଅନୁଯାୟୀ ଆଳି ଥାନା ଅନ୍ତର୍ଗତ ଏଣ୍ଡୋଳ ଗ୍ରାମର ଦୁଇ ନାବାଳକ ରାକେଶ ମଲିକ ଓ ତାଙ୍କ ସାଙ୍ଗ ସୌମ୍ୟରଞ୍ଜନ ଧଳ ଗାଁ ରୁ ଆଳି ବଜାରକୁ ବାଇକ ନେଇ ଆସୁଥିବା ବେଳେ ବିଏନଏନଆର ସ୍କୁଲ ନିକଟରେ ଆଳିରୁ ଭୂଇଁପୁର ଆଡ଼କୁ ଯାଉଥିବା ଯାଜପୁର ଜିଲ୍ଲା



ଜାରକା ଅଞ୍ଚଳର ବଳରାମ ପାଣିଙ୍କ ବାଇକ ସହ ମୁଁହା ମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବଳରାମ ରାସ୍ତାରେ ପଡ଼ିଥିବା ବେଳେ ରାକେଶ ଓ ସୌମ୍ୟ ରାସ୍ତା ପାଖରେ ଥିବା ବିଲ ପାଣି ଭିତରେ ପଡ଼ି ବୁଡି ଯାଇଥିଲେ। ଆଳି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପାଣିରୁ ଖୋଜି ରାକେଶ, ସୌମ୍ୟଙ୍କୁ ଉଦ୍ଧାର କରିବା ପରେ ସମସ୍ତଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ରାକେଶ ମଲିକଙ୍କୁ ମୃତ ଘୋଷଣା କରିଥିବା ବେଳେ ସୌମ୍ୟ ଓ ବଳରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ରୋଗୀଙ୍କୁ ‘ସଖୀ’ ପକ୍ଷରୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ

ବ୍ରହ୍ମପୁର (ଅମୃତ ମିଡିଆ): ସାମାଜିକ ଅନୁଷ୍ଠାନ ‘ସଖୀ’ ପକ୍ଷରୁ ଅସହାୟ ରୋଗୀଙ୍କୁ ବଡ଼ ଡାକ୍ତରଖାନା ରେ ସହାୟତାର ହାତ ବଢ଼ାଯାଇଛି। ସଖୀ ଅନୁଷ୍ଠାନ ପକ୍ଷରୁ କର୍କଟ ରୋଗୀ ଓ ପୁନର୍ବାସ କେନ୍ଦ୍ରରେ ଥିବା ୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ବସ୍ତ୍ର, ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ମହିଳା ଓ ପୁରୁଷ ରୋଗୀଙ୍କୁ ଆବଶ୍ୟକତା ଅନୁଯାୟୀ ବସ୍ତ୍ର ସହ ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ରୋଗୀଙ୍କ ଦୁଃଖ ଓ ଅସୁବିଧା ସମୟରେ ସାମାଜିକ ସହଯୋଗ ଯୋଗାଇବା ଉଦ୍ଦେଶ୍ୟରେ ଏହି ସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ସଖୀର ସଭାନେତ୍ରୀ ସ୍ମିତି ସାହୁ, ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ରାଉଳ, ବଡ଼ ମେଡିକାଲ ଟେକ୍ନିକାଲ ଅଫିସର ଗୌରୀ ଶଙ୍କର ମହାନ୍ତି, ଛବି ରାଣୀ ମହାନ୍ତି, ଶାଳିନୀ ପ୍ରଧାନ, ସାମ୍ବାଦିକ ସୁଦୀପ କୁମାର ସାହୁ, ବାଳକୃଷ୍ଣ ଆଚାରୀ ଓ ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହି ସାମଗ୍ରୀ ବଣ୍ଟନ କରିଥିଲେ।

ସ୍ଥାୟୀ ଲୋକ ଅଦାଲତ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର (ଅମୃତ ମିଡିଆ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ପକ୍ଷରୁ ନାଲନ୍ଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ବ୍ରହ୍ମପୁର ପରିସରରେ ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା ଓ କାର୍ଯ୍ୟାବଳୀ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମର ସଚିବ ତଥା କାର୍ଯ୍ୟକ୍ରମର ସଭାପତି ଶ୍ରୀ ବ୍ୟୋମକେଶ ନାୟକଙ୍କ ଅଧକ୍ଷତାରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀ ଆଦିତ୍ୟ ନାରାୟଣ ରଥ, କନିଷ୍ଠ କିରାଣୀ, ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଲୋକ ଅଦାଲତର ଗୁରୁତ୍ୱ ଏବଂ ସାଧାରଣ ଲୋକଙ୍କ ପାଇଁ ସରଳ ଓ ଶୀଘ୍ର ନ୍ୟାୟ ପ୍ରଦାନରେ ଏହାର ଭୂମିକା ସମ୍ପର୍କରେ ସଂକ୍ଷିପ୍ତ ଭାବେ ଆଲୋକପାତ କରିଥିଲେ।ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରି ଶ୍ରୀ ବ୍ୟୋମକେଶ ନାୟକ, ସଚିବ, ଜଖଝଇ, ଗଞ୍ଜାମ, ସ୍ଥାୟୀ ଲୋକ ଅଦାଲତର ପ୍ରତିଷ୍ଠା, ଉଦ୍ଦେଶ୍ୟ, ଅଧିକାରକ୍ଷେତ୍ର ଓ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ସେ ବିଶେଷତଃ ସାଧାରଣ ଲୋକଙ୍କୁ ଦୀର୍ଘ ଓ ବ୍ୟୟବହୁଳ ମକଦ୍ଦମାରୁ ମୁକ୍ତି ପ୍ରଦାନ କରିବା ସହିତ ସୁଲଭ, ଦ୍ରୁତ ଓ ସମନ୍ୱୟମୂଳକ ନ୍ୟାୟ ପ୍ରଦାନରେ ସ୍ଥାୟୀ ଲୋକ ଅଦାଲତର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ।ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଉପସ୍ଥିତ ଅନ୍ୟମାନଙ୍କୁ ଆଇନ ସେବା ଓ ଲୋକ ଅଦାଲତ ବ୍ୟବସ୍ଥାର ଲାଭ ଉଠାଇବା ପାଇଁ ଆହ୍ୱାନ କରାଯାଇଥିଲା। ଆଇନ ସଚେତନତା ମାଧ୍ୟମରେ ସମାଜରେ ନ୍ୟାୟିକ ସଚେତନତା ବୃଦ୍ଧି କରିବା ଏବଂ ଆବଶ୍ୟକତାବୋଧ କରୁଥିବା ବ୍ୟକ୍ତିଙ୍କୁ ଆଇନ ସେବା ସହିତ ଯୋଡ଼ିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ଶେଷରେ ନାଲନ୍ଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉପ-ପ୍ରଧାନଶିକ୍ଷକ ଉପସ୍ଥିତ ସମସ୍ତ ଅତିଥି, ଆୟୋଜକ ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀ ଓ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଚିବ ଶ୍ରୀ ବ୍ୟୋମକେଶ ନାୟକ ସୂଚାରୁ ରୂପେ ପରିଚାଳନା କରିଥିଲେ।

୨୨୦ ଜାତୀୟ ରାଜପଥ ନିର୍ମାଣସ୍ଥଳରେ ଅଘଟଣ

ଷ୍ଟୋନ୍‌ଡଷ୍ଟର ଦଳଦଳିଆ କାଦୁଅରେ ଫସିଲେ ଦୁଇଗାଈ

ସାହାରପଡା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳ ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥର ନୂତନ ବୈତରଣୀ ନଦୀ ପୋଲ ନିର୍ମାଣସ୍ଥଳରେ ଘଟିଛି ଏକ ଅଘଟଣ। ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହୃତ ଷ୍ଟୋନ୍ ଡଷ୍ଟ ଦୀର୍ଘଦିନ ଧରି ଗଦା ହୋଇ ପଡ଼ି ରହିଥିବା ବେଳେ ବର୍ଷା ପାଣିରେ ତାହା ଦଳଦଳିଆ କାଦୁଅର ରୂପ ନେଇଛି। ଏହି ଡଷ୍ଟ କାଦୁଅ ମଧ୍ୟରେ ପଶି ଦୁଇଟି ଗାଈ ପ୍ରାୟ ୨ ଘଣ୍ଟା ଧରି ଫସି ରହିଥିଲେ।

ସୂଚନା ଅନୁଯାୟୀ, ନୂତନ ବୈତରଣୀ ପୋଲ ସହ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ବହୁଦିନ ଧରି ଷ୍ଟୋନ୍ ଡଷ୍ଟ ଗଦା ହୋଇ ପଡ଼ିରହିଛି। ଲଗାଣ ବର୍ଷା ଯୋଗୁଁ ଏହି ଡଷ୍ଟରେ ପାଣି ମିଶି ଅତ୍ୟନ୍ତ ଦଳଦଳିଆ ହୋଇପଡ଼ିଛି। ଏହି ସ୍ଥାନ ଦେଇ ଯାଉଥିବା ବେଳେ ଦୁଇଟି ଗାଈ ହଠାତ୍ ? ଏହି ଦଳଦଳିଆ ଡଷ୍ଟ ମଧ୍ୟରେ ପଶିଯାଇଥିଲେ। କାଦୁଅ ଗଭୀର ଥିବାରୁ ଗାଈ ଦୁଇଟି ନିଜେ ବାହାରି ପାରିନଥିଲେ। ଧୀରେ ଧୀରେ ଶରୀରର ବହୁ ଅଂଶ ଡଷ୍ଟ କାଦୁଅ ମଧ୍ୟରେ ପୋତି ଯାଇଥିଲା। ଗାଈ ଦୁଇଟି ଫସିଥିବା ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ପରେ ଜେସିବି ମେସିନ୍ ସହାୟତାରେ ଦୀର୍ଘ ଉଦ୍ୟମ ପରେ ଗାଈ ଦୁଇଟିକୁ ଦଳଦଳିଆ ଷ୍ଟୋନ୍ ଡଷ୍ଟ ମଧ୍ୟରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେବେ ନିର୍ମାଣସ୍ଥଳରେ ଦୀର୍ଘଦିନ ଧରି ଷ୍ଟୋନ୍ ଡଷ୍ଟ ଗଦା ହୋଇ ପଡ଼ିରହିବା ଏବଂ ବର୍ଷାରେ ତାହା ଦଳଦଳିଆ ହୋଇଯିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି। ନିର୍ମାଣସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଓ ସତର୍କତାମୂଳକ ଚିହ୍ନ ଲଗାଇବା ସହ ଏଭଳି ଡଷ୍ଟ ଗଦାକୁ ଠିକ୍ ଭାବେ ପରିଚାଳନା କରିବାକୁ ସାଧାରଣରେ ଦାବି ହୋଇଛି।

ବିଜେଡି ନେତା ଜୟନ୍ତ ଜେନାଙ୍କ ସ୍ମୃତିସଭା

ଆଳି (ଅମୃତ ମିଡିଆ): ଆଳି ବ୍ଲକ ଭୂଇଁପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଜୟନ୍ତ ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଏକ ସ୍ମୃତିସଭା ସ୍ୱର୍ଗତ ଜେନାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, କେଦାରନାଥ ବେହେରା, ଭୂଇଁପୁର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ପୂର୍ବତନ ସରପଞ୍ଚ ପର୍ଶୁରାମ ରାଉତରାୟ, କଳସପୁର ସରପଞ୍ଚ ସୁଧୀର ମଲ୍ଲିକ, ରତୁକାନ୍ତ ନାୟକ, ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ଦଶରଥ ମଲ୍ଲିକ, ରାଜକିଶୋର ପାଣ୍ଡବ, ରବୀନ୍ଦ୍ର କୁମାର ଧଳ ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତି ଚାରଣ କରିଥିଲେ।

ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗୋପୀନାଥ ମଠରେ ସାଙ୍ଗଠନିକ ବୈଠକ

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ ପୀଠ ଋଷିକୂଲ୍ୟା ତଟ ପାର୍ଶ୍ୱରେ ଆସନ୍ତା ମାସ ଡିସେମ୍ବର ୭ ରୁ ୧୭ ତାରିଖ ପର୍ଯ୍ୟନ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଯଜ୍ଞର ସୁଚାରୁ ପରିଚାଳନା ଓ ପ୍ରସ୍ତୁତି

ଡିସେମ୍ବର ୭ରୁ ୧୭ ମହାଯଜ୍ଞ
ଯୋଗଦେବେ ଗଞ୍ଜାମ-ଗଜପତିର ସାଧୁସନ୍ଥ

ନେଇ ଆସିକା ବ୍ଲକ ବାବନପୁର ଗ୍ରାମପଞ୍ଚାୟତ ସ୍ଥିତ ଗୋପୀନାଥ ମଠରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଉତ୍କଳ ପୀଠାଧୀସ ଜଗତଗୁରୁ ରାମାନନ୍ଦ ଆଚାର୍ଯ୍ୟ, ସ୍ୱାମୀ ଶ୍ରୀ ଅରୂପାନନ୍ଦ ଦାଶ ମହାରାଜ ଓ ଗହଙ୍ଗୁ ମଠାଧୀସ ଶ୍ରୀ ରାଘବାନନ୍ଦ ଦାଶ ପ୍ରମୁଖ ଯୋଗଦେଇଥିଲେ । ବାବନପୁର ଗୋପୀନାଥ ମଠର ମହନ୍ତ ଅଶୋକ କୁମାର ଦାଶ ବୈଠକ ପରିଚାଳନା କରିଥିଲେ। ବର୍ତ୍ତମାନ ବିଶ୍ୱରେ ଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ, ବାତ୍ୟା ଓ ବନ୍ୟା ଭଳି ବିଭିନ୍ନ ସଙ୍କଟ ଦେଖାଦେଉଥିବା ବେଳେ ବିଶ୍ୱଶାନ୍ତି ଓ ମାନବ ସମାଜର କଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞ ମାଧ୍ୟମରେ ଭଗବତ୍ ମାର୍ଗକୁ ଆଦରିବା ପାଇଁ ଏହି ମହାଯଜ୍ଞର ଆୟୋଜନ କରାଯାଉଥିବା ବୈଠକରେ କୁହାଯାଇଥିଲା । ଏଥିପାଇଁ ଏକ ପରିଚାଳନା କମିଟି ଗଠନ ସହ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି ମହାଯଜ୍ଞରେ ଭାରତବର୍ଷର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଓ ବ୍ରାହ୍ମଣମାନେ ଯୋଗଦେବା ସହ ପ୍ରତ୍ୟେକ ଦିନ ବିଶାଳ ଅନ୍ନଯଜ୍ଞର ଆୟୋଜନ କରାଯିବ। ପ୍ରାୟ ଏକ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଯଜ୍ଞ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବାର ଯୋଜନା ରହିଛି। ମହାଯଜ୍ଞର ପ୍ରଚାର ଓ ପ୍ରସ୍ତୁତି ନେଇ ଜଗତଗୁରୁ ଗଞ୍ଜାମ ଓ ଗଜପତି ଜିଲ୍ଲାର ବିଭିନ୍ନ ମଠକୁ ଯାଇ ସାଧୁସନ୍ଥଙ୍କ ସହ ଆଲୋଚନା କରିବା ସହ ମହାଯଜ୍ଞର ବାର୍ତ୍ତା ପ୍ରଦାନ କରିବେ। ଯଜ୍ଞ ଦ୍ୱାରା ବ୍ୟକ୍ତି ଓ ସମାଜର କଲ୍ୟାଣ ସାଧନ ସହ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଭଳି ଚତୁଃବର୍ଗ ଫଳ ପ୍ରାପ୍ତି ହୋଇଥାଏ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବିଶ୍ୱ ସଙ୍କଟରୁ ମୁକ୍ତି, ଶାନ୍ତି ଓ ସମୃଦ୍ଧି ପାଇଁ ଏହି ମହାଯଜ୍ଞ ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

ଚାନ୍ଦବାଲିର ଗୌରବ ନାରାୟଣ ପ୍ରସାଦ

ରାଜ୍ୟସ୍ତରୀୟ ଭାରୋତ୍ତଳନରେ ଜିତିଲେ ସ୍ୱର୍ଣ୍ଣପଦକ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲି ପାଇଁ ଗୌରବ ଆଣିଛନ୍ତି ଯୁବ ଭାରତ୍ତୋଳକ ନାରାୟଣ ପ୍ରସାଦ ରାୟ । ଋଷି ନାମରେ ପରିଚିତ ନାରାୟଣ ରାଜ୍ୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତାରେ ହାସଲ କରିଛନ୍ତି ସ୍ୱର୍ଣ୍ଣପଦକ । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଡଡଉ ପକ୍ଷରୁ ଆୟୋଜିତ ହୋଇଥିଲା ରାଜ୍ୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତା । ଏଥିରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଯୋଗଦେଇଥିଲେ ।

ତେବେ ନିଜର ଦକ୍ଷତା, ନିଷ୍

ବାଲୁଗାଁ ଏନଏସିରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ

ବାଲୁଗାଁ (ଅମୃତ ମିଡିଆ) : ସୋମବାର ପୂର୍ବାହ୍ନରେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବହୁ ଆଡ଼ମ୍ବରରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃକାଳରେ ରାମଧୁନ ଗାନ କରିବାସହ ପରିଷଦ କାର୍ଯ୍ୟାଳୟରେ ଅଧକ୍ଷା ସୁକାନ୍ତି ପାଇକରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଅଧକ୍ଷାଙ୍କ ସମେତ ଉପାଧକ୍ଷ ଭଗବାନ ପ୍ରଧାନ, ସମସ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ସମସ୍ତ କର୍ମଚାରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସମର ଶିକ୍ଷାର୍ଥୀ ବାହିନୀ କ୍ୟାଡେଟମାନେ ପ୍ରଭାତ ଫେରୀ କରି ଗାନ୍ଧିଚକ ନିକଟ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏନଏସି ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ଓ ସମ୍ପର୍କୀୟ, ଜରାନିବାସ ଅନ୍ତେବାସୀମାନଙ୍କୁ ଫଳ, କ୍ଷୀର ପ୍ୟାକେଟ, ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରାଯାଇଥିଲା। ମଧ୍ୟାହ୍ନରେ ଏନଏସି ଅଧକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟ ସଭା ଗୃହରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସ୍ପୃଷ୍ଟିକ ସାହୁ, ଏନଏସି ଉପାଧକ୍ଷ ଭଗବାନ ପ୍ରଧାନ, ସମସ୍ତ କାଉନସିଲର, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ସ୍ୱଚ୍ଛ ସାଥି, କର୍ମଚାରୀ, ବୁଦ୍ଧିଜୀବୀ ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏନଏସି ଅନ୍ତର୍ଗତ ୧୧ ଟି ୱାର୍ଡର ବିଭିନ୍ନ ସମସ୍ୟା ଓ ସମାଧାନ ଉପରେ ଆଲୋଚନା କରାଯାଇଥିଲା। ଏନଏସିକୁ ସରସ ସୁନ୍ଦର କରି ଗଢିତୋଳିବା ପାଇଁ ବିଭିନ୍ନ ଉନ୍ନତମୂଳକ କାର୍ଯ୍ୟ ଉପରେ ଧ୍ୟାନ ଦେବାସହ ସୁଗମ ନାଗରିକ ସେବା, ସଶକ୍ତ ତୃଣମୂଳ ଗଣତନ୍ତ୍ର ନିମିତ୍ତ ସମସ୍ତଙ୍କ ସହଯୋଗ କାମନା କରିଥଲେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ୨ ନଂ ୱାର୍ଡ ଠାରେ ନବନିର୍ମିତ ନୂତନ ଆଦର୍ଶ ଶ୍ମଶାନ ଗୃହକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ସଭା ଶେଷରେ କୃତି ପ୍ରତିଯୋଗୀ, ରାଜ୍ୟସ୍ତରୀୟ କ୍ରୀଡାବିତ୍ ଓ ବିଭିନ୍ନ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିଶେଷରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଏନଏସି କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତୁତ ନିଶାମୁକ୍ତ ଭାରତ, ସ୍ୱଚ୍ଛ ଓଡ଼ିଶା, ସ୍ୱଚ୍ଛ ଭାରତ, ମା ଷ୍ଟୀର ସର୍ବୋତ୍ତମ ଆଧାରିତ ଜନହିତକାରୀ ନାଟକ ପରିବେଷଣ କରାଯାଇଥିଲା।

ଭୋଟର ତାଲିକା ସଂଶୋଧନରେ ଅନିୟମିତତା ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକରେ ଭୋଟର ତାଲିକାର ବିଶେଷ ଭାବରେ ଯାଞ୍ଚ ଓ ସଂଶୋଧନରେ ଅନିୟମିତତା ହୋଇଥିବା ନେଇ ଏହାର ପ୍ରତିବାଦରେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଶୋଧନ ଆଳରେ ତାଲିକାରୁ ସାଧାରଣ ଜନତା ଓ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେକ ବ୍ୟକ୍ତିମାନଙ୍କ ନାମକୁ ଜାଣିଶୁଣି ମତଦାତା ତାଲିକାରୁ (ଭୋଟର ଲିଷ୍ଟ)ରୁ ବାଦ୍ ଦିଆଯାଇଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ନାଗରିକଙ୍କ ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ଖୋଲାଖୋଲି ଉଲ୍ଲଙ୍ଘନ କରାଯାଇଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଏହି ତ୍ରୁଟିପୂର୍ଣ୍ଣ ତାଲିକା ପ୍ରସ୍ତୁତ ହୋଇଥିବାରୁ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଚାପର ବଶବର୍ତ୍ତୀ ନହୋଇ ପ୍ରଶାସନିକ ଅଧିକାରୀ ମାନେ ପୁନଃ ତଦନ୍ତ କରି ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ନାଗରିକ ମାନଙ୍କ ନାମ ସଂଯୋଗ କରିବା ପାଇଁ ବିଜୁ ଜନତା ଦଳ ଦାବି ରଖିଛି। ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠ, ଜିଲ୍ଲାପରିଷଦ ସଭ୍ୟା ଜସ୍ମିତା ସେଠ, ଜିଲ୍ଲାପରିଷଦ ସଭ୍ୟ ଆରକେ ବିପ୍ଲବକିଶୋର କାପ, ଭୂପତିଭୂଷଣ ଷଣ୍ଢ, ସମିତିସଭ୍ୟ ପ୍ରଦୋଷ ସାହୁ, ରାଜେଶ ବେହେରା, ଯୁବ ସଂଗଠକ ମନୋଜ ସେଠ, ଜାକିର ଖାଁ, କୈଳାସ ସାମନ୍ତରାୟ, ପ୍ରମୋଦ ସ୍ୱାଇଁଙ୍କ ସମେତ ବହୁ ବିଜେଡ଼ି କର୍ମୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ସାଧାରଣ ମତଦାତା ଉପସ୍ଥିତ ଥିଲେ।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ମେଡିକାଲ...

ଶ୍ରୀ ମାଝୀ କହିଛନ୍ତି। ଏହି ଛାତ୍ରଛାତ୍ରୀମାନେ ସାଧାରଣତଃ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ସ୍କଲାରସିପ୍ ପାଇଥାନ୍ତି। ମାତ୍ର ସ୍କଲାରସିପ୍ ଟଙ୍କା ମଞ୍ଜୁର ହୋଇ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଆସିବା ପାଇଁ ପ୍ରାୟ ୩ରୁ ୪ ମାସ ସମୟ ଲାଗିଯାଉଥିବାରୁ ନାମଲେଖା ବେଳେ ମୋଟା ଅଙ୍କର ଫି' ଦାଖଲ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରି ସରକାର ସ୍ପଷ୍ଟ କରିଛନ୍ତି ଯେ, ଛାତ୍ରଛାତ୍ରୀମାନେ ସ୍କଲାରସିପ୍ ଟଙ୍କା ପାଇବା ପରେ ହିଁ ନିଜର ବାକି ଫି' ପେଠ କରିବେ, ଯାହାକି ସେମାନଙ୍କ ପରିବାର ମୁଣ୍ଡରୁ ବଡ଼ ଚାପ ଦୂର କରିଛି।

ଉଲ୍ଲେଖଯୋଗ୍ୟ, ମୋହନ ସରକାର ଚଳିତ ୨୦୨୬-୨୭ ଶିକ୍ଷାବର୍ଷରୁ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଂରକ୍ଷଣ ବ୍ୟବସ୍ଥାରେ ଏକ ବଡ଼ ସଂସ୍କାର ଆଣି ସାରିଛନ୍ତି। ପୂର୍ବରୁ ସରକାର ଅନୁସୂଚିତ ଜନଜାତି ବର୍ଗର ସଂରକ୍ଷଣ ହାରକୁ ୧୨ ପ୍ରତିଶତରୁ ବୃଦ୍ଧି କରି ୨୨.୫ % ଓ ଅନୁସୂଚିତ ଜାତି ବର୍ଗର ସଂରକ୍ଷଣକୁ ୮ ପ୍ରତିଶତରୁ ୧୬.୨୫%କୁ ବୃଦ୍ଧି କରିବା ସହ ଓବିସି ବର୍ଗ ପାଇଁ ୧୧.୨୫ % ସଂରକ୍ଷଣ ଲାଗୁ କରିଛନ୍ତି। ସଂରକ୍ଷଣ ବୃଦ୍ଧି ପରେ ଏବେ ନାମଲେଖା ସମୟରେ ୬ମାସ ପର୍ଯ୍ୟନ୍ତ ଫି' ଛାଡ় ନିଷ୍ପତ୍ତି ରାଜ୍ୟର ପଛୁଆ ଓ ଅବହେଳିତ ବର୍ଗର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ସାକାର କରିବାରେ ବରଦାନ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।

ପଶ୍ଚିମ...

ବାଧତାମୂଳକ ନକରିବା ସହ ଜିଲ୍ଲା କ୍ରୟ କମିଟିକୁ ପୁଣିଥରେ କ୍ଷମତା ପ୍ରଦାନ କରିବାକୁ ମଧ୍ୟ ଚାଷୀମାନେ ଦାବି ରଖିଛନ୍ତି। ୧୧ ଦଫା ଦାବି ପୂରଣ ନହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏବେ ସରକାର ଚାଷୀଙ୍କ ଦାବି ଉପରେ କି ପଦକ୍ଷେପ ନେଉଛନ୍ତି, ତା' ଉପରେ ନଜର ରହିଛି।

ଗୁରୁବାରଠୁ ...

ବୁଥରେ ୧୦ରୁ ୧୨ଟି ଅଲଗା ଅଂଚଳର ଭୋଟର ରହିଯାଉଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟର ଅନ୍ୟ ୱାର୍ଡରେ ଭୋଟ ଦେବାକୁ ପଡୁଥିବାରୁ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନଥିବାରୁ ସହରାଂଚଳରେ ମତଦାନ ହାର କମିବାରେ ଲାଗିଛି। ଏହି ସର୍ଭେ ସଫଳ ହେଲେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଗୋଟିଏ ମତଦାନ କେନ୍ଦ୍ରରେ ଭୋଟ ଦେଇପାରିବେ ଓ ଗୋଟିଏ ୱାର୍ଡର ସମସ୍ତ ମତଦାତା ନିଜ ୱାର୍ଡ ତାଲିକାରେ ସାମିଲ ହୋଇ ସହଜରେ ମତଦାନ କରିପାରିବେ। ସର୍ଭେ କାର୍ଯ୍ୟରେ ନିୟୋଜିତ ବିଏଲଓ ଓ ଅନ୍ୟ କର୍ମଚାରୀଙ୍କ ଟିମକୁ ସଠିକ୍ ତଥ୍ୟ ଦେଇ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ରାଜ୍ୟରେ ଏକ ନିର୍ଭୁଲ ଓ ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ନିର୍ବାଚନ କମିଶନର ଚଳିତମାସ ୧୭ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରି ପଂଚାୟତ ନିର୍ବାଚନ ପାଇଁ ବାଲାଟ୍ ପେପର ରଙ୍ଗ ବୃତ୍ତାନ୍ତ କରିଥିଲେ। ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପାଇଁ ଗୋଲାପୀ ରଙ୍ଗର ବାଲଟ୍ ପେପର ବ୍ୟବହାର କରାଯିବ। ସେହିପରି ସରପଂଚ ପଦବୀ ପାଇଁ ନୀଳ ରଙ୍ଗ, ପଂଚାୟତ ସମିତି ସଭ୍ୟଙ୍କ ପାଇଁ ହଳଦିଆ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଧଳା ରଙ୍ଗର ବାଲାଟ ପେପର ନିର୍ଦ୍ଧାରଣ କରାଯାଇଛି।

ନେପାଳରୁ ...

ସେମାନଙ୍କ ପାଖରେ ଖାଇବାକୁ ଖାଦ୍ୟ ନାହିଁ । ପିଇବାକୁ ପାଣି ମୁଦାଏ ପାଇଁ ସଂଘର୍ଷ କରିବାକୁ ପଡୁଛି । ଆମେ ଯେତେବେଳେ ବୁଲିବାକୁ ପ୍ଲାନ କରିଥିଲୁ କେବେ ଭାବିନଥିଲୁ ଏମିତି ସ୍ଥିତି ଉପୁଜିବ । ଯେତେବେଳେ କୁଲସୁମକ ସହ ଯୋଗାଯୋଗ ହୋଇପାରୁନଥିଲା ସେତେବେଳେ ଚିନ୍ତାରେ ଥିଲେ ତାଙ୍କ ପରିବାର । ଆଉ ଏବେ ଝିଅକୁ ଫେରିପାଇବା ପେର ପରିବାରରେ ଖୁସିର ଲହରୀ ଦେଖିବାକୁ ମିଳିଛି । କୁଲସୁମ କହିଛନ୍ତି, ଇଣ୍ଟରନେଟ୍ ଅନ ହେଲାରୁ ଦେଖିଲି ବହୁତ ମେସେଜ ଆସୁଥିଲା । ଆମ ପାଇଁ ଲୋକ ପ୍ରାର୍ଥନା କରିଛନ୍ତି । ଆଉ ସେମାନଙ୍କ ପ୍ରାର୍ଥନା ପାଇଁ ଆମେ ସୁରକ୍ଷିତ ଫେରିପାରିଛୁ ।ନେପାଳରୁ ଫେରିଲେ ବାରିପଦା ଝିଅ କୁଲସୁମ; ବଖାଣିଲେ ଛାତିଥରା ଅନୁଭୂତି ବନ୍ୟା ପରରେ ନେପାଳର ସ୍ଥିତି ସମ୍ପର୍କରେ ବଖାଣିଛନ୍ତି କୁଲସୁମ । ସେ କହିଛନ୍ତି, ନେପାଳବାସୀଙ୍କ ଦୁର୍ଦ୍ଦଶା ଦେଖିଲେ ପେଟକୁ ଦାନା ଯିବନି । ଚାରିଆଡେ ହାହାକାର । ସେମାନଙ୍କ ପାଖରେ ଖାଇବାକୁ ଖାଦ୍ୟ ନାହିଁ ।

ଶୁଦ୍ଧିପରେ ଘରକୁ ଫେରିଲା ପୁଅ ରହସ୍ୟ ଭିତରେ ଗଳିତ ମୃତଦେହ

ହିନ୍ଦୋଳ (ଅମୃତ ମିଡିଆ) : ପୁଅ ମରିଯାଇଛି ବୋଲି ଭାବି ଶବଦାହ ଠାରୁ ଆରମ୍ଭ କରି ଏକାଦଶାହ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ସରିଥିଲା। ହେଲେ ଦେଢ଼ମାସ ପରେ ଘରକୁ ହଠାତ୍ ଫେରିଲା ପୁଅ। ଏହା କୌଣସି ନାଟକର କାହାଣୀ ନୁହେଁ, ଏହା ହେଉଛି ବାସ୍ତବ ଘଟଣା। ଏମିତି ଏକ ଅଭାବନୀୟ ଘଟଣା ହିନ୍ଦୋଳ ଉପଖଣ୍ଡ ବାଲିମୀ ଥାନା ଅନ୍ତର୍ଗତ ବାର୍ଷିଙ୍ଗା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବାର୍ଷିଙ୍ଗା ଗ୍ରାମର ଲିଙ୍ଗରାଜ ନାଏକ ଓ ମଞ୍ଜୁ ନାଏକଙ୍କ ମାନସିକ ବିକାରଗ୍ରସ୍ତ ପୁଅ ସନାତନ ନାଏକ (୨୯) ପ୍ରାୟ ଦେଢ଼ମାସ ତଳେ ନିଖୋଜ ହୋଇଯାଇଥିଲେ। ପରିବାରଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ପାଇନଥିଲେ। ସେହି ସମୟରେ ରାସୋଲ ଥାନା ଅନ୍ତର୍ଗତ କୁନୁଆଁ ଗ୍ରାମର ଚାଷ ଜମିରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ମୃତଦେହଟି ସନାତନଙ୍କର ବୋଲି ପରିବାରଲୋକେ ଦାବି କରିଥିଲେ। ଏହାପରେ ପରିବାରଲୋକେ ହିନ୍ଦୁ ରୀତିନୀତି ଅନୁଯାୟୀ ଶବଦାହ କରିଥିଲେ। ଏବଂ ଏକାଦଶାହ କାର୍ଯ୍ୟ ସହ ଜାତିଭାଇ ଓ ବନ୍ଧୁବାନ୍ଧବଙ୍କୁ ଭୋଜି ମଧ୍ୟ ଦେଇଥିଲେ। ହଠାତ୍ ଦିନେ ଜୀବିତ ଅବସ୍ଥାରେ ସନାତନ ଘରକୁ ଫେରିଲେ। ପରିବାରଲୋକେ ତାଙ୍କୁ ଦେଖି ଯେତିକି ଖୁସି ହୋଇଥିଲେ ତାଠାରୁ ଅଧିକ ଆଶ୍ଚର୍ଯ୍ୟ ମଧ୍ୟ ହୋଇଥିଲେ। ଏପରିକି ସନାତନଙ୍କୁ ଦେଖି ଭୂତ ଆସିଛି ବୋଲି ଭାବିବା ସହ କିଛି ଲୋକ ଭୟଭୀତ ହୋଇଯାଇଥିଲେ। ତେବେ ଜୁଲାଇ ୨୭ ତାରିଖରେ କୁନୁଆ ଗାଁ ଚାଷ ଜମିରୁ ଉଦ୍ଧାର ହୋଇଥିବା ମୃତଦେହଟି କାହାର ବୋଲି ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସନାତନ ଜୀବିତ ସ୍ପଷ୍ଟ ହୋଇଯିବାପରେ ମୃତଦେହର ପରିଚୟ ନେଇ ରହସ୍ୟ ଆହୁରି ଘନୀଭୂତ ହୋଇଛି। ଏ ସଂପର୍କରେ ପୁଲିସ୍ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା। ତେବେ ପୁଲିସ୍ ର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି।

ଅବସର ଗ୍ରହଣ ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପାଇଲେ ପ୍ରଧାନ ଶିକ୍ଷୟିତ୍ରୀ

ଜୟପୁର (ଅମୃତ ମିଡିଆ) : ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୨ ଜଣ ଶିକ୍ଷୟତ୍ରୀ ଅବସର ନେଇଥିବାରୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି। ଜୟପୁର ଅନ୍ତର୍ଗତ ଯମୁନା ଗୁଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ନାୟକ ଓ ଜାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା କୁମାରୀ ଆଣ୍ଡୁସେନ ଆଜି ଅର୍ଥାତ୍ ୩୧.୦୮.୨୦୨୬ ରିଖ ଦିନ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ଅବସର ଗ୍ରହଣ ଦିନ ଉକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦ୍ୱୟଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁରଙ୍କ କାର୍ଯ୍ୟାଳୟ ଦ୍ୱାରା ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଛି। ଉକ୍ତ ପୂର୍ଣ୍ଣାଙ୍ଗ ପେନସନ୍ ୨୯ ତାରିଖ ଦିନ ହିସାବ ନିୟନ୍ତ୍ରକ ଭୁବନେଶ୍ୱର ମଞ୍ଜୁର କରିଥିବା ଶ୍ରୀ ଶଶୀଭୂଷଣ ଦାଶ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜୟପୁର ସୂଚନା ଦେଇଛନ୍ତି। ଶ୍ରୀ ଦାଶ୍ କହିଛନ୍ତି ଯେ ଗତ ମେ ୨୦୨୫ ରିଖ ଠାରୁ ଯେଉଁ ମାନେ ଚାକିରିରୁ ଅବସର ଗ୍ରହଣ କରୁଛନ୍ତି ସେମାନଙ୍କୁ ଲଗାତାର ଭାବେ ପ୍ରତି ମାସରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଉଛି। ଅବସର ଗ୍ରହଣ କରିବାକୁ ଯାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ କେମିତି ପୂର୍ଣ୍ଣାଙ୍ଗ ପେନସନ୍ ପାଇବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ କୁମାର ନାୟକ କହିଛନ୍ତି ଯେ ଏଥି ମଧ୍ୟରେ ପୁରୁଣା ବକେୟା ରହିଯାଇଥିବା ପେନସନ୍ ଗୁଡ଼ାକ ମଧ୍ୟ ତୁଟାନ୍ତ ହୋଇ ସାରିଛି। ଯେଉଁ ମାନଙ୍କର ଚାକିରି କାଳରେ କିଛି ଅସୁବିଧା ଓ ମନ୍ତବ୍ୟ ରହିଛି ମାତ୍ର ହାତ ଗଣତି ୨ରୁ ୩ ଜଣଙ୍କର ପେନସନ୍ ନିମନ୍ତେ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇ ସାରିଛି। ପ୍ରାୟ ଦେଢ଼ ବର୍ଷ ହେବ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପେନସନ୍ କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହାକୁ ନେଇ ଶିକ୍ଷକ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ବହୁ ମାତ୍ରାରେ ପ୍ରଶଂସା କରୁଥିବା ଜଣା ପଡିଛି ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର ନାରାୟଣ ପାତ୍ର, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ, କନିଷ୍ଠ ସହାୟକ ସାହୁନୁ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

ଗିରଫର ୧୫ଦିନ ପରେବି ନିଲମ୍ବନ ହୋଇନାହାନ୍ତି ଶିକ୍ଷାବିଭାଗ କିରାଣି

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଶିକ୍ଷା ବିଭାଗର ଜଣେ କିରାଣି ଗିରଫ ହେବାର ୧୫ଦିନ ପରେବି ନିଲମ୍ବନ ହୋଇନଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ ଡେରାବିଶ ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ରମେଶ ଚନ୍ଦ୍ର ରାଉତ ଜନୈକ ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ କେନ୍ଦ୍ରାପଡା ସଦର ଥାନା ପୋଲିସ ଦ୍ୱାରା ଚଳିତ ଅଗଷ୍ଟମାସ ୧୪ତାରିଖରେ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଏପର୍ଯ୍ୟନ୍ତ ସଂପୃକ୍ତ କିରାଣି ଜଣଙ୍କ ଜାମିନ ପାଇନଥିବା ବେଳେ ସଦର ଥାନା ପୋଲିସ ପକ୍ଷରୁ ଶିକ୍ଷା ବିଭାଗକୁ କୌଣସି ତଥ୍ୟ ପ୍ରଦାନ କରାଯାଇନଥିବା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ କହିଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ସଦର ଥାନା ପୋଲିସକୁ ଏବାବଦରେ ତଥ୍ୟ ପ୍ରଦାନ ପାଇଁ ଚିଠି ଲେଖାଯିବା ପରେବି ପୋଲିସ ପକ୍ଷରୁ କୌଣସି ଉ□ର ମିଳିନଥିବାରୁ ସଂପୃକ୍ତ କିରାଣିଙ୍କୁ ନିଲମ୍ବନ କରାଯାଇନଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି। ଅପରପକ୍ଷରେ ଏସମ୍ପର୍କରେ ଶିକ୍ଷା ବିଭାଗରୁ କୌଣସି ଚିଠି ପାଇନଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ଜଣେ ସରକାରୀ କର୍ମଚାରୀ ଗିରଫ ହୋଇ ୨୪ଘ□। ଜେଲରେ ରହିଲେ ତାଙ୍କୁ ଚାକିରୀରୁ ନିଲମ

୩୭ତମ କିଙ୍ଗ୍ ରାଇସିନା ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନସିପ୍ ୨୦୨୬

ହର୍ଷିତ ଚାମ୍ପିୟନ, ପ୍ରିୟାଂଶ ରନର୍ସ ଅପ୍

ଭୁବନେଶ୍ୱର(ବ୍ୟୁରୋ): କିଙ୍ଗ ଚେସ ସେଣ୍ଟର ଏବଂ ଟ୍ରିପଲ ସି ଚେସ କ୍ଲବ ଦ୍ୱାରା ଆୟୋଜିତ ଦିନିକିଆ ଚେସ ପ୍ରତିଯୋଗିତାକୁ ଟ୍ରିପଲ ସି କ୍ଲବର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଧଳା ଗୋଟି ଚଲାଇ ଉଦ୍‌ଘାଟନ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ରେକର୍ଡ ସଂଖ୍ୟକ ୭୨ ଜଣରୁ ଉର୍ଦ୍ଧ୍ୱ ଆନ୍ତର୍ଜାତୀୟ ମାନ୍ୟତା ପ୍ରାପ୍ତ ଖେଳାଳୀଙ୍କ ସହ ୨୫୦ ରୁ ଉର୍ଦ୍ଧ୍ୱ ଖେଳାଳୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ରେ ଫିଡେ ମାଷ୍ଟର ହର୍ଷିତ ସାହୁ ସମ୍ପୂର୍ଣ୍ଣ ୭ଟି ବିଜୟ ହାସଲ କରି ଚାମ୍ପିୟନ ହୋଇଥିବା ବେଳେ ୬ ପଏଣ୍ଟ ପାଇଁ ବୋକଲୋଜ ଭିତିରେ ଏଫ ଏମ ପ୍ରିୟାଂଶ ଦାସ ରନର୍ସ ଅପ ହୋଇଥିଲେ,ସେଇପରି ଶ୍ରେୟଂଶ ଶୁଭମ ପଟ୍ଟନାୟକ,ଏଫ ଏମ ଶ୍ରୀୟାଂଶ ଦାସ,ସତ୍ୟମ ସବର୍ଜିତ ମିଶ୍ର,କ୍ୟାଣ୍ଡିଡେଟ ମାଷ୍ଟର ସାତ୍ୱିକ ସ୍ୱାଇଁ,ପ୍ରଭୃତି ଶ୍ରେଷ୍ଠ ୩ଯରୁ ୧୦ମ ସ୍ଥାନ ପାଇଁ ପୁରସ୍କୃତ ହୋଇଥିଲେ। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ରେକିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ ଚେସ କୋଚ ବିଶ୍ୱଜିତ ରାୟ ପୌରହିତରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ତଥା ସମାଜସେବୀ ପ୍ରଭାଂଶୁ ସାମାନ୍ତରାୟ ଯୋଗଦେଇଥିବା ବେଳେ, ରାଇସିନା ଗ୍ରୁପ ର ଅଧକ୍ଷ ତଥା ସମାଜସେବୀ ରଶ୍ମିତା ମହାପାତ୍ର, ଶ୍ରୀଯୁକ୍ତ ଅସିତ ମୁଖାର୍ଜୀ, ସୂର୍ଯ୍ୟକାନ୍ତ ବିଶୋଇ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଉଲ୍ଲେଖ୍ୟଯୋଗ ଯେ କିଙ୍ଗ ଚେସ୍ ସେଣ୍ଟରର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହେଉଥିବା ପ୍ରତିଯୋଗିତା ରେ ୨୦୨୬ ମସିହା ରେ ନିଜର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି ୩ ଟି ଆଇ ଏମ ନର୍ମ ହାସଲ କରିଥିବା ଫିଡେ ମାଷ୍ଟର ହର୍ଷିତ ସାହୁ ଏବଂ ନିକଟରେ କମନୱେଲଥ ଚେସ ରେ ରୌପ୍ୟ ପଦକ ଏବଂ ୨ଟି ବ୍ରୋଞ୍ଜ ଏବଂ ବିଶ୍ୱକପ (୧୦ ବର୍ଷରୁ କମ) ଚେସ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିବା କ୍ୟାଣ୍ଡିଡେଟ ମାଷ୍ଟର ସାତ୍ୱିକ ସ୍ୱାଇଁଙ୍କୁ କିଙ୍ଗ ସମ୍ମାନ ପ୍ରଦାନ କରା ଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଶିଶୁ କଳାକାର ମାନଙ୍କ ଦ୍ୱାରା ସଂସ୍କୃତିକ କରାଯାଇଥିଲା, ଏହି ଉତ୍ସବକୁ ଚମତ୍କାର ଭାବେ ଉପସ୍ଥାପନା କରି ମନ୍ତ୍ରମୁଗ୍ଧ କରିଥିଲେ ଆନ୍ତର୍ଜାତୀୟ ରଟେଡ୍ ଖେଳାଳି ତଥା ୫୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଗଙ୍ଗ ୟୁଟ୍ୟୁବ ମାଧ୍ୟମରେ ପରିବେଷଣ କରି ପ୍ରସିଦ୍ଧି ହାସଲ କରଥିବା ଶିଶୁ ଚେସ ଖେଳାଳି ସତ୍ୟଜିତ ସେନାପତି ଏବଂ ଶ୍ରେଜଲ ସେନାପତି। ସର୍ବଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପ୍ରଶାନ୍ତ ଜେନା।

ଦୁଲୀପ ଟ୍ରଫିରେ ବୈଭବ ସୂର୍ଯ୍ୟବଂଶୀଙ୍କ କମାଲ୍

୪୨ ବଲ୍‌ରେ ଭାଙ୍ଗିଲେ ୫୭ ବର୍ଷର ରେକର୍ଡ

ନୂଆଦିଲ୍ଲୀ : ୭ ଚୌକା, ୭ ଛକା । ୪୧ ବଲ୍‌ରେ ଅର୍ଦ୍ଧଶତକ । ୮୧ ବଲରେ ୯୨ ରନ୍ । ଦୁଲୀପ ଟ୍ରଫି ସେମିଫାଇନାଲରେ ବୈଭବ ଧମାକା । ଧୂଆଁଧାର ଇନିଂସ ଖେଳି କଲେ ରେକର୍ଡ । ଭାଙ୍ଗିଲେ ୫୭ ବର୍ଷ ପୁରୁଣା ରେକର୍ଡ । ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ କେବଳ ବଡ଼ ଇନିଂସ ଖେଳିନାହାନ୍ତି ବିରାଟ ରେକର୍ଡ କରିଛନ୍ତି । ସେଣ୍ଟ୍ରାଲ ଜୋନ୍ ବିପକ୍ଷ ସେମିଫାଇନାଲରେ ଇଷ୍ଟଜୋନ୍ ପାଇଁ ପ୍ରଥମ ଇନିଂସ ଖେଳୁଥିବା ବୈଭବ ସୂର୍ଯ୍ୟବଂଶୀ ୫୭ ବର୍ଷର ପୁରୁଣା ରେକର୍ଡକୁ ଧ୍ୱଂସ୍ତ କରିଛନ୍ତି । ସୂର୍ଯ୍ୟବଂଶୀ ଲକ୍ଷ୍ମଣ ସିଂହଙ୍କୁ ପଛରେ ପକାଇ ଦେଇଛନ୍ତି । ଯିଏକି ୧୯୬୯ ମସିହାରେ ଏକ ରେକର୍ଡ କରିଥିଲେ ଯାହାକୁ ବୈଭବ ୪୨ ତମ ବଲରେ ଭାଙ୍ଗିଛନ୍ତି । ଇତିହାସ ରଚିଲେ ବୈଭବ ସୂର୍ଯ୍ୟବଂଶୀ-ଇଶାନ କିଷନଙ୍କ ସ୍ଥାନରେ ଇଷ୍ଟ ଜୋନର କ୍ୟାପଟେନ୍ସି ଭାର ତୁଲାଇଛନ୍ତି ବୈଭବ ସୂର୍ଯ୍ୟବଂଶୀ । ଦୁଲୀପ ଟ୍ରଫି ସେମି ଫାଇନାଲରେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଫାଷ୍ଟକ୍ଲାସ୍ କ୍ରିକେଟରେ ଏହା ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ । ଇଷ୍ଟଜୋନ ପକ୍ଷରୁ ହାଫ୍ ସେଞ୍ଚୁରୀ ହାସଲ କରିଛନ୍ତି ବୈଭବ । ଏହା ସହିତ ଲକ୍ଷ୍ମଣ ସିଂହ ୫୭ ବର୍ଷ ପୂର୍ବେ ୧୯୬୯ରେ କରିଥିବା ରେକର୍ଡ୍ ୨୦୨୬ରେ ଭାଙ୍ଗିଛନ୍ତି । ଏହାର ଉତ୍ତର ଦୁଲୀପ ଟ୍ରଫି ଇତିହାସରେ ସର୍ବକନିଷ୍ଠ ବ୍ୟାଟର ହେବା ସହିତ ଜଡିତ । ବୈଭବ ସୂର୍ଯ୍ୟବଂଶୀ ବର୍ତ୍ତମାନ ଦୁଲୀପ ଟ୍ରଫି ଇତିହାସରେ ୫୦ ପ୍ଲସ୍ ସ୍କୋର କରିବାରେ ସର୍ବକନିଷ୍ଠ ବ୍ୟାଟର ହୋଇଛନ୍ତି । ୧୯୬୯ରେ ଲକ୍ଷ୍ମଣ ସିଂହ ୧୬ ବର୍ଷ ୨୩ ଦିନରେ ଏହି ରେକର୍ଡ କରିଥିଲେ । ସେଣ୍ଟ୍ରାଲ ଜୋନ୍ ବିପକ୍ଷ ଦୁଲୀପ ଟ୍ରଫି ୨୦୨୬ ର ସେମିଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ୮୧ ବଲରେ ୯୨ ରନ୍ କରିଛନ୍ତି । ଯେଉଁଥିରେ ୭ ଛକା ଏବଂ ୭ ଚୌକା ଅନ୍ତର୍ଭୁକ୍ତ ଥିଲା। ଏହି ଇନିଂସ ସମୟରେ ସେ ୪୨ ତମ ବଲରେ ଛକା ଦେଇ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ । ଏଥି ସହିତ ସେ ୫୭ ବର୍ଷର ପୁରୁଣା ରେକର୍ଡ ମଧ୍ୟ ଭାଙ୍ଗିଛନ୍ତି । ଏପରି କରିବାରେ ସର୍ବକନିଷ୍ଠ ଭାରତୀୟ ହୋଇଥିଲେ। ବୈଭବ, ଈଶ୍ୱରନଙ୍କ ସହ ୧୬୧ ରନ୍‌ର ଇନିଂସ- ଦୁଲୀପ ଟ୍ରଫି ୨୦୨୬ର ସେମିଫାଇନାଲରେ ବୈଭବ ସୂର୍ଯ୍ୟବଂଶୀ ୮୧ ବଲରେ ୯୨ ରନ୍ କରିଥିଲେ । ସେ ଅଭିମନ୍ୟୁ ଈଶ୍ୱରନଙ୍କ ସହ ଭାଗିଦାରୀ ମଧ୍ୟ କରିଥିଲେ । ଯାହା ଇଷ୍ଟଜୋନକୁ ଏକ ଦୃଢ଼ ସ୍ଥିତିରେ ରଖିଛି । ଓପନିଂ ୱିକେଟ୍ ପାଇଁ ବୈଭବ ଏବଂ ଅଭିମନ୍ୟୁ ସ୍କୋରବୋର୍ଡରେ ୧୬୧ ରନ୍ ଯୋଡିଥିଲେ । ଉଭୟ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ ।

ଆଫଗାନିସ୍ତାନ ସିରିଜ୍ ପୂର୍ବରୁ ଅଭିଷେକଙ୍କ ଧମାକା

୨୬ ବଲ୍‌ରେ ୭୭ ରନ୍

ନୂଆଦିଲ୍ଲୀ : ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆର ଷ୍ଟାର୍ ଓପନର୍ ଅଭିଷେକ ଶର୍ମାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି ବିସ୍ଫୋରକ ପାଳି । ଶେର୍-ଏ-ପଞ୍ଜାବ ଟି-୨୦ ଲିଗ୍‌ର ପ୍ରଥମ ମ୍ୟାଚ୍‌ରେ ମାତ୍ର ୨୬ ବଲ୍‌ରେ ୭୭ ରନ୍ କରି ଧମାଲ୍ କରିଛନ୍ତି ଅଭିଷେକ । ମୋହାଲିର ପିସିଏ ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ୍‌ରେ ଅମୃତସର ସୂରମାଇର ଅଧିନାୟକ ଭାବେ ମଇଦାନକୁ ଓହ୍ଲାଇଥିଲେ ଅଭିଷେକ । ଆରମ୍ଭରୁ ହିଁ ଆକ୍ରମଣାତ୍ମକ ବ୍ୟାଟିଂ କରି ମାତ୍ର ୧୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ । ୨୬ ବଲ୍‌ର ଏହି ବିସ୍ଫୋରକ ଇନିଂସରେ ଅଭିଷେକ ମାରିଥିଲେ ୬ଟି ଚୌକା ଓ ୭ଟି ଛକା । ତାଙ୍କର ଷ୍ଟ୍ରାଇକ୍ ରେଟ୍ ଥିଲା ୨୯୬.୧୫ । ଅଭିଷେକଙ୍କ ଧମାକାଦାର ବ୍ୟାଟିଂ ବଳରେ ଅମୃତସର ସୂରମାଇ ୧୯.୫ ଓଭରରେ ୨୫୮ ରନ୍ କରିଥିଲା ।ତେବେ ଏତେ ବଡ଼ ସ୍କୋର୍ କରିବା ସତ୍ତ୍ୱେ ଅମୃତସର ଦଳ ମ୍ୟାଚ୍ ଜିତିପାରିନଥିଲା । ୨୫୯ ରନ୍‌ର ଟାର୍ଗେଟକୁ ମୋହାଲି କିଙ୍ଗ୍ ୧୯.୩ ଓଭରରେ ୫ ୱିକେଟ୍ ହରାଇ ହାସଲ କରିଥିଲା । ମୋହାଲି କିଙ୍ଗ୍ ପକ୍ଷରୁ ଅନମୋଲପ୍ରୀତ ସିଂହ ମାତ୍ର ୫୧ ବଲ୍‌ରେ ୧୩୩ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ । ତାଙ୍କ ଇନିଂସରେ ଥିଲା ୧୦ଟି ଚୌକା ଓ ୧୨ଟି ଛକା । ଅଧିନାୟକ ରମନଦୀପ ସିଂହ ମଧ୍ୟ ୪୦ ବଲ୍‌ରେ ଅପରାଜିତ ୬୯ ରନ୍ କରି ଦଳକୁ ବିଜୟ ଦେଇଥିଲେ । କେବଳ ବ୍ୟାଟିଂ ନୁହେଁ, ବୋଲିଂରେ ମଧ୍ୟ ଅଭିଷେକ ପ୍ରଭାବ ପକାଇଥିଲେ । ମୋହାଲିର ରନ୍‌ଚେଜ୍‌ର ପ୍ରଥମ ଓଭର ବୋଲିଂ କରି ସେ ମନପ୍ରୀତ ଜୌହଲଙ୍କ ୱିକେଟ୍ ନେଇଥିଲେ । ମୋଟ୍ ୨.୩ ଓଭରରେ ୩୭ ରନ୍ ଦେଇ ଗୋଟିଏ ୱିକେଟ୍ ହାସଲ କରିଥିଲେ । ଆଗାମୀ ସେପ୍ଟେମ୍ବର ୧୩ ତାରିଖରୁ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ଟି ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳାଯିବାକୁ ଥିବା ବେଳେ, ତା' ପୂର୍ବରୁ ଅଭିଷେକଙ୍କ ଏହି ଧମାକାଦାର ପାଳି ଚୟନକର୍ତ୍ତାଙ୍କୁ ବଡ଼ ସଙ୍କେତ ଦେଇଛି । ଟି-୨୦ ଫର୍ମାଟ୍‌ରେ ଅଭିଷେକଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଟିମ୍ ଇଣ୍ଡିଆ ପାଇଁ ବଡ଼ ଅସ୍ତ୍ର ହୋଇପାରେ । ଏବେ ନଜର ରହିଛି ଆଫଗାନିସ୍ତାନ ସିରିଜ୍ ପାଇଁ ଘୋଷଣା ହେବାକୁ ଥିବା ଭାରତୀୟ ଦଳ ଉପରେ ।

ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ଘୋଷଣା କଲେ ଲିଓନେଲ୍ ମେସି

ନୂଆଦିଲ୍ଲୀ : ବିଶ୍ୱ ଫୁଟବଲ୍ ଇତିହାସର ମହାନତମ ତାରକା ତଥା ଆର୍ଜେଣ୍ଟିନାକୁ ବିଶ୍ୱ ବିଜୟୀ କରାଇଥିବା କିମ୍ବଦନ୍ତୀ ଅଧିନାୟକ ଲିଓନେଲ୍ ମେସି ଆନ୍ତର୍ଜାତୀୟ ଫୁଟବଲ୍‌କୁ ଅଲବିଦା କହିଛନ୍ତି। ତାଙ୍କର ଏହି ଅବସର ଘୋଷଣା ସମଗ୍ର ବିଶ୍ୱର କୋଟି କୋଟି ଫୁଟବଲ୍ ପ୍ରେମୀଙ୍କୁ ସ୍ତବ୍ଧ ତଥା ଭାବବିହ୍ୱଳ କରିଦେଇଛି। ଦୀର୍ଘ ଦୁଇ ଦଶନ୍ଧି ଧରି ନିଜର ଯାଦୁକରୀ ଖେଳ ଶୈଳୀ, ଅଦ୍ଭୁତ ଡ୍ରିବ୍ଲିଂ ଏବଂ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱ ଦ୍ୱାରା ବିଶ୍ୱ କ୍ରୀଡ଼ା ମଞ୍ଚରେ ରାଜ୍ କରିଆସିଥିବା ଏହି ମହାନ ଖେଳାଳି ଜାତୀୟ ଦଳ ପାଇଁ ଆଉ ବୁଟ୍ ପିନ୍ଧି ପଡ଼ିଆକୁ ଓହ୍ଲାଇବେ ନାହିଁ। ଆର୍ଜେଣ୍ଟିନାର ଆକାଶୀ ନୀଳ-ଧଳା ଜର୍ସିରେ ମେସିଙ୍କ ଯୁଗର ଏହି ପୂର୍ଣ୍ଣଚ୍ଛେଦ ଫୁଟବଲ୍ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ସମାପ୍ତି ଘଟାଇଛି। ମେସିଙ୍କ ଆନ୍ତର୍ଜାତୀୟ କ୍ୟାରିୟର ସଂଘର୍ଷ, ଧୈର୍ଯ୍ୟ ଏବଂ ଅପୂର୍ବ ସଫଳତାର ଏକ ଜ୍ୱଳନ୍ତ କାହାଣୀ। ୨୦୦୫ ମସିହାରେ ଆର୍ଜେଣ୍ଟିନା ସିନିୟର ଦଳ ପାଇଁ ଡେବ୍ୟୁ କରିବା ପରେ ସେ ଅନେକ ଉତ୍ଥାନ-ପତନର ସାମ୍ନା କରିଥିଲେ। ଦୀର୍ଘ ବର୍ଷ ଧରି ପ୍ରମୁଖ

ଫାଇନାଲ୍‌ଗୁଡ଼ିକରେ ହାରିବା ପରେ ତାଙ୍କ ଦେଶପ୍ରେମ ଓ ଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠିଥିଲା। ମାତ୍ର କଠିନ ପରିଶ୍ରମ ଓ ଅଦମ୍ୟ ଇଚ୍ଛାଶକ୍ତି ବଳରେ ସେ ଆର୍ଜେଣ୍ଟିନାକୁ ପ୍ରଥମେ ୨୦୨୧ କୋପା ଆମେରିକା ଚାମ୍ପିଅନ୍ କରାଇଥିଲେ। ଏହାପରେ ୨୦୨୨ କାତାର ବିଶ୍ୱକପ୍‌ରେ ଫ୍ରାନ୍ସ ବିପକ୍ଷ ରୋମାଞ୍ଚକର ଫାଇନାଲ୍ ଜିତି ଆର୍ଜେଣ୍ଟିନାର ୩୬ ବର୍ଷର ବିଶ୍ୱକପ୍ ମରୁଡ଼ି ଦୂର କରିବା ସହ ଫୁଟବଲ୍ ଜଗତରେ ନିଜକୁ ଅମର କରିଦେଇଥିଲେ। ଆର୍ଜେଣ୍ଟିନା ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବା ଏବଂ ସର୍ବାଧିକ ଗୋଲ୍ ସ୍କୋର କରିବାର ବିରଳ ରେକର୍ଡ ମେସିଙ୍କ ନାମରେ ରହିଛି। ଆଠ ଥରର ବାଲନ୍ ଡି'ଅର୍ ବିଜେତା ମେସି କେବଳ ଏକ ନାମ ନୁହେଁ, ବରଂ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଯୁବ ଫୁଟବଲରଙ୍କ ପାଇଁ ଏକ ପ୍ରେରଣା। ଅନ୍ତର୍ଜାତୀୟ କ୍ରୀଡ଼ାଙ୍ଗନରେ ତାଙ୍କର ଅବଦାନ କେବଳ ଟ୍ରଫି କିମ୍ବା ପରିସଂଖ୍ୟାନରେ ସୀମିତ ନୁହେଁ; ସେ ଥିଲେ ପଡ଼ିଆ ଭିତରେ ଓ ବାହାରେ ଏକ ଶାନ୍ତ, ସଂଯମୀ ତଥା ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। ଜାତୀୟ ଦଳରୁ ଅବସର ଘୋଷଣା କରିବା ବେଳେ ସେ ସମସ୍ତ ସମର୍ଥକ, ଦଳର ସାଥୀ ଖେଳାଳି ଏବଂ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ଦେଶ ପାଇଁ ପ୍ରତିନିଧିତ୍ୱ କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ଗୌରବ। ମେସିଙ୍କ ଏହି ବିଦାୟ ସହିତ ଆର୍ଜେଣ୍ଟିନା ଫୁଟବଲ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି, ଯାହାକୁ ପୂରଣ କରିବା ନିକଟ ଭବିଷ୍ୟତରେ କୌଣସି ଖେଳାଳିଙ୍କ ପାଇଁ ସମ୍ଭବ ହୋଇନପାରେ। କ୍ରୀଡ଼ା ଜଗତର ଅଗଣିତ ପ୍ରଶଂସକ, ପୂର୍ବତନ ଖେଳାଳି ଏବଂ ବିଶ୍ୱର ବିଭିନ୍ନ କୋଣରୁ ନେତା ଓ ତାରକାମାନେ ତାଙ୍କର ଅତୁଳନୀୟ କ୍ୟାରିୟର ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଆନ୍ତର୍ଜାତୀୟ ମଞ୍ଚରୁ ସେ ବିଦାୟ ନେଇଥିଲେ ସୁଦ୍ଧା କ୍ଲବ୍ ଫୁଟବଲ୍‌ରେ ତାଙ୍କର ଯାଦୁ ଜାରି ରହିବ। ତଥାପି, ନୀଳ-ଧଳା ଜର୍ସିରେ ୧୦ ନମ୍ବର ଯାଦୁକରଙ୍କୁ ଆଉ ଦେଖିବାକୁ ନମିଳିବା କଥା ଭାବି ଆଜି ପ୍ରତ୍ୟେକ ଫୁଟବଲ୍ ପ୍ରେମୀଙ୍କ ଆଖି ଓଦା ହୋଇଯାଇଛି।

କମ୍ଭିବ ଆଇକନିକ୍ ବାରବାଟୀ ଷ୍ଟାଡିୟମ୍

୧୦ରୁ 'ଓଡ଼ିଶା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ



ଭୁବନେଶ୍ୱର(ବ୍ୟୁରୋ): ବାରବାଟୀରେ ହେବ ବିଗ୍ ବ୍ୟାଟେଲ୍ । କମ୍ଭିବ ଆଇକନିକ୍ ବାରବାଟୀ ଷ୍ଟାଡିୟମ୍ । ସେପ୍ଟେମ୍ବର ୧୦ ତାରିଖରୁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି 'ଓଡ଼ିଶା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ । ଚଳିତ ବର୍ଷ ଏଥିରେ ନୂତନତ୍ୱ ଅଣାଯାଇ ଉଗ ଟ୍ରଫି କରାଯାଇଛି। ଏହାର ଟ୍ରଫି ଓ ଲୋଗୋ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଛି । ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାଗ ନେବେ ୬ଟି ଫ୍ରାଞ୍ଚାଇଜ୍। ଭୁବନେଶ୍ୱର ଟାଇଗରସ, କଟକ ପ୍ୟାନ୍ଥର୍ସ, ପୁରୀ ଟାଇଟାନ୍ସ,ସମ୍ବଲପୁର ୱାରିଅର୍ସ, କେନ୍ଦୁଝର ମାଇନର୍ସ ଓ ରାଉରକେଲା ଷ୍ଟିଲର୍ସ ନାମରେ ଟିମ୍ ଗୁଡ଼ିକ ନାମିତ ହୋଇଛନ୍ତି । ଆସନ୍ତା ୬ ତାରିଖରେ ଖେଳାଳିମାନଙ୍କ ଡ୍ରାଫ୍ଟି କରାଯିବ,ରାଜ୍ୟର ଉଦୀୟମାନ ତଥା ଯୁବ କ୍ରିକେଟ୍ ପ୍ରତିଭାଙ୍କୁ ଭିନ୍ନ ଭିନ୍ନ ଫ୍ରାଞ୍ଚାଇଜ୍ ରେ ଖେଳୁଥିବାର ଦେଖିବାକୁ ପାଇବେ ଦର୍ଶକ । ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ କରାଯାଇଛି । ରାଜ୍ୟର ପ୍ରତିଭାବାନ କ୍ରିକେଟ ପ୍ଲେୟାରଙ୍କୁ ଏକ ବଡ଼ ମଞ୍ଚ ଯୋଗାଇଦେବା ଲକ୍ଷ୍ୟରେ ଏହି କ୍ରିକେଟ୍ ମହାକୁମ୍ଭର ଆୟୋଜନ କରୁଛି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ।

୨ୟ ଟେଷ୍ଟ ଜିତି ଶୃଙ୍ଖଳା ହାତେଇଲା ଇଂଲଣ୍ଡ

ଲର୍ଡସ: ଏଠାରେ ରବିବାର ସମାପ୍ତ ୨ୟ ଟେଷ୍ଟମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ବିଜୟୀ ହୋଇଛି । ପାକିସ୍ତାନକୁ ୧୯୪ ରନ୍‌ର ବଡ଼ ବ୍ୟବଧାନରେ ହରାଇ ୩-ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୦ରେ ଆଗୁଆ ହେବା ସହ ଶୃଙ୍ଖଳା ହାତେଇ ନେଇଛି । ପାକିସ୍ତାନକୁ ଦ୍ୱିତୀୟ ଇନିଂସରେ ୩୮୯ ରନ୍‌ର ବିଜୟଲକ୍ଷ୍ୟ ଦେଇଥିଲା ଇଂଲଣ୍ଡ । ଏହାର ପିଛାକରି ପାକିସ୍ତାନ ରବିବାର ଚତୁର୍ଥ ଦିନରେ ୧୯୪ ରନ୍‌କରି ଅଲଆଉଟ୍ ହୋଇ ଯାଇଥିଲା । ୩୮୯ ରନ୍ ଲକ୍ଷ୍ୟରେ ଇନିଂସ ଆରମ୍ଭକରି ପାକିସ୍ତାନ ୨ୟ ଇନିଂସରେ ମାତ୍ର ୧୪ ରନ୍‌ରେ ୩ଟି ୱିକେଟ୍ ହରାଇଥିଲା । ଆଜାନ୍ ଆୱେସ୍ ଓ ଅଧିନାୟକ ବାବର ଆଜମ୍ ୬ ରନ୍ ଲେଖାଏଁ ଏବଂ ଅବ୍‌ଦୁଲ୍ଲା ସଫିକ୍ ବିନା ସ୍କୋରରେ ଆଉଟ୍ ହୋଇଥିଲେ। ପରେ ଓପନର ସାନ୍ ମସୁଦ୍ ଓ ସୌଦ୍ ସକିଲ ୪୪ଟି ୱିକେଟ୍ ପାଇଁ ୯୭ ରନ୍ ଯୋଡ଼ିଥିଲେ। ସାନ୍ ମସୁଦ୍ ୨୬ ରନ୍ କରିଥିଲେ। ପରେ ମହମ୍ମଦ ରିଜ୍ୱାନ ୧ ରନ୍‌କରି ବିଦାୟ ନେଇଥିଲେ। ତଳ ଅର୍ଡରରେ ଅଲୀ ଉସ୍‌ମାନ ୧୬ ଓ ମହମ୍ମଦ ଆବାସ୍ ଅପରାଜିତ ୧୩ ରନ୍ କରିଥିଲେ। ସୌଦ୍ ସକିଲ ଚମତ୍କାର ବ୍ୟାଟିଂକରି ୧୨୨ ବଲ୍‌ରୁ ୨ଟି ଛକା ଓ ୧୩ଟି ଚୌକା ସହ ୯୭ ରନ୍‌ରେ ଆଉଟ୍ ହୋଇ ମାତ୍ର ୩ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ। ଓଲି ରବିନ୍‌ସନ ୪ଟି, ଜୋସ୍ ଟଙ୍ଗ୍ ୩ଟି ଓ ଜୋଫ୍ରା ଆର୍ଚର ୨ଟି ୱିକେଟ୍ ନେଇଥିଲେ। ୪ର୍ଥ ଦିନରେ ଇଂଲଣ୍ଡ ୨ୟ ଇନିଂସରେ ୨୦୮ ରନ୍‌କରି ଅଲଆଉଟ୍ ହୋଇଥିଲା। ଡାନ୍ ଲରେନ୍ସ ୨ଟି ଛକା ଓ ୭ଟି ଚୌକା ସହ ୫୪ ରନ୍ କରିଥିଲେ। ପେସ୍ ବୋଲର ମହମ୍ମଦ ଆବାସ୍ ୫ଟି ଏବଂ ଖୁରମ୍ ସେହ୍‌ଜାଦ ଓ ମହମ୍ମଦ ଅଲୀ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ମୋଟ ୮ଟି ୱିକେଟ୍ ନେଇଥିବା ଓଲି ରବିନ୍‌ସନ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

ମହିଳା ଟି୨୦ରେ ସର୍ବାଧିକ ୱିକେଟ୍ ନେଇଛନ୍ତି ଦିପ୍ତୀ ଶର୍ମା

ନୂଆଦିଲ୍ଲୀ : ଭାରତୀୟ ମହିଳା କ୍ରିକେଟ୍ ଦଳର ଷ୍ଟାର୍ ଅଲରାଉଣ୍ଡର ଦୀପ୍ତି ଶର୍ମା ନୂଆ ରେକର୍ଡ କରିଛନ୍ତି । ରବିବାର

ଜିଲ୍ଲା ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ଖୋର୍ଦ୍ଧା (ଅମୃତ ମିଡିଆ) : ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ସଦର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସ ଅଭିଯୋଗ ଶୁଣାଣି କରିଥିଲେ । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ବିଡିଓ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ବିଭାସ ପାଣିଗ୍ରାହୀ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବରକୁ ମୋଟ ୪୦ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୭ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଅଭିଯୋଗ ଶିବିରରେ ୩ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି, ଶ୍ରୀୟା ଶାଶ୍ୱତୀ, ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ, ଶଙ୍କର ବେହେରା, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଶୋକ କୁମାର ବେହେରା, ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ, ଡେପୁଟୀ କଲେକ୍ଟର ରଞ୍ଜନ କୁମାର ଦାସଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟ/ସଦସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବରିଷ୍ଠ ଅଧିକାରୀ ବୃନ୍ଦ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

ଉନ୍ନତିକରଣରେ ବାଧକର ଅସଲ ଗୁମର ଖୋଲିଲେ ୯ନମ୍ବର କାଉନ୍‌ସିଲର

ଦଶପଲ୍ଲା (ଅମୃତ ମିଡିଆ) : ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ୨୦୧୫ ମସିହାରୁ ଗଠନ ହୋଇଥିଲା ୨୪ ବର୍ଷ ସ୍ଥିର ସରକାରରେ ସମସ୍ତ କାଉସିଲ କୋଟିଏ ଦଳର ହୋଥିଲେ ମଧ୍ୟ ସହରର ସ୍ୱାଦ ଚାଖିପାରିଲେ ନାହିଁ ସହର ବାସିନ୍ଦ। ଲୋକଙ୍କ ଠାରୁ ଆଦାୟ ହେଉଥିବା ବିଭିନ୍ନ ରାଜସ୍ୱ ଅର୍ଥ ଟାସ୍କକୁ କାର୍ଯ୍ୟାଳୟର କନିଷ୍ଠ କିରାଣି ମାନସ ରଞ୍ଜନ ପିତି ସରକାରଙ୍କ ଜମା ଖାତାରେ ଜମା ନକରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସ୍ୱାର୍ଥରେ ରଖୁଥିଲେ ଫଳରେ ଉନ୍ନୟନ କାର୍ଯ୍ୟ ପାଇଁ ରାଜସ୍ୱ ଅର୍ଥ ଆସିବାରେ ବାଧକ ସାଜିଥିଲା। ଅଦ୍ୟାବଧି ୨୪ଘଣ୍ଟିଆ ବିଶୁଦ୍ଧ ପିଇବା ପାଣିର ସୁବିଧା ହୋଇପାଲାନାହିଁ ସବୁ ୱାର୍ଡରେ ଆଲୋକିକରଣ, ସହରରେ ସଫେଇ, ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ସ୍ୱାଗତ, ବିଦାୟ ଗେଟ୍ ହୋଇପାରିନାହିଁ। ଦେଶ ଆଜି ନିଖିଳ ଭାରତ ଶାସନ ଦିବସ ପାଳୁଛି। ସରକାରଙ୍କ ଲୋକଙ୍କ ଉନ୍ନୟନ ଯୋଜନାର ଭାଷଣ ଶୁଣି ଉପସ୍ଥିତ ଥିବା ଲୋକେ ମୋହିତ ହେଉଥିବା ବେଳେ ଦଶପଲ୍ଲାର ବିଜ୍ଞାପିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱୋପ୍ନ ପାଲଟିଥିବା ଜଣାପଡିଛି, ଅସଲ କାରଣର ଅସଲକଥା କହିଛନ୍ତି ୯ନମ୍ବର କାଉନସିଲ୍ ଶୁକଦେବ ମିଶ୍ର ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଲୋକଙ୍କ ଠାରୁ ଆଦାୟ ହେଉଥିବା ରାଜସ୍ୱ ଅର୍ଥ ରାଶିକୁ ନିର୍ଦ୍ଧାରିତ ତାରିଖରେ ରାଜସ୍ୱ ଅର୍ଥ ଜମା ନହେବାରୁ ଦଶପଲ୍ଲାର ଉନ୍ନୟନ କାମହୁଏ ନାହିଁ। ଦଶପଲ୍ଲାର ବହୁପଛରେ ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ ବାବୁ ମାନେ ରାଜସ୍ୱ ଅର୍ଥକୁ ନିଜପାଖରେ ରଖୁଥିବାରୁ ଦଶପଲ୍ଲାର ଉନ୍ନୟନ କାର୍ଯ୍ୟ କାମହୁଏ ନାହିଁ। ରଜସ୍ୱ ଅର୍ଥ ରାଜସ୍ୱ ପାଣ୍ଠିରେ ଜମାନହେବା ଫଳରେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦରର ଉନ୍ନୟନ କାର୍ଯ୍ୟ ରାଜସ୍ୱ ଅର୍ଥ ଆସୁନାହିଁ। ସରକାରଙ୍କ ୨କୋଟି ଟଙ୍କାର ପୁରସ୍କାର ରାଶି ପାଇବାରୁ ବଞ୍ଚିତ ହୋଇଛୁ। ସରକାରଙ୍କ ଉନ୍ନତିକରଣ ତାଲିକାରେ ଦଶପଲ୍ଲାର ବିଜ୍ଞାପିତ ଅଞ୍ଚଳ ବାସିନ୍ଦା ଦୁଇବର୍ଷ ପଛୁଆ ରେ ରହିଲୁ। ଆଜିର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମନମାନୀ ଯୋଗୁଁ ମୁହଁ ଦେଖା ଯୋଗାଯୋଗ କରି ଗତକାଲି ରାତିଅଧିଆ ଅର୍ଥ ବାଣ୍ଟିଥିଲେ ବୋଲି ବାହାରେ ଆଲୋଚନା ହୋଇଥିଲା । ଅତିଥି ମାନଙ୍କୁ ରାତିଅଧିଆ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିବାରୁ ବରେଣ୍ୟ ଅତିଥି ବିଧାୟକ ରମେଶଚନ୍ଦ୍ର ବେହେରା, ତହସିଲଦାର ଶୃତିରଞ୍ଜନ ସତପଥି ମଞ୍ଚରେ ଦେଖିବାକୁ ମିଳିନଥିଲା। ନିମନ୍ତ୍ରଣ କାର୍ଡ କର୍ତ୍ତରେ ଥିବା ଅତିଥିମାନଙ୍କୁ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମନମାନି ଏଭଳି ମନଇଚ୍ଛା କାର୍ଯ୍ୟ କରୁଥିବା କଛି ଲୋକମଧ୍ୟରେ ଆଲୋଚନା ହେଉଥିଲା। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କନ୍ଧମାଳ ସଂସଦ ଶୁକାନ୍ତ ପାଣିଗ୍ରାହୀଙ୍କ କରକମଳରେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ସମ୍ମୁଖରେ ହୋଇଥିବା ସେଲଫି ପଏଣ୍ଟ, ବସରହଣି ଯାତ୍ରୀ ବିଶ୍ରାମାଗାର, ତ୍ରିନାଥ ବଜାର ମାର୍କେଟ କମ୍ପ୍ଲେକ୍ସ ଉଦ୍ଘାଟନ କରି ଫେରିଯାଇଥିଲେ ମଞ୍ଚକୁ ଯାଇନଥିଲେ।

କବି ସଙ୍ଗମ ଅନୁଷ୍ଠାନର ରାମଚରିତ ମାନସ ଆଲୋଚନାଚକ୍ର

ବେତନଟୀ (ଅମୃତ ମିଡିଆ) ଅଖିଳ ଭାରତ ତ୍ରିଭାଷୀ ସାହିତ୍ୟ ଅନୁଷ୍ଠାନ 'କବି ସଙ୍ଗମ' ଆନୁକୂଲ୍ୟରେ ସ୍ଥାନୀୟ ଶାରଦା ଗୁରୁକୁଳ ଶିକ୍ଷାକେନ୍ଦ୍ର ପରିସରରେ ଗୋସ୍ୱାମୀ ତୁଳସୀ ଦାସ କୃତ ରାମଚରିତ ମାନସ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଗଣ ଯୋଗଦାନ କରିଥିଲେ। କବିସଂଗମର ସଭାପତି ଆଶୁକବି ବାସୁଦେବ ନାପିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂପାଦକ ଡଃ ରମାକାନ୍ତ ମହାନ୍ତ ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତିଙ୍କ ପ୍ରାକ୍ କଥନ ପରେ ସଭାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ତୁଳସୀଦାସଙ୍କ ଆଦ୍ୟଜୀବନ ଓ ରାମଚରିତ ମାନସ ରଚନା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଶାରଦା ଶିକ୍ଷାକେନ୍ଦ୍ରର ପ୍ରଧାନ ଗୁରୁଜୀ ହୃଷୀକେଶ ମହାନ୍ତ ରାମାୟଣର ଜନସମାଜରେ ପ୍ରଭାବ ସଂପର୍କରେ ଓ ସମ୍ମାନିତ ଅତିଥିଗଣ ରାମଚରିତ ମାନସ ଉପରେ ଦୀର୍ଘ ଆଲୋଚନା କରିଥିଲେ। ସେମାନେ ହେଲେ ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁ, ପଦ୍ମମାଳୀର ସମ୍ପାଦିକା ପ୍ରଭାତି ମହାନ୍ତି ଓ ଉପସଭାପତି ଗୀତାଞ୍ଜଳି ଭୂୟାଁ, ଶିକ୍ଷକ ନେତା ରତି କାନ୍ତ ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପଣ୍ଡା ଓ ଦୁର୍ଯୋଧନ ସିଂ ପ୍ରମୁଖ। ଶେଷରେ ସଂକେତ ଟିଭି ଚ୍ୟାନେଲର ବେତନଟୀ ପ୍ରତିନିଧି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବେହେରା କଲେଜରେ ନବ ପଲ୍ଲବ କାର୍ଯ୍ୟକ୍ରମ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ଅଧୀନ ବେହେରା (ଦଣ୍ଡପାଟ) ସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ନବପଲ୍ଲବ ଶିରୋନାମାରେ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଶିକ୍ଷାର୍ଥୀମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ନେହ, ଶ୍ରଦ୍ଧା, ଶୁଭେଚ୍ଛା ଅର୍ପଣ କରିଥିଲେ। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସମ୍ମାନୀତ ଅତିଥି ଭାବେ କଲେଜର ପୂର୍ବତନ ଛାତ୍ର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବେହେରା ର ସହକାରୀ ଶିକ୍ଷକ ପ୍ରେମଲାଲ କାଣ୍ଡ, ନେଗିଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ବିଭାଗର ଅତିଥି ଅଧ୍ୟାପିକା ତନୁଜା ସାହୁ ସହିତ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅଧ୍ୟାପକ ନିକୁଞ୍ଜ ସାହୁ, ଅଧ୍ୟାପକ ଅକ୍ଷୟ ପଟ୍ଟନାୟକ, ଅଧ୍ୟାପକ ମୋହନ ଚରଣ ବିଶି, ଗ୍ରନ୍ଥାଗାର ସହାୟକ ଫକିର ଚଣ୍ଡି, ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ତମ ପରାମର୍ଶ ଦେବା ସହ ଉଜ୍ଜଳ ଭବିଷ୍ୟତ ଗଠନ ପାଇଁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଦ୍ୱିତୀୟ ବର୍ଷ ଛାତ୍ରୀ ଅମିକା ସାହୁ, ଲଭଲି ଦୁର୍ଗା, ମମତା ଛତ୍ରିଆ, ବବିତା ନିଆଲ, ଶିବାନୀ ବାଗ, ରଶ୍ମିତା ତାଣ୍ଡି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ବର୍ଷର ରେଣୁକା ନାଏକ, ଖୁରମତି ଜୁଏଡ, ଝରଣା ପଟେଲ, ମେଘାଲୟ ଭୋଇ, ମନିଷା ମେହେର ତାଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ବିକାଶ ରାଉତ, ଦ୍ରୋପଦୀ ଗୋପାଳ ସଂଯୋଜନାରେ କରିଥିବାବେଳେ ଦୁହିତା ଗୋପାଳ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଦ୍ୱିତୀୟ ବର୍ଷ ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ବାର୍ଷିକ ପରୀକ୍ଷା-୨୦୨୬ ରେ ପ୍ରଥମ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାନୁର୍ଯ୍ୟ ଗୋପାଳ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

୨ମାସରୁ ଉର୍ଦ୍ଧ୍ୱ ପଦଯାତ୍ରା ପରେ ଜଳଲାଗି କଲେ କାଉଡ଼ିଆ

ବାଲୁଗାଁ (ଅମୃତ ମିଡିଆ) : ଶ୍ରାବଣ ମାସ ପ୍ରତି ସୋମବାରରେ ବାଲୁଗାଁ ତଥା ଆଖପାଖ ଅଞ୍ଚଳର ଶୈବପୀଠରେ କାଉଡ଼ିଆମାନେ ଜଳାଭିଷେକ କରିଥିବା ବେଳେ ଭାଦ୍ରବ ମାସ ପ୍ରଥମ ସୋମବାରରେ ୪ ଜଣ କାଉଡ଼ିଆ ଜଳଲାଗି କରିଥିବା ଦେଖିବାକୁ ମିଳିଛି। ଶ୍ରାବଣ ମାସରେ ଗଞ୍ଜାମ ଓ କଟକ ଜିଲ୍ଲାରୁ ପାଣି ଭାର ଆଣି ପ୍ରତି ସୋମବାରରେ କାଉଡ଼ିଆ ମାନେ ବାଲୁଗାଁ ନିକଟସ୍ଥ ଉମାମହେଶ୍ୱର, ରାମେଶ୍ୱର, ଜଗତେଶ୍ୱର, ଗାଦିଶ୍ୱର, ଧବଳେଶ୍ୱର, ସିଂହନାଥ ଦେବଙ୍କ ପୀଠରେ ଜଳାଭିଷେକ କରିଥିଲେ। ହେଲେ ଆଜି ସକାଳୁ ୪ ଜଣ କାଉଡ଼ିଆ ପାଣି ଭାର ଧରି ବୋଲବମ ହର ହର ବମ, ଭୋଲା ବାବା ପାରକରେଗା ଓଁ ନମଃ ଶିବାୟ ଧ୍ୱନୀରେ ଉମାମହେଶ୍ୱର ମନ୍ଦିର ପ୍ରାଙ୍ଗଣ ଫାଟିପଡୁଥିବା ବେଳେ ଜଳଲାଗି କରିଥିବା ଜଣାପଡ଼ିଛି। ଅସମୟରେ କାଉଡିଆଙ୍କ ଜଳଲାଗି ଦେଖିବାକୁ ମନ୍ଦିର ନିକଟରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଖବର ଅନୁଯାୟୀ ବାଲୁଗାଁ ପାଟଣା ସାହିର ୪ଜଣ ଯୁବକ ରାଜୁ ବେହେରା, ଚନ୍ଦନ ପଲେଇ, ବୁଲୁ ମହାରଣା, ରାଜେନ୍ଦ୍ର ବେହେରା ଉତ୍ତରାଖଣ୍ଡ ଗଙ୍ଗୋତ୍ରିରୁ ପାଣି ଭାର ଉଠାଇ ଥିବାବେଳେ ଦୀର୍ଘ ୨୧୦୦ କିମି ଅତିକ୍ରମ କରିବାକୁ ୨ ମାସ ୯ ଦିନ ଲାଗିଯାଇଥିଲା। ଯାହାଫଳରେ ଆଜି ସକାଳୁ ବାଲୁଗାଁ ଉମାମହେଶ୍ୱର ପୀଠରେ ପହଞ୍ଚି ଜଳଲାଗି କରିଛନ୍ତି। ଶ୍ରାବଣ ମାସ ସରିଥିଲେ ସୁଦ୍ଧା ମାନସିକଧାରି କାଉଡିଆଙ୍କ ନିଷ୍ଠା ଓ ଆମ୍ ବିଶ୍ୱାସ ବଳରେ ଦୀର୍ଘ ଦୁଇ ମାସ ଧରି ଚାଲି ଚାଲି ମହାଦେବଙ୍କୁ ଜଳଲାଗି କରିବା ଭାଗ୍ୟରେ ଥିଲେ ସମ୍ଭବ ବୋଲି ପୂଜକ କହିଛନ୍ତି । ଶ୍ରାବଣ ଶେଷ ସୋମବାରରେ ଜଳଲାଗି କରିବାକୁ ଲକ୍ଷ୍ୟ ରହିଥିବା ବେଳେ ରାସ୍ତାରେ ବନ୍ୟା ପ୍ରଭାବ ଏବଂ ଶାରୀରିକ ଅସୁସ୍ଥତା କାରଣରୁ ବିଳମ୍ବ ହୋଇଛି ସତ କିନ୍ତୁ ବିଳମ୍ବ ହେଲେ ସୁଦ୍ଧା ଶ୍ରୀ ଉମାମହେଶ୍ୱର୍ ଦେବଙ୍କ କୃପାରୁ ଆମେ ଜଳାଭିଷେକ କରିପାରିଛୁ ବୋଲି କାଉଡ଼ିଆ ମାନେ କହିଛନ୍ତି।

ରାଧାକୃଷ୍ଣ କ୍ଲବ କେନ୍ଦୁପାଟଣାର ନାଟକବହି ପୂଜା

ନିଷ୍ଠିନ୍ତକୋଇଲି (ଅମୃତ ମିଡିଆ) : ରାଧାକୃଷ୍ଣ ଡ୍ରାମାଟିକ୍ କ୍ଲବ କେନ୍ଦୁପାଟଣାର ୨୦୨୬-୨୭ବର୍ଷ ପାଇଁ ଅନୁଷ୍ଠିତ ହେବାକୁ ଥିବା ନାଟକର ବହି ପୂଜା ସ୍ଥାନୀୟ ଗୋପିନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଶାର ଯାତ୍ରା ଜଗତର ଜଣେ ଆଗଧାଡ଼ିର ଜଣାଶୁଣା କଳାକାର ତଥା ଯାତ୍ରା ନିର୍ଦ୍ଦେଶକ ତପନ କୁମାର ସାହୁ(ବବିନା), କ୍ଲବର ସଭାପତି ମଦନମୋହନ ପରିଡ଼ା, ସମ୍ପାଦକ ପ୍ରହଲ୍ଲାଦ ଗାହାଣ, ସଦସ୍ୟ ଶାରଦାପ୍ରସନ୍ନ ନାୟକ, ବାନାୟର ଚାନ୍ଦ, ସୁକାନ୍ତ ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ଦୀପକ କୁମାର ବେହେରା, ପ୍ରମୋଦ କୁମାର ରାଉତ, କାହ୍ନୁଚରଣ ଦାସ,ରାଧାବଲ୍ଲଭ ପରିଡ଼ା, ରବିନାରାୟଣ ପାତ୍ର, ପ୍ରଦିପ୍ତ କୁମାର ରାଉତ, ରଂଜନ କୁମାର ବେହେରା, ଅଙ୍କଡ୍ ଚାନ୍ଦ, ମଲଟ ଷ୍ଟାର ବବୁଲଙ୍କ ସମେତ କ୍ଲବର ବହୁ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

ଶୁଖିଲାଗଛ ପଡ଼ି ଜଣେ ବାଇକ୍‌ଚାଳକ ମୃତ

ଫୁଲବାଣୀ (ଅମୃତ ମିଡିଆ) : ଫିରିଙ୍ଗିଆ ଥାନା ଅନ୍ତର୍ଗତ ନୁଆଁ ପଦର ପଂଚାୟତ ଛକ ରାସ୍ତା କଡରେ ଥିବା ଏକ ବିରାଟକାୟ ଶୁଖିଲା ପଣସ ଗଛ ଆଜି ସକାଳେ ଜଣେ ବାଇକ ଚାଳକଙ୍କ ଉପରେ ପଡିଯିବାରୁ ସେହି ବ୍ୟକ୍ତି ଅଧିକ ଗୁରୁତର ହୋଇଥିବା ଯୋଗୁଁ ଚିକିତ୍ସିତ ଅବସ୍ଥାରେ ଡାକ୍ତରଖାନା ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଲତପଙ୍ଗିଆ ଗ୍ରାମର ବିପିନ କହଁର ନାମକ ଜୈନିକ ବ୍ୟକ୍ତି ବାଇକ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ତାଙ୍କ ଉପରେ ଶୁଖିଲା ଗଛ ଟିପଡ଼ି ଯାଇଥିଲା। ତାଙ୍କୁ ଗ୍ରାମବାସୀଙ୍କ ସହାୟତାରେ ସ୍ଥାନୀୟ ମେଡିକାଲକୁ ନେଇ ଆଶୁ ଚିକିତ୍ସା କରିବା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଥାଉକି ସେହି ଶୁଖିଲା ପଣସ ଗଛ କାଟିବା ପାଇଁ ଗ୍ରାମବାସୀ ଦାବି କରୁଥିଲେ ମଧ୍ୟ ତାହା କଟାଯାଇ ନଥିଲା। ଆଜି ସେହି ଶୁଖିଲା ବିରାଟ କାୟ ଗଛ ପଡି ଜଣେ ମୂଲ୍ୟବାନ ଜୀବନ ଚାଲି ଯାଇଥିବା ଯୋଗୁଁ ସେହି ଅଞ୍ଚଳ ବାସୀ ମୃତକ ପରିବାରରେ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଫିରିଙ୍ଗିଆ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ପୋଲିସ୍ ମେଡିକାଲ୍‌ରୁ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ବଡ଼ ମେଡିକାଲକୁ ପଠାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଚୌଦ୍ୱାର ପୌରପାଳିକାର ସ୍ୱାୟତ୍ତ ଶାସନ ଦିବସ ପାଳିତ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ସମଗ୍ର ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଚୌଦ୍ୱାରରେ ମ୍ନ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାୟତ୍ତ ଶାସନ ଦିବସ କମିଟି ଚେୟାରମ୍ୟାନ୍ ତଥା ୧୨ନମ୍ବର ୱାର୍ଡ଼ ପାରିଷଦ ସୁବ୍ରତ କୁମାର ସାମଲଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଡଃ ସଂତୃପ୍ତ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଆନୁଷାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମୃଦ୍ଧି, ସଂସ୍କୃତି, ସାହସ ଓ ଶିକ୍ଷାକୁ ଚୌଦ୍ୱାରର ନାମକରଣ ସହ ତୁଳନା କରିବା ସହ ଏହାର ଅଭିବୃଦ୍ଧି ହେଲେ ସମଗ୍ର ଚୌଦ୍ୱାରର ବିକାଶ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହାସହ ପ୍ରତ୍ୟେକ ୱାର୍ଡ଼ବାସୀ ସହରୀୟ ଶୃଙ୍ଖଳାରେ ନିଜକୁ ଗଢ଼ି ତୋଳିବା ସହ

ମୀନାବଜାରରୁ ଫେରୁଥିବା ବେଳେ ଅଟୋ ଓଲଟିଲା
ନାବାଳିକାଙ୍କ ସମେତ ୫ ଗୁରୁତର

ବେତନଟୀ (ଅମୃତ ମିଡିଆ) : ମେଳା ବୁଲି ଖୁସିରେ ଘରକୁ ଫେରୁଥିବା ସମୟରେ ଘଟିଲା ଅଘଟଣ। ବେତନଟୀ ଧର୍ମଶାଳା ନିକଟରେ ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ନାବାଳିକାଙ୍କ ସମେତ ୫ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବୈଶିଙ୍ଗା ଥାନା ଅଧୀନ କୋଠବାଡ଼ି ଓ ଡାଙ୍ଗାରିପୁରା ଗ୍ରାମର କିଛି ମହିଳା ଏବଂ ଜଣେ ନାବାଳିକା ଶୁକ୍ରବାର ସନ୍ଧ୍ୟାରେ ବେତନଟୀ ବଜାରରେ ଚାଲିଥିବା ମୀନାବଜାର ମେଳା ଦେଖିବାକୁ ଆସିଥିଲେ। ମେଳା ଦେଖା ସାରି ଏକ ଯାତ୍ରୀବାହୀ ଅଟୋ (ଓଡି-୧୧ଡି-୪୪୯୫) ଯୋଗେ ସେମାନେ ଘରକୁ ଫେରୁଥିଲେ। କଙ୍କାକାଳିଆ ଛକରୁ କୋଠବାଡ଼ି ଯିବା ରାସ୍ତାରେ, ଧର୍ମଶାଳା ନିକଟରେ ଅଟୋଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ମନୋରମା ମହାନ୍ତ (୫୨), ଜୟନ୍ତୀ ମହାନ୍ତ (୪୭), ମନୋରମା ମହାନ୍ତ (୩୮), କୁଞ୍ଜଲତା ମହାନ୍ତ (୪୨) ଏବଂ ଶୁଚିସ୍ମିତା ମହାନ୍ତ (୧୭) ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ମେଳା ସମୟରେ ଯାତ୍ରୀବାହୀ ଅଟୋଗୁଡ଼ିକ କ୍ଷମତାଠାରୁ ଅଧିକ ଯାତ୍ରୀ ବହନ କରିବା ସହ ଦ୍ରୁତ ଗତିରେ ଚଳାଚଳ କରୁଛନ୍ତି। ଟ୍ରାଫିକ୍ ଓ ପ୍ରଶାସନିକ ଯାଞ୍ଚର ଅଭାବ ଯୋଗୁଁ ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ତୁରନ୍ତ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସେମାନଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

‘ଆମରି ସତ୍ୟ’ର ଷୋଡ଼ଶ ବାର୍ଷିକ ଉତ୍ସବ-୨୦୨୬

ଖୋର୍ଦ୍ଧା (ଅମୃତ ମିଡିଆ) : ଆମରି ସତ୍ୟ ଖୋର୍ଦ୍ଧାର ଷୋଡ଼ଶ ବାର୍ଷିକ ଉତ୍ସବ.. ୨୦୨୬ ସମ୍ପାଦକ ଡ. ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟକ ଭାବରେ ମେଜର କ୍ଷିରୋଦ ପ୍ରସାଦ ମହାନ୍ତି ଯୋଗ ଦେଇ ପୁସ୍ତକ ପଠନ ଦ୍ୱାରା ଅନ୍ତଃକରଣ ଶୁଦ୍ଧି ଓ ବୌଦ୍ଧିକ ବିକାଶ ହୁଏ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ଆରତି କର ସାହିତ୍ୟ ହେଉଛି ଉତ୍ତମ ମାର୍ଗଦର୍ଶକ, ଚିନ୍ତା ଓ ଚେତନାର ଅଭିବୃଦ୍ଧିର କାରକ, ଜ୍ଞାନର ଆଲୋକ ପ୍ରଦାୟକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଅନୁବାଦକ ଶ୍ରୀଯୁକ୍ତ ତୁଳସୀ ଜେନ ଆଜିର ଯୁବପିଢୀ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଆଗେଇ ଆସିବା ସହିତ ଅଭିଭାବକଙ୍କ ଦିଗଦର୍ଶନ ଗ୍ରହଣ କରିବା ଉଚିତ। ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଡ. ବିଷ୍ଣୁଚରଣ ସାହୁ କହିଲେ, ଆମରି ସତ୍ୟ ପତ୍ରିକା ନୈତିକ, ବୌଦ୍ଧିକ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିଥାଏ। ତାର ଅଭିବୃଦ୍ଧି ଆମର କାମ୍ୟ। ଆମରି ସତ୍ୟ ପତ୍ରିକା ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଗତ ଭାଷଣ ଦେଇଥିଲେ। ଆମରି ସତ୍ୟ ପତ୍ରିକା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ମହାପାତ୍ର ଓଡିଆ ଭାଷା ସହ ନିଜର ଅସ୍ମିତାକୁ ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଆମରି ସତ୍ୟ ବିକାଶ ପରିଷଦ ସମ୍ପାଦକ ଆଦି ନାରାୟଣ ଖଣ୍ଟୁଆକ ପରିଷଦର ବାର୍ଷିକ ବିବରଣୀ ପାଠ କରିବା ସହ ଐତିହାସିକ ସତ୍ୟବାଦୀ ବାଳୀୟରସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ରାମଶଙ୍କର ଓ ରଶ୍ମିତା ନାୟକ ମଞ୍ଚ ପରିଚଳନା କରିଥିଲେ। ଏହି ଅବସରରେ ଆମରି ସତ୍ୟ ତରଫରୁ ଡ. ଗୁରୁପ୍ରସାଦ ମହାପାତ୍ରଙ୍କୁ ଆମରିସତ୍ୟ ସାରସ୍ୱତ ସମ୍ମାନ, ଡ. ଆଚାର୍ଯ୍ୟ ସୂର୍ଯ୍ୟକାନ୍ତଙ୍କୁ ପଟ୍ଟଯୋଷିଙ୍କୁ ଆମରିସତ୍ୟ ସନ୍ତାନ, ପଦ୍ମନାଭ ବିଶ୍ୱାଳଙ୍କୁ ଶିକ୍ଷା ସନ୍ତାନ, ଲାଲା ବିରେନ୍ ପ୍ରାସାଦ ରାୟଙ୍କୁ ଡ଼ା. ଧନେଶ୍ୱର ସାହୁ ନାଟ୍ୟ ସମ୍ମାନରେ ଭୂଷିତ କରାଯାଇଥିଲା। ସୁରେଶ ସ୍ୱାଇଁଙ୍କୁ ସ୍ୱର୍ଗତ ରମାକାନ୍ତ ମିଶ୍ର ପାଲା ଗାୟକ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସ୍ୱତବ ଭାବରେ ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଶ୍ରୀ ଆଦି ନାରାୟଣ ଖଣ୍ଟୁଆଳ, ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ଜବାହର ଲାଲ ସୁବୁଦ୍ଧି, ପ୍ରତାପ କୁମାର ବାରିକ, ବିଜୟାନନ୍ଦ ପଟ୍ଟନାୟକ, ଅର୍ଜୁନ ବାରିକ , ବିଷ୍ଣୁପ୍ରସାଦ ସ୍ୱାଇଁ, ପ୍ରତାପ କୁମାର ବାରିକଙ୍କୁ ଆମରି ସତ୍ୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ କବିତା ପାଠ କାର୍ଯ୍ୟକର୍ମ ସମରଜିତ୍ ପଟ୍ଟନାୟକ, ବିଭୁପ୍ରସାଦ ଶ୍ରୀଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପଦ୍ମନାଭ ପାଣିଗ୍ରାହୀ, ତ୍ରିଲୋଚନ ମହାପାତ୍ର, ରଶ୍ମିତା ନାୟକ, ବିଜୟାନନ୍ଦ ପଟ୍ଟନାୟକ ପରିଚାଳନାକରିଥିଲେ। ଗୋପାଳ କୃଷ୍ଣ ଦାସ , ଡ.ନିରଞ୍ଜନ ମହାନ୍ତି , ଡ. ପ୍ରସନ୍ନ କୁମାର ମହାପାତ୍ର, ମନୋରମା ପାଢୀ, ଟି.ଅକ୍ଷୟ କୁମାର ଆଦି ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ବେତନଟୀ (ଅମୃତ ମିଡିଆ) : ସ୍ଥାନୀୟ ରୋଟାରୀ କ୍ଲବର ବୃକ୍ଷ ରୋପଣ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମରେ ଆଜି ସ୍ଥାନୀୟ ପଞ୍ଚୁଗଡ଼ିଆସ୍ଥିତ ଶିବମୁନି ଯୋଗାଶ୍ରମ (ଓଡ଼ିଶା ପ୍ରାନ୍ତ)ଠାରେ ବିଭିନ୍ନ ପ୍ରକାରର ଫଳ ବୃକ୍ଷ ଚାରା ରୋପଣ କରାଯାଇଛି। ରୋଟାରୀ କ୍ଲବର ସଭାପତି ଶ୍ୟାମ ପ୍ରସାଦ ମଢୁଆଳଙ୍କ ତତ୍ତ୍ୱାବଧାନରେ କ୍ଲବର ଉପସଭାପତି ରବିନ୍ଦ୍ର ନାଥ ମିଶ୍ର, ସଂପାଦକ ସଞ୍ଜୟ କୁମାର ଭୂୟାଁ, ସଦସ୍ୟ ଭଗିରଥ ପଣ୍ଡିତ, ସୁନୀଲ କୁମାର ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ ଅତିଥି ଭାବେ ଯୋଗ ଦେଇ ବେତନଟୀ ସିଭିଲ ସୋସାଇଟିର ସମ୍ପାଦକ ଆଡ୍‌ଭୋକେଟ ସଚ୍ଚିଦାନନ୍ଦ ମହାନ୍ତି ବୃକ୍ଷରୋପଣର ଉପକାରିତା ଓ ଏହାର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶିବମୁନି ଆଶ୍ରମର ସଂଚାଳକ ରତିକାନ୍ତ ମହାନ୍ତ ଓ ପ୍ରମୋଦ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

ଫୁଡକୋର୍ଟ ବଦଳରେ ଗାନ୍ଧିପାର୍କ କରାଯିବା ପାଇଁ ଦାବି

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ଚୌଦ୍ୱାର ପୌରପାଳିକା ପକ୍ଷରୁ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଫୁଡକୋର୍ଟ ନିର୍ମାଣ କରାଯାଇଥିବା ବେଳେ ଏହାକୁ ବିରୋଧ କରିବା ସହ ଏହି ସ୍ଥାନକୁ ଗାନ୍ଧିପାର୍କରେ ନାମିତ କରାଯାଉ ବୋଲି ପୂର୍ବତନ ପାରିଷଦ ବିଷ୍ଣୁଚରଣ ପରିଡ଼ା ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବୀପତ୍ର ପ୍ରଦାନ କରିବା ସହ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଶ୍ରୀ ପରିଡ଼ାଙ୍କ କହିବାନୁଯାୟୀ ପୌର ପରିଷଦ ପକ୍ଷରୁ ଏକ ବୈଠକ ଡକାଯାଇ ଗାନ୍ଧିଛକରେ ଥିବା ଜାତିର ପିତା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ଫୁଡ୍‌କୋର୍ଟ କରାଯିବା ପାଇଁ ପ୍ରସ୍ତାବ ଆଗତ କରିବା ସହ ଏହାକୁ କାର୍ଯ୍ୟକାରୀ ମଧ୍ୟ କରାଯାଇଥିଲା। ତେବେ ଏହି ଫୁଡକୋର୍ଟ ନିର୍ମାଣ ପାଇଁ ପୂର୍ବରୁ ଯେଉଁ ସ୍ଥାନ ନିରୂପଣ କରାଯାଇଥିଲା ସେଠାରେ ଏହା କରାନଯାଇ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି କଡ଼ରେ କରାଯିବାକୁ ନେଇ ପୂର୍ବରୁ ବିରୋଧ କରାଯାଇଥିଲା ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଏହାସହ ଗାନ୍ଧିଜୟନ୍ତୀରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ଏଠାକୁ ଆସିଥିବା ବେଳେ ଚାବି ପଡ଼ିଥିବା କାରଣରୁ ସେମାନେ ନିରାଶ ହୋଇ ଫେରିଥିଲେ ବୋଲି ପ୍ରକାଶ କରିଛନ୍ତି। ଯଦି ଉକ୍ତ ସ୍ଥାନକୁ ଗାନ୍ଧିଜୀଙ୍କ ନାମରେ ଗାନ୍ଧିପାର୍କ ନାମରେ ଘୋଷଣା କରାନଯାଏ ତେବେ ଆଗାମୀ ଦିନରେ ଏଠାରେ ଧାରଣା ଦିଆଯିବ ବୋଲି ପୂର୍ବତନ ପାରିଷଦ ଶ୍ରୀ ପରିଡ଼ା ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

ମୟୂରଭଞ୍ଜ ପାଟରା ସମାଜ ତରଫରୁ ପାଟବସ୍ତ୍ର ପ୍ରଦାନ ଓ ରାକ୍ଷୀସେବା

ବାରିପଦା (ଅମୃତ ମିଡିଆ) : ପଓଟରା ସମାଜ ମୟୂରଭଞ୍ଜ ତରଫରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାରିପଦା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପଓଟବସ୍ତ୍ର ପ୍ରଦାନ ଓ ରାଖୀସେବା କାର୍ଯ୍ୟକ୍ରମ ମହାସମଓରୋହରେ ପାଳିତ ହୋଇଯାଇଛି। ପାଟରା ଜାତିର ପରମ୍ପରା ଅନୁଯାଇ ଶ୍ରୀ ବଳଦେବ ଜିଉଙ୍କ ଜନ୍ମ ତିଥିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପଓଟବସ୍ତ୍ର ପରିଧାନ କରାଯାଇଥିଲା। ସମସ୍ତ ସଦସ୍ୟ ଓ ସଦସ୍ୟା ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ ନତମସ୍ତକ ହୋଇ ଏକଶ୍ୱରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶୋକ୍ଲପାଠ କରିଥିଲେ। ପରେ ପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା ସୁଭଦ୍ରଓଙ୍କର ଜୟଧ୍ୱନି ଓ ହରିବୋଲ ସଂକୀର୍ତ୍ତନରେ ରାକ୍ଷୀସ୍ୱୋ। କାର୍ଯ୍ୟକ୍ରମ ସମ୍ପର୍ଣ୍ଣ କରି ଫଳପୁଷ୍ପ ଓ ମନ୍ଦିରର ପୂଜକମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଶତାଧିକ ସଦସ୍ୟ ଓ ସଦସ୍ୟା ଅଂଶ ଗ୍ରହଣ କରିଥିଲେ। ଏହି ଏକାଗ୍ରତା ଓ ଭାଇଚାରାଓର ପ୍ରତୀକ ଆସନ୍ତା ଭବିଷ୍ୟତରେ ଚିର ବଜାୟ ରହିବ ବୋଲି ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ପାତ୍ର ଓ ସାଧାରଣ ସମ୍ପାଦକ ସ୍ୱରୂପ କୁମାର ବଶା ଅନୁଷ୍ଠାନକୁ ଆହୁରି ଦୃଢ଼ିଭୂତ କରିବା ପାଇଁ ଓ ନିହିତ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଆହ୍ୱାନ କରିଥିଲେ। ସର୍ବଶେଷରେ ସମସ୍ତ ସଦସ୍ୟ, ସଦସ୍ୟା, ମନ୍ଦିର ଭିତରେ ଓ ବାହାର ପ୍ରାଙ୍ଗଣରେ ଉପସ୍ଥିତଥିବା ସମସ୍ତ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ସମରେନ୍ଦ୍ର ବଶା, ସଞ୍ଜୟ ନାୟକ, ଜୟନ୍ତ ସେନାପତି, ସନ୍ତୋଷ ପାତ୍ର, ଶକ୍ତି ପ୍ରସାଦ ପାତ୍ର, ଚିତ୍ତରଞ୍ଜନ ସାହୁ, କିଶୋର ବଶା, ସୁବ୍ରତ ବଶା, ମଳୟ ମହାପାତ୍ର, ମୃତ୍ୟୁଞ୍ଜୟ ମହାପାତ୍ର, ମନରଞ୍ଜନ ବଶା, କୁଞ୍ଜବନ ପୁଷ୍ଟି, ସରୋଜ କୁମାର ପାତ୍ର, ପରେଶ ଚନ୍ଦ୍ର ସାହୁ, ପର୍ଶୁରାମ ବେହେରା, ସଂଯୁକ୍ତା ବଶା, ମଞ୍ଜୁଲତା ପୁଷ୍ଟି, ସଂଗୀତା ବଶା, ଗୀତାଞ୍ଜଳି ବେହେରା, ଦିପ୍ତିମୟୀ ପୁଥାଳ, ସୁଶାନ୍ତ କୁମାର ବଶା, ଆଶିଷ ବଶା, ଶୁଭ୍ରାଞ୍ଜଳି ବଶା, ଲଓୟନା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

୬ରେ କୁଡୁମୀସେନାର ପଲ୍ଲୀରୁ ଦିଲ୍ଲୀ କଳା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ବେତନଟୀ (ଅମୃତ ମିଡିଆ) : କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ କୁଡୁମୀ ଛାତ୍ର ସେନାର ଗୌତମ ମହାନ୍ତଙ୍କ ନେତୃତ୍ୱରେ ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ କଳା ଦିବସ ପାଳନ ପାଇଁ ବେତନଟୀର ଡାକ ବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ସେପ୍ଟେମ୍ବର ୬ରେ କୁଡୁମୀସେନା କିପରି ଦିଲ୍ଲୀର ଯନ୍ତରମନ୍ତରଠାରେ ଓ ଓଡିଶାର ସବୁ ଜିଲ୍ଲା ଓ ସଦରମହକୁମାରେ କଳା ଦିବସ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା ଏବଂ ଏହି ପରିପେକ୍ଷୀ ରେ ଆଗାମୀ ସେପ୍ଟେମ୍ବର ୨ରେ ରାଇରଙ୍ଗପୁର ଓ ସେପ୍ଟେମ୍ବର ୫ରେ ବାରିପଦାରେ ମସାଲ ସଭାଯାତ୍ରାର ଆୟୋଜନ ବିଷୟ ରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁଡୁମୀ ଛାତ୍ର ସେନାର ମାନୋଗୋବିନ୍ଦ ମହାନ୍ତ, ଦୀନବନ୍ଧୁ ମହାନ୍ତ , ଭୀଷ୍ମ ମହାନ୍ତ, ଚନ୍ଦନ ମହାନ୍ତ, ମୋନଜ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ଦେବବ୍ରତ ମହାନ୍ତ, ଖ୍ୟରୋଦ ମହାନ୍ତ, ଆକାଶ ମହାନ୍ତ, ଦୈତାରୀ ମହାନ୍ତ ଓ ଚନ୍ଦନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସମସ୍ତେ ଏହି ଆଗାମୀ ସେପ୍ଟେମ୍ବର ୬ କଳା ଦିବସକୁ ସୁଚାରୁ ରୂପରେ ପାଳନ କରିବା ପାଇଁ ପ୍ରତିଜ୍ଞା କରିଥିଲେ।

ଓଡିଶାରେ ବନ୍ଦହେବ ଗୁଟ୍‌ଖା ବ୍ୟବସାୟ
ସରକାରୀ ବିଜ୍ଞପ୍ତିକୁ କାଏମ ରଖିଲେ ହାଇକୋର୍ଟ

କଟକ (ବ୍ୟୁରୋ) : ରାଜ୍ୟରେ ଗୁଟ୍‌ଖା ବ୍ୟବସାୟ ଉପରେ ଲାଗିବ ପ୍ରତିବନ୍ଧକ। ଗୁଟ୍‌ଖା ବ୍ୟବସାୟ ନିଷେଧ ନେଇ ରାଜ୍ୟ ସରକାର ଗତ ଜାନୁଆରୀ ୨୧ ତାରିଖରେ ଜାରି କରିଥିବା ବିଜ୍ଞପ୍ତିକୁ କାଏମ ରଖିଛନ୍ତି ହାଇକୋର୍ଟ। ସରକାରୀ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ମାମଲାଗୁଡ଼ିକୁ କୋର୍ଟ ଖାରଜ କରିଛନ୍ତି।ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଆଇନସମ୍ମତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ଜନସ୍ୱାସ୍ଥ୍ୟର ସୁରକ୍ଷା କରିବା ରାଜ୍ୟର ମୌଳିକ କର୍ତ୍ତବ୍ୟ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ବ୍ୟବସାୟିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନର ଅଧିକାର ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ରାୟ ପରେ ରାଜ୍ୟରେ ଗୁଟ୍‌ଖା ବ୍ୟବସାୟ ଉପରେ ସରକାରଙ୍କ ପ୍ରତିବନ୍ଧକ ଆହୁରି ଦୃଢ଼ ହୋଇଛି।

ଗଞ୍ଜେଇଚାଷ ପାଇଁ ବିକ୍ରି କରିବାକୁ ରଖିଥିବା ୩୫ ଟନ୍ ଡିଏପି ସାର ଓ ଗୋଟିଏ ଟ୍ରକ୍ ଜବତ

ଫୁଲବାଣୀ (ଅମୃତ ମିଡିଆ) : ବିଶ୍ୱସନୀୟ ସୂଚନା ଆଧାରରେ ଚଢ଼ଉ କରାଯାଇ ବାଲିଗୁଡ଼ା ଥାନା ଅଞ୍ଚଳରୁ ବେଆଇନ ଗଞ୍ଜେଇ ଚାଷ ପାଇଁ ଉଦ୍ଦିଷ୍ଟ ୩୫ ଟନ୍ (୭୦୦ ବସ୍ତା) ଅନୁମୋଦନହୀନ ଅନ୍ ଅର୍ଥରାଇଜ୍ଡ ଡିଏପି ସାର ପୋଲିସ୍ ଦ୍ୱାରା ଜବତ କରାଯାଇଛି। ଏ ନେଇ ବାଲିଗୁଡ଼ା ଥାନାରେ ଏକ ମାମଲା ୨୧୯/୨୬) ରୁଜୁ କରାଯାଇଛି। ଏହି ମାମଲା ବିଏନ୍‌ଏସ୍ ର ଧାରା ୩୧୮(୪)/ ୩୦୩(୨) ଏବଂ ଇସିଏ (ରଉଇ) ଆଇନ୍, ୧୯୫୫ର ଧାରା ୭ ଅନୁଯାୟୀ ‘ମା’ ସାବିତ୍ରୀ ଆଗ୍ରୋ ଏଜେନ୍ସି’ର ମାଲିକ ଓ ଟ୍ରକ୍ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ତତ୍ ସହିତ OD-୦୭-ଜ-୫୨୫୩ ନମ୍ବର ବିଶିଷ୍ଟ ଟ୍ରକ୍‌ଟିକୁ ମଧ୍ୟ ଜବତ କରାଯାଇଛି। ଏହାର ପ୍ରକୃତ କାରଣ ଜାଣିବା ନିମନ୍ତେ ବାଲିଗୁଡ଼ା ଥାନା ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଜଗିଆରେ କନ୍ଧମାଳ ଏସ୍‌ପି ରମେନ୍ଦ୍ର ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସ୍ୱଭାବ କବି ଗଙ ାଧର ମେହେରଙ୍କ ଜୟନ୍ତୀ ପାଳିତ

ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) : ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସମଗ୍ର ଜୀବନ ନୀତି, ଆଦର୍ଶ, ମାନବିକତାରେ ଥିଲା ପର୍ଯ୍ୟବେଶିତ । ତାଙ୍କର ଜୀବନାଦର୍ଶ ପ୍ରତିଫଳିତ ହୋଇଥିଲା ତାଙ୍କ ରଚିତ କାବ୍ୟ କବିତାରେ । ତାଙ୍କର କବିତ୍ୱ ଓ ଜୀବନାଦର୍ଶ ପରସ୍ପର ପରିପୂରକ ଥିଲା ବୋଲି ଚୌଦ୍ୱାରରେ ଆୟୋଜିତ ଗଂଗାଧର ମେହେରଙ୍କ ଜୟନ୍ତୀରେ ମତ ପ୍ରକାଶ ପାଇଛି । ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ କଳିଙ୍ଗ ବିଦ୍ୟାପୀଠରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସାହିତ୍ୟିକ ଡ. ନିରଞ୍ଜନ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱଭାବ କବିଙ୍କୁ ଅମୃତର କବି ଭାବରେ ବର୍ଣ୍ଣନା କରିଥିଲେ । ସମ୍ମାନନୀୟ ଅତିଥି ଭାବରେ ଅତିଥି ଭାବରେ ପ୍ରଧାନଶିକ୍ଷକ ଜିତେନ

ସରକାର ଶିକ୍ଷାର କଣ୍ଠରୋଧ ନ କରି ସମସ୍ୟା ସମାଧାନରେ ସହାୟକ ହୁଅନ୍ତୁ : ସମନ୍ୱୟ ସମିତି

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପି.ଏମ୍.ଜି. ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ପନ୍ଦର ଦିନରେ ପହଞ୍ଚିଛି। ହଜାର ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ ପ୍ରଚଣ୍ଡ ଖରା ଓ ତୁହାକୁ ତୁହା ବର୍ଷାକୁ ସହ୍ୟ କରି ରାଜରାସ୍ତାରେ ଅହୋରାତ୍ର ଧାରଣାରେ ବସିଛନ୍ତି। ସରକାର ଶିକ୍ଷାର କଣ୍ଠରୋଧ ନ କରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଇ ସେମାନଙ୍କର ଅଧିକାର ଫେରାଇ ଦିଅନ୍ତୁ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସୂଚନାଥାଉ କି, ଶିକ୍ଷକ କର୍ମଚାରୀମାନେ ଦୀର୍ଘ ୧୫ ଦିନ ହେଲା ଦାବି ହାସଲ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧିମାର୍ଗରେ ଧାରଣାରେ ବସି ରହିଛନ୍ତି। ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କର ଦାବି ନ୍ୟାୟ ସଙ୍ଗତ ଓ ଯୁକ୍ତିଯୁକ୍ତ ହୋଇଥିଲେ କରୁଥିଲା ବେଳେ ଶିକ୍ଷକମାନଙ୍କ ପ୍ରତି ଅବିଚାର କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯୋଗ୍ୟ ବିବେଚିତ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷାକର୍ମଚାରୀ ଅନୁଦାନ ନପାଇ ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି ଓ ମୃତ୍ୟୁବରଣ କରୁଛନ୍ତି। ତେଣୁ ଅନୁଦାନରୁ ବାଦ୍ ପଡ଼ିଥିବା ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ଦେଇ ସେମାନଙ୍କ ମୁହଁରେ ହସ ଫୁଟାନ୍ତୁ। ୩୦ ବର୍ଷରୁ ଊର୍ଦ୍ଧ୍ୱକାଳ ଶିକ୍ଷାଦାନ କରିବା ପରେ ରିକ୍ତ ହସ୍ତରେ ଅବସର ନେଉଥିବା ସମସ୍ତ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀଙ୍କ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାନୁସାରେ ପେନ୍‌ସନ ବ୍ୟବସ୍ଥା ଓ ଚାକିରି ସର୍ତ୍ତାବଳୀ ଲାଗୁ କରାଯାଉ। ଶିକ୍ଷକ କର୍ମଚାରୀମାନଙ୍କର ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଅନୁଦାନ ପ୍ରତ୍ୟାସୀ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା, ୨୦୦୪ ମସିହା ଠାରୁ ଅଦ୍ୟାବଧି ଅବସର ନେଇଥିବା ଏବଂ ଆଗାମୀ ଦିନରେ ଅବସର ନେବାକୁ ଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା ଏବଂ ରାଜ୍ୟର ସମସ୍ତ ଅଣଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ସମାନ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଓ ଓଡ଼ିଶାରେ ଗୋଟିଏ ପ୍ରକାର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପରିଣତ କରି ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଇତ୍ୟାଦି। ଅହୋରାତ୍ର ଧାରଣାର ପଞ୍ଚଦଶ ଦିବସରେ ଆନ୍ଦୋଳନ ସ୍ଥଳରେ ପ୍ରାଥମିକ ଶିକ୍ଷକ ମହାସଂଘର ଆବାହକ ଶ୍ରୀଯୁକ୍ତ ଶ୍ରୀକାନ୍ତ ବାରିକ ଉପସ୍ଥିତ ରହି ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେବା ସହିତ ଏହି ଆନ୍ଦୋଳନ ପ୍ରତି ତାଙ୍କର ସଂଗଠନ ପକ୍ଷରୁ ସମର୍ଥନ ଜଣାଇଛନ୍ତି। ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଶିକ୍ଷକମାନଙ୍କର ସମସ୍ୟା ସମାଧାନର ପନ୍ଥା ନିର୍ଦ୍ଧାରଣ କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଲିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ଅଟଳ ବଳ, ପ୍ରିୟରଞ୍ଜନ ରଥ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଞ୍ଜରାଜ, ନବକୁମାର ପଣ୍ଡା, ଗଦାଧର ଶତପଥୀ, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି, ନଚେତ୍ ଏ ଆନ୍ଦୋଳନ ଆହୁରି ତୀବ୍ର ରୂପ ଧାରଣ କରିବା।

'ଅର୍ଘ୍ୟ' ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ-୨୦୨୬

କଟକ (ବ୍ୟୁରୋ) : ଲବଙ୍ଗଲତା କୃଷ୍ଣଚନ୍ଦ୍ର ସ୍ୱାଇଁ ମେମୋରିଆଲ ଟ୍ରଷ୍ଟ ମହାନଦୀ ବିହାର, କଟକ ଦ୍ୱାରା ପରିଚାଳିତ "ଅର୍ଘ୍ୟ"ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ କଳା ଅନୁଷ୍ଠାନର "ପ୍ରଥମ ବାର୍ଷିକ ଉତ୍ସବ-୨୦୨୬", ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁକୂଲ୍ୟରେ ମହାନଦୀ ବିହାର, କଟକ ସ୍ଥିତ ମହାନଦୀ ନିବାସ (ଜଗନ୍ନାଥ ମନ୍ଦିର ପରିସର)ରେ ଡା.୩୦ ୦୮ ୨୦୨୬ ରିଖ (ରବିବାର) ଦିବା ୯ ଘଟିକା ସମୟରେ ଲବଙ୍ଗଲତା କୃଷ୍ଣଚନ୍ଦ୍ର ସ୍ୱାଇଁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ଲବଙ୍ଗଲତା ବିଶୋଇଙ୍କ ସଭାପତିତ୍ୱରେ ମହା ସମାରୋହରେ ଅନୁଷ୍ଠିତ ହେଇଯାଇଛି। ଏହି ଶୁଭ ସମାବେଶରେ ମୁଖ୍ୟଅତିଥି ଭାବେ ମାନ୍ୟବର ପୂର୍ବତନ ବିଧାୟକ, ଚୈଦ୍ୱାର କଟକ ଡକ୍ଟର ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ କଳା ଓ ସଂସ୍କୃତର ବିକାଶରେ ରାଜ୍ୟର ବିକାଶ ହେଇ ପାରିବ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଅଶ୍ୱିନୀ ସେଠୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଦିତ୍ୟ ପ୍ରତାପ ଧଳ, ବରେଣ୍ୟ ଅତିଥି ପ୍ରଫେସର ହୃଦାନନ୍ଦ ସ୍ୱାଇଁ, ସମ୍ବର୍ଦ୍ଧିତ ଅତିଥି ପ୍ରଫେସର ଡାକ୍ତର ନୀଳମାଧମ ରଥ, ବିଶିଷ୍ଟ ଚିକିତ୍ସକ, ଶ୍ରୀମତୀ ବନଲତା ସିଂହ, କବୟିତ୍ରୀ, ସମାଜସେବୀ ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ ଯୋଗଦାନ କରିଥିଲେ। ଏହି ଅବସରରେ କୁନି କୁନି କଳକାରମାନଙ୍କୁ ମାନ୍ୟବର ପୂର୍ବତନ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଡକ୍ଟର ତ୍ରିଲୋଚନ ଜେନା ମଂଚ ସଂଯୋଜନା କରିଥିଲେ ଓ ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ ମିଶନ୍-ମୋଡ୍ କାର୍ଯ୍ୟକାରୀ କରାଯିବ

ଭୁବନେଶ୍ୱର (ବ୍ୟୁରୋ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁଷ୍ଟି ମିଶନ (ଓପିଏମ)ର କାର୍ଯ୍ୟାନ୍ୱୟନ ଓ ରଣନୀତି ସମ୍ପର୍କରେ ଏକ ବୈଠକ ଲୋକସେବା ଭବନସ୍ଥିତ ସଂଜ୍ଞିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗତକାଲି ଶନିବାର ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବ ରାଜ୍ୟରେ ପୁଷ୍ଟିହୀନତାକୁ ଦୂର କରିବା, ଡିଜିଟାଲ ନିରୀକ୍ଷଣ ବଳରେ ସେବା ପ୍ରଦାନକୁ ସୁଦୃଢ଼ କରିବା ସହ ସମୃଦ୍ଧ ଅଙ୍ଗନବାଡ଼ି ଯୋଜନାରେ ଅସମ୍ପୂର୍ଣ୍ଣ କୋଠାର ନିର୍ମାଣ କାର୍ଯ୍ୟ ଶେଷ କରିବା, ଆବଶ୍ୟକ ଥିବା ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ପିଲାମାନଙ୍କ ପାଇଁ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଡଃ. ମୃଣାଳିନୀ ଦର୍ଘଓ୍ୱାଲ, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସମେତ ମହିଳା ଓ ଶିଶୁବିକାଶ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ରାଜ୍ୟରେ ମାତୃ ଓ ଶିଶୁ ପୁଷ୍ଟିର ସ୍ଥିତିରେ ଉନ୍ନତି ଆଣିବା ସହ ପୁଷ୍ଟିହୀନତା ଦୂରୀକରଣ ପାଇଁ ମିଶନ୍-ମୋଡ୍‌ରେ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ଓଡ଼ିଶା ପୁଷ୍ଟି ମିଶନ'କୁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ମିଶନ୍-ମୋଡ୍ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ କରିବା ସହ ଅଧିକ ପୌଷ୍ଟିକ ଅଭାବ ରହୁଥିବା ଚିହ୍ନଟ ୧୮ଟି ଜିଲ୍ଲାରେ ଏହାକୁ ବିଶେଷ ଭାବେ କାର୍ଯ୍ୟକାରୀ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ଏହି ସବୁ ଜିଲ୍ଲାରେ ପ୍ରାଥମିକତା ଦିଆଯାଇଥିବା ୧୦୦ଟି ଆଇସିଡିଏସ୍ ପ୍ରକଳ୍ପ ଅନ୍ତର୍ଗତ ୨୨,୭୦୭ ଅଙ୍ଗନବାଡ଼ି କେନ୍ଦ୍ର, ପୁଷ୍ଟି ସୂଚକାଙ୍କ ଆଧାରରେ ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ କରୁଥିବା ଚିହ୍ନଟ ୨୨୨ ଟି ଅଙ୍ଗନୱାଡି କେନ୍ଦ୍ର ଏବଂ ମାଓ ପ୍ରଭାବିତ ଅଞ୍ଚଳରେ ଆସୁଥିବା ୧୫୯ ଟି 'ଗ୍ରାମୋଦୟ' ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମିଶାଇ ମୋଟ ୨୩,୦୮୮ ଟି ଅଙ୍ଗନୱାଡି କେନ୍ଦ୍ରକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଚିହ୍ନଟ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ଅନ୍ତର୍ଭୁକ୍ତ ରହିଛନ୍ତି। ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଚିହ୍ନଟ କରାଯାଇଛି। ଏଥି ସହିତ ନୀତି ଆୟୋଗଙ୍କ ଦ୍ୱାରା ଚିହ୍ନଟ ୯ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ପୁଷ୍ଟିହୀନତାର ଶୀଘ୍ର ଚିହ୍ନଟ ଓ ଉପଯୁକ୍ତ ହସ୍ତକ୍ଷେପ ପାଇଁ ମିଶନରେ ୯ଟି ରଣନୀତିକ ସ୍ତମ୍ଭ- ଶୀଘ୍ର ଚିହ୍ନଟ, ସହାୟତା, ଶିକ୍ଷା, ପୁଷ୍ଟିବର୍ଦ୍ଧନ, ପୁଷ୍ଟିକର ଖାଦ୍ୟ, ବ୍ୟବହାରିକ ସଚେତନତା, ବିଶ୍ଳେଷଣ, ମୂଲ୍ୟାଙ୍କନ ଓ ଉନ୍ନତି ଉପରେ ଗୁରୁତ୍ୱ ଦିଆଯିବ। ପୋଷଣ ଟ୍ରାକର ମାଧ୍ୟମରେ ଶିଶୁଙ୍କ ପୁଷ୍ଟି ସ୍ଥିତିର ନିୟମିତ ଚିହ୍ନଟ, ଡିଜିଟାଲ ଓ ତଥ୍ୟ ଭିତ୍ତିକ ନିରୀକ୍ଷଣକୁ ସୁଦୃଢ଼ କରାଯିବ। ଶିଶୁର ଜୀବନର ପ୍ରଥମ ୧,୦୦୦ ଦିନ, କମ୍ ଓଜନର ନବଜାତକ ଏବଂ ଶିଶୁଙ୍କ ପୁଷ୍ଟି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ଭୁବନେଶ୍ୱରରେ ଧର୍ମରକ୍ଷା ଦିବସ–୨୦୨୬ ପାଳିତ

ଭୁବନେଶ୍ୱର (ବ୍ୟୁରୋ) : ପୂଜ୍ୟ ରାଷ୍ଟ୍ରସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ସ୍ମୃତି ଅବସରରେ 'ଧର୍ମ ରକ୍ଷା ଦିବସ–୨୦୨୬' ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶ୍ରଦ୍ଧା ଓ ଗମ୍ଭୀରତାର ସହ ପାଳିତ ହୋଇଯାଇଛି। ଧର୍ମ ଜାଗରଣ ସମନ୍ୱୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଏହି ସ୍ମୃତି ସମାରୋହରେ ପୂଜ୍ୟ ରାଷ୍ଟ୍ରସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଧର୍ମ, ସଂସ୍କୃତି, ଶିକ୍ଷା ଓ ଜନଜାତି ସମାଜର କଲ୍ୟାଣ ପାଇଁ ଥିବା ଅବଦାନ ଓ ତାଙ୍କର ବଳିଦାନକୁ ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନିଗମ କଚ୍ଛରୁ ଆଶ୍ରମ, ଭୁବନେଶ୍ୱରର ପୂଜ୍ୟ ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଏବଂ ସିଦ୍ଧିଗିରି ଆଶ୍ରମ, ଗୋବିନ୍ଦପୁର, କଟକର ପୂଜ୍ୟ ସନ୍ଥ ଶ୍ରୀ ବାବାଜୀ ବିଶ୍ୱନାଥ ଦାସ ପ୍ରମୁଖ ଭାବେ ଉପସ୍ଥିତ ଥିଲେ। ଚକାପାଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସଭାପତି ଚୌଧୁରୀ ବିଭୂତିଭୂଷଣ ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବକ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମହାରାଜଙ୍କ ଜୀବନ, ଆଦର୍ଶ, ସେବା ଓ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ନିଜ ଜୀବନକୁ ଧର୍ମ, ସଂସ୍କୃତି, ଶିକ୍ଷା ଏବଂ ସମାଜସେବା ପାଇଁ ସମର୍ପିତ କରିଥିଲେ। ବିଶେଷକରି ଜନଜାତି ସମାଜର ଶିକ୍ଷା, ସାମାଜିକ ଉନ୍ନତି ଓ ସଚେତନତା ପାଇଁ ତାଙ୍କର ଅବଦାନ ସ୍ମରଣୀୟ ବୋଲି ମତ ପ୍ରକାଶ ପାଇଥିଲା। ଧର୍ମ ରକ୍ଷା ଦିବସ ପାଳନର ଉଦ୍ଦେଶ୍ୟ ହେଉଛି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଦର୍ଶ ଓ ସେବାମୟ ଜୀବନକୁ ସ୍ମରଣ କରିବା ସହିତ ଧର୍ମ, ସଂସ୍କୃତି, ନୈତିକତା, ସାମାଜିକ ଏକତା ଏବଂ ଜନଜାଗରଣର ବାର୍ତ୍ତାକୁ ସମାଜରେ ପହଞ୍ଚାଇବା। ଶେଷରେ ଆୟୋଜକମାନଙ୍କ ପକ୍ଷରୁ ସମସ୍ତ ଅତିଥି, ସନ୍ଥ, କାର୍ଯ୍ୟକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ଏବଂ ଉପସ୍ଥିତ ସମସ୍ତ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

'ଫିର୍ ଭି ଦିଲ୍ ହୈ ହିନ୍ଦୁସ୍ତାନୀ' ସାହସୀ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର (ବ୍ୟୁରୋ) : ଏମ.ଡି କ୍ରିଏସନ୍ସ ଆଣ୍ଡ ଗ୍ରୁପ୍ ପକ୍ଷରୁ ୩୦ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ 'ଫିର୍ ଭି ଦିଲ୍ ହୈ ହିନ୍ଦୁସ୍ତାନୀ– ସୁରମଇ ଶାମ୍ ବୀର ଶହୀଦୋଁ କୋ ପ୍ରଣାମ' ଶୀର୍ଷକରେ ଏକ ସ୍ୱତନ୍ତ୍ର ଦେଶଭକ୍ତିମୟ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦେଶର ସେବା କରିଥିବା ସାହସୀ ସୈନିକ ଓ ସହିଦମାନଙ୍କ ବୀରତ୍ୱ ଏବଂ ସର୍ବୋଚ୍ଚ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଭାବେ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ ସହିତ ଏକ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଏହି ଅବସରରେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଏମ.ଡି କ୍ରିଏସନ୍ସ ଆଣ୍ଡ ଗ୍ରୁପ୍ ଦ୍ୱାରା ଏହି ଦେଶର ସେବା କରିଥିବା ସାହସୀ ସୈନିକ ଓ ସହିଦମାନଙ୍କ ବୀରତ୍ୱ ଏବଂ ସର୍ବୋଚ୍ଚ ବଳିଦାନ ପ୍ରତି ଶ୍ରଦ୍ଧାଞ୍ଜଳି ଭାବେ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଉଚ୍ଚକୋଟିର ପଦକ୍ଷେପ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର; କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ପୂଧାଂଶୁ ସିଂହ; ସୀମା ସୁରକ୍ଷା ବାହିନୀର ଦିବାକର କୁମାର; ସନ ସାଇନ ହସ୍ପିଟାଲର ସିଇଓ ଡକ୍ଟର ତାନସେନ୍ ସାମଙ୍ଗେଲ ଏବଂ ପ୍ଲେବ୍ୟାକ୍ ସିଙ୍ଗର ସୁଶ୍ରୀ ଶୈଳଭାମା ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ ମୁଖ୍ୟ ଅତିଥି କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ଅବସରପ୍ରାପ୍ତ ଓ.ଏ. ସୁବ୍ରତ ମିଶ୍ରଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହିଦ ସଞ୍ଜୟ କୁମାର ରଥ, ସହିଦ ସନ୍ତୋଷ କୁମାର ଜେନା, ସହିଦ ମନୋଜ କୁମାର ବେହେରା ଏବଂ ସହିଦ ଦୟାନିଧି ବେହେରାଙ୍କ ସମେତ ଅନ୍ୟ ସହିଦମାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ବ୍ୟକ୍ତିଗତ ଏବଂ ଯୁଗଳବନ୍ଦୀ ପ୍ରଦର୍ଶନ ମାଧ୍ୟମରେ ବିଭିନ୍ନ ଲୋକପ୍ରିୟ ଗୀତ ପରିବେଷଣ କରାଯାଇଥିଲା। ଯେଉଁଥିରେ ମନୋରଞ୍ଜନଙ୍କ ଦ୍ୱାରା ଓ୍ୱାତନ ପେ ଜୋ ଫିଦା ହୋଗା, ସବ୍ୟସାଚୀଙ୍କ ଦ୍ୱାରା ହର କରମ ଅପନା କରୋଙ୍ଗେ, ବିଷ୍ଣୁ ଏବଂ ମମତାଙ୍କ ଦ୍ୱାରା ମୌସୁମୀ ଲେକର ହମ୍ ଦିୱାନା ଦିଲ, କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ସଙ୍ଗୀତ ପରିବେଷଣ, ଏକ ଉଚ୍ଚତର ଟିମ୍ ଶୋ ଏହାସହିତ କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ଅନେକ ପ୍ରିୟ ହିନ୍ଦୀ ଗୀତ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ମନୋରଞ୍ଜନଙ୍କ ଦ୍ୱାରା ପ୍ୟାରିସରେ ସନ୍ଧ୍ୟା, ମନୋଜଙ୍କ ଦ୍ୱାରା କସମେ

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଜବ ବ୍ୟବସ୍ଥା
ରୋଗଠୁ ବଳିଗଲାଣି ରୋଗୀଙ୍କ ଖାଦ୍ୟ ଯନ୍ତ୍ରଣା

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗଠୁ ବଳିଗଲାଣି ରୋଗୀଙ୍କ ଖାଦ୍ୟ ଯନ୍ତ୍ରଣା। ଏଠି ଚିକିତ୍ସିତ ହେଉଥିବା ରୋଗୀଙ୍କ ପାଖକୁ ଖାଦ୍ୟ ଯାଉନି। ଖାଦ୍ୟ ଯୋଗାଉଥିବା ସଂସ୍ଥା ପାଖକୁ ଯାଇ ଆଟେଣ୍ଡାଣ୍ଟମାନଙ୍କୁ ଖାଦ୍ୟ ଆଣିବାକୁ ପଡୁଛି। ଏଥିପାଇଁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏମିତିକି ଖାଦ୍ୟ ପାଇଁ ଥାଳିକୁ ଲମ୍ବା ଧାଡ଼ିରେ ରଖିଦେଇ ଗୋଡ଼ଭାଙ୍ଗି ଛିଡ଼ା ହେବାକୁ ପଡୁଛି। ଜଳଖିଆ, ମଧ୍ୟାହ୍ନଭୋଜନ ଓ ରାତି ଭୋଜନକୁ ମିଶାଇ ତିନି ବେଳା ଖାଦ୍ୟ ପାଇଁ ଦୈନିକ ରୋଗୀଙ୍କ ଆଟେଣ୍ଡାଣ୍ଟମାନଙ୍କୁ ଏମିତି କସରତ କରିବାକୁ ପଡୁଛି। ଖାଦ୍ୟ ଯୋଗାଣ ଦାୟିତ୍ୱ ନେଇଥିବା ଏସ୍.ଏଚ୍.ଜି ମହାସଘ ବଳଦେବଜିଉ ଜିଲ୍ଲାସ୍ତରୀୟ ଫେଡେରେସନ୍ ବହୁବର୍ଷ ଧରି ଚଳାଇ ଆସିଥିବା ମନମାନି ଆଗରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ନିରବ ରହିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିୟମ କହୁଛି, ହସ୍ପିଟାଲରେ ରୋଗୀଙ୍କ ପାଖରେ ଖାଦ୍ୟ ପହଞ୍ଚାଇ ଦିଆଯିବ। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ୍‌ରେ ଖାଦ୍ୟ ଦାୟିତ୍ୱ ନେଇଥିବା ବଳଦେବଜିଉ ସମ୍ପ୍ରସ୍ଥା ଏହି ନିୟମକୁ ମାନୁନାହିଁ। ରୋଗୀଙ୍କ ପାଖକୁ ଯାଇ ଖାଦ୍ୟ ଦେବା ତ ଦୂରର କଥା, କୌଣସି ୱାର୍ଡକୁ ବି ଯାଉନାହିଁ। ତୃତୀୟ ମହଲାର ଗୋଟିଏ ଜାଗାରେ ରହି ରୋଗୀଙ୍କୁ ସେଠାକୁ ଯାଇ ଖାଦ୍ୟ ନେବାକୁ ବାଧ୍ୟ କରାଯାଉଛି। ଏହାଦ୍ୱାରା ଦ୍ୱିତୀୟ ଓ ଚତୁର୍ଥ ମହଲାରେ ଚିକିତ୍ସିତ ହେଉଥିବା ରୋଗୀ ତଥା ସେମାନଙ୍କ ଆଟେଣ୍ଡାଣ୍ଟ ସବୁଠୁ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାତରେ ଥାଳି ଧରି ତୃତୀୟ ମହଲାକୁ ଆସିବାକୁ ପଡୁଛି। ଠେଲା ଗାଡ଼ିରେ ଖାଦ୍ୟ ଆସିବା ପୂର୍ବରୁ ଥାଳିଆ ଓ ଗିନାକୁ ଧାଡ଼ିରେ ରଖି ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ବଡ଼ କଥା ହେଉଛି, ଦୈନିକ ତିନିବେଳା ରୋଗୀଙ୍କ ଖାଦ୍ୟ ପାଇଁ ତିନି ମହଲା ଚଢ଼ିବାକୁ ପଡୁଛି। ଏମିତିରେ ରୋଗୀଙ୍କୁ ପାଣିଆ ଡାଲି ସହ ସ୍ୱାଦହୀନ ତରକାରୀ ଦିଆଯାଉଥିବା ଅଭିଯୋଗ ବାରମ୍ବାର ହୋଇଆସୁଛି। ମେନୁ ମୁତାବକ ଖାଦ୍ୟ ମିଳୁନାହିଁ। ବିଭାଗର ଅତିରିକ୍ତ ସଚିବ ଜୁନ୍ ୧ତାରିଖରେ ଜିଲ୍ଲା ହସ୍ପିଟାଲ୍‌କୁ ଏ ସମ୍ପର୍କାନ୍ତରେ ରିପୋର୍ଟ ମାଗିଥିଲେ। ଏହାସତ୍ତ୍ୱେ ବି କୌଣସି ସୁଧାର ନ ଆସିବା ସମ୍ପୃକ୍ତ ସ୍ୱାସ୍ଥ୍ୟର ମନମାନି ସହିତ ବିଭାଗୀୟ ଉଦାସୀନତାକୁ ପଦାରେ ପକାଇଛି।

ଲଗାଣ ବର୍ଷା, 'ବିପଦସ୍ତର' ନିକଟରେ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳ

ନବରଙ୍ଗପୁର(ଅମୃତ ମିଡିଆ): ଗତ କିଛି ଦିନ ହେବ ଲାଗି ରହିଥିବା ଲଗାଣ ବର୍ଷା ଫଳରେ ଅବିଭକ୍ତ କୋରାପୁଟ ଜିଲ୍ଲାର ନଦୀ ନାଳରେ ପାଣି ଭରି ହୋଇଯାଇଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ସମ୍ପୂର୍ଣ୍ଣ ଜଳଭଣ୍ଡାରର କ୍ଷମତା ୬୪୨ମିଟର। ତେବେ ବିପଦସଂକୁଳ ଠାରୁ ୨.୬୪ମିଟର କମ୍ ୬୩୯.୩୬୦ମିଟରରେ ପାଣି ପହଞ୍ଚିଛି। ସମ୍ଭାବ୍ୟ ବନ୍ୟା ଆଶଙ୍କାରେ ବନ୍ଧର ତଳମୁଣ୍ଡର ବାସିନ୍ଦା ଚିନ୍ତାରେ ଅଛନ୍ତି। ମିଳିଥିବା ତଥ୍ୟାନୁସାରେ, ଗତ ବର୍ଷ ଆଜିର ଦିନ ଇନ୍ଦ୍ରାବତୀ ଜଳ ଭଣ୍ଡାର ମଧ୍ୟରେ ୬୩୬.୭୧୦ ମିଟର ଜଳ ଗଚ୍ଛିତ ରହିଥିଲା। ଗତ କିଛି ମାସ ମଧ୍ୟରେ ବାରମ୍ବାର ଲଘୁଚାପ ବର୍ଷା ଓ ଲଗାଣବର୍ଷା ସହ ଉପରମୁଣ୍ଡର ପ୍ରଭାବରେ ୨.୬୫ମିଟରର ଜଳସ୍ତର ବଢ଼ିଛି। ଆଜି(ରବିବାର) ସକାଳୁ ଜଳଭଣ୍ଡାରରେ ୧୧୬୭୫ହେକ୍ଟ ମିଟର ୮୮.୫୪ ପ୍ରତିଶତ ଜଳ ଗଚ୍ଛିତ ରହିଛି। ଗତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ କମ୍ ପରିମାଣରେ ଜଳ ଗଚ୍ଛିତ ହୋଇଥିଲା। ଫଳରେ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଏହାର ପ୍ରଭାବ ପଡିଥିଲା। ତେବେ ଗତ ୩ମାସରେ ବୃଷ୍ଟିପାତ ବଢ଼ିବା ସହ ଉପରମୁଣ୍ଡ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକର ଖାଡିଗୁଡା, ରାୟଗଡ଼ା ଜିଲ୍ଲାର କାଶୀପୁର, ଚିକିରୀ, କେ.ରା.ପୁଟ ଜିଲ୍ଲାର ଦଶମନ୍ତପୁର, ?ବୋରିଗୁମ୍ମା ବ୍ଲକର କାଠରଗୁଡା, କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ଆଦି ଅଂଚଳରେ ବର୍ଷା ?ହେବା ଫଳରେ ଜଳଭଣ୍ଡାରର ସ୍ଥିତି ସୁଧିରିଛି। ମୁଖିଗୁଡାସ୍ଥିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରେ ଥିବା ୧୫୦ କ୍ଷମତା ସମ୍ପନ୍ନ ବିଶିଷ୍ଟ ଏଥିରୁ ୯୧.୧୪୫ କ୍ୟୁମେକ୍ସ ଉଦବୃତ୍ତ ଜଳ ହାତୀ ବ୍ୟାରେଜରେ ଗଚ୍ଛିତ ହେବାପରେ

ତେଲନଦୀ ଏବଂ ଏହାପରେ ମହାନଦୀରେ ମିଶୁଛି। ଇନ୍ଦ୍ରାବତୀ ସ୍ଲୁଇସ ଗେଟ ଦେଇ ପ୍ରତି ସେକେଣ୍ଡ ରେ ୫.୧୫ ଜଳ ନିଷ୍କାସିତ ହେଉଥିବା ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରକାଶ । ତେବେ ଆଜି କିମ୍ବା ଆସନ୍ତା କିଛି ଦିନ ଧରି ପ୍ରବଳ ବର୍ଷା ଲାଗି ରହିବା ସହ ୬୪୦ମିଟରରେ ପହଚିଁଲେ ନବରଙ୍ଗପୁର, କୋରାପୁଟ, କଳାହାଣ୍ଡି ଓ ଛତିଶଗଡର ଜଗଦଲପୁର(ବସ୍ତର) ଜିଲ୍ଲାର ଜିଲ୍ଲାପାଳ, ବାରିଣୀପୁଟରେ ଥିବା ମୁଖ୍ୟଯନ୍ତ୍ରୀ ଆଦିଙ୍କୁ ନେଇ ବୈଠକ କରି ପାଣି କେବେ ଛଡାଯିବ ସେ ନେଇ ଘୋଷଣା ହେବେ ବାଲି କହିଛନ୍ତି ଙ୍କ ପଟ୍ଟନାୟକ। ନଦୀବନ୍ଧରେ ବହୁଥିବା ଜଳକୁ ନେଇ ଜିଲ୍ଲାର ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର ଓ କୋଷାଗୁମୁଡା ବ୍ଲକର ୧୦୦କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଲୋକ ଆଶଙ୍କାରେ ଅଛନ୍ତି। ପାଣି ଛାଡିଲେ ଜମିକୁ ମାଡିବା ସମ୍ଭାବନା ରହିଛି ବୋଲି କହିଛନ୍ତି ଚାଷୀ ।

ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥଙ୍କ ନବାନ୍ନ ଲାଗି ଲଗ୍ନ ଧାର୍ଯ୍ୟ

ପଦ୍ମପୁର(ଅମୃତ ମିଡିଆ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଧାର୍ଯ୍ୟ ହେଲା ଶୁଭ ଲଗ୍ନ । ପଦ୍ମପୁର ଉପଖଣ୍ଡ ପାଇକମାଲ ସ୍ଥିତ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ନବାନ୍ନ ଲାଗି ଲଗ୍ନ ଧାର୍ଯ୍ୟ କରାଯାଇଛି । ଆସନ୍ତା ସେପ୍ଟେମ୍ବର ୧୫ ତାରିଖ, ମଙ୍ଗଳବାର ଦିନ ଦିବା ୧୦ଟା ୧୧ ମିନିଟ୍ ୧୬ ସେକେଣ୍ଡରୁ ୧୨ଟା ୨୬ ମିନିଟ୍ ୧୮ ସେକେଣ୍ଡ ମଧ୍ୟରେ ମହାପ୍ରଭୁଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରାଯିବ । ଧାର୍ଯ୍ୟ ଲଗ୍ନ ଅନୁଯାୟୀ ନୃସିଂହନାଥ ମହାପ୍ରଭୁଙ୍କ ନିକଟରେ ଯଥାରୀତି ନୀତିକାନ୍ତି ସମ୍ପନ୍ନ ହେବା ପରେ ନବାନ୍ନ ଭୋଗ ଲାଗିବ । ଏହାପରେ ପଶ୍ଚିମ ଓଡ଼ିଶାର ଲୋକେ ନୂଆଖାଇ ପର୍ବ ପାଳନ କରିବେ । ନୂଆଖାଇ ଲଗ୍ନ ଧାର୍ଯ୍ୟ ସମୟରେ ନୃସିଂହନାଥ ପୀଠର ସମସ୍ତ ପୂଜକ ଏବଂ କୁଳ ପୁରୋହିତ ଉପସ୍ଥିତ ଥିଲେ । ସେମାନଙ୍କ ଉପସ୍ଥିତିରେ ନୂଆଖାଇର ଶୁଭ ଲଗ୍ନ ଧାର୍ଯ୍ୟ କରାଯାଇଛି । ମନ୍ଦିର ବୋର୍ଡ ପକ୍ଷରୁ ଧାର୍ଯ୍ୟ ଲଗ୍ନ ଅନୁସାରେ ପଶ୍ଚିମାଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ପାଳନ କରିବାକୁ ନୃସିଂହନାଥ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତମ ପ୍ରଧାନ ଅନୁରୋଧ କରିଛନ୍ତି । ପଶ୍ଚିମ ଓଡ଼ିଶାର ଏହି ଗଣପର୍ବକୁ ନେଇ ଏବେଠାରୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।

ଅନୁଗୋଳରେ ସ୍କ୍ରବ୍ ଟାଇଫସ୍ ଆତଙ୍କ, ପାଳଲହଡ଼ାରେ ପହଞ୍ଚିଲା ଡାକ୍ତରୀ ଟିମ୍

ଅନୁଗୋଳ(ଅମୃତ ମିଡିଆ): ଅନୁଗୋଳ ଜିଲ୍ଲା ପାଳଲହଡ଼ାରେ ଚିନ୍ତା ବଢ଼ାଉଛି ସ୍କ୍ରବ୍ ଟାଇଫସ୍। କେବଳ ପାଳଲହଡ଼ା କାହିଁକି ଅନ୍ୟ ସ୍ଥାନରୁ ମଧ୍ୟ ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଲିସା ଟେଷ୍ଟରେ ରୋଗୀଙ୍କୁ ଚିହ୍ନଟ କରାଯାଉଛି। ତେବେ, ଅନୁଗୋଳ ଜିଲ୍ଲାରୁ ଗତ ବର୍ଷ ଅଗଷ୍ଟ ମାସରେ ପ୍ରାୟ ୫୦ରୁ ଅଧିକ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହୋଇଥିଲେ। ତା'ମଧ୍ୟରେ ପାଳଲହଡ଼ା ଓ ତାଳଚେର ଅଞ୍ଚଳରୁ ଅଧିକାଂଶ ରୋଗୀ ଥିବା ଜଣାପଡ଼ିଥିଲା। ଚଳିତବର୍ଷ ପାଳଲହଡ଼ା ବ୍ଲକ୍ ପବିତ୍ରପୁର ଗାଁର ଜଣେ ଯୁବକଙ୍କ ସ୍କ୍ରବ୍ ଟାଇଫସ୍ ରୋଗରେ ଜୀବନ ଯାଇଥିବା ଜଣାପଡ଼ିଛି। ଘଟଣା ପରେ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଆଜି ସେହି ଅଞ୍ଚଳକୁ ଯାଇଥିବା ଜଣାପଡ଼ିଛି। ସୂଚନା

ମୁତାବକ, ଅନୁଗୋଳ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ରୋଗରେ ଗତବର୍ଷ ବହୁଲୋକ ପୀଡ଼ିତ ହୋଇ ଚିକିତ୍ସିତ ହୋଇଥିଲେ। ଚଳିତବର୍ଷ ପାଳଲହଡ଼ା ପବିତ୍ରପୁର ପଞ୍ଚାୟତ ସାନବାଗଦରି ଗାଁର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗାଁର ସୁମନ୍ତ ସେଠା(୩୦)ଙ୍କୁ ୮ ଦିନ ପୂର୍ବରୁ ବିଷାକ୍ତ କୀଟ କାମୁଡ଼ି ଦେଇଥିଲା। ତାଙ୍କୁ ଜ୍ୱର ହେବାରୁ ପାଳଲହଡ଼ା, ଦେବଗଡ଼ରେ ଚିକିତ୍ସା ପରେ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା। ବୁର୍ଲାରେ ସ୍କ୍ରବ୍ ଟାଇଫସ୍‌ରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ସେପଟେ ଗାଁର ଅନ୍ୟ ୪ ଜଣ ଏହି ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ସୁଦ୍ଧା ୭ ଜଣ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଖବର ମିଳିବା ପରେ ଅନୁଗୋଳର ଜିଲ୍ଲା ସ୍ତରରୁ ଏପିଡେମିଓଲୋଜିଷ୍ଟ ଓ ଡିପିଏଚ୍ଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଆଜି ସେଠାକୁ ଯାଇଛନ୍ତି। ଏହା ସହିତ ମେଡିକାଲ୍ କଲେଜର ୪ଜଣିଆ ଟିମ୍ ମଧ୍ୟ ପ୍ରଭାବିତ ଗ୍ରାମ ଓ ଆଖପାଖ ଅଞ୍ଚଳରେ ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ଉକ୍ତ ରୋଗୀଙ୍କର ସ୍କ୍ରବ୍ ଟାଇଫସ୍ ରିପୋର୍ଟ ପଜିଟିଭ୍ ଆସିଥିଲେ ମଧ୍ୟ ସେ ପୂର୍ବରୁ ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ଥିଲେ ବୋଲି ଅନୁଗୋଳ ସିଡିଏମ୍ଓ ଡାକ୍ତର ମଦନମୋହନ ପ୍ରଧାନ କହିଛନ୍ତି। ତାଙ୍କର କ୍ରିଏଟିନିନ୍ ସ୍ତର ପ୍ରାୟ ୫ରୁ ଅଧିକ ଏବଂ ୟୁରିଆ ସ୍ତର ପ୍ରାୟ ୧୫୫ ଥିଲା, ଯାହାକି କିଡ୍‌ନି ରୋଗକୁ ଦର୍ଶାଉଛି। ତେଣୁ, କେବଳ ସ୍କ୍ରବ୍ ଟାଇଫସ୍ ଯୋଗୁ ତାଙ୍କ ମୃତ୍ୟୁ ହୋଇଛି କି ନାହିଁ ତାହାର ତଦନ୍ତ ହେବ। ସେହି ଅଞ୍ଚଳରେ ୧୫ ଦିନ ପର୍ଯ୍ୟନ୍ତ ନିରୀକ୍ଷଣ ଜାରି ରହିବ ବୋଲି କୁହାଯାଇଛି। ସିଡିଏମ୍ଓ କହିଛନ୍ତି ଯେ, ଆକ୍ରାନ୍ତ ହେଲେ ପ୍ରବଳ ଜ୍ୱର, ମୁଣ୍ଡବିନ୍ଧା ଏବଂ ଶରୀର ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଦିଏ। ଠିକ୍ ସମୟରେ ଡକ୍ସିସାଇକ୍ଲିନ୍ ବା ଆଜିଥ୍ରୋମାଇସିନ୍ ଭଳି ସାଧାରଣ ଆଣ୍ଟିବାୟୋଟିକ୍ ବଟିକା ସେବନ ଦ୍ୱାରା ଏହା ସହଜରେ ଭଲ ହୋଇପାରିବ। ଅନ୍ୟପକ୍ଷରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରୋଗୀ ଚିହ୍ନଟ ହେବା ସହ ଚିକିତ୍ସା ହୋଇ ଭଲ ହୋଇଛନ୍ତି। ରୋଗ ବାଣ୍ଟୁଥିବା କୀଟ ଜଙ୍ଗଲର ବୁଦା ଓ ଚାଷ ଜମି ନିକଟରେ ରହୁଛନ୍ତି। ମାଇଟ୍ କୀଟର ଛୁଆ ଚିଗର୍ସ ଲୋକଙ୍କୁ କାମୁଡ଼ିବା ଫଳରେ ସ୍କ୍ରବ୍ ଟଇଫସ୍ ହେଉଛି ବୋଲି ସେ କହିଛନ୍ତି।

ଖରିଫ ଧାନ ପଞ୍ଜୀକରଣ ପାଇଁ ରାତିରେ ଲ୍ୟାମ୍ପ୍‌ସରେ ଭିଡ଼

ନବରଙ୍ଗପୁର(ଅମୃତ ମିଡିଆ): ଖରିଫ ଧାନ ମଣ୍ଡି ୨୦୨୬-୨୭ ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଅବଧି ୩୧ ତାରିଖ ରାତି ୧୨ଟାରେ ଶେଷ ହେବ। ସରକାର ସବୁ ଡିଇଓଙ୍କ ଛୁଟି ବାତିଲ କରିବା ସହ ଚାଷୀମାନେ ଲ୍ୟାମ୍ପସ୍ ଆଦିରେ ପଞ୍ଜୀକରଣ ପାଇଁ ଯେତେ ସମୟ ରହିବେ ସେତେ ସମୟ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଖାଇବା ଛୁଟିକୁ ମଧ୍ୟ ବାତିଲ କରିଛନ୍ତି। ଫଳରେ ଦିନ ରାତି ପଞ୍ଜୀକରଣ ଚାଲିଛି। ଶନିବାର ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଚାଷୀମାନେ

ବିଭିନ୍ନ ଲ୍ୟାମ୍ପସରେ ଖାଇବା ପିଇବା ଛାଡ଼ି ପଞ୍ଜୀକରଣ ପାଇଁ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଚାଷୀ ଓ ଚାଷୀ ପ୍ରତିନିଧିମାନେ ତାରିଖ ବୃଦ୍ଧି କରିବାକୁ ଦାବି କରିଛନ୍ତି। ଜିଲ୍ଲାରେ ଗତ ୨୦୨୫-୨୬ ଖରିଫ ଋତୁରେ ୫୦,୯୧୯ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ଖରିଫରେ ଧାନବିକ୍ରୀ ପାଇଁ ଆଜି ସଂଧ୍ୟା ୬ଟା ସୁଦ୍ଧା ୩୫,୪୩୫ଚାଷୀ ପଞ୍ଜୀକରଣ କରିବାକୁ ସକ୍ଷମ ହୋଇଥିବା ବେଳେ ୩୪,୪୧୧ଜଣଙ୍କର ଏଥି ମଧ୍ୟରୁ ଫର୍ମର କୋଡ ରହିଛି। ପଞ୍ଜୀକରଣ ପାଇଁ ସର୍ଭର ଡାଉନ, ଏଗ୍ରୀଷ୍ଟିକ୍ ଓଇଷ୍ଟରନେଟ୍ ବାଧକ ସାଜିଛି। ଏହାରି ମଧ୍ୟରେ ୭୦ପ୍ରତିଶତ ପଞ୍ଜିକରଣ ସରିଛି। ବଳକା ୧୫,୪୮୪ସଂଖ୍ୟକ ଚାଷୀଙ୍କ ପୁନଃ ନବୀକରଣ ଆସନ୍ତା ଦିନକରେ ହୋଇ ପାରିବ କି ବୋଲି ପ୍ରଶ୍ନ ସୃଷ୍ଟି କରିଛି। ଜିଲ୍ଲାର ୧୩ ଗୋଟି ଲ୍ୟାମ୍ପ ମଧ୍ୟରୁ ସର୍ବାଧିକ ଚନ୍ଦାହାଣ୍ଡି ଲ୍ୟାମ୍ପରେ ୪୬୪୯ ଓ ସର୍ବନିମ୍ନ ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସରେ ୧୬୮୯ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଅଞ୍ଚଳଗୁଡାରେ ୨୫୯୧, ଡାବୁଗାଁରେ ୧୯୧୭, କୋଡିଙ୍गାରେ ୨୩୨୨, ଝରିଗାଁରେ ୨୫୭୫, କୋଷାଗୁମୁଡାରେ୨୮୬୩, ନବରଙ୍ଗପୁରରେ ୩୨୩୬, ମୈଦଲପୁରରେ୨୫୪୨, ଉମରକୋଟରେ ୨୭୭୩, ରାଇଘରରେ ୨୬୦୫, ନନ୍ଦାହାଣ୍ଡିରେ ୩୦୬୭ ଓ ପାପାଡାହାଣ୍ଡିରେ ୨୫୮୬ଚାଷୀଙ୍କ ପଞ୍ଜିକରଣ ହୋଇଛି। ସରକାର ପଞ୍ଜୀକରଣ ପାଇଁ ତାରିଖ ବୃଦ୍ଧି ଘୋଷଣା କରିଥିବା ଚିଠି କିଛି ପହଚିଁନଥିବା କହିଚନ୍ତି ଡିଆରସିଏସ୍ ଅନିଲ ପାଣିଗ୍ରାହୀ। ତେବେ କିଛି ଟିଭି ଗଣମାଧ୍ୟମରେ ୭ଦିନ ବୃଦ୍ଧି ସମ୍ପର୍କରେ ସେ ସୂଚନା ପାଇଛନ୍ତି। ଅପରପକ୍ଷରେ ଗତ ବର୍ଷ ଜିଲ୍ଲାରେ ଏସଏଚଜି ଗ୍ରୁପ୍ ଗୁଡିକ ସାମିଲ ରହି ପଞ୍ଜୀକରଣରେ କିଛି ଅନିମିୟତତା କରିଥାଇପାରନ୍ତି। ତେଣୁ ଏତେ ସଂଖ୍ୟକ ବୃଦ୍ଧି ପାଇଥିଲା। ଏଥରକ ଲ୍ୟାମ୍ପସ ମାନେ ପଞ୍ଜୀକରଣ କରୁଥିବାରୁ ପ୍ରକୃତ ଚାଷୀ ହିଁ ପଞ୍ଜିକରଣ ହେଉଛି। ଅପରପକ୍ଷରେ ଭାଗଚାଷୀ ଓ ପୂର୍ବପୁରଷଙ୍କ ନାଁରେ ଜମିର ମାଲିକାନାସତ୍ତ୍ୱ ଥିବା ଚାଷୀଙ୍କ ପାଇଁ ଏଗ୍ରିଷ୍ଟିକ ସମସ୍ୟା ଉପୁଜାଉଥିବା ବହୁ ଚାଷୀ କହିଛନ୍ତି। ଯଦିଓ ସରକାର ଏଗ୍ରିଷ୍ଟିକକୁ ବାଦ୍ ଦେବାକୁ କହିବା ପରେ ବି କିଛି ଲ୍ୟାମ୍ପସ୍ ମାନୁନଥିବା ଅଭିଯୋଗ ହୋଇଛି। ତା ସହ କୃଷିବିଭାଗର ଗ୍ରାମସେବକମାନେ ଲ୍ୟାମ୍ପସରେ ପଞ୍ଜିକରଣ ବେଳେ ଉପସ୍ଥିତ ରହି ଏହା କରିବାକୁ ବାଧ କରୁଛନ୍ତି। ଏଥି ପାଇଁ ପଞ୍ଜୀକରଣ କମିଛି ବୋଲି ଚାଷୀ ପ୍ରତିନିଧି କହୁଛନ୍ତି।

'ସିୟୁଓ'କୁ ବିଶ୍ୱସ୍ତରର ଶିକ୍ଷାନୁଷ୍ଠାନ ଭାବେ ଗଢ଼ିବା: କୁଳପତି ଡ. ଶାସନୀ

କୋରାପୁଟ(ଅମୃତ ମିଡିଆ): ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ) ମୁଖ୍ୟ କ୍ୟାମ୍ପସରେ ୧୮ତମ ପ୍ରତିଷ୍ଠା ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯିବା ପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ଅଜିତ କୁମାର ଶାସନୀ ସିୟୁଓ ପତାକା ଉତ୍ତୋଳନ କରିଥିଲେ ଏବଂ ବିଶ୍ୱବିଦ୍ୟାଳୟ ପରିବାରକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭାରପ୍ରାପ୍ତ କୁଳସଚିବ ଡ. ସଞ୍ଜୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇ ଅଭ୍ୟାଗତମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଡ. ନିର୍ଝରିଣୀ ତ୍ରିପାଠୀ ରାଷ୍ଟ୍ରପତିଙ୍କ ବାର୍ତ୍ତା ଏବଂ ଡ. ପ୍ରଦୋଷ କୁମାର ରଥ ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଫଳତାକୁ ନେଇ ପ୍ରସ୍ତୁତ କଫି ଟେବୁଲ ପୁସ୍ତକ ସିୟୁଓ ଅଟ୍ ଏ ଗ୍ଲାନ୍ସ ଉନ୍ମୋଚିତ ହୋଇଥିଲା। ସମ୍ମାନିତ ଅତିଥି ପଦ୍ମଶ୍ରୀ ଗୋବର୍ଦ୍ଧନ ପାନିକା କହିଥିଲେ ଯେ, ପରମ୍ପରା, କର୍ମ ଓ ସାଧନାର ଗୁରୁତ୍ୱ ଉପରେ

ଆଲୋକପାତ କରି ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ। ସଫଳତା ପାଇଁ ନିରନ୍ତର ପ୍ରଚେଷ୍ଟା ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତିଜାତୀୟ ଶିକ୍ଷା ନୀତି ଅଧୀନରେ ଶିକ୍ଷାଗତ ସଂସ୍କାର ଏବଂ

୩୭ତମ କିଙ୍ଗ୍ ରାଇସିନା ଅଲ୍ ଓଡ଼ିଶା ଓପନ ଚେସ୍ ଚାମ୍ପିୟନସିପ୍ ୨୦୨୬

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.133, Tuesday, 1 September 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୩, ମଙ୍ଗଳବାର, ୧ ସେପ୍ଟେମ୍ବର ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା